# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁନ୍ ୨୦/୨୦୧୯ (୧୬ ପୃଷ୍ଠା) | Sambalpur, Thursday, June 20 / 2019 | ★★

୧୫ଶ ଭାଗ ୧୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ମାର୍ଟାଙ୍କ ଗୋଲ୍ ରେକର୍ଡ

ବ୍ରାଜିଲର ମହିଳା ଫୁଟ୍‌ବଲ ଖେଳାଳି ମାର୍ଟା ବିଶ୍ୱକପ୍‌ରେ ସର୍ବାଧିକ ଗୋଲ ସ୍କୋର କରିବାରେ ରେକର୍ଡ କରିଛନ୍ତି।

୧୫

୦୫

## ଗୋଟିଏ ଚରିତ୍ର ପସନ୍ଦ ନୁହେଁ

ଟିଭି ଶୋ' 'ଜିତ୍', 'ଗନ୍ସ ଆଣ୍ଡ୍ ରୋଜେସ୍'ରେ ଅଭିନୟ କରିଥିବା ଅଭିନେତ୍ରୀ ନୀରୁ ବାଜୱା ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ପସନ୍ଦ କରନ୍ତି।




AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR
For Admission please Contact: 7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

"Hurry Up" Admission Open
AIT
ASHA INSTITUTE OF TECHNOLOGY
100% Results
This course is approved by govt. of Odisha
B.Ed
10th +2 Arts Science Commerce
BA, BSc., B.Com. M.Com., MA, MSC, BSW, MSW, DCA, PGDCA
Failed & Discontinued students don't worry continue your studies
Contact:- 9178713912, 9178713934
Franchise Contact:- 9439820889
Address- Panchayat College Road, Near Naka Chowk, Bargarh

NECC NATIONAL EGG CO-ORDINATION COMMITTEE | 19.06.2019 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 104 | 163 | 173 |
| BDK | 104 | 163 | 173 |
| BLS | 102 | 161 | 171 |
| ANG | 102 | 161 | 171 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers


# ଏକକାଳୀନ ନିର୍ବାଚନ ପ୍ରସ୍ତାବକୁ ବିଜେଡିର ସମର୍ଥନ

- ନବୀନ ଉଠାଇଲେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ
- ସ୍ପେଶାଲ ଫୋକସ୍ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ହେଉ ମାନଦଣ୍ଡ
- ସର୍ବଦଳୀୟ ବୈଠକକୁ ବର୍ଜନ କଲେ ବିରୋଧୀ

ନୂଆଦିଲ୍ଲୀ,୧୯।୬)

ଦେଶରେ ଲୋକ ସଭା ଓ ବିଧାନସଭାଗୁଡ଼ିକର ଏକକାଳୀନ ନିର୍ବାଚନ ପ୍ରସ୍ତାବକୁ ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି) ସମର୍ଥନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବୁଧବାର ଆହୂତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ 'ଗୋଟିଏ ଦେଶ ଏକ ନିର୍ବାଚନ' ପାଇଁ ଦଳର ସମର୍ଥନ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ସମେତ ଅଧିକାଂଶ ବିରୋଧୀ ଦଳ ଉକ୍ତ ବୈଠକକୁ ବର୍ଜନ କରିଛନ୍ତି।

ପାର୍ଲାମେଣ୍ଟ ହାଉସ୍‌ରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କହିଛନ୍ତି, ବାରମ୍ବାର ନିର୍ବାଚନ କରାଯିବା ଦ୍ୱାରା ବିକାଶର ଗତି ଏବଂ ସଂଘୀୟ ସହଯୋଗିତା ପ୍ରଭାବିତ ହେଉଛି। ତେଣୁ ଲୋକ ସଭା ନିର୍ବାଚନ ସହିତ ରାଜ୍ୟ ବିଧାନସଭାଗୁଡ଼ିକର ଭୋଟ କରାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପନାକୁ ସେ ସମର୍ଥନ କରୁଛନ୍ତି। ସେହିପରି ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଭାରତୀୟ ସମ୍ବିଧାନର ମୁଖବନ୍ଧରେ 'ଅହିଂସା' ଶବ୍ଦ ଯୋଡ଼ିବା ପାଇଁ ନବୀନ ପୂର୍ବରୁ ପ୍ରସ୍ତାବ ଦେଇଆସୁଥିବାବେଳେ ଉକ୍ତ ବୈଠକରେ ନିଜ ଦାବି ଦୋହରାଇଥିଲେ। ଏହି ଅବସରରେ ସେ ଉଚ୍ଚାକାଂକ୍ଷୀ ଜିଲାଗୁଡ଼ିକର ବିକାଶ ପାଇଁ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଥିଲେ। ଟେଲି ସାନ୍ଦ୍ରତା, ବ୍ୟାଙ୍କିଙ୍ଗ୍ ନେଟ୍‌ୱର୍କ ଓ ରେଳପଥର ବିକାଶ ଭଳି ବୃହତ୍ ପ୍ରସଙ୍ଗ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେବା ଉଚିତ। କେନ୍ଦ୍ରର ସହଯୋଗରେ ସୂକ୍ଷ୍ମ ପ୍ରସଙ୍ଗଗୁଡ଼ିକର ସମାଧାନ ରାଜ୍ୟ ଉପରେ ଛାଡ଼ିଦିଆଯାଇପାରେ। ସେହିପରି ପାର୍ଲାମେଣ୍ଟ ଓ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ସଂରକ୍ଷଣ ନେଇ ନବୀନ କହିଥିଲେ, କୌଣସି ଦେଶ ନିଜ ଜନସଂଖ୍ୟାର ☞ପୃଷ୍ଠା-୪



ସର୍ବଦଳୀୟ ବୈଠକରେ (ବାମରୁ) ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ, ଭାଜପା କାର୍ଯ୍ୟକାରୀ ସଭାପତି ଜେ.ପି. ନଡ୍ଡା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

# ପଶ୍ଚିମ ଓଡ଼ିଶାରେ ମୃଦୁ ଭୂକମ୍ପ

ସମ୍ବଲପୁର,୧୯।୬(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର କେତେକ ଜିଲାରେ ବୁଧବାର ସନ୍ଧ୍ୟା ପ୍ରାୟ ୫ଟା ୪୫ରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ସମ୍ବଲପୁର ଜିଲାର କୁଚିଣ୍ଡା, ଜମନକିରା, ପଡ଼ିଆବାହାଲ, ରେଙ୍ଗାଲି, ମାନେଶ୍ୱର, ଝୁଝୁମୁରା, ସମ୍ବଲପୁର ସହର, ସୁନ୍ଦରଗଡ଼ ଜିଲାର ବଡ଼ଗାଁ, ବଣାଇ, ଲହୁଣୀପଡ଼ା, ରାଜାମୁଣ୍ଡା, ରାଜଗାଙ୍ଗପୁର, ଝାରସୁଗୁଡ଼ା ଜିଲାର ଲଇକେରା, କୋଲାବିରା, ବ୍ରଜରାଜନଗର, କିର୍ମିରା, ଝାରସୁଗୁଡ଼ା ସହର ସମେତ ଦେବଗଡ଼ ଜିଲାର କିଛି ସ୍ଥାନରେ ଲୋକେ ଭୂକମ୍ପ ଝଟ୍‌କା ଅନୁଭବ କରିଥିବା କହିଛନ୍ତି। ୪ରୁ ୫ ସେକେଣ୍ଡ ପର୍ଯ୍ୟନ୍ତ ସବୁ ଥରି ଉଠିଥିଲା। ପ୍ରଚଣ୍ଡ ଶବ୍ଦ ହେବା ସହ ଘରର ଆସବାବପତ୍ର ଏଣେତେଣେ ପଡ଼ିଥିଲା। ଲୋକେ ଭୟରେ ଘରୁ ବାହାରି ଆସିଥିଲେ। ଭୂକମ୍ପ ପ୍ରଭାବରେ ଜମନକିରା ଅଞ୍ଚଳରେ କେତେଜଣ ବ୍ୟକ୍ତିଙ୍କ ଟାଇଲ ଛପର ଖସିପଡ଼ିଥିବା ସୂଚନା ମିଳିଛି। ସେହିପରି ବାମରା ଅଞ୍ଚଳରେ କେତେକ ଘରର କାନ୍ଥରେ ଫାଟ ସୃଷ୍ଟି ☞ପୃଷ୍ଠା-୪

# ୨୧ରେ ଯୁକ୍ତ୨ କଳା, ବାଣିଜ୍ୟ ପରୀକ୍ଷାଫଳ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାଫଳ ଜୁନ୍ ୨୧ରେ ପ୍ରକାଶ ପାଇବ। ଶୁକ୍ରବାର ଅପରାହ୍ନ ସାଢ଼େ ୩ଟାରେ ଫଳ ପ୍ରକାଶ ପାଇବ। ସୂଚନା ଭବନ ପରିସରରେ ଥିବା ଗୀତଗୋବିନ୍ଦ ସଦନରେ ପରୀକ୍ଷା ଫଳ ଘୋଷଣା କରାଯିବ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଚଳିତ ବର୍ଷ କଳାରେ ୨ଲକ୍ଷ ୩୫ହଜାର ୧୮୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ବାଣିଜ୍ୟରେ ୨୮ହଜାର ପରୀକ୍ଷା ଦେଇଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୩ରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇଥିଲା।

## ଆଜିର ସମ୍ପାଦକୀୟ

### ବେଲୁନ ଦ୍ୱାରା ପ୍ରଦୂଷଣ

## କିଛି ତଥ୍ୟ

୨୦୧୪ରୁ ଦେଶର ୱେୟାରହାଉସ୍ ସେକ୍ଟରରେ ୬.୮ବିଲିୟନ ଡଲାର ନିବେଶ ହୋଇଛି।

–ନାଇଟ୍ ଫ୍ରାଙ୍କ୍ ଇଣ୍ଡିଆ

## ଆଜିର ମନ୍ତବ୍ୟ

"କଶ୍ମୀରରେ ଆତଙ୍କବାଦର ମେରୁଦଣ୍ଡକୁ ଭାଙ୍ଗିଦେଇଛି ସୁରକ୍ଷା ବଳ।

–ସତ୍ୟପାଳ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ


DSPL-35

ଜଳସମ୍ପଦ ବିଭାଗ

ବର୍ଷାଋତୁ ପାଇଁ ସତର୍କ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷାଋତୁରେ ବିଭିନ୍ନ ନଦୀଗୁଡିକର ଜଳସ୍ତର ଯେକୌଣସି ସମୟରେ ବଢ଼ିବାର ସମ୍ଭାବନା ଅଛି । ତେଣୁ ଜନସାଧାରଣ ନଦୀ ବା ଜଳଭଣ୍ଡାର ମଧକୁ ଯିବା ସମୟରେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ;

✓ ଏହା କରନ୍ତୁ

- ଗଭୀର ଜଳ ଓ ପ୍ରଖର ସ୍ରୋତଠାରୁ ଦୂରେଇ ରୁହନ୍ତୁ ।
- ସ୍କୁଲ ଓ କଲେଜ ଯାଉଥିବା ପିଲାମାନଙ୍କ ପ୍ରତି ତଥା ବୃଦ୍ଧ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ ।
- ବନ୍ୟା ସମୟରେ ବୁଡ଼ି ଯିବାକୁ ଥିବା ସ୍ଥାନରୁ ଯଥାଶୀଘ୍ର ଆବଶ୍ୟକୀୟ ଜିନିଷପତ୍ର ଧରି ଉଚ୍ଚ ସ୍ଥାନକୁ ଚାଲି ଯାଆନ୍ତୁ ।
- ନଦୀ, ନାଳ, ହ୍ରଦ ଓ ଜଳଭଣ୍ଡାର ମଧରେ ଯାତାୟତ ସମୟରେ ଜୀବନସୁରକ୍ଷା ଜ୍ୟାକେଟ୍ (Life Jacket) ବ୍ୟବହାର କରନ୍ତୁ ।
- ଟେଲିଭିଜନ୍, ରେଡିଓ, ବିଭିନ୍ନ ଖବର କାଗଜ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଦିଆଯାଉଥିବା ବନ୍ୟା ସମ୍ପର୍କିତ ସୂଚନା ଜାଣନ୍ତୁ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ ।
- ନଦୀବନ୍ଧରେ ଘଳିଆ ହେଲେ କିମ୍ବା ଘାଇ ହେବାର ସମ୍ଭାବନା ଦେଖିଲେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ବନ୍ଧ ମରାମତି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ।

X ଏଭଳି କରନ୍ତୁ ନାହିଁ

- ବୁଡ଼ି ଯାଇଥିବା ନଦୀବନ୍ଧ ଉପରେ ଯାତାୟତ କରନ୍ତୁ ନାହିଁ ।
- ପହଁରା ଜାଣିଥିଲେ ମଧ୍ୟ ସୁଅ ଥିବା ପାଣିରେ ପ୍ରବେଶ କରନ୍ତୁ ନାହିଁ ।
- ଚପଳମତି କିଶୋର/କିଶୋରୀମାନଙ୍କୁ ଦୁଃସାହସିକ ଭାବେ ବନ୍ୟା ଦେଖିବାକୁ ବା ମାଛ ଧରିବାକୁ ଛାଡନ୍ତୁ ନାହିଁ ।
- ଅଣଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ନାହିଁ ତଥା ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟତ କରିବାରୁ କ୍ଷାନ୍ତ ରୁହନ୍ତୁ ।
- ଜଳଭଣ୍ଡାରରୁ ପାଣି ଛଡ଼ା ଯାଉଥିବା ସୂଚନା ଥିଲେ ନଦୀ ଶଯ୍ୟା ଭିତରକୁ ନିଜେ ପ୍ରବେଶ କରନ୍ତୁ ନାହିଁ ଓ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।



ବୁଡ଼ି ଯାଇଥିବା ପୋଲ ଉପରେ ଯାତାୟତ କରନ୍ତୁ ନାହିଁ



ଅତଡ଼ା ଖାଉଥିବା ବନ୍ଧ ଉପରେ ଛିଡ଼ା ହୁଅନ୍ତୁ ନାହିଁ



ଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ଜୀବନସୁରକ୍ଷା ଜ୍ୟାକେଟ୍ ବ୍ୟବହାର କରନ୍ତୁ

ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ

32031/13/0001/1920



"ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ ସହ ଯୁଦ୍ଧ ଚାହାନ୍ତି ନାହିଁ। କିନ୍ତୁ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ହ୍ରାସ ପାଇଁ ତେହେରାନ ଉପରେ ଚାପ ବଳବତ୍ତର ରଖିବ ୱାଶିଂଟନ।
-ମାଇକ୍ ପମ୍ପିଓ, ଆମେରିକା ପରରାଷ୍ଟ୍ର ସଚିବ



## ଗୋଟିଏ ଦେଶ ଏକ ନିର୍ବାଚନ: ପ୍ରଧାନମନ୍ତ୍ରୀଙ୍କ ସର୍ବଦଳୀୟ ବୈଠକ

# ବର୍ଜନ କଲେ ବିରୋଧୀ

ନୂଆଦିଲ୍ଲୀ, ୧୯।୬(ପି.ଟି.)

ଦେଶରେ ଭିନ୍ନ ଭିନ୍ନ ସମୟରେ ନିର୍ବାଚନ ହେଉଥିବାରୁ ଆର୍ଥିକ ଓ ପ୍ରଶାସନିକ ବୋଝ ବଢୁଛି। ଏହାକୁ ଏଡ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବରୁ ଏକକାଳୀନ ନିର୍ବାଚନ ପାଇଁ ପ୍ରସ୍ତାବ ଦେଇଥିବାବେଳେ ବୁଧବାର ଏସଂକ୍ରାନ୍ତରେ ସହମତି ଲାଗି ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିରେ କଂଗ୍ରେସ ସମେତ ୭ ବିରୋଧୀ ଦଳ ଯୋଗଦେଇନାହାନ୍ତି। ଏପରି କି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଅଂଶୀଦାର ଶିବସେନା ମଧ୍ୟ ବୈଠକକୁ ବର୍ଜନ କରିଛି।

ଲୋକ ସଭା ହେଉ କି ରାଜ୍ୟ ସଭାରେ ଯେଉଁ ଦଳର ଜଣେ ବି ଏମ୍‌ପି ଅଛନ୍ତି, ସେପରି ସବୁ ଦଳର ଅଧ୍ୟକ୍ଷଙ୍କୁ 'ଗୋଟିଏ ଦେଶ ଏକ ନିର୍ବାଚନ' ଲାଗି ଆଲୋଚନା ସକାଶେ ପ୍ରଧାନମନ୍ତ୍ରୀ ମୋଦି ଡାକିଥିଲେ। ପାର୍ଲାମେଣ୍ଟର ଲାଇବ୍ରେରୀ ବିଲ୍ଡିଂରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି), ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି), ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି), ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ, ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ଲାଲୁ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର କୌଣସି ନେତା ଯୋଗଦେଇ ନ ଥିଲେ। ବାମଦଳଗୁଡ଼ିକ ଏଥିରେ ଯୋଗଦେଇଥିବାବେଳେ ଉକ୍ତ ପ୍ରସ୍ତାବକୁ ବିରୋଧ କରିଥିଲେ। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଥିଲେ, ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକ ପାଇଁ ଏକସଙ୍ଗେ ନିର୍ବାଚନ କରାଇବା ହେଉଛି ମୌଳିକଭାବେ ସଂଘୀୟ ବ୍ୟବସ୍ଥା ତଥା ସମ୍ବିଧାନ ବିରୋଧୀ ଏବଂ ଅଗଣତାନ୍ତ୍ରିକ। ସେହିପରି ସିପିଆଇର ଡି. ରାଜା ମଧ୍ୟ ଏହାକୁ ବିରୋଧ କରିଥିଲେ। କଂଗ୍ରେସ ଏହି ପ୍ରସଙ୍ଗରେ ଅନ୍ୟ ବିରୋଧୀ ଦଳଗୁଡ଼ିକ ସହ ପରାମର୍ଶ କରିବା ପରେ ବୈଠକରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଥିଲା। ସେହିପରି ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ୍ (ଇଭିଏମ୍) ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡକାଯାଇଥିଲେ, ସେଥିରେ ଯୋଗଦେଇଥାନ୍ତେ ବୋଲି ବିଏସ୍‌ପି ସୁପ୍ରିମୋ ମାୟାବତୀ ଟୁଇଟ୍ କରିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ଏବଂ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଏଥିରେ ଯୋଗଦେଇ ନ ଥିବାବେଳେ ତାଙ୍କ ଦଳରୁ ପ୍ରତିନିଧି ପଠାଯାଇଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୈଠକରେ ଯୋଗଦେବା ଲାଗି ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାସହ ଏହି ପ୍ରସଙ୍ଗରେ ବିଚାରବିମର୍ଶ ପାଇଁ କେନ୍ଦ୍ର ସରକାର ଶ୍ୱେତପତ୍ର ଜାରି କରନ୍ତୁ ବୋଲି ସେ ଦାବି କରିଥିଲେ। ୟୁପିଏର ଅଂଶୀଦାର ଦଳଗୁଡ଼ିକ ମଙ୍ଗଳବାର ସନ୍ଧ୍ୟାରେ ପାର୍ଲାମେଣ୍ଟରେ ଏକ ବୈଠକ କରି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ସମଭାବାପନ୍ନ ଦଳଗୁଡ଼ିକ ସହ ଆଲୋଚନା କରିବାକୁ ସହମତ ହୋଇଥିଲେ।

ବୈଠକରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହ, ନୀତିନ ଗଡ଼କରୀ, ପ୍ରହ୍ଲାଦ ଜୋଷୀ, ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା ଯୋଗଦେଇଥିବାବେଳେ ଶିବସେନାକୁ ବାଦ୍‌ଦେଲେ ଏନ୍‌ଡିଏର ଅନ୍ୟ ଅଂଶୀଦାର ଦଳଗୁଡ଼ିକ ସାମିଲ ହୋଇଥିଲେ।



ସର୍ବଦଳୀୟ ବୈଠକରୁ ଫେରୁଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଓ ଅନ୍ୟ ନେତୃବୃନ୍ଦ।

- ମମତା, ଚନ୍ଦ୍ରବାବୁ ଆସିଲେ ନାହିଁ
- ମାୟାବତୀ, ଅଖିଳେଶଙ୍କ ବିରୋଧ
- ଶିବସେନା ବି ଅନୁପସ୍ଥିତ




# ସମ୍ବିଧାନ ସଂଶୋଧନ ଜରୁରୀ

ନୂଆଦିଲ୍ଲୀ, ୧୯।୬(ପି.ଟି.)




କେନ୍ଦ୍ର ସରକାର ଏକକାଳୀନ ନିର୍ବାଚନ ପାଇଁ ବିଚାର ଆଲୋଚନା ଚଳାଇଥିବାବେଳେ ଏଭଳି ବୃହତ୍ ପ୍ରକ୍ରିୟା ସକାଶେ ଆଇନ କମିଶନ ଏକ କଠୋର ଆଇନଗତ ଢାଞ୍ଚା ଲାଗି ସୁପାରିସ କରିଛନ୍ତି। ଗତ ଅଗଷ୍ଟରେ ଆଇନ କମିଶନ ଚିଠା ସୁପାରିସରେ ସମ୍ବିଧାନ ଓ ଜନପ୍ରତିନିଧି ଆଇନରେ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଥିଲେ। ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ଏକକାଳୀନ ନିର୍ବାଚନ ଦୁଇଟି ପର୍ଯ୍ୟାୟରେ କରାଯାଇପାରେ। କିନ୍ତୁ ଏଥିଲାଗି ଅନ୍ୟୁନ ସମ୍ବିଧାନର ଦୁଇଟି ନିୟମରେ ସଂଶୋଧନ ଅଣାଯିବା ଦରକାର। ସମ୍ବିଧାନର ଅନୁଚ୍ଛେଦ ୮୩(୨) ଏବଂ ୧୭୨(୧) ସଂଶୋଧନକୁ ସଂଖ୍ୟାଧିକ ରାଜ୍ୟ ସମର୍ଥନ କରିବା ଜରୁରୀ। ଲ କମିଶନଙ୍କ ଏହି ପ୍ରସ୍ତାବକୁ ସମର୍ଥନ କରି ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନ ଟି.ଏସ୍. କ୍ରିଷ୍ଣାମୂର୍ତ୍ତି କହିଛନ୍ତି, 'ଗୋଟିଏ ଦେଶ ଏକ ନିର୍ବାଚନ' ପରିକଳ୍ପନା ଆକର୍ଷଣୀୟ। କିନ୍ତୁ ସମ୍ବିଧାନ ସଂଶୋଧନ ବିନା ଏହା ସମ୍ଭବ ନୁହେଁ। ଏକକାଳୀନ ନିର୍ବାଚନ ପାଇଁ ଅନେକ ପ୍ରଶାସନିକ ବନ୍ଦୋବସ୍ତ ସହ ନିର୍ବାଚନ ଦାୟିତ୍ୱରେ ଅଧିକ ସଂଖ୍ୟକ ଅର୍ଦ୍ଧସାମରିକ ବଳ ମୁତୟନ ଜରୁରୀ ବୋଲି ୨୦୦୪ ସାଧାରଣ ନିର୍ବାଚନ ପରିଚାଳନା କରିଥିବା କ୍ରିଷ୍ଣାମୂର୍ତ୍ତି ମତବ୍ୟକ୍ତ କରିଛନ୍ତି।

## ପ୍ରସ୍ତାବ ପାଇଁ ପ୍ୟାନେଲ ଗଠନ କରାଯିବ

ନୂଆଦିଲ୍ଲୀ, ୧୯।୬(ପି.ଟି.)

ଦେଶରେ ଏକକାଳୀନ ନିର୍ବାଚନ ପାଇଁ ସମୟବଦ୍ଧ ଭାବେ ପ୍ରସ୍ତାବ ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ପ୍ୟାନେଲ ଗଠନ କରିବାକୁ ଯାଉଛନ୍ତି ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ବୁଧବାର ସୂଚନା ଦେଇଛନ୍ତି। ସର୍ବଦଳୀୟ ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ରାଜନାଥ କହିଛନ୍ତି, ଲୋକ ସଭା ସହ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ ପାଇଁ ଅଧିକାଂଶ ଦଳ ସମର୍ଥନ କରିଛନ୍ତି। ସିପିଆଇ ଏବଂ ସିପିଆଇଏମ୍ ଏହି ପ୍ରସ୍ତାବକୁ ବିରୋଧ କରିନାହାନ୍ତି। ତେବେ ଏକସଙ୍ଗେ କିପରି ନିର୍ବାଚନ କରାଯାଇପାରିବ ସେନେଇ ବାମପନ୍ଥୀ ଦଳଗୁଡ଼ିକ ଭିନ୍ନମତ ପ୍ରଦାନ କରିଛନ୍ତି।

## ଛାତ୍ରନେତାରୁ ଲୋକ ସଭା ବାଚସ୍ପତି

ନୂଆଦିଲ୍ଲୀ, ୧୯।୬(ପି.ଟି.)



ରାଜସ୍ଥାନର ଭାଜପା ଏମ୍‌ପି ଓମ୍ ବିର୍ଲା ବୁଧବାର ସପ୍ତଦଶ ଲୋକ ସଭାର ବାଚସ୍ପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିର୍ଲାଙ୍କ ନାଁ ପ୍ରସ୍ତାବ ଦେଇଥିବାବେଳେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏହାକୁ ସମର୍ଥନ ଜଣାଇଥିଲେ। ବାଚନିକ ଭୋଟରେ ପ୍ରସ୍ତାବ ଗୃହୀତ ହୋଇଥିଲା। କଂଗ୍ରେସ, ତୃଣମୂଳ କଂଗ୍ରେସ ଏବଂ ଡିଏମ୍‌କେ ସମେତ ସମସ୍ତ ପ୍ରମୁଖ ବିରୋଧୀ ଦଳ ବିର୍ଲାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଥିଲେ। ବିର୍ଲା ବାଚସ୍ପତି ନିର୍ବାଚିତ ହେବା ଲୋକ ସଭା ପାଇଁ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆ ବାଚସ୍ପତିଙ୍କୁ ମୋଦି ତାଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

ଓମ୍ ବିର୍ଲା ଭାଜପା ଏମ୍‌ପି ଭାବେ ରାଜସ୍ଥାନର କୋଟାରୁ ଦୁଇଥର ନିର୍ବାଚିତ ହୋଇଛନ୍ତି। ପାରମ୍ପରିକ ଭାବେ ଲୋକ ସଭାର ବାଚସ୍ପତି ପଦବୀ ବରିଷ୍ଠମାନଙ୍କୁ ମିଳିଥାଏ। ସେହିଦୃଷ୍ଟିରୁ ଦେଖିବାକୁ ଗଲେ ବିର୍ଲା ଉକ୍ତ ପଦବୀ ପାଇଁ ନୂଆ। ଏନ୍‌ଡିଏ ତାଙ୍କୁ ଉକ୍ତ ମର୍ଯ୍ୟାଦାଜନକ ପଦବୀ ପାଇଁ ଚୟନ କରି ସମସ୍ତଙ୍କୁ ବିସ୍ମିତ କରିଛି। ୫୬ ବର୍ଷୀୟ ବିର୍ଲା ଉଭୟ ପ୍ରଧାନମନ୍ତ୍ରୀ ଓ ଭାଜପା ଅଧ୍ୟକ୍ଷ ଅମିତ୍ ଶାହଙ୍କ ଘନିଷ୍ଠ ଭାବେ ଜଣାଶୁଣା। ବିର୍ଲା ଚାରି ଦଶନ୍ଧି ପୂର୍ବେ ଛାତ୍ରନେତାରୁ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ସମବାୟ ଆନ୍ଦୋଳନରୁ ତାଙ୍କର ରାଜନୈତିକ ଉତ୍ଥାନ ହୋଇଥିଲା। ୧୯୬୨ ଡିସେମ୍ବର ୪ରେ କୋଟାରେ ଜନ୍ମିତ ବିର୍ଲା ୧୯୭୮ରେ ସ୍ଥାନୀୟ ସରକାରୀ ମାଧ୍ୟମିକ ସ୍କୁଲ ଛାତ୍ର ସଂସଦର ସଭାପତି ନିର୍ବାଚିତ ହୋଇଥିଲେ। ୧୯୯୧ରୁ ୨୦୦୩ ପର୍ଯ୍ୟନ୍ତ ସେ ରାଜସ୍ଥାନ ଭାରତୀୟ ଜନତା ଯୁବମୋର୍ଚ୍ଚାର ସଭାପତି ଥିଲେ। ପରେ ସେ ଜାତୀୟ ସ୍ତରରେ ଯୁବମୋର୍ଚ୍ଚା ଉପସଭାପତି ନିର୍ବାଚିତ ହୋଇଥିଲେ। ସେ ୨୦୦୩, ୨୦୦୮ ଏବଂ ୨୦୧୩ରେ କ୍ରମାଗତ ୩ ଥର ରାଜସ୍ଥାନ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୩ରୁ ୨୦୦୮ ବସୁନ୍ଧରା ରାଜେ ସରକାରରେ ବିର୍ଲା ତାଙ୍କର ସଂସଦୀୟ ସଚିବ ଭାବେ କାର୍ଯ୍ୟ କରିଥିଲେ। ୨୦୧୪ରେ ସେ ପ୍ରଥମେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏଥର ସେ କୋଟା-ବୁନ୍ଦି ଆସନରୁ କଂଗ୍ରେସ ପ୍ରାର୍ଥୀ ରାମନାରାୟଣ ମୀନାଙ୍କୁ ୨.୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରି ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ଜଣେ ସଚ୍ଚୋଟ ଏମ୍‌ପି ଭାବେ ଗତ ଲୋକ ସଭାରେ ବିର୍ଲାଙ୍କର ୮୬ ପ୍ରତିଶତ ଉପସ୍ଥିତି ରହିଛି। ସେ ୬୭୧ ପ୍ରଶ୍ନ ପଚାରିଛନ୍ତି ଓ ୧୬୩ଟି ବିତର୍କରେ ଭାଗ ନେଇଛନ୍ତି।

ବାଣିଜ୍ୟରେ ସ୍ନାତକୋତ୍ତର ବିର୍ଲା ପାର୍ଲାମେଣ୍ଟରେ ଶକ୍ତି ସମ୍ପର୍କିତ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଅଛନ୍ତି। ବାଚସ୍ପତି ନିର୍ବାଚିତ ହୋଇ ସେ ୮ ଥର ନିର୍ବାଚିତ ଏମ୍‌ପି ସୁମିତ୍ରା ମହାଜନଙ୍କ ସ୍ଥାନ ନେଇଛନ୍ତି। ୧୯୯୬ରେ ଟିଡିପି ନେତା ଜି.ଏମ୍.ସି ବାଲାଯୋଗୀଙ୍କୁ ବାଚସ୍ପତି କରାଯାଇଥିଲା। ୨୦୦୨ରେ ହେଲିକପ୍ଟର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେବା ପରେ ଶିବସେନା ନେତା ତଥା ପ୍ରଥମଥର ପାଇଁ ଏମ୍‌ପି ହୋଇଥିବା ମନୋହର ଜୋଷୀଙ୍କୁ ବାଚସ୍ପତି ନିର୍ବାଚିତ କରାଯାଇଥିଲା।

ଓମ୍‌ଙ୍କ ବାପା କ୍ରିଷ୍ଣ ବିର୍ଲା କୋଟା କର୍ମଚାରୀ ସହକାରୀ ସମିତିର ସଭାପତି ଅଛନ୍ତି। ତାଙ୍କ ସ୍ତ୍ରୀ ଡ. ଅମିତା ବିର୍ଲା କୋଟା ସରକାରୀ ହସ୍ପିଟାଲରେ ଡାକ୍ତର। ସେମାନଙ୍କର ଦୁଇଝିଅ ଅଛନ୍ତି।

# ରାହୁଲଙ୍କୁ ୪୯



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ତାଙ୍କ ୪୯ତମ ଜନ୍ମଦିବସରେ ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଉଛନ୍ତି।

ନୂଆଦିଲ୍ଲୀ, ୧୯।୬(ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଧବାର ୪୯ ବର୍ଷରେ ପ୍ରଦାର୍ପଣ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ତାଙ୍କୁ ଶୁଭକାମନା ଜଣାଇବା ସହ ଭଲ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରିଛନ୍ତି। ରାହୁଲ ମଧ୍ୟ ଟୁଇଟ୍ କରି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟରେ ରାହୁଲଙ୍କୁ ଫୁଲତୋଡ଼ା ଦେଇ ଜନ୍ମଦିନର ଶୁଭକାମନା ଜଣାଇଥିଲେ। ତା'ପରେ କଂଗ୍ରେସ ସାଧାରଣ ସମ୍ପାଦକ ତଥା ରାହୁଲଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ରାଜ୍ୟ ସଭାରେ ବିରୋଧୀ ଦଳର ନେତା ଗୁଲାମ ନବୀ ଆଜାଦ ରାହୁଲଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଥିଲେ।

# ୫ ଆତଙ୍କବାଦୀ ଗିରଫ

ଶ୍ରୀନଗର, ୧୯।୬(ଆଇଏଏନ୍‌ଏସ୍)

### ବିସ୍ଫୋରଣ ଉଦ୍ୟମ ପଣ୍ଡ

ଆତଙ୍କବାଦୀମାନଙ୍କର ଏକ ବିସ୍ଫୋରଣ ଉଦ୍ୟମକୁ ବୁଧବାର ଜମ୍ମୁ-କଶ୍ମୀର ପୋଲିସ ପଣ୍ଡ କରିଦେଇଛି। ସୋପିଆନ ଜିଲାରୁ ଆତଙ୍କବାଦୀମାନଙ୍କର ୫ ଜଣ ସହଯୋଗୀଙ୍କୁ ଗିରଫ କରାଯାଇଛି। ଗୋଇନ୍ଦା ସୂଚନା ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆକିବ୍ ନାଜିର ରାଠର, ଅମିର ମଜିଦ ୱାନି, ସମୀର ଅହମ୍ମଦ ଭଟ୍, ଫୈଜଲ ଫାରୁକ ଅହଙ୍ଗର ଏବଂ ରୟିସ୍ ଅହମ୍ମଦ ଗନାଇଙ୍କୁ ଗିରଫ କରିଥିବା କହିଛି। ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀଙ୍କ ସହ ମିଶି ଏମାନେ ପୋଲିସ ଓ ସୁରକ୍ଷା ବଳ ଉପରେ ବୋମା ଆକ୍ରମଣ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ସେମାନଙ୍କଠାରୁ ଉନ୍ନତ ମାନର ବିସ୍ଫୋରକ ସାମଗ୍ରୀ ଆଇଇଡି ଜବତ ହୋଇଛି।

## ଇତିହାସର ଆଇନାରେ — ଜୁନ୍ ୨୦ର ପ୍ରମୁଖ ଘଟଣା

୧୯୫୬ ଜୁନ୍ ୨୦ରେ ଭେନିଜୁଏଲାର ସୁପର-କନ୍‌ଷ୍ଟେଲେଶନ ବିମାନ ନ୍ୟୁଜର୍ସୀର ଆସ୍‌ବୁରୀ ପାର୍କ ଉପକୂଳବର୍ତ୍ତୀ ଆଟଲାଣ୍ଟିକ୍ ମହାସାଗରରେ ଖସିପଡିଥିଲା। ଏଥିରେ ୭୪ ଯାତ୍ରୀ ଓ ବିମାନ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ନ୍ୟୁୟର୍କରୁ ଭେନିଜୁଏଲାର ଯାଉଥିବା ବିମାନର ଇଞ୍ଜିନ୍‌ରେ ସମସ୍ୟା ଦେଖାଦେବାରୁ ଅବତରଣ ପାଇଁ ଇନ୍ଧନ ଫିଙ୍ଗିବା ବେଳେ ଲକ୍‌ହିଡ୍ ଏଲ୍-୧୦୪୯ ସୁପର କନ୍‌ଷ୍ଟେଲେଶନ୍ ବିମାନରେ ନିଆଁ ଲାଗିଯାଇଥିଲା। ଏହା ଆଟଲାଣ୍ଟିକ ମହାସାଗରରେ ଖସିପଡିଥିଲା।

୧୯୯୬ ଜୁନ୍ ୨୦ରେ ଜେନେଭା ସମ୍ମିଳନୀରେ ଭାରତ ବ୍ୟାପକ ପରମାଣୁ ପରୀକ୍ଷଣ କଟକଣା ସନ୍ଧି (ସିଟିବିଟି)ରେ ସ୍ୱାକ୍ଷର କରିବାକୁ ମନା କରିଦେଇଥିଲା। ସାମରିକ ଉଦ୍ଦେଶ୍ୟରେ ହେଉ କିମ୍ବା ବେସାମରିକ ପରମାଣୁ ପରୀକ୍ଷା, ପାଇଁ ସିଟିବିଟି ଅନୁମତି ଦେଇ ନ ଥାଏ। ଜାତିସଂଘ ସାଧାରଣ ପରିଷଦ ବୈଠକରେ ଏହି ସନ୍ଧି ଉପସ୍ଥାପନା କରାଯାଇଥିଲା। ଭାରତ ବ୍ୟତୀତ ଅନ୍ୟ ୭୧ ଦେଶ ଏଥିରେ ସ୍ୱାକ୍ଷର କରିଥିଲେ।

# ବିଶ୍ୱର ଶ୍ରେଷ୍ଠ ୨୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତର ୩

ନୂଆଦିଲ୍ଲୀ, ୧୯।୬ (ଆଇଏଏନ୍‌ଏସ୍)

ବିଶ୍ୱର ଶ୍ରେଷ୍ଠ ୨୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତର ମାତ୍ର ୩ଟି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ଆଇଆଇଟି ବମ୍ବେ, ଆଇଆଇଟି ଦିଲ୍ଲୀ ଓ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି) ବାଙ୍ଗାଲୋର ଏଥିରେ ସ୍ଥାନ ପାଇଛନ୍ତି। ଲଣ୍ଡନ୍‌ରେ ବୁଧବାର ୨୦୨୦ କ୍ୱାକ୍‌କ୍ୱାରେଲି ସାଇମଣ୍ଡ୍ସ (କ୍ୟୁଏସ୍) ୱାର୍ଲ୍ଡ ର୍‍ୟାଙ୍କିଙ୍ଗ୍ ନେଇ ଏ ସମ୍ପର୍କରେ ଘୋଷଣା କରାଯାଇଛି।

ଆଇଆଇଟି ବମ୍ବେ କ୍ରମାଗତ ଦ୍ୱିତୀୟ ଥର ଲାଗି ଭାରତର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଭାବେ ସ୍ଥାନ ପାଇଛି। ଗତ ଥର ବିଶ୍ୱ ର୍‍ୟାଙ୍କିଙ୍ଗରେ ଏହାକୁ ୧୬୨ତମ ସ୍ଥାନ ମିଳିଥିବାବେଳେ ଏଥର ୧୫୨ତମ ସ୍ଥାନ ମିଳିଛି। ଆଇଆଇଏସ୍‌ସି ଗତବର୍ଷ ଭାରତର ଦ୍ୱିତୀୟ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଭାବେ ସ୍ଥାନ ପାଇଥିବାବେଳେ ଚଳିତବର୍ଷ ଏହାକୁ ତୃତୀୟ ସ୍ଥାନ ମିଳିଛି। ଆଇଆଇଟି ଦିଲ୍ଲୀକୁ ଏଥର ଦ୍ୱିତୀୟ ସ୍ଥାନ ମିଳିପାରିଛି।

ବିଶ୍ୱ ର୍‍ୟାଙ୍କିଙ୍ଗର ୧୦୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇଥିବା ଭାରତର ୨୩ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ନୂଆଭାବେ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି ସ୍ଥାନ ପାଇଛି। ଆଇଆଇଟି ବମ୍ବେ ଏହାର ଗବେଷଣା ଦକ୍ଷତା ବୃଦ୍ଧି କରିପାରି ଥିବାରୁ ଏହା ର୍‍ୟାଙ୍କିଙ୍ଗରେ ୧୦ଟି ସ୍ଥାନ ଉପରକୁ ଉଠିବାରେ ସଫଳ ହୋଇଛି। କିନ୍ତୁ ସାମୂହିକଭାବେ ଭାରତର ବିଶ୍ୱବିଦ୍ୟାଳୟଗୁଡ଼ିକ ଶିକ୍ଷାଦାନ/ଛାତ୍ର ଅନୁପାତ ଓ ଅନ୍ତର୍ଜାତୀୟ ଛାତ୍ର ଅନୁପାତ ତୁଳନାରେ ହାରାହାରି ୧୨ ପ୍ରତିଶତ କମ ପ୍ରଦର୍ଶନ କରିଥିବା ଜଣାପଡ଼ିଛି। କେତେକ ପ୍ରମୁଖ କ୍ଷେତ୍ରରେ ଭାରତର ଉଚ୍ଚ ଶିକ୍ଷା ଅଗ୍ରଗତି କରୁଥିବା ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗରୁ ଜଣାପଡ଼ିଛି। ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ରଣନୀତିକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି।

## କର୍ନାଟକ କଂଗ୍ରେସ କମିଟି ଭାଙ୍ଗିଲା

ନୂଆଦିଲ୍ଲୀ, ୧୯।୬(ପି.ଟି.)

କର୍ନାଟକ କଂଗ୍ରେସରେ ଅସନ୍ତୋଷ ବଢ଼ିଚାଲିଥିବାବେଳେ ବୁଧବାର ଏହାକୁ ଭାଙ୍ଗି ଦିଆଯାଇଛି। ତେବେ ଦଳର ରାଜ୍ୟ ସଭାପତି ଓ କାର୍ଯ୍ୟକାରୀ ସଭାପତି ଅପରିବର୍ତ୍ତିତ ରହିବେ। କର୍ନାଟକ ପ୍ରଦେଶ କଂଗ୍ରେସ କମିଟିକୁ ଭାଙ୍ଗିଦେବା ଲାଗି ଏଆଇସିସି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଏହାର ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳ ସୂଚନା ଦେଇଛନ୍ତି।

ଲୋକ ସଭା ନିର୍ବାଚନରେ କର୍ନାଟକ କଂଗ୍ରେସର ପରାଜୟ ପରେ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ବୃଦ୍ଧି ପାଇଥିଲା। ଅସନ୍ତୋଷକୁ ଦୂରକରିବା ଲାଗି ଦୁଇଜଣ କଂଗ୍ରେସ ବିଧାୟକଙ୍କୁ ନିକଟରେ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲା।




# ବର୍ଷକୁ ୭ କୋଟି ଲୋକ ଦେଶାନ୍ତର ହେଉଛନ୍ତି

ଜେନେଭା, ୧୯।୬(ଆଇଏଏନ୍‌ଏସ୍)



ହିଂସାକାଣ୍ଡ, ମାଲିମକଦ୍ଦମା, ବିବାଦ ଆଦି ବିଭିନ୍ନ କାରଣରୁ ୨୦୧୮ରେ ସାରା ବିଶ୍ୱରୁ ୭ କୋଟିରୁ ଅଧିକ ଲୋକ ଦେଶାନ୍ତର ହେବାକୁ ବାଧ୍ୟ ହୋଇଛନ୍ତି। ଗତ ୭୦ ବର୍ଷ ମଧ୍ୟରେ ଏହା ସର୍ବାଧିକ ବୋଲି ଜାତିସଂଘର ଶରଣାର୍ଥୀ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ (ୟୁଏନ୍‌ଏଚ୍‌ସିଆର୍) ରିପୋର୍ଟରୁ ଜଣାପଡିଛି। ଉକ୍ତ ଏଜେନ୍ସିର ବାର୍ଷିକ ଅନ୍ତର୍ଜାତୀୟ ଦେଶାନ୍ତର ରିପୋର୍ଟ ବୁଧବାର ପ୍ରକାଶ ପାଇଛି। ଗତବର୍ଷ ୭ କୋଟି ୮ ଲକ୍ଷ ଲୋକ ବିସ୍ଥାପିତ ହେବାକୁ ବାଧ୍ୟ ହୋଇଥିବା କୁହାଯାଉଛି। ଏହା ୨୦ ବର୍ଷ ତଳର ରେକର୍ଡର ଦୁଇଗୁଣ ଏବଂ ଗତବର୍ଷ ତୁଳନାରେ ୨୩ ଲକ୍ଷ ଅଧିକ। ତେବେ ରିପୋର୍ଟ ତୁଳନାରେ ବାସ୍ତବ ବିସ୍ଥାପିତଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହେବ ବୋଲି କୁହାଯାଉଛି। କାରଣ ଭେନିଜୁଏଲାରେ ସଙ୍କଟ ଲାଗି ରହିଥିବାବେଳେ ସେଠାରୁ ଯେତିକି ଲୋକ ଅନ୍ୟ ଦେଶରେ ଶରଣାର୍ଥୀ ହେଉଛନ୍ତି ତାହାର କିଛି ଅଂଶ ୟୁଏନ୍‌ଏଚ୍‌ସିଆର୍ ରିପୋର୍ଟରେ ସ୍ଥାନ ପାଇଛି।

ଭେନିଜୁଏଲାରୁ ୪ ନିୟୁତରୁ ଅଧିକ ଲୋକ ଦେଶ ଛାଡ଼ିଥିବା ସେଠାକାର ସରକାରଙ୍କ ପାଖରେ ଥିବା ତଥ୍ୟରୁ ଜଣାପଡିଛି। ନିକଟରେ ବିଶ୍ୱରେ ଏହା ସର୍ବାଧିକ ବିସ୍ଥାପନ ସମସ୍ୟା ବୋଲି କୁହାଯାଉଛି। ଯଦିଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ତର୍ଜାତୀୟ ଶରଣାର୍ଥୀ ସୁରକ୍ଷା ଆବଶ୍ୟକ କରନ୍ତି ତେବେ ସେମାନଙ୍କ ମଧ୍ୟରୁ ମାତ୍ର ୫ ଲକ୍ଷ ଏଥିପାଇଁ ଆବେଦନ କରିଥିବା ଜଣାପଡିଛି। ଅସୁବିଧାରେ ପଡ଼ି ଦେଶ ଛାଡୁଥିବା ସମସ୍ତଙ୍କର ସୁରକ୍ଷା ଆବଶ୍ୟକ ବୋଲି ଜାତିସଂଘ ଶରଣାର୍ଥୀ ଉଚ୍ଚାୟୁକ୍ତ ଫିଲିପୋ ଗ୍ରାଣ୍ଡି କହିଛନ୍ତି। ଶରଣାର୍ଥୀ ଓ ଦେଶାନ୍ତରୀ ଭାଷାକୁ ନେଇ ବିଭେଦ ରହିଥିବାବେଳେ ବିଭିନ୍ନ ଦେଶରୁ ସେମାନଙ୍କ ପ୍ରତି ଉଦାରତା ଓ ଐକ୍ୟଭାବ ବୃଦ୍ଧି ପାଉଥିବା ଦେଖାଯାଉଛି। ବିଶେଷ କରି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବହୁସଂଖ୍ୟାରେ ଶରଣାର୍ଥୀଙ୍କୁ ଆଶ୍ରୟ ଦେଉଛନ୍ତି।

### ୟୁଏନ୍‌ଏଚ୍‌ସିଆର୍ ରିପୋର୍ଟ

ବିସ୍ଥାପିତଙ୍କୁ ତିନି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ହେଲା ଶରଣାର୍ଥୀ, ଯେଉଁମାନେ ଯୁଦ୍ଧ, ବିଦ୍ରୋହ କିମ୍ବା ମକଦ୍ଦମା ଆଦି କାରଣରୁ ଦେଶ ଛାଡିବାକୁ ବାଧ୍ୟ ହେଉଛନ୍ତି। ୨୦୧୮ରେ ବିଶ୍ୱବ୍ୟାପୀ ଶରଣାର୍ଥୀଙ୍କ ସଂଖ୍ୟା ୨ କୋଟି ୫୯ ଲକ୍ଷ ବୋଲି ଜଣାପଡିଛି, ଯାହା କି ୨୦୧୭ ତୁଳନାରେ ୫ ଲକ୍ଷ ଅଧିକ। ଏଥିରେ ୫୫ ଲକ୍ଷ ପାଲେଷ୍ଟାଇନ୍ ଶରଣାର୍ଥୀ ଅଛନ୍ତି। ଦ୍ୱିତୀୟ ଗୋଷ୍ଠୀ ହେଲେ ଆଶ୍ରୟ ଆଶାୟୀ। ସେମାନଙ୍କ ସଂଖ୍ୟା ୩୫ ଲକ୍ଷ। ସେମାନେ ନିଜ ଜନ୍ମଭୂମି ବାହାରେ ଅନ୍ତର୍ଜାତୀୟ ସୁରକ୍ଷା ଚାହାନ୍ତି। ସେମାନଙ୍କୁ ଏପର୍ଯ୍ୟନ୍ତ ଶରଣାର୍ଥୀ ମାନ୍ୟତା ଦିଆଯାଇ ନାହିଁ। ତୃତୀୟ ଗୋଷ୍ଠୀ ହେଲେ ଆଭ୍ୟନ୍ତରୀଣ ଭାବେ ବିସ୍ଥାପିତ ହେଉଥିବା ବ୍ୟକ୍ତିବିଶେଷ। ରିପୋର୍ଟ ଅନୁଯାୟୀ ଗତବର୍ଷ ସାରା ବିଶ୍ୱରେ ସେମାନଙ୍କ ସଂଖ୍ୟା ୪ କୋଟି ୧୩ ଲକ୍ଷ ରହିଛି। ଦୁଇତୃତୀୟାଂଶରୁ ଅଧିକ ଶରଣାର୍ଥୀ କେବଳ ସିରିଆ, ଆଫଗାନିସ୍ତାନ, ଦକ୍ଷିଣ ସୁଦାନ, ମ୍ୟାନ୍‌ମାର ଓ ସୋମାଲିଆରୁ ଆସିଥାନ୍ତି। ଏହାବ୍ୟତୀତ ଇରାକ, ୟେମେନ, କଙ୍ଗୋ, ସୁଦାନରେ ମଧ୍ୟ ବିଦ୍ରୋହ କାରଣରୁ ସେଠାକାର ଲୋକେ ଦେଶ ଛାଡୁଛନ୍ତି। ୨୦୧୭ ଶେଷ ଭାଗରେ ବହୁସଂଖ୍ୟାରେ ରୋହିଙ୍ଗ୍ୟା ଶରଣାର୍ଥୀ ମ୍ୟାନମାରର ରାଖାଇନ୍ ପ୍ରଦେଶରୁ ବିତାଡିତ ହେବା ପରେ ବାଂଲାଦେଶର ଶରଣ ନେଇଥିଲେ। ୨୦୧୮ରେ ସିରିଆରୁ ସର୍ବାଧିକ ୬୭ ଲକ୍ଷ ଏବଂ ଆଫଗାନିସ୍ତାନରୁ ୨୭ ଲକ୍ଷରୁ ଅଧିକ ଶରଣାର୍ଥୀ ଅନ୍ୟ ଦେଶକୁ ପଳାୟନ କରିଛନ୍ତି। ତେବେ ଗତବର୍ଷ ମାତ୍ର ୯୨,୪୦୦ ଶରଣାର୍ଥୀଙ୍କୁ ଆଶ୍ରୟ ପ୍ରଦାନ କରାଯାଇଛି, ଯାହା କି ୭ ପ୍ରତିଶତରୁ କମ୍। ଲୋକସଂଖ୍ୟା ବଢ଼ିବା ସହ ଦେଶାନ୍ତରୀଙ୍କ ସଂଖ୍ୟା ବଢ଼ିଚାଲିଛି। ୨୦୦୯ରେ ଦେଶାନ୍ତରୀଙ୍କ ସଂଖ୍ୟା ୪ କୋଟି ୩୩ ଲକ୍ଷ ଥିଲା।



ଯିଏ ଭଗବାନଙ୍କ ଉପରେ ଭରସା ରଖେ ସେ କେବେ ବି ଭଗବାନଙ୍କ ପ୍ରେମାପ୍ଳୁତ ବାହୁର ଆଶ୍ରୟରୁ ବଞ୍ଚିତ ହୁଏ ନାହିଁ।
- ଶ୍ରୀମା



## ଆଜି କ'ଣ କେଉଁଠି

**ଜାମଚିକ୍ରା**
- ନୂତନ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ, ଭାଲୁପତ୍ରା, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ବୈଠକ, ସମ୍ବଲପୁର ପ୍ରେସ ଭବନ, ପୂର୍ବାହ୍ନ ୧୧ଟା।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ

**ବଡ଼ଗାଁ, ୧୯।୬ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପାମରା ଗ୍ରାମର ଜନୈକା ଯୁବତୀଙ୍କୁ ପ୍ରତାରଣା କରାଯାଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ୨୦୧୫ରୁ ଯୁବତୀଙ୍କ ସହିତ ଚାବୁରୀ ଗ୍ରାମର ସମୀର ସୁନାନୀଙ୍କ ପ୍ରେମ ସମ୍ପର୍କ ଥିଲା। ସମ୍ପୃକ୍ତ ଯୁବକ ଯୁବତୀଙ୍କୁ ନେଇ କୁରେଇବଗା ଗ୍ରାମରେ ଥିବା ଭିଣୋଇ ଘରେ ୪ଥର ରଖିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ବିବାହ କରିବାକୁ ଯୁବତୀ ଅଡି ବସିବାରୁ ଧରାଛୁଆଁ ଦେଇ ନ ଥିଲେ। ଫଳରେ ଯୁବତୀ ଜାତି ସମାଜର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ଯୁବକ ପ୍ରେମ ସମ୍ପର୍କ ଥିବା ଓ ତାଙ୍କ ସହିତ ଅନେକ ସ୍ଥାନ ବୁଲିଯାଇଥିବା ସ୍ୱୀକାର କରିଥିଲେ ମଧ ବିବାହ କରିବାକୁ ମନା କରିଦେଇଥିଲେ। ଫଳରେ ଯୁବତୀ ବାଧ ହୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।




## ଅଣସର ଘରେ ମହାପ୍ରଭୁ | କମିଲା ଶ୍ରୀମନ୍ଦିର ହୁଣ୍ଡି ଅର୍ଥ

**ପୁରୀ ଅଫିସ,୧୯।୬:** ସ୍ନାନପୂର୍ଣ୍ଣିମାରେ ୧୦୮ ଗଡ଼ୁ ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଚାଲିଛି ଦାରୁବିଗ୍ରହଙ୍କ ଗୁପ୍ତ ସେବା। ଦଇତାପତି ସେବକମାନେ ସେବା କରୁଛନ୍ତି। ଅନ୍ୟପଟେ ଅଣସର ତାଟିରେ ପୂଜା ପାଉଛନ୍ତି ପଟିଦିଅଁ। ଏଥିପାଇଁ ରତ୍ନସିଂହାସନ ଫାଙ୍କା ପଡ଼ିଥିବାବେଳେ ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ହ୍ରାସ ପାଇଛି। ବୁଧବାର ହୁଣ୍ଡି ଗଣତିରୁ ଏଭଳି ଚିତ୍ର ସ୍ପଷ୍ଟ ଜଣାପଡ଼ିଛି। ଅଣସରର ଦ୍ୱିତୀୟ ଦିନରେ ହୁଣ୍ଡିରୁ ମାତ୍ର ୬୮,୩୪୯ ଟଙ୍କା ଏବଂ ୪୫୦ ମିଲିଗ୍ରାମ୍ ସୁନା ବାହାରିଛି। ରୁପା ଆଦୌ ବାହାରି ନାହିଁ। ସେହିପରି ଅଣସରର ପ୍ରଥମ ଦିନରେ ଅର୍ଥାତ୍ ସୋମବାର ବି ହୁଣ୍ଡି ଅର୍ଥ କମିଥିଲା। ପୂର୍ବରୁ ସାଧାରଣ ଦିନରେ ଅତି କମ୍‌ରେ ଦେଢ଼ଲକ୍ଷରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାହାରୁଥିବା ବେଳେ କିଛି ସୁନା, ରୁପା ବି ମିଳିଥାଏ। କିନ୍ତୁ ଅଣସର ଯୋଗୁ ଭକ୍ତଙ୍କ ସଂଖ୍ୟା କମିଥିବାରୁ ଏହାର ପ୍ରଭାବ ହୁଣ୍ଡିରେ ପଡୁଛି। ଅଣସର ପରେ ବର୍ତ୍ତମାନ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ଦର୍ଶନ ପାଇଁ ଭକ୍ତମାନେ ଯାଉଛନ୍ତି। ଶ୍ରୀମନ୍ଦିରକୁ କମ୍‌ସଂଖ୍ୟକ ଭକ୍ତ ଆସୁଥିବାରୁ ହୁଣ୍ଡି ଅର୍ଥ କମିଛି। ନୀଳାଦ୍ରିବିଜେ ପରେ ମହାପ୍ରଭୁ ରତ୍ନସିଂସନରେ ବିଜେ କଲେ ପୁଣି ହୁଣ୍ଡି ଅର୍ଥ ସ୍ୱାଭାବିକ ହୋଇଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।




- ଜିଲା ଶିଳ୍ପକେନ୍ଦ୍ର ଅଧିକାରୀଙ୍କଠାରୁ ଟଙ୍କା ଠକେଇ

# ନକଲି ୱେବ୍ ଚ୍ୟାନେଲର ୪ ସାମ୍ବାଦିକ ଗିରଫ

**ବରଗଡ଼ ଅଫିସ,୧୯।୬**

ବରଗଡ଼ ଟାଉନ ଥାନା ପୋଲିସ ୪ ନକଲି ସାମ୍ବାଦିକଙ୍କୁ ଗିରଫ କରିଛି। ସେମାନେ ନିଜକୁ ଏକ ଖବର ସରବରାହ ସଂସ୍ଥା (ୱେବ୍ ଚ୍ୟାନେଲ)ର ସାମ୍ବାଦିକ ଭାବେ ପରିଚୟ ଦେଇ ବରଗଡ଼ ଜିଲା ଶିଳ୍ପକେନ୍ଦ୍ରର ଭାରପ୍ରାପ୍ତ ସାଧାରଣ ପରିଚାଳକ ମନୋଜ କୁମାର ଶତପଥୀଙ୍କଠାରୁ ଟଙ୍କା ଦାବି କରିଥିଲେ । ଏପରି କି ତାଙ୍କୁ ପିସ୍ତଲ ଦେଖାଇ ଏଟିଏମ୍‌ରୁ ଟଙ୍କା କାଢ଼ିବାକୁ ବାଧ୍ୟ କରିଥିଲେ । । ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ରାଜ୍ୟ ନୋଏଡ଼ା ସେକ୍ଟର-୬୩ ଥାନା ଅଞ୍ଚଳର ଅନୁଜ ଅଗ୍ରୱାଲ(୩୫), ବୁଲନ୍ଦସହର ଜିଲା ନଗର କୋଟୱାଲି ଥାନା ଅଞ୍ଚଳର ବିଶାଲ ଗମ୍ଭୀର(୪୩), ଗାଜିଆବାଦ ଜିଲା ସଦ୍ରା କୋଟୱାଲିର ଇମ୍ରାନ ଖାଁ(୪୪) ଏବଂ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଭକରସାହିର ତପନ କୁମାର ସାହୁ (୫୭)। ପୋଲିସ ସେମାନଙ୍କ ପାଖରୁ ଏକ କାର (ନଂ.ସିଜି୦୪ଏମଜେ/୦୨୨୯), ଏକ ଭିଡ଼ିଓ କ୍ୟାମେରା, ଗୋଟିଏ ଲାପଟପ୍, ଗୋଟିଏ ଆଇପ୍ୟାଡ୍, ୪ଟି ନକଲି ପରିଚୟପତ୍ର, ନଗଦ ୧୯ହଜାର ୬୮୦ଟଙ୍କା ଏବଂ ୮ଟି ମୋବାଇଲ ଫୋନ ଜବତ କରିଛି । ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ. ୨୮୬/୧୯) ରୁଜୁ ହୋଇଛି।



ଗିରଫ ୪ ଅଭିଯୁକ୍ତଙ୍କୁ ଖବରଦାତା ସମ୍ମିଳନୀରେ ହାଜର କରାଯାଇଛି।

ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ କ୍ଷୀରସାଗର ନାଏକ ସୂଚନା ଦେଇ କହିଥିଲେ, ଗତ ୧୧ତାରିଖରେ ଅଭିଯୁକ୍ତମାନେ ଜିଲା ଶିଳ୍ପକେନ୍ଦ୍ରର ଭାରପ୍ରାପ୍ତ ସାଧାରଣ ପରିଚାଳକ ଶତପଥୀଙ୍କ ନିକଟକୁ ଆସି ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଫ୍ଲାଇଆଶ୍ ଇଟା ତିଆରି ଶିଳ୍ପ କରିବାକୁ ତାଙ୍କ ସହିତ କଥା ହୋଇଥିଲେ । ସେମାନେ ସେହି ପ୍ରକଳ୍ପ ମଞ୍ଜୁର ପାଇଁ ଟଙ୍କା ଯାଚିବା ସହିତ ଗୋପନୀୟ ଭାବେ ସେହି ସମୟର ଭିଡିଓ ରେକର୍ଡ଼ିଂ କରିଥିଲେ । ଏହା ସହିତ ଶତପଥୀଙ୍କଠାରୁ ଏକ ଫୋନ ନମ୍ବର ନେଇ ପୁଣି ପରଦିନ ଅର୍ଥାତ୍ ଗତ ୧୨ତାରିଖରେ ସେଠାରେ ପହଞ୍ଚିଥିଲେ ଏବଂ ୧୧ତାରିଖର ରେକର୍ଡ଼ିଂ ହୋଇଥିବା ଏକ ଭିଡିଓ କ୍ଲିପିଂକୁ ଦେଖାଇ ଟଙ୍କା ଦାବି କରିବା ସହିତ ତାଙ୍କୁ ସ୍ଥାନୀୟ ଏକ ବ୍ୟାଙ୍କ୍‌ର ଏଟିଏମ ପାଖକୁ ପିସ୍ତଲ ଦେଖାଇ ଟାଣି ନେଇଥିଲେ । ଭୟଭୀତ ହୋଇ ସେହି ଏଟିଏମରୁ ଶତପଥୀ ୨୦ହଜାର ଟଙ୍କା କାଢ଼ି ଅଭିଯୁକ୍ତମାନଙ୍କୁ ଦେଇଥିଲେ। ମାତ୍ର ସେତିକିରେ ଅଭିଯୁକ୍ତମାନେ ସନ୍ତୁଷ୍ଟ ନ ହୋଇ ଆହୁରି ୩ ଲକ୍ଷ ଟଙ୍କା ଦାବି କରିଥିଲେ । କିନ୍ତୁ ସେତେବେଳେ ବ୍ୟାଙ୍କକୁ ଯାଇଥିଲେ ମଧ୍ୟ ଟଙ୍କା କାଢ଼ିବା ସମ୍ଭବ ହୋଇପାରି ନ ଥିବାରୁ ଅଭିଯୁକ୍ତମାନେ ତାଙ୍କୁ ଛାଡ଼ି ଫେରିଯାଇଥିଲେ।

ମଙ୍ଗଳବାର ଅଭିଯୁକ୍ତମାନେ ପୁଣି ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଶତପଥୀଙ୍କ ପାଖକୁ ପହଞ୍ଚି ଟଙ୍କା ଦାବି କରିଥିଲେ । ଏହି ସମୟରେ କୌଣସି ସୂତ୍ରରୁ ଖବର ପାଇ ବରଗଡ଼ ଟାଉନ ଥାନା ପୋଲିସ ସେମାନଙ୍କୁ କାବୁ କରି ନେଇଥିଲେ। ଧରାପଡ଼ିବା ପରେ ଅଭିଯୁକ୍ତମାନେ ନିଜକୁ ତେହଲ୍‌କା ଇଣ୍ଡିଆ ନ୍ୟୁଜ ଏବଂ ବିଏସ୍‌ବିସି ଖବର ସରବରାହ ସଂସ୍ଥାର ସାମ୍ବାଦିକ ବୋଲି ପରିଚୟ ଦେଇଥିଲେ। ପୋଲିସ ତନାଘନା କରିବା ପରେ ସେମାନେ ଏକ ଠକ ଗ୍ୟାଙ୍ଗ ବୋଲି ଜାଣି ପାରିଥିଲା । ଏହାପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।





ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ଆଦିତ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଏକକାଳୀନ ନିର୍ବାଚନ ପ୍ରସ୍ତାବକୁ ...

ଅର୍ଦ୍ଧେକଙ୍କୁ ସଶକ୍ତ ନ କରି ବିକଶିତ ହୋଇପାରିନାହିଁ। ବିଧାନସଭାଗୁଡ଼ିକ ସହ ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରାଯିବା ଉଚିତ। ଏହାକୁ ବିଜେଡି ସମର୍ଥନ କରିବ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ମଧ ସେ ଦାବି କରିଛନ୍ତି। ଅନୁରୂପ ଭାବେ ଭୂମି ଅଧିଗ୍ରହଣ ଆଇନ ସମାଜର ମଙ୍ଗଳ ଓ ଦେଶର ଅଭିବୃଦ୍ଧି ପାଇଁ ହେବା ଦରକାର। ବିଶେଷକରି ରେଳପଥ ଓ ସଡ଼କ ଭିତ୍ତିଭୂମି ବିକାଶ ଦୃଷ୍ଟିରୁ ଏ ସମ୍ପର୍କିତ ୨୦୧୩ ଆଇନର ପୁନଃ ସମୀକ୍ଷା କରିବାକୁ ପଡ଼ିବ। ପରିବେଶ ସୁରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ପରସ୍ପରର ପରିପୂରକ। ତେଣୁ ଜଙ୍ଗଲ ସୁରକ୍ଷା ଆଇନର ମଧ ପୁନଃ ଅନୁଧାନ କରାଯିବା ଆବଶ୍ୟକ। କେନ୍ଦ୍ରୀୟ ଓ ରାଜ୍ୟସ୍ତରର ସରକାରୀ ଉଦ୍ୟୋଗଗୁଡ଼ିକୁ ବୈଧାନିକତା ଦୃଷ୍ଟିରୁ ସମାନ ଗୁରୁତ୍ୱ ଦିଆଯିବା ଉଚିତ। ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ଫୋକସ୍ ପାଇଁ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକୁ ମାନଦଣ୍ଡ ଭାବେ ଗ୍ରହଣ କରାଯାଇପାରେ। ଦେଶ ଓ ଜନସାଧାରଣଙ୍କ ହିତ ପାଇଁ ନିଆଯାଉଥିବା ପଦକ୍ଷେପକୁ ବିଜେଡି ସବୁବେଳେ ସମର୍ଥନ କରିଆସିଛି ଏବଂ ଆଗକୁ ମଧ ଏହା ବଜାୟ ରଖିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି। ସର୍ବଦଳୀୟ ବୈଠକରେ ବିଜେଡି ସମେତ ଅକାଳୀ ଦଳର ସୁଖବୀର ସିଂ ବାଦଲ, ଏନ୍‌ସିପି ମୁଖ୍ୟ ଶରଦ ପାୱାର, ଜେଡିୟୁ ଅଧକ୍ଷ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମୁଖ୍ୟ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ, ସିପିଆଇର ଡି. ରାଜା ଏବଂ ଏସ୍. ସୁଧାକର ରେଡ୍ଡୀ, ସିପିଆଇଏମ୍‌ର ସୀତାରାମ ୟେଚୁରୀ, ଟିଆର୍‌ଏସ୍ କାର୍ଯ୍ୟକାରୀ ଅଧକ୍ଷ କେ.ଟି ରାମାରାଓ, ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବ୍‌ଦୁଲ୍ଲା ଓ ପିଡିପି ଅଧକ୍ଷା ମେହବୁବା ମୁଫ୍‌ତି ଯୋଗଦେଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି, ବହୁଜନ ସମାଜ ପାର୍ଟି, ସମାଜବାଦୀ ପାର୍ଟି, ଡିଏମ୍‌କେ, ତୃଣମୂଳ କଂଗ୍ରେସ, ତେଲୁଗୁ ଦେଶମ୍ ପାର୍ଟି ଏବଂ ରାଷ୍ଟ୍ରୀୟ ଜନତା ଦଳ ଏହି ବୈଠକକୁ ବର୍ଜନ କରିଥିଲେ।

## ପଶ୍ଚିମ ଓଡ଼ିଶାରେ...

ହୋଇଥିବା ନଜରକୁ ଆସିଛି। ବଣାଇ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ଆଜବେଷ୍ଟସ ଛାତ ଭାଙ୍ଗିଛି। ତେବେ ସମ୍ବଲପୁର ଜିଲାରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜିଲା ଜରୁରିକାଳୀନ ଅଧିକାରୀ ଶୁଭସ୍ମିତା ମିଶ୍ର କହିଛନ୍ତି। ଅନ୍ୟ ସ୍ଥାନରେ ମଧ କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିନାହିଁ। ଭୂକମ୍ପର ତୀବ୍ରତା ଜଣାପଡ଼ିନାହିଁ।



ମୃଦୁ ଭୂକମ୍ପ ହେବାରୁ ଦେବଗଡ଼ରେ ବ୍ୟାଙ୍କ କର୍ମଚାରୀମାନେ ବାହାରକୁ ପଳାଇ ଆସିଛନ୍ତି।

■ ରାଜ୍ୟ ବିଦ୍ୟୁତ୍ କଣ୍ଟ୍ରାକ୍ଟରଙ୍କ କ୍ଷୋଭ

# ବିପଦ ବେଳେ ଆମେ...

ଭୁବନେଶ୍ୱର,୧୯।୬(ବ୍ୟୁରୋ)



■ ବିଦ୍ୟୁତ୍ ପୁନରୁଦ୍ଧାର ଆଉ ୬ ମାସ ଲାଗିବ
■ ଉପକରଣ ମିଳୁ ନ ଥିବା ଅଭିଯୋଗ

ବାତ୍ୟା 'ଫନୀ'କୁ ଦେଢ଼ମାସ ପୂରିଗଲାଣି। ଏବେ ବି ପୁରୀ ଜିଲାର ଅନେକ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ସହରାଞ୍ଚଳକୁ ବାଦ୍ ଦେଲେ ଗାଁ ଗଣ୍ଡା ଅବସ୍ଥା କହିଲେ ନ ସରେ । ପୁରୀ ଜିଲାକୁ ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ କରିବାକୁ ଆହୁରି ୬ ମାସ ଲାଗିଯିବ ବୋଲି କାର୍ଯ୍ୟରେ ନିୟୋଜିତ କଣ୍ଟ୍ରାକ୍ଟରମାନେ କହୁଛନ୍ତି। ରାଜ୍ୟର କଣ୍ଟ୍ରାକ୍ଟରମାନଙ୍କୁ ଡରାଇ ଧମକାଇ ବିଦ୍ୟୁତ ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ଲାଇସେନ୍ସ ଚାଲିଯିବା ଭୟରେ ସେମାନେ ଅଣକୁଶଳୀ ଶ୍ରମିକମାନଙ୍କୁ ନେଇ କାମରେ ଲଗାଉଛନ୍ତି। ଫଳରେ ଉତ୍ତମ ବିଦ୍ୟୁତ୍ କାର୍ଯ୍ୟ ହୋଇପାରୁନାହିଁ। ଏଥିସହିତ ଅନେକ ଦୁର୍ଘଟଣା ଘଟି ପ୍ରାଣହାନି ହେଉଛି।

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ପ୍ରାୟ ୩୩୦୦ ଲାଇସେନ୍ସପ୍ରାପ୍ତ ବିଦ୍ୟୁତ୍ କଣ୍ଟ୍ରାକ୍ଟର ଅଛନ୍ତି। ସେଥିରୁ ୮୮୦ ହାଇ ଟେନସନ(ଏଚଟି) ଲାଇସେନ୍ସପ୍ରାପ୍ତ କଣ୍ଟ୍ରାକ୍ଟର ଥିବା ବେଳେ ୫୦୦ ମିଡିୟମ ଭୋଲଟେଜ(ଏମ୍‌ଭି), ୧୦୦ରୁ ଊର୍ଦ୍ଧ୍ୱ ଏକ୍ସଟ୍ରା ହାଇ ଟେନସନ(ଇଏଚ୍‌ଟି) ଏବଂ ଅନ୍ୟାନ୍ୟ କଣ୍ଟ୍ରାକ୍ଟର ଅଛନ୍ତି। ଏହି କଣ୍ଟ୍ରାକ୍ଟରମାନଙ୍କୁ ସରକାରୀ ସହଯୋଗ ମିଳୁ ନ ଥିବାରୁ ସେମାନଙ୍କ ମଧ୍ୟରୁ ଅଧିକାଂଶ କଣ୍ଟ୍ରାକ୍ଟରଙ୍କ ଲାଇସେନ୍ସ ରଦ୍ଦ ହୋଇ ଗଲାଣି। ରାଜ୍ୟରେ କାମଧନ୍ଦା ମିଳୁ ନ ଥିବାରୁ ଆର୍ଥିକ ଦୁରବସ୍ଥା ଯୋଗୁ ଅନେକ କଣ୍ଟ୍ରାକ୍ଟର ସେମାନଙ୍କର ବେଉସା ହରାଇ ସାରିଲେଣି। ଆଉ ଯେଉଁ କେତେକ ଅଛନ୍ତି ସେମାନେ ଭୟଙ୍କର ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି। ନିୟମିତ କାମ ନ ମିଳିବା ଯୋଗୁ କଣ୍ଟ୍ରାକ୍ଟରମାନେ ନିଜ ଅଧୀନରେ କୁଶଳୀ ଶ୍ରମିକ ରଖିପାରୁ ନାହାନ୍ତି। ସରକାର ସେମାନଙ୍କ ଦାବି ଶୁଣୁ ନ ଥିବାରୁ ରାଜ୍ୟର କଣ୍ଟ୍ରାକ୍ଟରମାନେ ଆଉ ଅଣ୍ଟା ସଳଖି ଛିଡା ହେବା ଭଳି ଅବସ୍ଥାରେ ନାହାନ୍ତି। ତେବେ ବାତ୍ୟା ଫନୀ ପାଇଁ ପ୍ରସ୍ତୁତ ନ ଥିବା ଶକ୍ତି ବିଭାଗ ରାଜ୍ୟର କଣ୍ଟ୍ରାକ୍ଟରମାନଙ୍କୁ ଡରାଇ ଧମକାଇ କାର୍ଯ୍ୟରେ ନିୟୋଜିତ କରିଛି। ଯେଉଁମାନେ କାର୍ଯ୍ୟରେ ଯୋଗ ଦେବେ ନାହିଁ ସେମାନଙ୍କ ଲାଇସେନ୍ସ ରଦ୍ଦ କରି ଦିଆଯିବ ବୋଲି ଶକ୍ତି ବିଭାଗ ପକ୍ଷରୁ ଚେତାବନୀ ଦିଆଗଲା। ଫଳରେ ବାତ୍ୟା ପରଦିନ ଅର୍ଥାତ୍ ମେ ୪ ତାରିଖରୁ ରାଜ୍ୟର ଲାଇସେନ୍ସ ପ୍ରାପ୍ତ କଣ୍ଟ୍ରାକ୍ଟରମାନେ ବାଧହୋଇ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଗାଁ ଗଣ୍ଡାରୁ ଅଣ କୁଶଳୀ ଲୋକଙ୍କୁ ଆଣି କାର୍ଯ୍ୟରେ ଲଗାଇଛନ୍ତି। ଏଥିଯୋଗୁ ୩ ଜଣ ଶ୍ରମିକଙ୍କର ମଧ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଶକ୍ତି ବିଭାଗ ପକ୍ଷରୁ ଆବଶ୍ୟକ ସରଞ୍ଜାମ ଠିକ୍ ସମୟରେ ଯୋଗାଇ ଦିଆଯାଉ ନାହିଁ। ଫଳରେ ପୁନରୁଦ୍ଧାର କାର୍ଯ୍ୟରେ ସେତେଟା ଅଗ୍ରଗତି ହୋଇ ପାରୁ ନାହିଁ। ଏହାଛଡା ଅନେକ ସ୍ଥାନରେ ଲୋକମାନେ ଠିକା କର୍ମଚାରୀମାନଙ୍କୁ ମାଡ ମାରିବା ସହ ବିଭିନ୍ନ ସ୍ଥାନରେ ଅଟକ ରଖୁଛନ୍ତି। ଶ୍ରମିକମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ ନ ଥିବା କେତେକ କଣ୍ଟ୍ରାକ୍ଟର ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୬୪୦ ଜଣ ଏଚଟି ବିଦ୍ୟୁତ କଣ୍ଟ୍ରାକ୍ଟରଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିବା ବେଳେ ୫୦୦ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅନ୍ୟମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଆସନ୍ତା ୨୫ ତାରିଖ ମଧ୍ୟରେ ଯଥେଷ୍ଟ କାରଣ ଦର୍ଶାଇ ନ ପାରିଲେ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଅନ୍ୟପକ୍ଷରେ ୩୩ କେଭି ଉପରକୁ ଥିବା ଏକ୍ସଟ୍ରା ହାଇ ଟେନସନ ଟାୱାର କାର୍ଯ୍ୟ ରାଜ୍ୟର କୌଣସି କଣ୍ଟ୍ରାକ୍ଟରମାନଙ୍କୁ ମିଳୁ ନ ଥିବା ଅଭିଯୋଗ ହେଉଛି। ଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଭଳି ରାଜ୍ୟରୁ ବଡ ବଡ କଣ୍ଟ୍ରାକ୍ଟରମାନଙ୍କୁ ଓଡିଶାରେ ଟେଣ୍ଡର ଦିଆଯାଉଛି। ଶକ୍ତି ବିଭାଗ ଜାଣିଶୁଣି ଟେଣ୍ଡର ମୂଲ୍ୟ ବୃଦ୍ଧି କରିବାରୁ ସ୍ଥାନୀୟ କଣ୍ଟ୍ରାକ୍ଟରମାନେ ଇଏଚଟି ଟାୱାର କାମ ପାଉ ନାହାନ୍ତି। ଫଳରେ ରାଜ୍ୟର କଣ୍ଟ୍ରାକ୍ଟରମାନେ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ଏ ସମ୍ପର୍କରେ ଅଲ୍ ଓଡିଶା ବିଦ୍ୟୁତ କଣ୍ଟ୍ରାକ୍ଟର ସଂଘ ସାଧାରଣ ସମ୍ପାଦକ ଭଗବାନ ବିଶ୍ୱାଳ କହିଛନ୍ତି ଯେ ରାଜ୍ୟରେ କାମ ମିଳୁ ନ ଥିବାରୁ ୧୦୦ରୁ ଊର୍ଦ୍ଧ୍ୱ କଣ୍ଟ୍ରାକ୍ଟର ଲାଇସେନ୍ସ ହରାଇ ଘରେ ବସିଛନ୍ତି। ଲାଇସେନ୍ସ ପ୍ରଦାନ ନୀତିରେ ପରିବର୍ତ୍ତନ ନ ହେବାରୁ ନୂତନ ଲାଇସେନ୍ସ ମିଳିବା ସମ୍ଭବ ହେଉ ନାହିଁ। ଏ ନେଇ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଶକ୍ତି ସଚିବଙ୍କୁ ବାରମ୍ବାର ଜଣାଇବା ପରେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରାଜ୍ୟରେ କୌଣସି ବିପତ୍ତି ଆସିଲେ ଆମେ ଆଗେ କାର୍ଯ୍ୟରେ ଯୋଗ ଦେଉଛୁ। ନାଁ ନେଉଛନ୍ତି ଅନ୍ୟ ରାଜ୍ୟର କଣ୍ଟ୍ରାକ୍ଟର। ଟେଣ୍ଡର ମୂଲ୍ୟ ବୃଦ୍ଧି କରାଯାଉଥିବାରୁ ଓଡିଶା କଣ୍ଟ୍ରାକ୍ଟରମାନେ ବଡ ବଡ ଟାୱାର ନିର୍ମାଣ ପାଇଁ ଟେଣ୍ଡର ପକାଇବାକୁ ଯୋଗ୍ୟ ହୋଇପାରୁ ନାହାନ୍ତି। ଜାଣି ଶୁଣି ଏଭଳି କରାଯାଉଛି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଉଛି। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ଲାଗିଥିବା କର୍ମଚାରୀମାନେ ଠିକ୍ ସମୟରେ ପଇସା ପାଇପାରୁ ନାହାନ୍ତି। ବିଦ୍ୟୁତ୍ ଉପକରଣ ମିଳୁ ନ ଥିବାରୁ କାର୍ଯ୍ୟ ମାନ୍ଦା ହେଉଛି। ପ୍ରବଳ ଗରମରେ କର୍ମଚାରୀମାନେ ଦିନ ରାତି ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ଲାଗିଛନ୍ତି ବୋଲି ସେ କହିଛନ୍ତି। ସେସୁ ସିଜିଏମ୍ (ଟେକ୍ନିକାଲ) ସୁକାନ୍ତ ସ୍ୱାଇଁ କହିଛନ୍ତି ଯେ ପୁରୀରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ୮୦ ପ୍ରତିଶତ ହୋଇଗଲାଣି। ଅବଶିଷ୍ଟ କାର୍ଯ୍ୟ ଶେଷ କରିବାକୁ ଉଦ୍ୟମ ଜାରି ରହିଛି। କଣ୍ଟ୍ରାକ୍ଟରମାନଙ୍କୁ ପଇସା ମିଳିବାରେ ପ୍ରଥମେ ଅସୁବିଧା ହେଉଥିଲା। ଏବେ ଠିକ୍ ହୋଇଯାଇଛି। ନିୟମିତ ପେମେଣ୍ଟ କରାଯିବା ସହ ଆବଶ୍ୟକ ବିଦ୍ୟୁତ୍ ସରଞ୍ଜାମ ଯୋଗାଇ ଦିଆଯାଉଛି। ତେବେ କାହାକୁ ଟେଣ୍ଡର ଦିଆଯାଉଛି ନ ଦିଆଯାଉଛି ସେ ବିଷୟରେ କିଛି କହି ପାରିବେ ନାହିଁ ବୋଲି ସ୍ୱାଇଁ କହିଛନ୍ତି। ତେବେ ଓଡ଼ିଶା କଣ୍ଟ୍ରାକ୍ଟରମାନଙ୍କୁ ମଧ ବିଦ୍ୟୁତ୍ ଭିତ୍ତିଭୂମି କାର୍ଯ୍ୟ ଦିଆଯାଉଛି ବୋଲି ସେ କହିଛନ୍ତି ।

# ଅନୁକୂଳ ହେଉଛି ପାଗ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

■ ୪୮ ଘଣ୍ଟାରେ ଲଘୁଚାପ
■ ୨୨ରେ ହେବ ମୌସୁମୀ ବର୍ଷା
■ ଅସ୍ତବ୍ୟସ୍ତ କରୁଛି ତାତି, ଗୁଳୁଗୁଳି
■ ୧୮ ଜିଲାକୁ ଝଡ଼ବର୍ଷା ସତର୍କ ସୂଚନା

ରାଜ୍ୟରେ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବର୍ଷା ହେଉ ନ ଥିବାରୁ ପରିସ୍ଥିତି ଆହୁରି ସଙ୍ଗିନ ହେଉଛି। ଆକାଶ ମେଘାଚ୍ଛନ୍ନ ରହିଲେ ମଧ ବାୟୁ ମଣ୍ଡଳରେ ଆର୍ଦ୍ରତା ଏତେ ପରିମାଣରେ ବଢି ଯାଇଛି ଯେ ଦେହ, ମୁହଁରୁ ଗମଗମ ହୋଇ ଝାଳ ବୋହୁଛି। ମୌସୁମୀ ଆଗମନ ଯେତେ ବିଳମ୍ବ ହେଉଛି ତାତିର ପ୍ରକୋପ ସେତେ ବଢି ଚାଲିଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ଗରମ ଓ ଗୁଳୁଗୁଳି ପରିବେଶକୁ ଉତ୍ତପ୍ତ କରି ରଖିବା ବେଳେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାରେ ପାରଦ ଉପରମୁହାଁ ହୋଇଛି। ଆସନ୍ତା ୨/୩ ଦିନ ମଧ୍ୟରେ ମୌସୁମୀ ରାଜ୍ୟକୁ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଅବପାତରେ ପରିଣତ ହେବ ବୋଲି ଅନୁମାନ କରାଯାଇଛି। ଲଘୁଚାପ ମୌସୁମୀ ଆଗମନକୁ ସୁଗମ କରିବ। ମୌସୁମୀ ପାଇଁ ପାଗ ଅନୁକୂଳ ହୋଇଛି ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ.ଆର. ବିଶ୍ୱାସ କହିଛନ୍ତି। ଆସନ୍ତା ୨୨ ତାରିଖରୁ ବର୍ଷା ଆରମ୍ଭ ହେବ ବୋଲି ପୂର୍ବାନୁମାନ କରାଯାଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୪୧.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୦.୮, ମାଲକାନଗିରି ୪୦.୫, ହୀରାକୁଦ ୪୦.୨ ଏବଂ ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୪୦.୧, ବାରିପଦା ୩୯.୬, ତାଳଚେରରେ ୩୯.୨, ଟିଟିଲାଗଡ ୩୯ ଏବଂ ସୋନପୁରରେ ୩୮.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୮ଟି ଜିଲାରେ ଘଡଘଡି ସହ ଝଡବର୍ଷା ହେବ। ଘଣ୍ଟାକୁ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହି ଜିଲାଗୁଡିକ ହେଲା ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ନୟାଗଡ, ବୌଦ୍ଧ, ନବରଙ୍ଗପୁର, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ଗଜପତି ଏବଂ ଗଞ୍ଜାମ।

# ଜେଲ୍ ଯିବେ ନିଶାଗ୍ରସ୍ତ ଡ୍ରାଇଭର

ଭୁବନେଶ୍ୱର,୧।୬(ବ୍ୟୁରୋ)

■ ଯାଞ୍ଚ କଡ଼ାକଡ଼ି କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ
■ ସଡ଼କ ଦୁର୍ଘଟଣାରେ ୫ ବର୍ଷରେ ୨୨,୮୦୦ ମୃତ

ନିଶାଦ୍ରବ୍ୟ ସେବନ କରି ଗାଡ଼ି ଚଳାଉଥିବା ଡ୍ରାଇଭରମାନଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ଧରାପଡିଲେ ଏଣିକି ଜେଲ ଯିବାକୁ ପଡିବ। କେବଳ ଜରିମାନା ଆଦାୟ କରି ନିଶାସକ୍ତ ଡ୍ରାଇଭରଙ୍କୁ ଛଡ଼ାଯିବ ନାହିଁ। ତୁରନ୍ତ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ଜେଲ ଦଣ୍ଡ ସହ ଜରିମାନା ମଧ ଦେବାକୁ ହେବ। ଏ ନେଇ ପଦକ୍ଷେପ ନେବାକୁ ପରିବହନ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ୩୫ଟି ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଯାନବାହନ ଯାଞ୍ଚ ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଦ୍ୱାରା ରାଜ୍ୟରେ ଅଧିକ ଯାନବାହନ ଦୁର୍ଘଟଣା ହେଉଛି। ଏଥିଯୋଗୁ ମୃତାହତଙ୍କ ସଂଖ୍ୟା ମଧ ଦିନକୁ ଦିନ ବଢିବାରେ ଲାଗିଛି। ପରିବହନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୧ରେ ମୋଟରଯାନ ଦୁର୍ଘଟଣାରେ ୩୮୦୨ ଜଣ ପ୍ରାଣ ହରାଇଥିବା ବେଳେ ୫୩୪୯ ଜଣ ଗୁରୁତର ଆଘାତ ହୋଇଥିଲେ। ସେହିପରି ୨୦୧୨ରେ ୩୭୦୧ଜଣ ସଡ଼କ ଦୁର୍ଘଟଣାରେ ଜୀବନ ହରାଇଥିବା ବେଳେ ୫୨୬୦ ଜଣ ଗୁରୁତର ଆହତ ହୋଇଥିଲେ। ତେବେ ୨୦୧୪ରୁ ୨୦୧୮ ମଧ୍ୟରେ ୫୨ ହଜାର ୬୫୯ ସଡ଼କ ଦୁର୍ଘଟଣାରେ ୨୨ ହଜାର ୮୦୦ ଜଣଙ୍କର ଜୀବନ ଯାଇଛି। ୨୦୧୪ରେ ୯୪୬୮ ଦୁର୍ଘଟଣାରେ ୩୯୩୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୫ରେ ୧୦୫୪୨ ଦୁର୍ଘଟଣାରେ ୪୩୦୩, ୨୦୧୬ରେ ୧୦୫୩୨ ଦୁର୍ଘଟଣାରେ ୪୪୬୩, ୨୦୧୭ରେ ୧୦୮୫୫ ସଡ଼କ ଦୁର୍ଘଟଣାରେ ୪୭୯୦ ଜଣ ଏବଂ ୨୦୧୮ରେ ୧୧୨୬୨ ଦୁର୍ଘଟଣାରେ ୫୩୧୩ ଜଣଙ୍କର ବହୁ ମୂଲ୍ୟ ଜୀବନ ଚାଲିଯାଇଛି। ରାସ୍ତାଘାଟ ଚଉଡା ହେଉଥିଲେ ମଧ ବେଳକୁ ବେଳ ଦୁର୍ଘଟଣା ସଂଖ୍ୟା ବଢି ବଢି ଚାଲିଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ମଦ ପିଇ ଗାଡ଼ି ଚଳାଇବା ଓ ମୋବାଇଲ ବ୍ୟବହାର ଦ୍ୱାରା ଅଧିକ ଦୁର୍ଘଟଣା ହେଉଛି ବୋଲି ବିଭାଗ ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡିଛି। ଏହାକୁ ଦୃଷ୍ଟିରେ ରଖି ମଦୁଆ ଡ୍ରାଇଭରଙ୍କୁ ଜେଲ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି। ଜୁନ୍ ୧୮ ତାରିଖରେ ଯାଞ୍ଚ କରିବା ବେଳେ ୫ଜଣ ମଦ ପିଇ ଗାଡି ଚଳାଉଥିବା ବେଳେ ବିନା ହେଲମେଟରେ ଗାଡି ଚଳାଉଥିବା ୧୪୫ଜଣ, ଅତ୍ୟଧିକ ବେଗରେ ୯୧ଜଣ ଓ ୧୦ ଜଣ ମୋବାଇଲରେ କଥା ହୋଇ ଗାଡି ଚଳାଉଥିବା ବେଳେ ଧରାପଡିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କର୍ମଭାବସ୍ଥ ଚନ୍ଦ୍ର ପୂର୍ବ ସମସ୍ୟାକୁ ଦୂରେଇ ନେଇ କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ଖୁସି କରାଇବ। ସାଧାରଣ ବ୍ୟତିକ୍ରମ ରହିଲେ ମଧ ପାରିବାରିକ ଜୀବନରେ ଶାନ୍ତି ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଫାଇଦା ହାସଲ ପାଇଁ ମିତ୍ରମାନେ ସମ୍ମୁଖରେ ପ୍ରଶଂସାସୂଚକ ବାକ୍ୟ କହିପାରନ୍ତି।

**ବୃଷ**
ଅଯଥାରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ଶତ୍ରୁତା ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବହନରେ ସାଧାରଣ କଥାରେ ଝଗଡ଼ା କିମ୍ବା ତଜ୍ଜନିତ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ**
ରାଶିରେ ରାଜଯୋଗ ସୃଷ୍ଟି ହୋଇଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବାରୁ ଖୁସିରହିବେ। ଛୋଟ ଛୋଟ କଥାକୁ କେନ୍ଦ୍ର କରି ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକମାନଙ୍କ ଶୁଭକାମନାରୁ ଖୁସି ରହିବେ।

**କର୍କଟ**
ରାଶ୍ୟାଧିପତି ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ଉତ୍ତମ ରହିବା ସହ ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିପାରିବା କାରଣରୁ ଟେନସନ୍ କିଛି ମାତ୍ରାରେ କମିଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ତର୍କ ବୃଦ୍ଧି ପାଇବ।

**ସିଂହ**
ଚନ୍ଦ୍ରଙ୍କ ଦ୍ୱାଦଶସ୍ଥ ଶନି ଆପଣଙ୍କ ବିଚାରଧାରାକୁ ପ୍ରଭାବିତ କରିପାରେ। ନିକଟସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ସହଯୋଗ ସମସ୍ୟାର ସରଳ ସମାଧାନ କରିବାରେ ସାହାଯ୍ୟ କରିବ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମଗୁଡିକୁ ତ୍ୱରାନ୍ୱିତ କରିବାରେ ସମର୍ଥ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ, ସୁନ୍ଦର କରିବାରେ ସହାୟକ ହେବ।

**କନ୍ୟା**
ଗୁରୁ ଓ ଶୁକ୍ରଙ୍କ ପାରସ୍ପରିକ ଦୃଷ୍ଟି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଶୁଭଫଳ ପ୍ରଦାନ କରିବ। ଆଜିର ଯାତ୍ରା, ନୂତନ କର୍ମାରମ୍ଭ, ବ୍ୟବସାୟିକ ସ୍ଥିତି ବିଶେଷ ଭଲ ରହିବ। ତଥାପି ଭୁଲ୍ ବୁଝାମଣା ହେତୁ ଆତ୍ମୀୟମାନଙ୍କ ଅସହଯୋଗ, ଅସମ୍ମାନ ଦୁଃଖର ମାତ୍ରାକୁ ବଢ଼ାଇଦେଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା**
ଚନ୍ଦ୍ରଙ୍କ କୋଣଭାବରେ ଶୁକ୍ର ହେତୁ ମନ ଅନୁଯାୟୀ କାମ ହାସଲ କରିବାରେ ଅସୁବିଧା ହେବନାହିଁ। ଆଜି ଆକସ୍ମିକ ଭାବରେ ରାସ୍ତାରେ ଯିବା ସମୟରେ ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହୋଇପାରେ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ପରିବାରରେ ପିଲାଙ୍କ ଆଚରଣର ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତି ଅନୁଭବ କରିପାରନ୍ତି।

**ବିଛା**
ଆଜି ଆପଣ ଯେଉଁ କାମ ସକାଶେ ଉଦ୍ୟମ କରିବେ ତାହା କଦାପି ନିଷ୍ଫଳ ହେବନାହିଁ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ ଦେଖିବେ ସବୁ ପ୍ରତିବନ୍ଧକ ଦୂରେଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ**
ମନ ଭିତରେ ଦୁଃଖ ରହିଥିଲେ ମଧ ହସି ହସି କହିବା କାରଣରୁ କାମ ହାସଲ କରିବାରେ ଅସୁବିଧା ହେବନାହିଁ। ଅନ୍ୟମାନେ ଅନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ଗତକାଲି ଠାରୁ ଆପଣ ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମକର**
ରାଶିରେ ଚନ୍ଦ୍ରଥିବାରୁ ମାନସିକ ସ୍ତର ବହୁତ ଭଲ ରହିବ। ତଥାପି ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ, ଏହି କାରଣରୁ ପାଖ ମାଡିବେ ନାହିଁ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତିଲାଭ କରିପାରନ୍ତି।

**କୁମ୍ଭ**
କେନ୍ଦ୍ରସ୍ଥାନରେ ଶୁକ୍ର ହେତୁ ଆଜି ଆବଶ୍ୟକ ମନେ କରୁଥିବା ଅର୍ଥ ପାଇବେ ଏବଂ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରି ପାରିବେ। ପରିବାରର ଆବଶ୍ୟକତାନୁଯାୟୀ ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ମୀନ**
ଆଜି ଚନ୍ଦ୍ରଙ୍କ ଷଷ୍ଠସ୍ଥ ଗ୍ରହ ଯୋଗୁ ପରିବାରର ଅଶାନ୍ତ ପରିବେଶ ପୂର୍ବପରି ରହିବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ କିନ୍ତୁ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯିବ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିପାରେ।

ଆଜି ଆଷାଢ଼ କୃଷ୍ଣ ତୃତୀୟା ଗୁରୁବାର, ଜୁନ୍ ୨୦ ତାରିଖ, ବିଶ୍ୱ ଶରଣାର୍ଥୀ ଦିବସ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର,ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ୧୧।୦୭ମି. ଗତେ ଘ୧୨।୪୬ମି. ମଧ୍ୟେ, ଘ୨।୨୫ମି. ଗତେ ଘ୪।୦୪ମି. ମଧ୍ୟେ ଅମୃତବେଳା । ଦିବା ଘ୬।୪୯ମି. ମଧ୍ୟେ ମାହେନ୍ଦ୍ରବେଳା । ଅପରାହ୍ନ ଘ୧।୨୭ମି. ଗତେ ଘ୩।୦୬ମି. ମଧ୍ୟେ ରାହୁକାଳ।


**classifieds Everyday 0674-2580101, 2549302**

**real estate**

**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

1200 sqft. land, 900 construction simplex sale ବ୍ରାହ୍ମଣଝରିଲୋ ନଖରାରୁ ୬କିମି 25,00,000/- LIC approved. 9437306208. D-66141

Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363. D-66907

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

**healthcare**

Monalisa club full body massage with hiprofile smart lady air-condition rooms available hurry up ! 9708545108. D-13040

Ayurvedic full body massage ladies/ gents smart experts therapist. 9114697517. D-66906

**ଚତୁର୍ଥ ଜନ୍ମବାର୍ଷିକୀ**



ଆଦିତ୍ୟ କୁଣ୍ଡୁ (ଭିକି)
ପି- ଦେବାଶିଷ କୁଣ୍ଡୁ, ମା'- କୋମଲ କୁଣ୍ଡୁ
ବେଙ୍ଗଲି କଲୋନୀ, ଲକ୍ଷ୍ମୀସାଗର, କଟକ ରୋଡ, ଭୁବନେଶ୍ୱର
ତୁମର ୪ର୍ଥ ଜନ୍ମଦିନ ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ମା' ତାରିଣୀ ଙ୍କ ନିକଟରେ ପ୍ରାର୍ଥନା ଯେ, ତୁମର ଚଲାପଥରେ ପୁଷ୍ପବୃଷ୍ଟି ହେଉଥାଉ।
ତୁମର ଶୁଭାକାଂକ୍ଷୀ:
ଦୀଦା, ଦାଦୁ, ଦୀପକ କାକା, ନାତିଆ ଦାଦୁ, ଠାମି ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୧୩୦୪୩

**Marriage Wish**



Tausif & Nikhat
Wishing you both 1st wedding anniversary
**Happy Wedding Anniversary**
D-13010

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଗ୍ୟାଙ୍ଗ୍‌ଷ୍ଟର ଟିଟୋଙ୍କ ଦୁଇ ଭାଇ ଗିରଫ

କେନ୍ଦ୍ରାପଡ଼ା ଅଫିସ, ୧୯।୬

ଗ୍ୟାଙ୍ଗ୍‌ଷ୍ଟର ଟିଟୋ ଓରଫ ସୟଦ ଉସ୍‌ମାନ ଅଲ୍ଲୀଙ୍କୁ ଲାଗିଛି ଆଉ ଏକ ଝଟକା। କଣ୍ଟ୍ରାକ୍ଟର ରନ୍ଥା ଓରଫ ଶିବପ୍ରସାଦ ପରିଡ଼ାଙ୍କ ଅପହରଣ ମାମଲାରେ ଟିଟୋଙ୍କ ୨ ଭାଇଙ୍କ ସମେତ ୩ ଜଣଙ୍କୁ ବୁଧବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଉଠାଇ ନେଇଛି। ୨ ଭାଇ ଜୀ ବାବୁ ଓରଫ ସୟଦ ଆସ୍‌ପାକ ଅଲ୍ଲୀ ଓ ଚିଟୋ ଓରଫ ସୟଦ ଇଫତ୍‌କାର ଅଲ୍ଲୀ ଏବଂ ସମ୍ପର୍କୀୟ ମୁନ୍ନା ଓରଫ ଅମଜାଦ ଖାଁଙ୍କୁ ଟାଉନ ଥାନା ଅଧୀନ ଦିଲାରପୁରସ୍ଥିତ ତାଙ୍କ ଘରୁ ଗିରଫ କରାଯାଇଛି। ଆଇଜି ଆଶିଷ ସିଂହଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଟିମ୍ ବୁଧବାର ଭୋର ୪ଟାରେ ଟିଟୋଙ୍କ ଦିଲାରପୁରସ୍ଥିତ ଘର ଉପରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ପରେ ସେମାନଙ୍କୁ ଭୁବନେଶ୍ୱର ନିଆଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍








# ଜିଲ୍ଲା ଚିଠି ଖୋର୍ଦ୍ଧା

## ଅଜଣା ବ୍ୟାଧି

ଅଜଣା ବ୍ୟାଧି ଗ୍ରାସ କରିଛି ଜିଲାକୁ। ସଚେତନତା ହେଉଛି ଏହାର ଏକମାତ୍ର ମହୌଷଧି। ହେଲେ ଏହା ପହଞ୍ଚିପାରୁନି ଦୁର୍ନୀତି କବଳିତ ବ୍ୟକ୍ତିବିଶେଷଙ୍କ ପାଖରେ। ଫଳସ୍ୱରୂପ ଡିଆଁରୋଗ ପରି ମାଡ଼ିଚାଲିଛି ଏହି ବ୍ୟାଧି। ତାହା ଦେହସୁହା ହୋଇଯିବାରୁ ସବୁ କିଛି ଅବ୍ୟବସ୍ଥାରେ ଚାଲିଛି। ସରକାରଙ୍କ ସମୀକ୍ଷା ବି ବ୍ୟାଧିର କାରଣକୁ ବୁଝିପାରୁନି। ଏଣୁ ଖୋଜାପଡ଼ିଛି ସେହି ସଫଳ ବ୍ୟକ୍ତିତ୍ୱମାନଙ୍କୁ, ଯେଉଁମାନେ ବ୍ୟାଧିର କାରଣ ବୁଝିପାରି ଏହାର ନିରାକରଣ କରିପାରିବେ। ହେଲେ ସେଭଳି ବ୍ୟକ୍ତିତ୍ୱ ଅଭାବ ନ ଥିଲେ ବି ସେମାନଙ୍କୁ ଏହାର ନିରାକରଣର ସୁଯୋଗ ମିଳୁନି। ଏଣୁ ସରକାର ବିକାଶ ନାଁରେ କରୁଥିବା ଯୋଜନା ପରେ ଯୋଜନା ବାଟବଣା ହେଉଛି। ଜିଲାର ସଦର ମହକୁମାରେ ଆରଡିସି, ବିଭିନ୍ନ ବିଭାଗର ସଚିବ, ମନ୍ତ୍ରୀ, ବିଧାୟକ, ଏମ୍‌ପି, ବିଧାନସଭାର ବିଭିନ୍ନ କମିଟି ଓ ଜିଲାପାଳଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ବିଭିନ୍ନ ସମୀକ୍ଷା ବୈଠକର ସୁଫଳ ମିଳୁନି। ଅଧିକାରୀମାନଙ୍କୁ ମିଳୁଥିବା ପରାମର୍ଶ ଓ ତାଗିଦ୍ କାର୍ଯ୍ୟରେ ଲାଗୁନି। କାରଣ ବ୍ୟାଧିର ପ୍ରକୋପରୁ ବୈଠକ ଶେଷ ପରେ ଅଫିସରମାନେ ସବୁକିଛି ଭୁଲି ଯାଉଛନ୍ତି। ଅନେକ କ୍ଷେତ୍ରରେ ତାଗିଦ୍ ଓ ପରାମର୍ଶ ଦେଇଥିବା ବ୍ୟକ୍ତି ପରବର୍ତ୍ତୀ ସମୀକ୍ଷା ବୈଠକକୁ ଆସିବାକୁ ସୁଯୋଗ ପାଇନଥାନ୍ତି। ଯିଏବି ପାଇଥାନ୍ତି ତୁ ତ ମୂତୁରୀ ମୁଁ ତ ମୂତୁରୀ ନ୍ୟାୟରେ ପୁରୁଣା ବିଷୟକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଅଧିକାଂଶ କ୍ଷେତ୍ରରେ ଦେଖିବାକୁ ମିଳୁଛି ସମୀକ୍ଷା କରୁଥିବା ବ୍ୟକ୍ତି ଯୋଜନା କାର୍ଯ୍ୟକାରୀ ହେଉଥିବା ସ୍ଥାନକୁ ନଯାଇ ଜିଲା ସଦର ମହକୁମାରେ ବସି ସମୀକ୍ଷା କରିଥାନ୍ତି। ଏଣୁ କାର୍ଯ୍ୟଧାରାରେ ପରିବର୍ତ୍ତନ ଘଟେ ନାହିଁ। କେବଳ କାଗଜପତ୍ରରେ ସୀମିତ ରହିଯାଏ ସମୀକ୍ଷା ବୈଠକ। ଫଳସ୍ୱରୂପ ଜିଲାରେ ପ୍ରଚଳିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ଜଳ ବିଭାଜିକା କାର୍ଯ୍ୟକ୍ରମ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଜରିଆରେ ସ୍ୱାସ୍ଥ୍ୟସେବା, ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଜାତୀୟ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ, ଉଦ୍ୟାନ ମିଶନ ଜରିଆରେ ଫଳ ଓ ଫୁଲ ଚାଷ, କୃଷି ଋଣ ଯୋଜନା ଓ ସମନ୍ୱିତ ଶିଶୁ ବିକାଶ ଆଦି ଅନେକ ଯୋଜନା ଦିଗହରା ଏବଂ ପଥଭ୍ରଷ୍ଟ ହୋଇପଡିଛି। ସେହିପରି ମଧ୍ୟାହ୍ନଭୋଜନ ଯୋଜନା ଅଧିକାଂଶ ସ୍ଥାନରେ ଛାତ୍ରୀଛାତ୍ରମାନଙ୍କୁ ଆକୃଷ୍ଟ କରିପାରିନାହିଁ। କେଉଁଠି ଅଧିକ ପିଲା ଦେଖାଇ ତ କେଉଁଠି ଆଦୌ ରୋଷେଇ ନ ହୋଇ ମଧ୍ୟାହ୍ନଭୋଜନ ସାମଗ୍ରୀ ହରିଲୁଟ୍ ଚାଲିଛି। ପୁଣି କେଉଁଠି ପୋକରା ଡାଲି ଓ ଚାଉଳରେ ରୋଷେଇ କରି ଛାତ୍ରୀଛାତ୍ରଙ୍କୁ ଖାଇବାକୁ ଦିଆଯାଉଛି। ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଜରିଆରେ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ପରିପୂରକ ପୁଷ୍ଟିଭୋଜନ, ପ୍ରତିଷେଧକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ସେବା, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା ଦେବା ପାଇଁ ଅନୁରୂପ ବ୍ୟବସ୍ଥା ରହିଛି। ସରକାରଙ୍କର ଲକ୍ଷ୍ୟ ଯାହା ଥାଉନା କାହିଁକି, ଜିଲାରେ ଏହି ଯୋଜନା ନାନା ଅବ୍ୟବସ୍ଥା ମଧ୍ୟରେ ଗତିକରୁଛି। କେଉଁ ଅଙ୍ଗନୱାଡ଼ି କେନ୍ଦ୍ରକୁ ୪ରୁ ୫ ଜଣ ପିଲା ଆସୁଛନ୍ତି ତ ଆଉ କେଉଁଠି ପିଲା ଆସିଲେ ବି ପାଠପଢ଼ା ହେଉନାହିଁ। କେଉଁଠି ଖାଦ୍ୟସାମଗ୍ରୀ ଠିକ୍ ଭାବରେ ବଣ୍ଟନ ହେଉନି ତ କେଉଁଠି ଦିଆଯାଉନାହିଁ ରନ୍ଧାଖାଦ୍ୟ। କେତେକ ସ୍ଥାନରେ ଶିଶୁଙ୍କ ନାମ ଜାଲ ରେକର୍ଡ କରାଯାଇ ହଡପ ହେଉଛି ଖାଦ୍ୟ ଓ ଅନ୍ୟାନ୍ୟ ଉପକରଣ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜବକାର୍ଡଧାରୀମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବା ବଦଳରେ ସେମାନଙ୍କୁ ଦାଦନାଭିମୁଖୀ କରୁଛି। ଏହାର ସୁଫଳ ଜେସିବ୍, ଟ୍ରାକ୍ଟର ମାଲିକମାନେ ନେଉଛନ୍ତି। ଏଣୁ କାଗଜପତ୍ରରେ ଜବକାର୍ଡଧାରୀ ଉପକୃତ ହେଉଛନ୍ତି। ଆପତ୍ତି ଅଭିଯୋଗ କଲେ ମଧ ସୁଫଳ ମିଳୁନି। ଏପରି ଅନେକ ଯୋଜନା ଜିଲାରେ କାର୍ଯ୍ୟକାରୀ ନ ହୋଇ ପଡିରହିଛି। ଦେଖାଯାଉ ପ୍ରଶାସନ ଓ ସରକାର ଏହି ଅଜଣା ବ୍ୟାଧିର ନିରାକରଣ ପନ୍ଥା କେବେ ବାହାର କରୁଛନ୍ତି।

– ଲୋକନାଥ ମିଶ୍ର

# ଓଜେଇଇ ପରୀକ୍ଷାଫଳ ପ୍ରକାଶ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ବୁଧବାର ପ୍ରକାଶ ପାଇଛି। ବି. ଫାର୍ମରେ ସମୀର କୁମାର ପାଢ଼ୀ ଶ୍ରେଷ୍ଠ ହୋଇଥିବା ବେଳେ ଲାଟେରାଲ୍ ଏଣ୍ଟ୍ରି ଟୁ ବି. ଟେକ୍‌ରେ ଶାଶ୍ୱତୀ ମହାନ୍ତି, ଲାଟେରାଲ୍ ଏଣ୍ଟ୍ରି ଟୁ ଫାର୍ମାସୀରେ ଅମିତ୍ କୋଟାଲ୍, ଲାଟେରାଲ୍ ଏଣ୍ଟ୍ରି ଟୁ ବିଏସ୍‌ସିରେ ଭବାନୀ ଶଙ୍କର ବେହେରା ଓ ଲାଟେରାଲ୍ ଏଣ୍ଟ୍ରି ଟୁ ଏମ୍‌ସିଏରେ ସୁମନ୍ତ ପାତ୍ର ଶ୍ରେଷ୍ଠ ହୋଇଛନ୍ତି। ସେହିପରି ଇଣ୍ଟିଗ୍ରେଟେଡ୍ ଏମ୍‌ବିଏରେ ସ୍ୱୀକୃତି ମହାପାତ୍ର, ଏମ୍‌ବିଏ ପାଠ୍ୟକ୍ରମରେ ପ୍ରଦୀପ କୁମାର କାମ୍ପା, ଏମ୍‌ସିଏରେ ସ୍ମିତାରାଣୀ ଚୌଧୁରୀ, ଏମ୍. ଟେକ୍‌ରେ ପ୍ରଦୀପ କୁମାର ବାରିକ ଓ ଏମ୍. ଫାର୍ମରେ ଅତ୍ୟୁର୍‌ମିଳା ଚକ୍ରବର୍ତ୍ତୀ ଶ୍ରେଷ୍ଠ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ସ୍ନାତକ ପାଠ୍ୟକ୍ରମର ପ୍ରବେଶିକା ପରୀକ୍ଷା ପାଇଁ ମୋଟ ୨୯ହଜାର ୯୦୧ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ୨୫ହଜାର ୬୭୨ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୫ହଜାର ୬୬୬ଜଣଙ୍କୁ ର୍‍ୟାଙ୍କ ପ୍ରଦାନ କରାଯାଇଛି। ବି. ଫାର୍ମରେ ୮୬୬୮, ଲାଟେରାଲ୍ ଫାର୍ମରେ ୪୭୩, ଲାଟେରାଲ୍ ଟେକ୍ ଡିପ୍ଲୋମାରେ ୧୫୪୦୦, ଲାଟେରାଲ୍ ଟେକ୍(ବିଏସ୍‌ସି)ରେ ୨୨୮, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏରେ ୮୯୭ଜଣ ର୍‍ୟାଙ୍କ ପାଇଛନ୍ତି। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ କମ୍ପ୍ୟୁଟର ମାଧ୍ୟମରେ ଅନୁଷ୍ଠିତ ପୋଷ୍ଟଗ୍ରାଜୁଏଟ୍ ଏମ୍‌ବିଏ, ଏମ୍‌ସିଏ, ଲାଟେରାଲ୍ ଏଣ୍ଟ୍ରି ଟୁ ଏମ୍‌ସିଏ, ଏମ୍. ଟେକ୍, ଏମ୍. ଆର୍କ, ଏମ୍. ପ୍ଲାନ୍ ଓ ଏମ୍. ଫାର୍ମ କୋର୍ସରେ ମୋଟ ୪୭,୨୫୬ଜଣ ନାମ ରେଜିଷ୍ଟ୍ରେଶନ କରିଥିଲେ। ୩୯,୫୯୦ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୯,୫୭୬ଜଣଙ୍କୁ ର୍‍ୟାଙ୍କ ପ୍ରଦାନ କରାଯାଇଛି। ଏମ୍‌ବିଏରେ ୭୪୪୫, ଏମ୍‌ସିଏରେ ୨୨୯୧, ଲ୍ୟାଟେରାଲ୍ ଏଣ୍ଟ୍ରି ଟୁ ଏମ୍‌ସିଏରେ ୧୩୮୫, ଏମ୍. ଟେକ୍‌ରେ ୧୯୧୯, ଏମ୍. ଆର୍କରେ ୧୬, ଏମ୍. ପ୍ଲାନ୍‌ରେ ୪୪, ଏମ୍. ଫାର୍ମରେ ୮୧୦ଜଣ ର୍‍ୟାଙ୍କ ପାଇଛନ୍ତି। ସୂଚନାଯୋଗ୍ୟ, ଓଜେଇଇ ୨୦୧୯ ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ମେ ୧୮ରେ ଅଫ୍‌ଲାଇନ୍ ପରୀକ୍ଷା ହୋଇଥିବା ବେଳେ ଜୁନ୍ ୮ ଓ ୯ରେ ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥର ପ୍ରଥମ ଥର ପାଇଁ ପୋଷ୍ଟଗ୍ରାଜୁଏଟ୍ ପରୀକ୍ଷା କମ୍ପ୍ୟୁଟରଭିତ୍ତିକ ହୋଇଥିଲା। ପରୀକ୍ଷାର୍ଥୀମାନେ www.ojee.nic.in ୱେବ୍‌ସାଇଟ୍‌ରେ ନିଜ ନିଜର ରେଜଲ୍ଟ ଦେଖିପାରିବେ।

ଭୁବନେଶ୍ୱରସ୍ଥିତ ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ସମ୍ମିଳନୀ କକ୍ଷରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଓଜେଇଇ ୨୦୧୯ ପରୀକ୍ଷାଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ମନ୍ତ୍ରୀ ବିଭିନ୍ନ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ପରୀକ୍ଷାର୍ଥୀଙ୍କ ନାମ ଘୋଷଣା କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ, ଡିଟିଇଟି ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ମିଶ୍ର, ଓଜେଇଇ କମିଟି ଚେୟାରମ୍ୟାନ ସୁଦୀପ କୁମାର ଚାନ୍ଦ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁଦର୍ଶନ ପଣ୍ଡା, ଯୁଗ୍ମ ଶାସନ ସଚିବ ଅଜୟ କୁମାର ନାୟକ, ଓଜେଇଇ ସେକ୍ରେଟାରି ରଞ୍ଜନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

| ବିଷୟ | ଶ୍ରେଷ୍ଠ ପରୀକ୍ଷାର୍ଥୀଙ୍କ ନାମ |
|---|---|
| ବି. ଫାର୍ମ | ସମୀର କୁମାର ପାଢ଼ୀ |
| ଲାଟେରାଲ୍ ଏଣ୍ଟ୍ରି ଟୁ ବି. ଟେକ୍ | ଶାଶ୍ୱତୀ ମହାନ୍ତି |
| ଲାଟେରାଲ୍ ଏଣ୍ଟ୍ରି ଟୁ ଫାର୍ମାସୀ | ଅମିତ୍ କୋଟାଲ୍ |
| ଲାଟେରାଲ୍ ଏଣ୍ଟ୍ରି ଟୁ ବିଏସ୍‌ସି | ଭବାନୀ ଶଙ୍କର ବେହେରା |
| ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ | ସ୍ୱୀକୃତି ମହାପାତ୍ର |
| ଏମ୍‌ବିଏ | ପ୍ରଦୀପ କୁମାର କାମ୍ପା |
| ଏମ୍‌ସିଏ | ସ୍ମିତାରାଣୀ ଚୌଧୁରୀ |
| ଏମ୍. ଟେକ୍ | ପ୍ରଦୀପ କୁମାର ବାରିକ |
| ଏମ୍. ଫାର୍ମ | ଅତ୍ୟୁର୍‌ମିଳା ଚକ୍ରବର୍ତ୍ତୀ |
| ଲାଟେରାଲ୍ ଏଣ୍ଟ୍ରି ଟୁ ଏମ୍‌ସିଏ | ସୁମନ୍ତ ପାତ୍ର |

## ସ୍ୱୀକୃତି ଓଜେଇଇ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ଟପ୍ପର



ବଡବିଲ, ୧୯।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲର ଝିଅ ସ୍ୱୀକୃତି ମହାପାତ୍ର ଓଜେଇଇ ଇଣ୍ଟିଗ୍ରେଟେଡ ଏମ୍‌ବିଏରେ ର୍‍ୟାଙ୍କ ୱାନ୍‌ରେ ରହି ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଆସୁଛି। ସ୍ୱୀକୃତିଙ୍କ ବାପା ସୁବାସ ଚନ୍ଦ୍ର ମହାପାତ୍ର ଠାକୁରାଣୀସ୍ଥିତ ଓଏମ୍‌ଡି କମ୍ପାନୀର ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି ଓ ମା' ଜଣେ ଗୃହିଣୀ। ବଡବିଲ ସେଣ୍ଟ ମେରିଜ୍ ସ୍କୁଲରେ ମାଟ୍ରିକରେ କୃତିତ୍ୱ ଅର୍ଜନ କରିବା ପରେ ଜିନ୍ଦଲ ସ୍କୁଲରେ +୨ ବିଜ୍ଞାନରେ ୭୯ % ନମ୍ବର ରଖି ପାସ କରିଥିଲେ ସ୍ୱୀକୃତି । ବାପା ଓ ମା'ଙ୍କ କଥାରେ ଅନୁପ୍ରାଣିତ ହୋଇ ଓଜେଇଇ ଇଣ୍ଟିଗ୍ରେଟେଡ ଏମ୍‌ବିଏ ଏଣ୍ଟ୍ରାନ୍ସ ଦେଇଥିଲେ ବୋଲି କହିଛନ୍ତି ସେ। ବାପା, ମା', ଗୁରୁଜନ ଓ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସେ ଏହି ସୌଭାଗ୍ୟ ଅର୍ଜନ କରିଛନ୍ତି। ଆଗାମୀ ଦିନରେ ସେ ସିଭିଲ ସର୍ଭିସେସ ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ଜଳଖିଆ ଦୋକାନୀଙ୍କ ପୁଅ ଓଜେଇଇ ଟପ୍ପର



କେନ୍ଦୁଝର/ଢେଙ୍କିକୋଟ, ୧୯।୬(ଡି.ଏନ୍.ଏ.)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଲାଟେରାଲ ଏଣ୍ଟ୍ରି ବି.ଟେକ୍‌ରେ କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ଗ୍ରାମର ଭବାନୀ ଶଙ୍କର ବେହେରା ଟପ୍ପର ହୋଇଛନ୍ତି। ବୁଧବାର ଓଜେଇଇ ଫଳ ପ୍ରକାଶ ପାଇବା ପରେ ଭବାନୀଶଙ୍କରଙ୍କ ଏହି ସଫଳତା କେବଳ ଘଟଗାଁ ବ୍ଲକ ନୁହେଁ, ସମଗ୍ର କେନ୍ଦୁଝର ଜିଲା ପାଇଁ ଗୌରବ ଆଣି ଦେଇଛି। ଭବାନୀ ଶଙ୍କରଙ୍କ ବାପା ଗୁରୁଚରଣ ବେହେରା ପିପିଳିଆ ଛକରେ ଏକ ଛୋଟ ଜଳଖିଆ ଦୋକାନ କରିଛନ୍ତି। ମା' ଅତସୀ ଜଣେ ସାଧାରଣ ଗୃହିଣୀ। ପୁଅର ଏହି ସଫଳତାରେ ଗୁରୁଚରଣ ଓ ଅତସୀଙ୍କ ଖୁସି କହିଲେ ନ ସରେ । ଭବାନୀ ଶଙ୍କର ପିପିଳିଆ ଲକ୍ଷ୍ମୀନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟରେ +୨ ପରେ ଲକ୍ଷ୍ମୀନାରାୟଣ ଡିଗ୍ରୀ ମହାବିଦ୍ୟାଳୟରେ +୩ ପାସ୍ କରିଥିଲେ। ଏହା ପରେ ସେ ବାପାଙ୍କୁ ଜଳଖିଆ ଦୋକାନରେ ସାହାଯ୍ୟ କରିବା ସହିତ ଓଜେଇଇ ପାଇଁ ପ୍ରସ୍ତୁତି ଚଳାଇଥିଲେ। ମାଟ୍ରିକ୍ ପାସ ପରେ ସେ ଜଣେ ଇଞ୍ଜିନିୟର ହେବାକୁ ଆଶା ରଖିଥିଲେ। ଓଜେଇଇ ଟପ୍ପର ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଗୋଟିଏ ଚରିତ୍ର ପସନ୍ଦ ନୁହେଁ



ନୂଆଦିଲ୍ଲୀ

ଲୋକପ୍ରିୟ ଟେଲିଭିଜନ ଶୋ' 'ଜିତ୍', ଗନ୍ସ ଆଣ୍ଡ ରୋଜେସ୍'ରେ ଅଭିନୟ କରିଥିବା ଅଭିନେତ୍ରୀ ନୀରୁ ବାଜୱା ଗୋଟିଏ ଚରିତ୍ରରେ ଅଭିନୟ କରିବା ମୋର ପସନ୍ଦ ନୁହେଁ ବୋଲି କହିଛନ୍ତି। ଏଥିଲାଗି ମୁଁ ଟିଭି ଛାଡ଼ିଲି ବୋଲି ସେ ପ୍ରକାଶ କରିଛନ୍ତି। ଟିଭି କାର୍ଯ୍ୟକ୍ରମରେ ମୋତେ ପ୍ରଚୁର ଅର୍ଥ ମିଳୁଥିଲା ସତ, ହେଲେ ମୋତେ ଭଲ ଚରିତ୍ର ମିଳୁ ନ ଥିଲା। ବାରମ୍ବାର ଗୋଟିଏ ଚରିତ୍ର ମୋତେ ଦିଆଯିବା ବିବେକକୁ ବାଧୁଥିଲା। ଟିଭି ମୋତେ ପରିଚୟ ଦେଇଛି, ଏକଥା ଠିକ୍। ଏଥିଲାଗି ଫିଲ୍ମରେ ମୁଁ ଡେବ୍ୟୁ କରିବାରେ ସଫଳ ହୋଇଛି। ଏବେ ମୁଁ ଅଧିକରୁ ଅଧିକ ଫିଲ୍ମରେ ଅଭିନୟ କରିବାକୁ ଚାହୁଁଛି ବୋଲି ନୀରୁ ପ୍ରକାଶ କରିଛନ୍ତି।

ପଞ୍ଜାବୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜର ଦବ୍‌ଦବା ଜାରି ରଖିଥିବା ଏହି ୩୮ ବର୍ଷୀୟା ନୀରୁ ବଲିଉଡ୍‌ରେ ଅଭିନୟ କରିବାକୁ ମନା କରିନାହାନ୍ତି। କିନ୍ତୁ ତାଙ୍କ ପସନ୍ଦର ଚରିତ୍ର, ସ୍କ୍ରିପ୍ଟ ହେବା ଜରୁରୀ ବୋଲି କହିଛନ୍ତି। ଭଲ ଫିଲ୍ମ ପାଇଲେ, କେବେ ମନା କରିବିନି ବୋଲି ସେ ପ୍ରକାଶ କରିଛନ୍ତି। ଦୁଇ ଦଶନ୍ଧି ଧରି ମୁଁ ଫିଲ୍ମ ଇଣ୍ଡଷ୍ଟ୍ରି ସହିତ ରହି ବହୁ ଶିକ୍ଷାଲାଭ କରିଛି। ମୋତେ ଦେଖିବାକୁ ଦର୍ଶକ ଚାହାନ୍ତି, ହେଲେ ପଞ୍ଜାବୀ ଫିଲ୍ମ ଭଳି ମୋତେ ବଲିଉଡ୍‌ରେ ଭଲ ଚରିତ୍ର ଓ ସ୍କ୍ରିପ୍ଟ ମିଳିବା ଦରକାର ବୋଲି ସେ କହିଛନ୍ତି। ଏବେ ନୀରୁ ଅଭିନୀତ ତଥା ଜଗଦୀପ ସିଧୁ ନିର୍ଦ୍ଦେଶିତ ଫିଲ୍ମ 'ସାଦା' ଲୋକଙ୍କ ମନକୁ ଛୁଇଁଛି। ଏଭଳି ଭଲ ଚରିତ୍ର ମିଳିଲେ ମୋର ଅଭିନୟ କରିବାରେ କୌଣସି ଅସୁବିଧା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।


**F.M.AUTONOMOUS COLLEGE, BALASORE**

**WALK-IN-INTERVIEW**

No......... Date..........

A walk-in interview for the engagement of guest faculties on temporary basis for a maximum of one academic session (9 months) will be conducted at 11.00 A.M on 26 & 27 June 2019 in the subjects of Anthropology, Botany, BBA (SFC), Computer Science, Chemistry, English, Education, Economics, Environment Science, Geology, Geography, Hindi, History, Mathematics, Odia, Physics, Psychology, Philosophy, Political Science, Sociology, Statistics, Sanskrit, Urdu & Zoology. For details visit College Website www.fmcollege.nic.in

Sd./-
Principal







# ନାବାଳିକାଙ୍କୁ ଗଣବଳାତ୍କାର

ବରପାଲି, ୧୯।୬ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗରେ ବରଗଡ଼ ଜିଲା ବରପାଲି ପୋଲିସ ମଙ୍ଗଳବାର ୭ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିକାଶ ରାଉତ(୧୮), ଅଭିଷେକ ପାଣ୍ଡୱନ୍ତ(୧୮), ବବ୍‌ଲୁ ନିହାଲ(୨୦), ରାଜ ବାଗ(୧୮), ଦିନେଶ ବେହେରା(୨୨), ଶୁକ୍ରୁ ପ୍ରଧାନ(୨୦) ଏବଂ ଅନ୍ୟ ଜଣେ ନାବାଳକ । ଏମାନଙ୍କ ଘର ବରପାଲି ରେଳଷ୍ଟେଶନ ଝୁପୁଡିପଡା ଅଞ୍ଚଳରେ । ଏ ନେଇ ବରପାଲି ଥାନାରେ ଦଫା ୩୪୧, ୩୨୩, ୩୪୨, ୩୯୫, ୨୯୪, ୩୫୪, ୩୬୩, ୩୭୬, ୫୦୬ ଆଇପିସିରେ ଏକ ମାମଲା (ନଂ. ୧୪୫/୧୯) ରୁଜୁ ହୋଇଛି । ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୪ଜଣ ଫେରାର ଅଛନ୍ତି । ପୋଲିସ ବୁଧବାର ପୀଡିତା ନାବାଳିକାଙ୍କୁ ଡାକ୍ତରୀ ମାଇନା କରାଇଛି । ସୂଚନା ଅନୁସାରେ, ସୋମବାର ରାତିରେ ଉକ୍ତ ନାବାଳିକା ନିଜ ଭିଣୋଇଙ୍କ ସହିତ ବରପାଲିରେ ପଡିଥିବା ମୀନା ବଜାରକୁ ଆସିଥିଲେ । ସେଠାରେ ଏକୁଟିଆ ଦେଖି ଅଭିଯୁକ୍ତମାନେ ଉକ୍ତ ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନକୁ ଟେକି ନେଇ ଗଣବଳାତ୍କାର କରିଥିଲେ। ନାବାଳିକା ଜଣକ ଏ ନେଇ ବରପାଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା । ସମସ୍ତ ଅଭିଯୁକ୍ତଙ୍କୁ ବରଗଡ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବ ବୋଲି ବରପାଲି ପୋଲିସ କହିଛି।


# ମନେ ପଡ଼ନ୍ତି

**୨୦ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦେବ ଦାଶ**

୨୦୨୫ ମହତାବ ରୋଡ,
ପୁରୁଣା ଭୁବନେଶ୍ୱର-୨
ଆବିର୍ଭାବ: ୦୫।୦୯।୧୯୭୦
ତିରୋଧାନ: ୦୨।୦୭।୧୯୯୯

୨୦ ତମ ଶ୍ରାଦ୍ଧବାର୍ଷିକ ଦିବସ ଅବସରରେ ତୁମର ଅମ୍ଳାନ ଆତ୍ମା ବିଭୁପାଦତଳେ ଚିର ଶାନ୍ତି ଲାଭ କରୁ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ଲିଙ୍ଗରାଜଙ୍କ ନିକଟରେ ବିନୀତ ପ୍ରାର୍ଥନା।

**ଶୋକସନ୍ତପ୍ତ:**
ହତଭାଗା ଭାଇ, ଭାଇବୋହୂ, ମା', ଆତ୍ମୀୟ ସ୍ୱଜନ, ପରିବାର ଓ ବନ୍ଧୁବର୍ଗ।

ଧ-୧୩୦୩୮

**ଏକାଦଶାହ ଉପଲକ୍ଷେ**



**୰ ଦିବଂଗତ ଅବସରପ୍ରାପ୍ତ ଇଞ୍ଜିନିୟର ନବକିଶୋର ସାହୁ**

ମାଂସଢ଼ା (ବାଲିସାହି),ବିଞ୍ଝାରପୁର, ଯାଜପୁର
ଆବିର୍ଭାବ: 28.03.1933
ତିରୋଧାନ: 10.06.2019

ଯାହା ହାତଧରି ଚଲିବା ଶିଖିଲୁ ସେ ଯେ ଦିନେ ପଞ୍ଚ ମହାଭୂତରେ ଲୀନ ହୋଇଯିବେ, ଏହା ସତ୍ୟ ଜାଣି ସୁଦ୍ଧା ବିଶ୍ୱାସ କରି ନ ଥିଲୁ। ହଠାତ୍ ତୁମ ଅନୁପସ୍ଥିତିକୁ ଆମେମାନେ ସହ୍ୟ କରିପାରୁନୁ। ତୁମ ଆଶୀର୍ବାଦର ଶକ୍ତିରେ ହିଁ ଆମେ ଅବଶିଷ୍ଟ ଜୀବନ କାଟିବୁ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ କୋଟି କୋଟି ପ୍ରଣାମ।

~: ଶୋକସନ୍ତପ୍ତ :~
ସ୍ତ୍ରୀ, ପୁଅଝିଅ-ବାବୁଲି, ବେବି, ଲିଲି, ଝୁନୁ, ବୁଲୁ, ବୋହୂ, ନାତିନାତୁଣୀ, ବନ୍ଧୁ ଏବଂ ପରିବାରବର୍ଗ।

ଧ-୧୩୦୪୨

**୧୨ତମ ଶ୍ରାଦ୍ଧବାର୍ଷିକ**



**୰ ବିମଳ ପ୍ରସାଦ ପଟ୍ଟନାୟକ**

ଆବିର୍ଭାବ : ୦୨.୦୬.୧୯୩୫
ତିରୋଧାନ : ୦୩.୦୭.୨୦୦୭
ଗ୍ରାମ- ଯାଆଁଳା, ଭୁବନେଶ୍ୱର

ସମୟ ସ୍ରୋତରେ ବାରବର୍ଷ ବିତିଗଲାଣି । ଆପଣଙ୍କର ବିୟୋଗ ଆମ ପାଇଁ ଅପୂରଣୀୟ କ୍ଷତି । ଆପଣଙ୍କର ସ୍ନେହ, ମମତା, ସାଧୁତା, କର୍ତ୍ତବ୍ୟନିଷ୍ଠା ଏବଂ ଆଧ୍ୟାତ୍ମିକ ଆଦର୍ଶର ଆଶୀର୍ବାଦ ଭିକ୍ଷା କରୁଛୁ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

*ଶୋକସନ୍ତପ୍ତ :* ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ ।

ଧ-୧୩୦୩୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଘ୍ଳେଶ୍ୱର ସାହୁ**

ନି. କାନୁଟ,ବଲାଙ୍ଗୀର
ଆବିର୍ଭାବ: ୦୨।୦୯।୧୯୩୯
ତିରୋଧାନ: ୦୧।୦୭।୨୦୧୮
(ତିଥି: ଆଷାଢ଼ କୃଷ୍ଣ ତୃତୀୟା)

ତୁମର ଶରଧା ରହିଗଲା ଅଧା
ଛାଡ଼ି ଚାଲିଗଲ ବୋଲି
ପୁଅ, ବୋହୂ, ନାତି, ନାତୁଣୀ ଓ ପତ୍ନୀ
ଝୁରୁଛନ୍ତି ସଦା ଭାଳି
ସାହୁ ପରିବାର କରୁ ନମସ୍କାର
ଘେନ ଥାଇ ସ୍ୱର୍ଗ ଧାମ
ଆଶିଷ ଦିଅହେ ପରିବାର ଚାହେଁ
ଜୟ ହେଉ ସର୍ବକାମ ।

**ଶୋକସନ୍ତପ୍ତ:**
ଜୁଲି, ମିଲି, ସ୍ନିଗ୍ଧା ତଥା ସାହୁପରିବାର।

ଧ-୧୩୦୪୧

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

# ବେଲୁନ ଦ୍ୱାରା ପ୍ରଦୂଷଣ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ମୋର ପ୍ରକୃତି ସହ ସମ୍ପର୍କ ଏପରି ନିବିଡ଼ ଯେ, କୌଣସି ଜିନିଷ ଦ୍ୱାରା ପୃଥିବୀର ବା ପ୍ରକୃତିର କ୍ଷତି ହେବାର ଥିଲେ ମୁଁ ତାହା ଯଥାର୍ଥରୂପେ ଅନୁଭବ କରିପାରେ। ଗୁଡ଼ି (କାଇଟ୍) ଓ ପ୍ଲାଷ୍ଟିକ୍ ଷ୍ଟ୍ର (ସରୁ ନଳୀ)କୁ ମୁଁ ସବୁବେଳେ ଘୃଣା କରିଆସିଛି, ଏପରି କି ଏହାଦ୍ୱାରା ଲକ୍ଷ ଲକ୍ଷ ପ୍ରାଣୀଙ୍କ ଜୀବନହାନି ଘଟୁଛି ବୋଲି ଜାଣିବା ପୂର୍ବରୁ। ବେଲୁନକୁ ମଧ୍ୟ ମୁଁ ଭଲ ପାଏ ନାହିଁ। ମୋ ପରିବାର ଲୋକେ ଜାଣିଛନ୍ତି ଯେ ମୁଁ ବେଲୁନକୁ ହାତରେ ଆଦୌ ଛୁଏଁ ନାହିଁ ଏବଂ ଯେଉଁ ସଭା ବା ଉତ୍ସବସ୍ଥଳ ବେଲୁନରେ ସଜା ହୋଇଥାଏ, ମୁଁ ସେଠାକୁ ଯାଏ ନାହିଁ। ଯେଉଁ ଲୋକମାନେ ର୍ୟାଲିମାନଙ୍କରେ ପାରା ଓ ବେଲୁନକୁ ଏକା ସାଙ୍ଗରେ ଉଡ଼ାନ୍ତି, ମୁଁ ସେମାନଙ୍କୁ ଘୃଣା କରେ କାରଣ ସେହି ବେଲୁନଗୁଡ଼ିକ ଦ୍ୱାରା ପାରାମାନେ ମରିଯିବେ। ତେବେ ସୌଭାଗ୍ୟର କଥା ଉତ୍ସବମାନଙ୍କରେ ପକ୍ଷୀମାନଙ୍କୁ ମୁକ୍ତ କରି ଆକାଶକୁ ଉଡ଼ାଇଦେବା ଲାଗି ଆଗରୁ ଯେପରି ପ୍ରବଳ ଆଗ୍ରହ ଦେଖାଯାଉଥିଲା, ଏବେ ତାହା ଆଉ ଦେଖିବାକୁ ମିଳୁନାହିଁ। କିନ୍ତୁ ଏବେ ବେଲୁନ ଉଡ଼ାଇବା ବି ବନ୍ଦ କରିବା ଦରକାର।

ସାମୁଦ୍ରିକ ପକ୍ଷୀମାନଙ୍କ ପାଇଁ ସବୁଠାରୁ ମାରାତ୍ମକ ସାମୁଦ୍ରିକ ଆବର୍ଜନା ହେଉଛି ବେଲୁନ। ସମୁଦ୍ରକୂଳରେ କରାଯାଇଥିବା ଏକ ଛୋଟିଆ ସର୍ଭେରେ ୧୭୦୦ ମୃତ ସାମୁଦ୍ରିକ ପକ୍ଷୀଙ୍କୁ ଗୋଟାଯାଇଥିଲା। ସେଥିମଧ୍ୟରୁ ୫୦୦ରୁ ଅଧିକ ପ୍ଲାଷ୍ଟିକ୍ ଖାଇ ମରିଥିଲେ ଏବଂ ପ୍ରତି ୧୦ଟିରୁ ୪ଟି ପକ୍ଷୀର ମୃତ୍ୟୁ ବେଲୁନ ଯୋଗୁ ହୋଇଥିଲା। ସାମୁଦ୍ରିକ ପକ୍ଷୀମାନେ ବାରମ୍ବାର ଭାସମାନ ଆବର୍ଜନା ଖାଆନ୍ତି କାରଣ ଏହା ତାଙ୍କୁ ଖାଦ୍ୟ ପରି ଦେଖାଯାଏ। ଯେତେବେଳେ ସେମାନେ ଲାଟେକ୍ସ ବା ମିଲାରର କ୍ଷୁଦ୍ର ଅଂଶକୁ ଖାଦ୍ୟ ଭାବି ଖାଇ ଦିଅନ୍ତି, ତାହା ଖାଦ୍ୟନଳୀରେ ଅଟକିରହେ। ତା'ପରେ ସେମାନେ ଆଉ କିଛି ଖାଦ୍ୟ ଖାଇପାରନ୍ତି ନାହିଁ ଏବଂ ଭୋକ ଓ ଯନ୍ତ୍ରଣାରେ ମୃତ୍ୟୁବରଣ କରନ୍ତି। ପକ୍ଷୀ, କଇଁଛ ଓ ଅନ୍ୟ ସାମୁଦ୍ରିକ ପ୍ରାଣୀ ଭାସମାନ ବେଲୁନ ଟୁକୁଡ଼ାକୁ ଭୁଲ୍‌ରେ ଖାଦ୍ୟ ବୋଲି ଭାବନ୍ତି। ତା'ଛଡ଼ା ବେଲୁନ ଉଡ଼ାଇବା ବେଳେ ତା'ର ସୂତାରେ କୌଣସି ପ୍ରାଣୀର ବେକ ବା ଅନ୍ୟ ଅଙ୍ଗ ଘଷିହୋଇ ବା ଗୁଡ଼ାଇହୋଇ ମୃତ୍ୟୁର କାରଣ ହୁଏ। ବେଲୁନ ବହୁ ଉଚ୍ଚରେ ଉଡ଼େ ଓ ସେଠାରେ ତାହା ଫାଟିଯାଏ। ଫାଟିଗଲା ପରେ ତା'ର ଟିକି ଟିକି ଅଂଶ ଜେଲିଫିଶ୍ ପରି ଦେଖାଯାଏ ଏବଂ ନାନା ଭାବରେ ତାହା ଭାସିଯାଇ ସମୁଦ୍ରରେ ପଡ଼େ। ଡଲ୍‌ଫିନ୍, ତିମି ଓ ସାମୁଦ୍ରିକ କଇଁଛ ପ୍ରଭୃତି ତାକୁ ଜେଲିଫିଶ୍ ମନେକରି ଖାଇଦିଅନ୍ତି।

ଗୋଟିଏ ସାମୁଦ୍ରିକ ପକ୍ଷୀ କଠିନ ପ୍ଲାଷ୍ଟିକ୍ ଖଣ୍ଡଟିଏ ଖାଇଲେ ତା'ର ମୃତ୍ୟୁ ସମ୍ଭାବନା ଯେତିକି, ବେଲୁନ ଟୁକୁଡ଼ା ଖାଇଲେ ସେହି ସମ୍ଭାବନା ତା'ର ୩୨ଗୁଣ ଅଧିକ ବୋଲି ଗବେଷକମାନେ କହିଛନ୍ତି। ସାଇଣ୍ଟିଫିକ୍ ରିପୋର୍ଟ୍‌ସ ପତ୍ରିକାରେ ଏହି ରିପୋର୍ଟ ପ୍ରକାଶ ପାଇଛି। ସ୍କୁଇଡ୍ ପରି ଦେଖାଯାଉଥିବାରୁ ପକ୍ଷୀମାନେ ବେଲୁନ ଟୁକୁଡ଼ାଗୁଡ଼ିକୁ ଖାଆନ୍ତି, ଯାହା ତାଙ୍କ ଖାଦ୍ୟନଳୀକୁ ଜାମ୍ କରି ମୃତ୍ୟୁର କାରଣ ହୁଏ। ସାମୁଦ୍ରିକ କଇଁଛମାନେ ଉଭୟ ସ୍ଥଳଭାଗରେ ଓ ଜଳଭାଗରେ ଏହାକୁ ଜେଲିଫିଶ୍ ମନେକରି ଖାଆନ୍ତି। ସମୁଦ୍ରକୂଳରେ ମରିପଡ଼ିଥିବା କଇଁଛଙ୍କ ପେଟରୁ ବହୁ ଲାଟେକ୍ସ ବେଲୁନ୍ ଟୁକୁଡ଼ା ବାହାରିବାର ଦେଖାଯାଇଛି। ଏହାଦ୍ୱାରା ସେମାନଙ୍କ କ୍ଷୁଦ୍ରାନ୍ତ୍ର ଓ ପାକସ୍ଥଳୀ ଜାମ୍ ହୋଇ ମୃତ୍ୟୁର କାରଣ ହୁଏ। ୨୦୧୮ ଜୁଲାଇ ମାସରେ ଅଳ୍ପ କେତୋଟି ବୋଟ୍ ସମୁଦ୍ରରୁ ବେଲୁନ ସଂଗ୍ରହ କରିବାରେ ଲାଗିଥିଲେ ଏବଂ ଗୋଟିଏ ଦିନରେ ସେମାନେ ୬୦୦ରୁ ଅଧିକ ବେଲୁନ ସଂଗ୍ରହ କରିଥିଲେ। ସି ଟର୍ଟଲ ଫାଉଣ୍ଡେଶନର ଆକଳନ ଅନୁସାରେ ପ୍ଲାଷ୍ଟିକ୍ ଓ ବେଲୁନ ଯୋଗୁ ବର୍ଷକୁ ୧ ଲକ୍ଷ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀ ଓ କଇଁଛ ଏବଂ ୨ ନିୟୁତ ସାମୁଦ୍ରିକ ପକ୍ଷୀ ମୃତ୍ୟୁବରଣ କରନ୍ତି। ସାମୁଦ୍ରିକ ପ୍ରାଣୀଙ୍କ ପାଇଁ ବେଲୁନ ଟୁକୁଡ଼ା ତୃତୀୟ ବୃହତ୍ତମ କ୍ଷତିକାରକ ପଦାର୍ଥ ବୋଲି ୨୦୧୬ରେ କମନୱେଲ୍‌ଥ ସାଇଣ୍ଟିଫିକ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଅର୍ଗାନାଇଜେଶନ ପ୍ରକାଶ କରିଛି।

ବେଲୁନରେ ହିଲିୟମ୍ ଗ୍ୟାସ୍ ଭର୍ତ୍ତିକରି ଉଡ଼ାଇଲେ ତାହା ମହୁତ ଉଚ୍ଚରେ ଉଡ଼େ। ହିଲିୟମ୍ ଏକ ଦୁର୍ଲଭ ଗ୍ୟାସ୍ ଓ ଏହାକୁ ବେଲୁନରେ ଭର୍ତ୍ତିକରି ଉଡ଼ାଇବା ମାଧ୍ୟମରେ ନଷ୍ଟ କରିବାକୁ ଏକ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରିବା ଉଚିତ ଏବଂ ଏହା କରୁଥିବା ଲୋକମାନଙ୍କୁ ଆଜୀବନ କରାଦଣ୍ଡରେ ଦଣ୍ଡିତ କରାଯିବା ଆବଶ୍ୟକ। ଶିଳ୍ପକ୍ଷେତ୍ରରେ ହିଲିୟମ୍ ଗ୍ୟାସ୍‌ର ଅନେକ ଉପଯୋଗିତା ରହିଛି ଏବଂ ଏହାର କୌଣସି ବିକଳ୍ପ ନାହିଁ। ତେଣୁ ଏହାକୁ ନଷ୍ଟ କରିବା ଆଦୌ ଉଚିତ ନୁହେଁ। ବେଲୁନ ଏକ ମାରାତ୍ମକ ପ୍ରଦୂଷକ କାରଣ ଏହା ଜୈବବିଘଟନଶୀଳ ନୁହେଁ। ପରିବେଶବିତ୍ ଓ ପ୍ରକୃତି ସଂରକ୍ଷଣବାଦୀମାନେ ବେଲୁନର ବ୍ୟବହାରକୁ ସାରା ପୃଥିବୀରେ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ଦାବି କରିଆସୁଛନ୍ତି। ଯେଉଁମାନେ କହୁଛନ୍ତି ଯେ ଲାଟେକ୍ସ ଜୈବବିଘଟନଶୀଳ, ସେମାନେ ଠିକ୍ କହୁନାହାନ୍ତି, କାରଣ ଏଥିରେ ଅଛି ରାସାୟନିକ, ପ୍ଲାଷ୍ଟିସାଇଜର ଓ କୃତ୍ରିମ ରଙ୍ଗ। ହୁଏତ ପରିଶେଷରେ ଏହା ବିଘଟିତ ହୋଇପାରେ, ଯେମିତି ପଥର କିନ୍ତୁ ତଥାପି ଏହାକୁ ଜୈବବିଘଟନଶୀଳ କୁହାଯାଇପାରିବ ନାହିଁ। ମରୁଭୂମିରେ ରହୁଥିବା ଲୋକମାନେ ଏପରି ହଜାର ହଜାର ଜିନିଷ ପାଇଛନ୍ତି, ଯାହା ୨୦ ବର୍ଷରୁ ଅଧିକ ପୁରୁଣା।

ବେଲୁନରେ ବନ୍ଧାଯାଉଥିବା ରିବନ ବା ଅନ୍ୟ ରଜ୍ଜୁ ଜୈବବିଘଟନଶୀଳ ହେଉ ବା ନ ହେଉ ତାହା ବର୍ଷ ବର୍ଷ ଧରି ମୃତ୍ତିକାରେ କ୍ଷୟ ନ ହୋଇ ପଡ଼ିରହେ। ଆଜିକାଲି ଜନ୍ମଦିନ ଉତ୍ସବ, ବାହାଘର, ଖେଳ ଉତ୍ସବ, ରାଜନୈତିକ ଦଳର ଉତ୍ସବ ଇତ୍ୟାଦିରେ ବହୁ ସଂଖ୍ୟାରେ ବେଲୁନ ବ୍ୟବହାର କରାଯାଉଛି, ଯାହା ପରିବେଶ ପ୍ରଦୂଷଣର କାରଣ ହେଉଛି। ତେଣୁ ଏହାକୁ ବେଆଇନ ଘୋଷଣା କରାଯିବାର ଆବଶ୍ୟକତା ରହିଛି। ଆମ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ। ଆପଣ ଯଦି ସଚେତନ ମାତାପିତା ହୋଇଥାନ୍ତି, ତେବେ ନିଜ ପିଲାଙ୍କ ଜନ୍ମଦିନ ଉତ୍ସବରେ ବେଲୁନର ବ୍ୟବହାର ବନ୍ଦ କରି ପ୍ରଦୂଷଣକୁ ରୋକିବାରେ ସାହାଯ୍ୟ କରନ୍ତୁ। ବେଲୁନ ଛଡ଼ା ଅନ୍ୟ ପରିବେଶ-ଅନୁକୂଳ ପଦାର୍ଥରେ ଜନ୍ମଦିନ ପାଳନ କରନ୍ତୁ। ଫୁଲ ହେଉଛି ଏହାର ସବୁଠାରୁ ଭଲ ବିକଳ୍ପ। ରଙ୍ଗିନ ଆଲୋକ, ରଙ୍ଗିନ ଷ୍ଟ୍ରିମର, ପତାକା ଓ ବ୍ୟାନର ଦ୍ୱାରା ଉତ୍ସବ ଆକର୍ଷଣୀୟ ହେବା ସହ ଟଙ୍କା ଓ ସମୟ ବଞ୍ଚିପାରିବ। ବିଭିନ୍ନ ରଙ୍ଗର ଟିସୁ ପେପର ପମ୍‌ପମ୍ ମଧ୍ୟ ଏକ ସୁନ୍ଦର ବିକଳ୍ପ। ଚାଇନିଜ୍ ପେପର ଲଣ୍ଠନ ଏକ ପରିବେଶ-ଅନୁକୂଳ ବିକଳ୍ପ ନୁହେଁ।

Email: gandhim@nic.in

# ଭକତ ନା ଭିକାରି



ଡ. କୁଳାଙ୍ଗାର

ଆମମାନଙ୍କଠାରେ ଭକ୍ତି ଓ ଭିକ୍ଷାଭାବ ଝୁନ୍ଦି ହୋଇଅଛି। ଦୁଇଟିର ସମନ୍ୱୟ କାଳେ ଆମ ଜୀବନରେ ସମୃଦ୍ଧି ଆଣିଥାଏ। ଭକତ ଠାକୁରଙ୍କୁ ନାନାପ୍ରକାର ମିନତି କରି ଭିକ ମାଗିବା ଆମର ପୁରାତନ ଭକ୍ତକବିମାନେ ନାନା ଢଙ୍ଗରେ ଲେଖିଛନ୍ତି। କିନ୍ତୁ ଆଜି ଆସନ୍ତୁ ସ୍ୱୟଂ ଠାକୁରଙ୍କ ପାଇଁ ଭିକାରି ପାଲଟି ଯାଉଥିବା ଭକତଙ୍କ ସମ୍ପର୍କରେ ଜାଣିବା!

କିଛିଦିନ ତଳେ ମୋ ସାଙ୍ଗର ଜଣେ ବିଦେଶୀ ସାଙ୍ଗ ତାଙ୍କ ଘରକୁ ଆସିଥିଲା। ମୋ କଥା ପଢୁ ପଢୁ ଆପଣ ମନେମନେ ପଚାରିବେଣି- ଉଁ... ତା'ର ପୁଣି ବିଦେଶୀ ସାଙ୍ଗ କୁଆଡୁ ଆସିଲେ? କୁଆଡୁ ଆଉ ଆସିବେ! ସାମାଜିକ ଗଣମାଧ୍ୟମ ମୁଖପୁସ୍ତକ (ଫେସବୁକ୍)ରେ ପରା ମାଳମାଳ ବିଦେଶୀ ବନ୍ଧୁ। ଅବଶ୍ୟ ସେଥିରୁ ଅଧିକାଂଶ ଠକ ଓ ନକଲି, ତେବେ କିଛି ବନ୍ଧୁ ଅସଲି। ସେଇ ଅସଲି ବନ୍ଧୁ ଗୋଟିଏ ତା' ପାଖକୁ ଆସିଥିଲା ଆଶା ନେଇ। ଆଶା କେମିତି ଧରାଧରି କରି ଲୁଚିକରି ପୁରୀରେ ଯାଇ ଦେଉଳରେ ପଶି ଜଗନ୍ନାଥଙ୍କୁ ଦର୍ଶନ କରିବ!

ଏଥିପାଇଁ ପ୍ରାରମ୍ଭିକ ଯୋଗାଯୋଗ ହେଉହେଉ ବାତ୍ୟା ଆସିଗଲା। ତାହା ପୁଣି ପୁରୀରେ ମାଡ଼ ହେବ ଶୁଣି ବିଦେଶୀ ବନ୍ଧୁଟି ଡରିଗଲା। ତା' ପର କଥା ତ ଆପଣ ଜାଣନ୍ତି। ବିନା ବିଜୁଳିରେ ସିଏ ଦି ଦିନ ରହିଗଲା ସିନା ସେ ଗୋରା ଚମଡାକୁ ହାତପଙ୍ଖା କାଟୁକଲା ନାଇଁ। ଅଗତ୍ୟା ସିଏ ବିଦେଶୀ ବନ୍ଧୁକୁ ଧରି ଅନ୍ୟ ସହରୀମାନଙ୍କ ପରି ଗାଆଁକୁ ବାହାରିଲା। କିଛିବାଟ ଯିବା ପରେ ଦଳେ ଲୋକ ଚିତାତିଳକ ହୋଇ ହାତରେ ପିତ୍ତଳ ଥାଳି ଧରି ଗାଡିଟାକୁ ଅଟକେଇଲେ। ବିଚରାଗୁଡାକ ବାତ୍ୟାବିପନ୍ନ ହୋଇଥାଇପାରନ୍ତି। କିନ୍ତୁ ଏ ଅଞ୍ଚଳରେ ତ ବାତ୍ୟାର ନାଁଗନ୍ଧ ନାହିଁ, ଲୋକଗୁଡାକ ମଧ୍ୟ ଉଜ୍ଜ୍ୱଳିଆ ଦେଖାଯାଉଛନ୍ତି। କାର୍ ସାମ୍ନାରେ ମାନବଶୃଙ୍ଖଳ ଗଢି ଲୋକଗୁଡିକ ଛିଡା ହୋଇଯାଆନ୍ତେ, ଅଗତ୍ୟା ସିଏ ଗାଡି ଅଟକାଇ ପଚାରିଲା- କ'ଣ ହେଲା?

ଟୋକାଟିଏ ଦାନ୍ତ ନେଫେଡି କହିଲା- ତ୍ରିନାଥ ଠାକୁରଙ୍କର ବାର୍ଷିକ ଉତ୍ସବ ହେବ! ସିଏ କହିଲା- ହେବ ତ ହେଉ, ମୋତେ ଅଟକାଉଛ କାହିଁକି? ଟୋକାଟି ପାଟିକୁ ଓସାରି କହିଲା- ଖୁସିରେ ଯାହା ଦେବେ! ସିଏ କହିଲା- ଖୁସି କେମିତି ହେବି, ମୁଁ ତ ଘରେ ବିଜୁଳି ନାହିଁ, ପାଣି ନାହିଁ ଓ ଖାଇବା ନାହିଁ ବୋଲି ଦୁଃଖରେ ଘରକୁ ପଳଉଛି। ଏହା କହି ସିଏ ଗାଡିର ଗତି ବଢ଼ାନ୍ତେ ଅନ୍ୟ ଜଣେ ସ୍ୱଳ୍ପଅକ୍ଷରୀ ଭାଷା ପ୍ରୟୋଗ କରି ତାଙ୍କ ଭିତରୁ ଜଣେ କହିଲା- ...ଟାକୁ ଛାଡି ଦିଅରେ ଦବନି..!!

ସିଏ ଆଗକୁ ବଢ଼ନ୍ତେ ଏ ସବୁକୁ ଜଳଜଳ କରି ଚାହୁଁଥିବା ବିଦେଶୀ ବନ୍ଧୁଟି ପଚାରିଲା- ସେ ଲୋକଗୁଡାକ ଭିକ ମାଗୁଥିଲେ, ତମେ ଦେଲନି କାହିଁକି? ସିଏ ହସି କରି କହିଲା- ସେମାନେ ଭିକାରି ନୁହନ୍ତି, ଭକତ! ଠାକୁରଙ୍କର ଆନୁଆଲ୍ ଡେ କରିବାକୁ ଭିକ୍ଷା ମାଗୁଥିଲେ।

କିଛିବାଟ ଯାଇଛନ୍ତି କି ନାହିଁ ଆଗ ଛକରେ ସମାନ ଢଙ୍ଗରେ ଆଉ ଦଳେ ଲୋକ ଅଟକେଇଲେ ଆଉ ପୁଣି ମାଗିଲେ! ସିଏ ସେଇ ସମାନ ଢଙ୍ଗରେ ନାସ୍ତି କରି ଆଗକୁ ବଢ଼ନ୍ତେ ବନ୍ଧୁ ପଚାରିଲା- ଏଠି ବି କ'ଣ ଗଡ୍‌ଙ୍କର ଆନୁଆଲ୍ ଡେ? ସିଏ କହିଲା- ନାଇଁ ଏଠି ଗଡ୍ ଓ ଗଡ୍ଡିଆଣୀଙ୍କର ବିବାହ ମାନେ ସାଦି! ସେଥିପାଇଁ ଭୋଜିଭାତ ହେବ! ପାଞ୍ଚହଜାର ଲୋକ ଖାଇବେ। ଠାକୁରଙ୍କୁ ଜିନିଷପତ୍ର ଦିଆଯିବ!! ବନ୍ଧୁ କହିଲା- ଓଃ ହୋ! ତମର ଏଠି ଠାକୁର ବି ଜାନିଯୌତୁକ ନିଅନ୍ତି?

ସିଏ ଲାଜରେ ଗାଡ଼ିର ଗତି ବଢ଼ାନ୍ତେ ଆଗରେ ଗୋଟେ ବଡ଼ ବାଉଁଶ ବାନ୍ଧି ଦିଆଯାଇଛି। ଅତଏବ ଗାଡି ନ ଅଟକେଇ ଗତି ନାଇଁ! ସିଏ ଗାଡି ଅଟକାନ୍ତେ ଭକତଟିଏ ଏକ ହଜାର ଏକଟଙ୍କା ଲେଖାଥିବା ରସିଦ୍ ବଢ଼େଇ ଦେଲା। ସିଏ ପଚାରିଲା- କ'ଣ? ଭିକାରି ଭକତ କହିଲା- ବିଶ୍ୱଶାନ୍ତି ମହାଯଜ୍ଞ ଓ ଡ୍ରାମା ହେବ! ସିଏ କହିଲା- ହେବ ତ ହେଉ ମୁଁ ପଇସା ଦେବି କାହିଁକି? ଭକତ କହିଲେ- ବିଶ୍ୱଶାନ୍ତି ହେଲେ ତମେ ବି ସେଥିରୁ ଫାଇଦା ପାଇବନି କି? ସିଏ ଭକତର କଥାରେ ପ୍ରଭାବିତ ହୋଇ ଶହେଟଙ୍କା ବଢ଼େଇ ଦେଲା। ବାଉଁଶ ଉଠିଲା। ଗାଡି ଆଗକୁ ବଢ଼ିଲା। ବନ୍ଧୁ ପଚାରିଲା- ଏଠି କ'ଣ କିଛି ଭଲକାମ ହେବ? ତେମେ ଟଙ୍କା ଦେଲ ଯେ?

ସିଏ ଇଂଲିଶରେ ବୁଝେଇଲା- ୱାର୍ଲଡ ପିସ୍ ଫେଷ୍ଟ ମାନେ ବିଶ୍ୱଶାନ୍ତି ମହାଯଜ୍ଞ ହେବ! ବନ୍ଧୁ ପଚାରିଲା- ୟେ ଠାକୁର ନା କୁଟନୀତିଜ୍ଞ? ଆଗକୁ ବହୁ ଛକରେ ଏମିତି ବହୁ ଭିକାରି ଭକତେ ଗାଡି ଅଟକାଇଲେ। ଦିଆ ନଦିଆ ହୋଇ ଶେଷରେ ଗାଆଁପାଖ ହେଲା। ବିଦେଶୀ ବନ୍ଧୁ ପଚାରିଲା- ତମର ଏଠି ଠାକୁରେ ଭକତଙ୍କ ଜରିଆରେ ଯାତ୍ରୀଙ୍କୁ ଏତେ ହଇରାଣ କରନ୍ତି?

ସିଏ କହିଲା- ଜମା ନୁହେଁ, ବରଂ ବାରମ୍ବାର ଏପରି ଗାଡି ଅଟକେଇବା ଦ୍ୱାରା ଏ ଭକ୍ତମାନେ ଆମର ବହୁତ ମଙ୍ଗଳ କରିଥାଆନ୍ତି! ନଚେତ୍ ରାସ୍ତା ଯଦି ସମ୍ପୂର୍ଣ୍ଣ ଫାଙ୍କା ଥାଆନ୍ତା ତେବେ ଆମେ ଅତି ଜୋର୍‌ରେ ଗାଡି ଚଳେଇ ଆଗକୁ ମାଡି ପଳାନ୍ତେ। ଧୀରେ ଧୀରେ ଗାଡିର ଗତି ବଢ଼ନ୍ତା। ଫଳରେ ନିୟନ୍ତ୍ରଣ ହରାଇ ନାନା ଦୁର୍ଘଟଣା ହୁଅନ୍ତା। ଏମିତିରେ କେତେ ଧନ ଜୀବନ ଅକ୍ଳେଶରେ ବଞ୍ଚି ଯାଉଛି ଦେଖ!

ତା' କଥା ଶୁଣି ବିଦେଶୀବନ୍ଧୁ କହିଲା ତା' ମାନେ ତମ ଠାକୁର ଏଠି ଟ୍ରାଫିକ୍ ନିୟନ୍ତ୍ରଣରେ ମଧ୍ୟ ଏକ ବଡ଼ ଭୂମିକା ଗ୍ରହଣ କରିଥାଆନ୍ତି।


ମାର୍ଫତ-ଗାନ୍ଧୀ ପଣ୍ଡା, କଳାଘର-ଲେମ୍ବୋ,
ଅଲରା, ନରସିଂହପୁର, କଟକ,
ମୋ- ୯୩୩୮୫୮୧୩୦୯


## ଏଇ ଭାରତରେ

କେତେଜଣ ବ୍ୟକ୍ତି ନିଜର ଉଦ୍ୟମ ଓ ଅଧ୍ୟବସାୟ ବଳରେ ନୂଆ ଉଦ୍‌ଭାବନ କରି ଅନ୍ୟମାନଙ୍କର ପ୍ରଶଂସାଭାଜନ ହେବା ସହିତ ଦେଶର ଓ ସମାଜର କଲ୍ୟାଣ ସାଧନ କରିଥାଆନ୍ତି। ବର୍ତ୍ତମାନ ଆମେ ଅନେକ ଯନ୍ତ୍ରପାତି ଉପରେ ନିର୍ଭର କରି ଅତି ସହଜରେ ଓ କମ୍ ସମୟ ମଧ୍ୟରେ କଷ୍ଟକର କାର୍ଯ୍ୟ କରିବାକୁ ସମର୍ଥ ହୋଇପାରୁଛୁ। ତେବେ ଏହା ପଛରେ ଥିବା କେତେଜଣ ବ୍ୟକ୍ତିଙ୍କ ଉଦ୍ଭାବନ ଆମକୁ ଆଧୁନିକ ଜୀବନ ଯାପନ ପାଇଁ ସହାୟକ ହୋଇପାରିଛି। ଆଉ ସେଭଳି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ମାଙ୍ଗାଲୁର୍‌ର ଗଣପତି ଭଟ୍ଟ। ନଡ଼ିଆ ଓ ଗୁଆ ଗଛରେ ଚଢି ଫଳ ତୋଳିବା ପାଇଁ ସେ ଏକ ଅଦ୍ଭୁତ ବାଇକ୍ ଉଦ୍‌ଭାବନ କରିଛନ୍ତି। ବାଇକ୍‌ଟି ୬୦-୮୦ କିଲୋମିଟର ବେଗରେ ଗତି କରିବ ବୋଲି ସେ ଦାବି କରିଛନ୍ତି। ଏହାସହ ଉକ୍ତ ବାଇକ୍‌ରେ ୮୦ କିଲୋଗ୍ରାମ୍ ଓଜନର ସାମଗ୍ରୀ ମଧ୍ୟ ବହନ କରାଯାଇପାରିବ। ଗୋଟିଏ ଲିଟର ପେଟ୍ରୋଲରେ ଏହା ୮୦ଟି ଗଛ ଚଢିପାରିବ। ଏଥିସହ ବର୍ଷାଦିନେ ଗଛରେ ଔଷଧ ସିଞ୍ଚନ କାର୍ଯ୍ୟରେ ଏହା ସହାୟକ ହୋଇପାରିବ ବୋଲି ଗଣପତି କହିଛନ୍ତି।

## ଚିରନ୍ତନୀ

ଚନ୍ଦନବୋଳି ଅଙ୍ଗେ ଆସ ହେ ବଇଶାଖେ
ଶରତ ପ୍ରଭାତରେ ନିରେଖି ମୋ ଗବାକ୍ଷେ
ଜପଇ ତବ ନାମ ହୃଦୟେ ଅବିରାମ
ପ୍ରଦୋଷ ପ୍ରଭାତରେ ଜପଇଁ ମୁଁ ଅନ୍ତରେ।
ତିଆଗି ଯିବି ସବୁ ତୁମରି ଲାଗି ସଖି
ତୁମରି ପଦେ ମୋର ଜୀବନ ପୂଜା ରଖି
ଜାଣେ ଗୋ ଜାଣେ ସହି ଆଦର ସଦା ବହି
ତୋଳିବ ଧୂଳିତଳୁଁ ପରମ ପ୍ରୀତି ବଳୁଁ।

(ଆଶ୍ୱାସନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 5 | D | E | | | 8 | 2 | |
| | | | | C | | 1 | | 7 | | 2 | | | | |
| | 9 | | D | | | | 4 | | | 1 | | 3 | | B |
| | | C | B | 2 | | 3 | | | | | | | | |
| 2 | | | E | 4 | | C | 6 | | | | 0 | 5 | | 1 |
| | | | 3 | | | | | 6 | D | | | | | |
| A | | | | | 9 | | 7 | | C | | | | | |
| | | 3 | 8 | | | | | 4 | 1 | | | | | A |
| 4 | 1 | 9 | | 5 | | | 0 | 8 | | | B | | | D |
| 6 | | | | | B | 2 | | 3 | A | | | 4 | E | |
| 7 | C | 5 | | | 4 | | 3 | | | | 8 | | A | |
| 3 | | E | | 8 | | | | | | | | | 9 | |
| | | B | | | | | | | 4 | 6 | | | | |
| 1 | | 4 | 6 | 0 | 2 | E | | A | | | 9 | | | C |
| | | 0 | 9 | | | | B | | 2 | A | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 5 | D | 2 | 1 | 6 | 4 | 8 | 3 | B | E | C | 9 | 0 | 7 |
| 4 | B | C | 7 | 3 | D | 0 | E | 2 | 5 | A | 9 | 8 | 6 | 1 |
| 7 | 3 | 0 | E | 8 | 9 | C | B | A | D | 6 | 1 | 5 | 4 | 2 |
| 8 | E | 1 | B | C | 5 | 6 | 9 | 7 | 4 | 0 | 2 | D | 3 | A |
| 9 | 2 | 6 | 4 | 0 | A | D | 5 | 1 | 7 | 3 | 8 | E | C | B |
| 0 | 9 | B | D | 2 | 1 | 7 | 3 | 5 | E | C | A | 6 | 8 | 4 |
| 6 | 7 | 5 | 8 | A | 3 | 9 | 1 | D | 2 | 4 | B | C | E | 0 |
| D | 4 | A | 6 | E | 7 | 8 | C | 0 | 1 | 9 | 5 | 2 | B | 3 |
| C | 1 | E | 0 | 5 | B | 2 | 4 | 6 | 8 | D | 3 | A | 7 | 9 |
| 2 | 8 | 3 | C | 9 | 4 | B | A | E | 0 | 7 | 6 | 1 | 5 | D |
| B | A | 8 | 1 | 4 | E | 5 | 7 | C | 3 | 2 | D | 0 | 9 | 6 |
| 3 | C | 4 | 5 | D | 2 | 1 | 6 | B | 9 | 8 | 0 | 7 | A | E |
| 5 | 0 | 2 | 9 | 6 | 8 | E | D | 4 | A | B | 7 | 3 | 1 | C |
| E | 6 | 9 | A | 7 | 0 | 3 | 2 | 8 | C | 1 | 4 | B | D | 5 |
| 1 | D | 7 | 3 | B | C | A | 0 | 9 | 6 | 5 | E | 4 | 2 | 8 |

ଗତକାଲିର ଉତ୍ତର

# କେତେ ସ୍ମାର୍ଟ ଭୁବନେଶ୍ୱର



ପ୍ରଦୀପ୍ତ ନାୟକ

୧୯୪୮ ମସିହାରେ ଭୁବନେଶ୍ୱର ସହର ସ୍ଥାପନା କରାଯାଇଥିଲା। ଇତିମଧ୍ୟରେ ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ ଅଥରିଟି ଓ ପୋଲିସ କମିଶନରେଟ ଗଠିତ ହୋଇ କାର୍ଯ୍ୟ କରୁଛନ୍ତି। ୧୯୧୮ ମସିହା ସୁଦ୍ଧା ଏହାର ଜନସଂଖ୍ୟା ୯ ଲକ୍ଷ ୨୯ ହଜାର ୭୧୭ରେ ପହଞ୍ଚିଛି। ଆଜି ପର୍ଯ୍ୟନ୍ତ ସହରବାସୀ ସମ୍ପୂର୍ଣ୍ଣ ସାକ୍ଷର ହୋଇନାହାନ୍ତି। ୨୦୧୧ ଜନଗଣନା ରିପୋର୍ଟରୁ ଜଣାପଡ଼ିଛି ଯେ, ପୁରୁଷ ୯୫.୬୯ ଭାଗ ଓ ମହିଳା ୯୦.୨୬ ଭାଗ ସାକ୍ଷର ହୋଇଛନ୍ତି, ଅବଶିଷ୍ଟ ନିରକ୍ଷର। ଉପରୋକ୍ତ ଜନସଂଖ୍ୟାର ୩୦ ଭାଗରୁ ଅଧିକ ପ୍ରାୟ ୩ ଲକ୍ଷ ଲୋକ ସହର ମଧ୍ୟରେ ବସ୍ତିରେ ଅସ୍ୱାସ୍ଥ୍ୟକର ପରିବେଶରେ ବାସ କରୁଛନ୍ତି। ସେମାନଙ୍କର ପକ୍କାଘର, ଡ୍ରେନ, ପିଇବା ପାଣି, ରାସ୍ତା, ଆଲୋକ ବ୍ୟବସ୍ଥା ହୋଇନାହିଁ। ଭୁବନେଶ୍ୱର ସହରବାସୀଙ୍କୁ ଉନ୍ନତମାନର ଜୀବନଶୈଳୀ ଯଥା: ପରିଷ୍କାର ଓ ସୁସ୍ଥ ପରିବେଶ, ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା, ବିଭିନ୍ନ ପ୍ରକାର ଉନ୍ନତ ସର୍ବସାଧାରଣ ଯାତାୟାତ ବ୍ୟବସ୍ଥା, ସ୍ୱାସ୍ଥ୍ୟପ୍ରଦ ଡ୍ରେନ ଓ ଆବର୍ଜନା ପରିଚାଳନା ଏବଂ ଆମୋଦ ପ୍ରମୋଦ ନିମନ୍ତେ ସର୍ବସାଧାରଣ ପାର୍କ ଓ ଫାଙ୍କା ସ୍ଥାନ ନିରୂପଣ, ୱାଇଫାଇ ଜରିଆରେ ମାଗଣା ଇଣ୍ଟରନେଟ ସେବା ଯୋଗାଇ ଦେବା ଇତ୍ୟାଦି ନିମନ୍ତେ ରାଜ୍ୟ ସରକାର ୨୦୧୬ ମସିହାରେ ସହରାଞ୍ଚଳ ବିକାଶ ଓ କୋଠାବାଡ଼ି ନିର୍ମାଣ ବିଭାଗର ଆଦେଶନାମା ସଂଖ୍ୟା ୪୭୪୧, ତାରିଖ ୨୨।୨।୨୦୧୬ ବଳରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କଲେ। ଏହି କମ୍ପାନୀର କାର୍ଯ୍ୟ ରହିଲା ଯୋଜନା ପ୍ରସ୍ତୁତ କରିବା, ବାସ୍ତବ ରୂପରେଖ ଦେବା, ବିଦେଶୀ ସହର ଯୋଜନା ପ୍ରଣାଳୀ ଆଣି କାର୍ଯ୍ୟକାରୀ କରିବା ଇତ୍ୟାଦି। ଏହି କମ୍ପାନୀକୁ ୨୫୦ କୋଟି ଟଙ୍କା ମୂଳ ଜମା ହିସାବରେ ଦିଆଯାଇ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ସହର ବିକାଶ ପାଇଁ ବିନିଯୋଗ କରିବା ପାଇଁ ଅନୁମତି ଦିଆଯାଇଥିଲା। ଇତିମଧ୍ୟରେ ୩ ବର୍ଷ ୪ ମାସ ଅତିବାହିତ ହୋଇସାରିଲାଣି। କେତେ ଟଙ୍କା ଖର୍ଚ୍ଚ କରି କେତେ ସ୍ମାର୍ଟ ଭୁବନେଶ୍ୱରବାସୀମାନଙ୍କୁ କରିଛନ୍ତି ତାହା ଉକ୍ତ କମ୍ପାନୀର ଅଧିକାରୀ ଓ ୫ମ ପାଳି ସରକାର ଆରମ୍ଭ କରିଥିବା ନେତା ଓ ବାବୁମାନଙ୍କୁ ଜଣା।

'ଜୁନିପର ରିସର୍ଚ୍ଚ' ନାମକ ଇଂଲଣ୍ଡର ଏକ ଗବେଷଣା ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ଭୁବନେଶ୍ୱର ପୃଥିବୀର ଉନ୍ନତ ବିତ୍ତଶାଳୀ ଦେଶଗୁଡ଼ିକର ପ୍ରମୁଖ ସହର ସ୍ମାର୍ଟ ସିଟି ତାଲିକାରେ ସଭ୍ୟଭୁକ୍ତ ହୋଇଛି। ଅନ୍ୟ ସହରଗୁଡ଼ିକ ସହିତ ସିଙ୍ଗାପୁର, ଲଣ୍ଡନ, ନ୍ୟୁୟର୍କ, ବାର୍ସିଲୋନା, ବର୍ଲିନ, ଶିକାଗୋ, ପୋର୍ଟଲାଣ୍ଡ, ଟୋକିଓ ପ୍ରଭୃତି ଏଥିରେ ରହିଛନ୍ତି। ବିଶ୍ୱ ସ୍ମାର୍ଟ ସିଟି ବିକାଶ ସୂଚକାଙ୍କ ୨୦୧୭ ମୁତାବକ ଭୁବନେଶ୍ୱରକୁ ଉପରୋକ୍ତ ୨୦ଟି ସହର ମଧ୍ୟରେ ସଭ୍ୟଭୁକ୍ତ କରାଯାଇଛି। ୨୦୧୮ରେ ଏହାକୁ ବିଶ୍ୱର ୫୦ ସହର ମଧ୍ୟରେ ସ୍ଥାନିତ କରାଯାଇଛି। ଆଉ ମଧ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ଶାସନ ପ୍ରଣାଳୀ, ନଗରବାସୀଙ୍କ ଆର୍ଥିକ ବିକାଶ ଓ ରାସ୍ତାଘାଟ, କୋଠାବାଡ଼ି ଇତ୍ୟାଦିକୁ ବିଚାରକୁ ନେଇ ଭୁବନେଶ୍ୱରକୁ ଜାତୀୟ ସହର ବାସ ସୂଚକାଙ୍କ ଚିଠାରେ ୧୮ ନମ୍ବର ସ୍ଥାନରେ ରଖାଯାଇଛି। ଜାତୀୟ ସ୍ମାର୍ଟସିଟି ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ କମ୍ପାନୀର ନିର୍ଦ୍ଦେଶକ କହିଛନ୍ତି ଯେ, ମାଷ୍ଟର ପ୍ରଣାଳୀ, ଡିଜିଟାଲ ଯୋଗାଯୋଗ, ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ଯୋଗୁ ସହରର ଦ୍ରୁତ ବିକାଶ ସମ୍ଭବ ହୋଇଛି। ମାତ୍ର ସ୍ମାର୍ଟସିଟି ହେବା ପାଇଁ ଅନେକ ଦୂର ବାକି ଅଛି।

ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏସବୁ ଗୋଲାପୀ ଚିତ୍ର ଆମେ ବିଭିନ୍ନ ସମୟରେ ପତ୍ରପତ୍ରିକା, ଟିଭି, ଖବରକାଗଜ ଓ ୱେବ୍‌ସାଇଟ୍‌ରେ ଦେଖୁଛେ। ମାତ୍ର ବାସ୍ତବ ଚିତ୍ର କ'ଣ ତାହା ସହରବାସୀ ହିଁ ଉପଲବ୍ଧି କରୁଥିବେ। ଟାଣ ଅସରାଏ ବର୍ଷା ହେଲେ ରାଜରାସ୍ତାରେ ଡଙ୍ଗା ଚାଲୁଛି, ଦଲକାଏ ପବନ ହେଲେ ବିଜୁଳି ଚାଲିଯାଉଛି, ପ୍ରତିଦିନ ରାସ୍ତା ଦୁର୍ଘଟଣାରେ ନଗରବାସୀ ମୃତାହତ, ଦିନବେଳା ସହର ମଧ୍ୟରେ ବେଆଇନ ଭାବେ ଭାରିଯାନ ଚଳାଚଳ କରୁଛି ତ କିଏ ଦେଢ଼ଶହ କି.ମି. ବେଗରେ ମୋଟରଗାଡ଼ି ଚଳାଇ ନିରୀହ ପଥଚାରୀଙ୍କ ଜୀବନ ନେଉଛି। ପ୍ରତିଦିନ ଲୁଟ, ଛିନ୍‌ତାଇରେ ଲୋକେ ଭୟଭୀତ, ସହର ମଧ୍ୟରେ ୫ରୁ ୭୫ ବର୍ଷର ମହିଳା ଆଦୌ ସୁରକ୍ଷିତ ନୁହନ୍ତି। ପୋଲିସ ଅଭିଯୋଗ ରଖୁନାହିଁ, ହନ୍ତସନ୍ତ କରୁଛି। ସହରର ମୁଖ୍ୟ ରାସ୍ତାକୁ ବାଦ୍ ଦେଲେ ଗଳିକନ୍ଦି କେଉଁଠି ପାହାଡ଼ ଭଳି ଅଳିଆଗଦା ତ କେଉଁଠି ଖାଲଖମାରେ ପୂର୍ଣ୍ଣ, କେଉଁଠି ମୋଟେ ଟ୍ରାଫିକ ଲାଇଟ ନାହିଁ ତ କେଉଁଠି ଦିନ ରାତି ଜଳୁଛି। କେଉଁଠି ଫୁଟ୍‌ପାଥ ଅବରୋଧ ତ କେଉଁଠି ବେଆଇନ ମନ୍ଦିର ଗଢିଉଠିଛି। ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ଭାଇମାନଙ୍କ ଯାତାୟାତ ନିମନ୍ତେ ଭୁବନେଶ୍ୱର ଆଦୌ ନିରାପଦ ନୁହେଁ। ବିଦେଶ ସହରଗୁଡ଼ିକ ଭଳି ଦିବ୍ୟାଙ୍ଗମାନଙ୍କ ପାଇଁ ରାସ୍ତା ଓ ଛକ ଜାଗାରେ ସ୍ୱତନ୍ତ୍ର ସୁବିଧା କରାଯାଇ ନାହିଁ। ଅପରାଧପ୍ରବଣ ଭୁବନେଶ୍ୱର କୁଆଡ଼େ ସମଗ୍ର ଭାରତରେ ୩ ନମ୍ବର ନିରାପଦ ସହର। ଡ୍ରେନ୍, ସ୍ୱେରେଜ ଫାଟି ରାସ୍ତାରେ ମଇଳା ଜମି ମଶା ମାଛି ବ୍ୟାପୁଛନ୍ତି। ୯୦ ଭାଗ ବଜେଟ ପାଣ୍ଠି ଆଞ୍ଚଳିକ ବିକାଶ ପାଇଁ ଖର୍ଚ୍ଚ ହେଉଛି ବୋଲି କୁହାଯାଇଛି ମାତ୍ର ଯାଉଛି କୁଆଡ଼େ। ବର୍ଷତମାମ ରାସ୍ତା ତିଆରି ହେଉଛି ଏବଂ ପୁଣି ଖୋଳା ହେଉଛି। କରଦାତାଙ୍କ ଅର୍ଥରେ ଠିକାଦାର, ଅଫିସର ପୋଷା ହେଉଛନ୍ତି, ମାତ୍ର କରଦାତା ନାନା ଅସୁବିଧାର ଶିକାର ହେଉଛନ୍ତି। ସହର ମଧ୍ୟରେ ୮୫ ଲକ୍ଷ ବେକାର କାମ ନ ପାଇ ବାରଦ୍ୱାର ଶୁଙ୍ଖିପିଣ୍ଡା ହେଉଛନ୍ତି, ଯାହା ସମଗ୍ର ରାଜ୍ୟର ୬.୬୭ଭାଗ। ବେଆଇନ ଭାବେ ଅନେକ ବେସରକାରୀ ସ୍କୁଲ୍, କଲେଜ ଓ ଚାକିରି ପ୍ରଦାନ ନିମନ୍ତେ ସଂସ୍ଥା ଖୋଲି ଛାତ୍ରୀଛାତ୍ର ଓ ବେକାର ଯୁବତୀ ଯୁବକମାନଙ୍କୁ ଶୋଷଣ କରୁଛନ୍ତି, ମାତ୍ର ସରକାର ସବୁ ଜାଣି ନୀରବ ରହୁଛନ୍ତି। ଯେଉଁ ଶ୍ରମିକ ଭଉଣୀଭାଇମାନେ ଦିନରାତି ପରିଶ୍ରମ କରି ସହରକୁ ତିଆରି କଲେ ସେମାନଙ୍କ ପାଇଁ ସ୍ଥାୟୀ ପକ୍କାଘର ବ୍ୟବସ୍ଥା ହୋଇପାରିଲା ନାହିଁ ମାତ୍ର ସହରୀ ଆବାସ ଯୋଜନା ନାମରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ସରିଲାଣି କେବଳ ବିଲ୍‌ଡର ପୋଷା ଚାଲିଛି। ସରକାର ବସ୍ତି ଭାଙ୍ଗିଦେବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶରେ ସେମାନେ ଟିଣ ଟ୍ରାନ୍‌ଜିଟ ହାଉସ୍‌ରେ ବର୍ଷ ବର୍ଷ ଧରି ରହୁଛନ୍ତି। ଆକ୍ସନ ଏଡ୍ ନାମକ ସଂସ୍ଥା ସର୍ଭେରୁ ଜଣାପଡ଼ିଛି ସହରରେ ୬୫୫୯ ଯୋଗ୍ୟ ବସ୍ତିବାସିନ୍ଦା ପରିବାର ବିନା ବାସଗୃହରେ ଝୁମ୍ପୁଡ଼ି ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଅମୃତ ଯୋଜନାରେ ୫୬୫ ସିଟି ବସ୍ ଚାଲିଛି ବୋଲି କୁହାଯାଉଛି ମାତ୍ର ଅଧିକାଂଶ ଅଞ୍ଚଳରେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏପରି କ୍ଷେତ୍ରରେ ଆପଣମାନେ କହିବେ ଏହା ଏକ ସ୍ମାର୍ଟ ସିଟି। ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ କୋଠାବାଡ଼ି ଏବଂ ସହର ବିକାଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ସ୍ମାର୍ଟ ସିଟି ପୁରସ୍କାର ଭୁବନେଶ୍ୱର ପାଇନାହିଁ। ତେଣୁ ଭୁବନେଶ୍ୱର ସ୍ମାର୍ଟ ସିଟି ହୋଇନାହିଁ। ଅନେକ ଅଭିଜ୍ଞ ବ୍ୟକ୍ତି, ସିଟି ପ୍ଲାନର ଓ ବେସରକାରୀ ସର୍ଭେ ସଂସ୍ଥାଙ୍କ ମତ ଅନୁସାରେ ସ୍ମାର୍ଟସିଟି ଏକ ସୁନ୍ଦର ଶବ୍ଦ ସଂଯୋଜନା ଓ ଉଚ୍ଚାଭିଳାଷ ପରିକଳ୍ପନା। ସିଧା ସିଧା କହିଲେ ସାଧାରଣ ଲୋକ ସହିତ ଧୋକାବାଜି ଓ ପ୍ରବଞ୍ଚନା। ସତ୍ୟ, କେବଳ ସ୍ମାର୍ଟ ସିଟି ଏବଂ ସ୍ମାର୍ଟ ଆଇଡିଆ ବା ପ୍ରଚାର ମଧ୍ୟରେ ରହିଯାଇଛି ଉଭୟ ଯୋଜନା। ସମନ୍ୱୟ ଓ କାର୍ଯ୍ୟକାରିତା ଅତ୍ୟନ୍ତ ନଗଣ୍ୟ ଓ ନିମ୍ନମାନର। ଶହ ଶହ କୋଟି ଅର୍ଥ ଶ୍ରାଦ୍ଧ କରି ଲୋକଙ୍କୁ ଗୁଡ଼ିଏ ମିଛ କୁହାଯାଉଛି ଓ ନୀରବ କରାଇ ଦିଆଯାଇ ନିର୍ବାଚନୀ ଫାଇଦା ହାସଲ କରାଯାଉଛି। ନା ଆପଣ କ'ଣ କହୁଛନ୍ତି?

ମୋ- ୯୪୩୭୦୫୩୩୨୯

## ପାଠକ ଶ୍ରେଷ୍ଠ ବିଚାରକ

### ରେଳ ବିଭାଗର ମାରଣ ନୀତି

ମହାଶୟ,

ଜଟଣୀରୁ ପିପିଲିକୁ ରେଲୱେ ଅଣ୍ଡରଗ୍ରାଉଣ୍ଡ ଦେଇ ଯିବାକୁ ପଡ଼େ। ଦିନରେ କିମ୍ବା ରାତିରେ ଏହି ରାସ୍ତାରେ ଖାଲଖମା ସାଙ୍ଗକୁ ଘନ ଅନ୍ଧାର ମଧ୍ୟରେ ଯିବାକୁ ପଡୁଛି। ସେହି ରାସ୍ତା ଦେଇ ବସ୍, ଟ୍ରକ୍ ଆଦି ଯିବା ସମୟରେ ବହୁ ଦୁର୍ଘଟଣା ଘଟୁଛି। ପ୍ରତିବର୍ଷ ରେଳ ବିଭାଗ ତରଫରୁ ତାଳିପକା କାମକରି ଆଜିପର୍ଯ୍ୟନ୍ତ କୋଟି କୋଟି ଟଙ୍କା ବର୍‌ବାଦ ହୋଇଛି। ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ରେଲ୍‌ୱେ ପ୍ରଥମ ଓ ପ୍ରଧାନ ଦାୟିତ୍ୱ। ସାମାଜିକ ନିରାପତ୍ତା ଆଳରେ ରେଳ ବିଭାଗର ଧଳା ହାତୀମାନେ କୋଟି କୋଟି ଟଙ୍କା ହଡ଼ପ କରୁଛନ୍ତି। ଆମେ ଆଶା ରଖିବୁ ରେଳ ବିଭାଗ 'କର୍ପୋରେଟ ସାମାଜିକ ଦାୟିତ୍ୱବୋଧ' ଆଇନ ଅନୁଯାୟୀ ଖୁବ୍‌ଶୀଘ୍ର ଅଣ୍ଡରଗ୍ରାଉଣ୍ଡ ରାସ୍ତାକୁ ଗୁଣାତ୍ମକ ମାନର ନିର୍ମାଣ କରି ଜଟଣୀବାସୀଙ୍କ ଶ୍ରଦ୍ଧାଭାଜନ ହେଉ। ଅନ୍ୟଥା ରେଳ କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ନ ହୁଅନ୍ତୁ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ଫନୀ ଦେଖାଇଲା ଗାଁକୁ ବାଟ

ଧରିତ୍ରୀ(୧୦।୫)ରେ ପ୍ରକାଶିତ ଡ. ନରହରି ବେହେରାଙ୍କ 'ଫନୀ ଦେଖାଇଲା ଗାଁକୁ ବାଟ' ବାସ୍ତବ ସତ୍ୟ ଏବଂ ହୃଦୟସ୍ପର୍ଶୀ। ଫନୀ ପ୍ରଭାବରେ ଗାଁକୁ ଚାହୁଁ ନ ଥିବା ବ୍ୟକ୍ତି ତଥା ଦମ୍ପତି ଏବେ ଘରମୁହାଁ ହୋଇଛନ୍ତି। ଅବଶ୍ୟ କେହି କେହି ଲଜ୍ଜାରେ ଘରକୁ ଫେରୁନାହାନ୍ତି। ସେମାନଙ୍କୁ ନିମନ୍ତ୍ରଣ କଲେ ବି ଆସୁ ନାହାନ୍ତି, କାଳେ ସେମାନଙ୍କ ସଞ୍ଚିତ ଧନ ଗାଁରେ ଖର୍ଚ୍ଚ ହୋଇଯିବ। ଅବଶ୍ୟ ସହରରେ ଯେଉଁ କ୍ଷତି ହୋଇଛି ମଫସଲରେ ତା'ଠାରୁ ଅଧିକ କ୍ଷତି ହୋଇଛି। ଡାଲୁଅ ଧାନ, ମୁଗ ବିରି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


## ୨୫ ବର୍ଷ ତଳର ଧରିତ୍ରୀ

୨୦ ଜୁନ୍ ୧୯୯୪

- ବିଶ୍ୱ ବ୍ୟାଙ୍କର ସର୍ବଶେଷ ଉନ୍ନୟନ ରିପୋର୍ଟରେ ଭାରତୀୟ ଅର୍ଥନୀତିର ସ୍ଥାନ ବିଶ୍ୱରେ ପଞ୍ଚମ ବୋଲି ଦର୍ଶାଯାଇଛି।
- ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ଅଜିତ ବସୁଙ୍କ ପରଲୋକ।



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ

## ସଂକ୍ଷେପରେ



### କେନ୍ଦୁପତ୍ର ଭର୍ତ୍ତି ଗାଡ଼ି ଜବତ, ଜଣେ ଗିରଫ

**ସମ୍ବଲପୁର,୧୯।୬ (ବ୍ୟୁରୋ)-** ସମ୍ବଲପୁର ଜିଲା ଯୁଯୁମୁରା ପୋଲିସ ବୁଧବାର ଏକ ଗାଡି (ନଂ ଓଆର ୦୫-ଏସ-୫୧୫୬)ରେ ଚୋରା ଚାଲାଣ ହେଉଥିବା ୧୦୮ ବଣ୍ଡଲ ତଥା ୫ କୁଇଣ୍ଟାଲ ୪୦ କେଜି କେନ୍ଦୁପତ୍ର ଜବତ କରିଛି। ଏହି ଘଟଣାରେ ମୟୂରଭଞ୍ଜ ଜିଲାର ପରମେଶ୍ୱର ମହନ୍ତଙ୍କୁ ପୋଲିସ ଗିରଫ କରି ଏକ ମାମଲା ରୁଜୁ କରିଛି।

### କାର୍ଟୁନ ଗୋଦାମ ଜଳିଗଲା

**ସମ୍ବଲପୁର,୧୯।୬ (ବ୍ୟୁରୋ)-** ସମ୍ବଲପୁର ଲକ୍ଷ୍ମୀଟିକଜ ଛକ ନିକଟ ଏକ କାର୍ଟୁନ ଗୋଦାମ ଘରେ ବୁଧବାରେ ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ସମ୍ବଲପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏ ନେଇ କୌଣସି ଅଭିଯୋଗ କରାଯାଇ ନାହିଁ।

### ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ସମ୍ବଲପୁର,୧୯।୬ (ବ୍ୟୁରୋ)–** ସମ୍ବଲପୁର ଅଇଁଠାପାଲି ଥାନା ଯୋଗିପାଲି ଗ୍ରାମର ରାଣୀବନ୍ଧରୁ ବୁଧବାର ସକାଳେ ଅଗ୍ନିଶମ ବିଭାଗ ଏକ ମୃତଦେହ ଉଦ୍ଧାର କରିଛି । ମୃତକ ହେଲେ ସେହି ଅଞ୍ଚଳର ରାଘବ ବେହେରା (୮୫) । ସେ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ । ପରିବାର ଓ ଗ୍ରାମବସୀ ବନ୍ଧକୁ ଖୋଜାଖୋଜି କରିବାକୁ ଯାଇଥିଲେ। ହେଲେ ବନ୍ଧ ହିଡରେ ଚପଲ ଓ ତାଙ୍କ ବାଡି ଦେଖି ସେ ବୁଡି ଯାଇଥିବା ସନ୍ଦେହ କରିଥିଲେ । ଅଗ୍ନିଶମ ବିଭାଗ ପହଞ୍ଚି ତାଙ୍କ ମୃତଦେହ ଉଦ୍ଧାର କରିଥିଲା।

### ଧାନ ବିହନ ଚୋରି ଅଭିଯୋଗ

**ଟିପିଲିମା,୧୯।୬ (ଡି.ଏନ.ଏ.)-** ସମ୍ବଲପୁର ଜିଲା ଧନକଉଡା ବ୍ଲକ କୁଦଗୁଣ୍ଡେରପୁର ଗ୍ରାମରେ ଜଣେ ଚାଷୀଙ୍କର ଗୋଦାମ ଘରୁ ୧୮ ପ୍ୟାକେଟ ଧାନ ବିହନ ଚୋରି ହୋଇଥିବା ନେଇ ବୁର୍ଲା ଥାନା ଅଧୀନ ଟିପିଲିମା ଫାଣ୍ଡିରେ ଅଭିଯୋଗ ହୋଇଛି । ଟିପିଲିମା ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ କୁଦଗୁଣ୍ଡେରପୁର ଗ୍ରାମର ଚାଷୀ ସୁବାସ ଚନ୍ଦ୍ର ପୁରୋହିତ ତାଙ୍କ ଖଳାରେ ଥିବା ଗୋଦାମ ଘରେ ବିଭିନ୍ନ କିସମର ୭୦ ପ୍ୟାକେଟ ଧାନ ବିହନ ଗଚ୍ଛିତ ରଖିଥିଲେ। ଘରର ଝରକା ଭାଙ୍ଗି ୧୮ ପ୍ୟାକେଟ ଧାନ ବିହନ ଚୋରି ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୩୫ ହଜାର ଟଙ୍କା ହେବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ନେଇ ଟିପିଲିମା ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।।

### ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ସମବେଦନା

**ନାକଟିଦେଉଳ,୧୯।୬(ଡି.ଏନ.ଏ.)-** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରୀ ପଞ୍ଚାୟତର ବିନ୍ଧପୁର ଗ୍ରାମରେ ଗତ ସୋମବାର ଦନ୍ତା ହାତୀ ଆକ୍ରମଣରେ ସନ୍ଧ୍ୟା ସାହୁଙ୍କ ମୃତ୍ୟୁ ଘଟିଛି। ବୁଧବାର ତାଙ୍କ ପରିବାର ଲୋକଙ୍କୁ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ଭେଟି ସମବେଦନା ଜଣାଇଛନ୍ତି।

## ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅଭ୍ୟାସ

# କୌଶଳ ଦେଖାଇଲେ ଅଗ୍ନିଶମ କର୍ମଚାରୀ

**ସମ୍ବଲପୁର,୧୯।୬ (ବ୍ୟୁରୋ)**

ବନ୍ୟା, ବାତ୍ୟା, ଭୂମିକମ୍ପ, ଅଗ୍ନିକାଣ୍ଡ ପ୍ରଭୃତି ପ୍ରାକୃତିକ ଦୁର୍ବିପାକ ଓ ଦୁର୍ଘଟଣା ସମୟରେ ଜରୁରୀ କାଳିନ ପରିସ୍ଥିତି ଉପୁଜେ। ଏହି ସମୟରେ ନିଜେ ସୁରକ୍ଷିତ ରହି ଅନ୍ୟକୁ ବଞ୍ଚାଇବା ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଥାଏ। ଏଭଳି ପରିସ୍ଥିତିରେ ଆମେ କିଭଳି ମୁକାବିଲା କରିବା ସେ ସମ୍ପର୍କରେ ଏକ ପ୍ରସ୍ତୁତି ଅଭ୍ୟାସ ବା ମକ୍‌ଡ୍ରିଲ ବୁଧବାର ଜିଲାପାଳଙ୍କ ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୟରେ କିଭଳି ଭାବେ ଜନସାଧାରଣଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯିବ ସେ ନେଇ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଅଧିକାରୀମାନେ କଳାକୌଶଳ ଦେଖାଇଥିଲେ। ଏଥିସହ ରାସ୍ତାରେ ପଡିଥିବା ଗଛକୁ କିପରି ଅଳ୍ପ ସମୟ ମଧ୍ୟରେ ପାୱାର କଟର ସହାୟତାରେ କଟାଯିବ, ବିଦ୍ୟୁତ ସରବରାହ ବନ୍ଦ ଥିଲେ ଟାୱାର ଲାଇଟ୍‌ର ବ୍ୟବହାର, ଟ୍ରକ୍ ଓ ବସ୍ ଦୁର୍ଘଟଣା ସମୟରେ କିଭଳି ଦାୟିତ୍ୱ ତୁଲାଇବାକୁ ହେବ ସେ ନେଇ ପ୍ରଦର୍ଶନ ଦେଖାଇବା ସହ ବୁଝାଇଥିଲେ। ଏଥିସହ ମହାନଦୀ ଅଯୋଧା ସରୋବର, ବିନାଖଣ୍ଡିସ୍ଥିତ ବନ୍ୟା ଆଶ୍ରୟ ସ୍ଥଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଜିଲାପାଳ ଶୁଭମ ସକସେନା, ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ଜିଲା ଜରୁରିକାଳୀନ ଅଧିକାରୀ ଶୁଭସ୍ମିତା ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗର ସୁକାନ୍ତ ନାଥ, ଷ୍ଟେଶନ ଅଧିକାରୀ ଲୋକେଶ୍ୱର ପଟେଲ, ଶଶିକାନ୍ତ ଛତରିଆ, ବିଜୟ ଆପାଟ, ଦୁର୍ଯ୍ୟୋଧନ ଗାଇଗରିଆ, ମୃତିରାମ ମୁଣ୍ଡା, ଧୀରେନ ଡୁଙ୍ଗଡୁଙ୍ଗ, ପି. ସାହୁ, ଟିକେଶ୍ୱର ଧମେଲ, ଧୀରଜ ପାଣ୍ଡେ ଓ ରାଜକିଶୋର ସାହୁ ଦୁର୍ବିପାକ ମୁକାବିଲା ପ୍ରସ୍ତୁତି ଅଭ୍ୟାସରେ ଭାଗ ନେଇଥିଲେ ।



କୁଚିଣ୍ଡାରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁ ଲିଭା କୌଶଳ ଦେଖାଉଛନ୍ତି।



ବୁଧବାର ସମ୍ବଲପୁର ବିନାଖଣ୍ଡି ବନ୍ୟା ଆଶ୍ରୟସ୍ଥଳୀରେ ଅଗ୍ନିଶମ ବିଭାଗ ଅଧିକାରୀ ସୁକାନ୍ତ ନାଥ ମହିଳାମାନଙ୍କୁ ସଚେତନ କରାଉଛନ୍ତି ।



ସମ୍ବଲପୁର ମହାନଦୀ ଅଯୋଧା ସରୋବରଠାରେ ଦୁର୍ବିପାକ ମୁକାବିଲା ଅଭ୍ୟାସ ଚାଲିଛି ।

**କୁଚିଣ୍ଡା, (ଡି.ଏନ.ଏ.):** କୁଚିଣ୍ଡା ଦମକଳ ବାହିନୀ କୁଚିଣ୍ଡା ବ୍ଲକ ସମ୍ମୁଖରେ ମଧ ମକ୍ ଡ୍ରିଲ୍ କରିଛନ୍ତି। ବନ୍ୟା ବିପନ୍ନ, ବ୍ୟକ୍ତି ନିଆଁ ଦାଉରୁ କିପରି ଜନଜୀବନ ଉଦ୍ଧାର ହେବ, ଆହତ ବ୍ୟକ୍ତିଙ୍କୁ କୋଠା ଉପରୁ କିପରି ଉଦ୍ଧାର କରାଯିବ ତାହା ପ୍ରଦର୍ଶନ କରିଥିଲେ।

## କାହାକୁ ଡାକିଲାନି ବ୍ଲକ୍ ପ୍ରଶାସନ

**ରେଢାଖୋଲ, (ଡି.ଏନ.ଏ.)**

ବୁଧବାର ରେଢାଖୋଲ ବ୍ଲକ୍ ଅଫିସ ପରିସରରେ ବ୍ଲକ ପ୍ରଶାସନ ଓ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଛି। ତେବେ ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସାମିଲ କରାଯିବାକୁ ସରକାରୀ ନିର୍ଦ୍ଦେଶ ରହିଥିବା ବେଳେ ଏ ନେଇ କାହାକୁ ସୂଚନା ଦିଆଯାଇ ନ ଥିଲା। ଅଗ୍ନିଶମ ଅଧିକାରୀ ମିଶ୍ର କିସାନଙ୍କ ନେତୃତ୍ୱରେ ଦିବାକର ପଟ୍ଟନାୟକ, ମାର୍କଣ୍ଡ ସେଠୀ, ଅନ୍ତର୍ଯ୍ୟାମି ବୁଡେକ, ଶ୍ରୀରାମ ପେରା, ସହଦେବ ଧରୁଆ, ବିପିନ କିସାନ, ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ବିଭାଗୀୟ କର୍ମଚାରୀ ବନ୍ୟା,ବାତ୍ୟା, ଘରପୋଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ନିଜକୁ ରକ୍ଷା କରିହେବ ସେ ଉପରେ କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ପରିକ୍ଷିତ ସାହୁ, ଏବିଡିଓ ସହଦେବ ନନ୍ଦ, ଜିପିଇଓ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



ରେଢ଼ାଖୋଲରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମକ୍ ଡ୍ରିଲ୍ କରୁଛନ୍ତି।

## ସଫେଇ କର୍ମଚାରୀଙ୍କ ସମସ୍ୟା ସମାଧାନ ଦାବି

**ସମ୍ବଲପୁର,୧୯।୬ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ସଫେଇ କର୍ମଚାରୀଙ୍କ ବିବିଧ ସମସ୍ୟା ଲାଗି ରହିଛି। ବୁଧବାର ସମ୍ବଲପୁର ମହାନଗର ନିଗମ ମେହେନ୍ତର ସଂଘ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ଲାଗି ଦାବି କରିଛି । ଏ ନେଇ ସଂଘ ପକ୍ଷରୁ ମହାନଗର ନିଗମ କମିଶନର ତ୍ରିଲୋଚନ ମାଝିଙ୍କୁ ୧୩ ଦଫାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ତ ପ୍ରକାର ସାଫେଇ କର୍ମଚାରୀଙ୍କୁ ସ୍ଥାୟୀ କରାଯିବା, ଖାଲି ପଡିଥିବା ପଦବୀ ପୂରଣ, କର୍ମଚାରୀଙ୍କଠାରୁ କଟା ଯାଉଥିବା ଇପିଏଫ ଟଙ୍କାର ରସିଦ ପ୍ରଦାନ, ବକେୟା ପ୍ରାପ୍ୟ ପ୍ରଦାନ କରିବା ପ୍ରଭୃତି ଦାବି ରହିଛି। ସଂଘ ସଭାପତି ଶୁକଦେବ ରଞ୍ଜିତ ଓ ସମ୍ପାଦକ ଅନୀଲ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।



ସମ୍ରିଦ୍ଧି ସିଂ।

## ଓଜେଇ ପରୀକ୍ଷାରେ ସାଇନ୍ସ ପଏଣ୍ଟ ଛାତ୍ରୀଙ୍କ ସଫଳତା

**ସମ୍ବଲପୁର, ୧୯।୬ (ବ୍ୟୁରୋ)**

ଓଡିଶା ଜେଇ (ଓଜେଇ) ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । ସମ୍ବଲପୁର ଫାଟକସ୍ଥିତ ସାଇନ୍ସ ପଏଣ୍ଟ ଛାତ୍ରୀ ସମ୍ରିଦ୍ଧି ସିଂ ରାଜ୍ୟରେ ଦ୍ୱିତୀୟ ଟପ୍ପର ହୋଇଛନ୍ତି । ଏଥିସହ ଅନୁଷ୍ଠାନର ଅନ୍ୟ ଛାତ୍ରୀଛାତ୍ର ମଧ୍ୟ କୃତିତ୍ୱ ହାସଲ କରିଛନ୍ତି । ଅନୁଷ୍ଠାନର ପରିଚାଳନା ମୁଖ୍ୟ ପଦ୍ମନାଭ ମେହେର, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।



ବୁର୍ଲାର ଏକ ରେଷ୍ଟୁରାଣ୍ଟରେ ଚଢାଉ କରାଯାଉଛି ।

## ରେଷ୍ଟୁରାଣ୍ଟରୁ ୨ ଶିଶୁ ଶ୍ରମିକ ଉଦ୍ଧାର

**ସମ୍ବଲପୁର,୧୯।୬ (ବ୍ୟୁରୋ)**

ସମ୍ବଲପୁର ବୁର୍ଲାରେ ଥିବା ଏକ ରେଷ୍ଟୁରେଣ୍ଟରେ ବୁଧବାର ଚଢାଉ କରି ୨ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ନିର୍ଦ୍ଦେଶ କ୍ରମେ ଚାଇଲ୍ଡ ଲାଇନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ଜିଲା ଶିଶୁ କଲ୍ୟଣ ସମିତି ଓ ବୁର୍ଲା ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଅଭିଯୋଗ କ୍ରମେ ଏହି ରେଷ୍ଟୁରାଣ୍ଟରେ ୩ ଜଣ ଶିଶୁ ଶ୍ରମିକ କାମ କରୁଥିବା ଖବର ରହିଥିଲା । ହେଲେ ଯାଞ୍ଚବେଳେ ସେଥିରେ ଜଣେ ସାବାଳକ ରହିଥିଲେ । ରେଷ୍ଟୁରାଣ୍ଟ ଆଉ ୨ ଜଣଙ୍କ ବୟସ ପ୍ରମାଣ ପତ୍ର ଦେଖାଇ ପାରି ନ ଥିଲା। ତେଣୁ ଏହି ଦୁଇ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଆସନ୍ତା କାଲି ସେମାନଙ୍କୁ ଶିଶୁ ସୁରକ୍ଷା ସମିତି ବୋର୍ଡରେ ହାଜର କରାଯିବ । ଏହି ଚଢାଉରେ ଜିଲା ଶିଶୁ କଲ୍ୟାଣ ସମିତିର ବଜେନ୍ଦ୍ର ପଣ୍ଡା, ଚାଇଲ୍ଡଲାଇନର ପ୍ରଦୀପ ବେହେରା, ଡିସିପିଓ ଅଫିସର ବ୍ୟୋମୋକେଶ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ।

## ଈଶ୍ୱର ନାୟକଙ୍କ ୫ମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା

**ରେଙ୍ଗାଲି,୧୯।୬ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବାଳିକା ହାଇସ୍କୁଲ ପରିସରରେ ବୁଧବାର କମ୍ୟୁନିଷ୍ଟ ନେତା ଈଶ୍ୱର ନାଏକଙ୍କ ପଞ୍ଚମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦର ସଭାପତି ତଥା ଶିକ୍ଷାବିତ ବସନ୍ତ କୁମାର ନାଏକଙ୍କ ସଭାପତିତ୍ୱରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ୟୁନିଷ୍ଟ ନେତା କ୍ଷୀରୋଦ ସିଂଦେଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଜଙ୍ଗଲା ସରପଞ୍ଚ ଇଂ. ଗାନ୍ଧୀ ବେହେରା, କିଶୋର ସାହୁ, ଜଗନ୍ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁବାସ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।



ଈଶ୍ୱର ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ।

## ସାମାନ୍ୟ ବଚସାରୁ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ

**ସମ୍ବଲପୁର/ରେଙ୍ଗାଲି, ୧୯।୬ (ବ୍ୟୁରୋ/ଡି.ଏନ.ଏ.)**

**ଟଙ୍କା ନ ଦେବାରୁ ହାଣିଦେଲେ ଚିକେନ ଦୋକାନ କର୍ମଚାରୀ**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଶ୍ୟାମ ମେଟାଲିକ୍ସ ଛକର ଏକ ଚିକେନ ଦୋକାନରେ ମଙ୍ଗଳବାର ରାତିରେ କପିଳ ସାହୁ (୩୫) ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ବୁଧବାର ଏହି ଘଟଣାର ପୋଲିସ ପର୍ଦ୍ଦାଫାସ କରିଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ହତ୍ୟା ପାଇଁ ବ୍ୟବହୃତ କଟୁରି ଜବତ ହୋଇଛି। ଅଭିଯୁକ୍ତ ହେଲେ ଅଇଁଠାପାଲି ଥାନା ବରେଇପାଲିର ସୁଧୀର ଓରାମ (୨୪)। ଏ ନେଇ ରେଙ୍ଗାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ରାତିରେ ହିଁ ରେଙ୍ଗାଲି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହୋଇଯିବାରୁ ପୋଲିସ ତାଙ୍କୁ ଜେଲ ପଠାଇ ଦେଇଛି। ଅନ୍ୟପକ୍ଷେ ବୁର୍ଲା ଭିମସାରରେ କପିଳଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଛି।

ଅଇଁଠାପାଲି ଥାନା ବରେଇପାଲିର ଅଭିଯୁକ୍ତ ସୁଧୀର ରେଙ୍ଗାଲି ଥାନା ଶ୍ୟାମ ମେଟାଲିକ୍ସ ଛକରେ ଥିବା ଏକ ଚିକେନ ଦୋକାନର କାମ କରନ୍ତି। ପଣ୍ଡଲୋଇ ଗାଁର କପିଳ ପ୍ରାୟ ସମୟରେ ସେଠାରୁ ଚିକେନ ନିଅନ୍ତି। ହେଲେ ଟଙ୍କା ଦେବା ସମୟରେ ବଚସା ହୁଏ। ପୂର୍ବରୁ ଅନେକ ଥର ଏଭଳି ହୋଇଥିଲା । ମଙ୍ଗଳବାର ସକାଳେ ଅନୁରୂପ ଘଟଣା ଘଟିଥିଲା। ସନ୍ଧ୍ୟାରେ ପୁଣି କପିଳ ଆସି ଦୋକାନରେ ଗଣ୍ଡଗୋଳ କରିଥିଲେ । ଏଥିରେ ରାଗି ଯାଇ ସୁଧୀର ଚିକେନକଟା ଧାରୁଆ ଅସ୍ତ୍ରରେ କପିଳଙ୍କୁ ଆକ୍ରମଣ କରିଥିଲେ। ଫଳରେ କପିଳଙ୍କ ମୁଣ୍ଡ ଓ ବେକରେ ଗଭୀର ଆଘାତ ଲାଗିଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ କପିଳ ତଳେ ପଡି ଯାଇଥିଲେ। ସେ ତଳେ ପଡିଯିବାରୁ ଅଭିଯୁକ୍ତ ସୁଧୀର ଭୟଭୀତ ହୋଇ ସେଠାରୁ ଫେରାର ହୋଇଯାଇଥିଲେ। ଏହି ଖବର ପ୍ରଚାର ହୋଇଯିବାପରେ ଛକରେ ଥିବା ଅନ୍ୟାନ୍ୟ ଦୋକାନ ବି ବନ୍ଦ ହୋଇ ଯାଇଥିଲା। ଗୁରୁତର କପିଳଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଫଟୋରେ ଖବର



ସମ୍ବଲପୁରରେ ଜାଗୃତି ଯାତ୍ରା ନଗର ପରିକ୍ରମା ଅବସରରେ ଗୁରୁଦ୍ୱାରାଠାରେ ସଙ୍ଗୀତ ପରିବେଷଣ କରାଯାଉଛି ।




ବୁଧବାର ସମ୍ବଲପୁର ହିନ୍ଦୀ ହାଇସ୍କୁଲଠାରେ ରୋଟାରି କ୍ଲବ ବୀରଭୂମି ପକ୍ଷରୁ ଆୟୋଜିତ ଚିତ୍ରକଳା କର୍ମଶାଳାରେ ଚିତ୍ରଶିଳ୍ପୀ ଓ ଅତିଥିମାନେ ।

# ଅପରାଧରେ ବୁଡ଼ିଛନ୍ତି ୯୪୭ ପୋଲିସ ଅଧିକାରୀ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଦେବା ପୋଲିସର କର୍ତ୍ତବ୍ୟ। ଦୁର୍ନୀତି, ଅପରାଧ ଏବଂ ଅସଦାଚରଣ ଭଳି କୁତ୍ସିତ କାର୍ଯ୍ୟକଳାପ ଉପରେ ଲଗାମ ଲଗାଇବାକୁ ପ୍ରଶାସନିକ ସ୍ତରରେ ପୋଲିସ ବ୍ୟବସ୍ଥା ରହିଛି। ମାତ୍ର ବାଡ ଫସଲ ଖାଇବା ଭଳି ପୋଲିସ ବାବୁମାନେ ଅପରାଧ, ଦୁର୍ନୀତିଗ୍ରସ୍ତ ଭଳି କୁତ୍ସିତ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ଆମ ରାଜ୍ୟ ପୋଲିସ ପ୍ରଶାସନିକ ବ୍ୟବସ୍ଥାରେ ଏଭଳି କଳଙ୍କର ଛିଟା ବେଳକୁ ବେଳ ବଢ଼ିବାରେ ଲାଗିଛି। ଚାକିରି ଆରମ୍ଭରୁ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇବା ସହ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆଇନକାନୁନ ପାଳନ କରିବାକୁ ଶପଥ ନେଇଥିବା ପୋଲିସ ଅଧିକାରୀମାନେ ଯେ ଆଇନ ରକ୍ଷକ ବଦଳରେ ଭକ୍ଷକ ସାଜୁଛନ୍ତି, ସୂଚନା ଅଧିକାର ଆଇନ (ଆରଟିଆଇ) ତଥ୍ୟରୁ ଏକଥା ଜଳ ଜଳ ହୋଇ ଦିଶୁଛି। ମିଳିଥିବା ତଥ୍ୟ ଅନୁଯାୟୀ ଗତ ୨୦୧୬ ଓ ୨୦୧୭ରେ ଓଡ଼ିଶା ପୋଲିସର ୯୪୭ ଜଣ ବଡ଼ ଅଫିସର (ଆଇପିଏସ୍, ଓପିଏସ୍, ଓଏପିଏସ)ଙ୍କ ଠାରୁ ଆରମ୍ଭ କରି ଇନ୍ସପେକ୍ଟର ଓ କନଷ୍ଟେବଲଙ୍କ ନାମରେ ଦୁର୍ନୀତି, ଅପରାଧ ଓ ବ୍ୟଭିଚାର ଭଳି ସଙ୍ଗିନ ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରେ ଆଇପିଏସ ଅଫିସର ୨୧ ଜଣ, ଓପିଏସ ୪୮ ଏବଂ ଓଏପିଏସ ୧୦ ଜଣଙ୍କ ନାମରେ ଅଭିଯୋଗ ରହିଛି। ଏହି କର୍ମଚାରୀମାନଙ୍କ କଦର୍ଯ୍ୟ ଆଚରଣ ଓ କାର୍ଯ୍ୟକଳାପ ଯୋଗୁ ସମଗ୍ର ପୋଲିସ ପ୍ରଶାସନକୁ କଳଙ୍କିତ ହେବାକୁ ପଡିଛି। କଟକ ପୋଲିସ ମୁଖ୍ୟ କାର୍ଯ୍ୟାଳୟରୁ ମିଳିଥିବା ଆରଟିଆଇ ସୂଚନା ମୁତାବକ ୨୦୧୬ ଓ ୨୦୧୭ ମଧ୍ୟରେ ଥାନାରେ କର୍ତ୍ତବ୍ୟ ନିର୍ବାହ କରୁଥିବା ୮୬୮ ଜଣ ପୋଲିସ ଅଧିକାରୀଙ୍କ ନାମରେ ମଧ ସଙ୍ଗିନ ଅଭିଯୋଗ ହୋଇଛି। ଜନସାଧାରଣଙ୍କୁ ପ୍ରତ୍ୟକ୍ଷ ସମ୍ମୁଖୀନ ହେଉଥିବା କନଷ୍ଟେବଲ ଓ ଇନ୍ସପେକ୍ଟରମାନେ ଦୁର୍ନୀତି ଓ ବ୍ୟଭିଚାରରେ ବୁଡ଼ି ରହୁଥିବା ଜଣାପଡିଛି। ୨୦୧୬ରେ ୪୩୯ ଜଣଙ୍କ ନାମରେ ଏଭଳି ସଙ୍ଗିନ ଅଭିଯୋଗ ହୋଇଥିବା ବେଳେ ୨୦୧୭ରେ ୪୨୯ ଜଣଙ୍କ ନାମରେ ଅଭିଯୋଗ ହୋଇଛି। କେବଳ ଯେ ତଳିଆ କର୍ମଚାରୀ କଳଙ୍କିତ ହୋଇଛନ୍ତି ତାହା ନୁହେଁ ଅନେକ ଆଇପିଏସ୍ ଏବଂ ଓପିଏସ୍ ଅଧିକାରୀମାନେ ମଧ ଦୁର୍ନୀତି ଓ ଅପରାଧ ଭଳି କଳଙ୍କକୁ ନିଜ ମୁଣ୍ଡରେ ବୋହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ୨୧ ଜଣ ଆଇପିଏସ୍, ୪୮ ଓପିଏସ୍ ଅଫିସର ଏବଂ ୧୦ ଜଣ ଓଏପିଏସ ଅଫିସରଙ୍କ ନାମରେ ଦୁର୍ନୀତି, ହିଂସା ଏବଂ ଅସଦାଚରଣ ଭଳି ଅଭିଯୋଗ ହୋଇଛି। ତେବେ ସବୁଠୁ ଉଦ୍‌ବେଗର ବିଷୟ ହେଉଛି ଯେ, ଏଭଳି ସଙ୍ଗିନ ଅଭିଯୋଗ ସତ୍ତ୍ୱେ ପୋଲିସ ପ୍ରଶାସନ ସେହି ଅଭିଯୁକ୍ତ ଅଫିସରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏପରି କି ତଦନ୍ତ ବାହାନାରେ ମାମଲାକୁ ଦୀର୍ଘ ବର୍ଷ ଧରି ଗଡ଼ାଇ ଦିଆଯାଉଛି। ୮୬୮ ଅଫିସର ଓ ତଳିଆ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ହୋଇଥିଲେ ମଧ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି। ଏପରି କି ଅଭିଯୋଗ ପରେ ମଧ ଲୋକପାଳଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ କରାଯାଇନାହିଁ। ତେବେ ବିଭାଗ ପକ୍ଷରୁ ୩୪ ଜଣଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବା ବେଳେ ୭ଟି ମାମଲାକୁ ଏହି ୨ ବର୍ଷ ମଧ୍ୟରେ ରଫାଦଫା କରାଯାଇଥିବା ସୂଚନା ଦିଆଯାଇଛି। ଅଧିକାରୀମାନଙ୍କ ଏଭଳି ଆଚରଣ ଯୋଗୁ ଜନସାଧାରଣଙ୍କର ପୋଲିସ ପ୍ରଶାସନ ଉପରୁ ବେଳକୁ ବେଳ ଭରସା ତୁଟି ଯାଉଛି। ଅପରାଧ ସହୁଥିଲେ ମଧ ଲୋକମାନେ ଥାନାକୁ ଯାଇ ଅଭିଯୋଗ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି।

## ଖାକିରେ କଳଙ୍କ

### ୨୧ ଆଇପିଏସ୍‌ଙ୍କ ବିରୋଧରେ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଶୂନ

| ପଦବୀ | ୨୦୧୬ | ୨୦୧୭ |
|---|---|---|
| ଆଇପିଏସ୍ ଅଫିସର | ୧୦ | ୧୧ |
| ଓପିଏସ୍ ଅଫିସର | ୨୯ | ୧୯ |
| ଓଏପିଏସ୍ ଅଫିସର | ୦୬ | ୦୪ |
| କନଷ୍ଟେବଲ/ଇନ୍ସପେକ୍ଟର | ୪୩୯ | ୪୨୯ |

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଳି ଘେନି କୋଳି,**
**ପଲମ ଘେନି ସରୁ ଚକୁଳି,**
**ଦେଉଥା ପିଠଉ ଗୋଳି ।**

ବଂଶର ଗୁଣ ଅନୁସାରେ ପିଲାର ଗୁଣ ମଧ ପ୍ରସ୍ଫୁଟିତ ହୋଇଥାଏ। ପଲମ ଠିକ୍ ଥିଲେ ସେଥିରେ ଭଲ ଚକୁଳି ପିଠା ଗଢ଼ି ହୋଇଥାଏ ; ଯେଉଁ ଅନୁସାରେ ଯତ୍ନ କରାଯାଇଥାଏ, ସେଇ ଅନୁସାରେ ଫଳ ଫଳିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଲେଇ ନାନୀ;**
**ମୂଷା କାଟିନେଲା ପଣତକାନି ।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଟେର୍ ପାଇ ପାରି ନ ଥାନ୍ତି। ଅତି ଓଲି। ଏପରି ଓଲି ଯେ ନିଜ ପିନ୍ଧା ଲୁଗାର ପଣତକାନି କିଏ କାଟି ନେଲା ତାହା ସେ ଜାଣି ନ ପାରିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ନିୟମିତ ୧୦୦ ଦିନିଆ କାର୍ଯ୍ୟକ୍ରମ ହେବ

### ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୬(ବ୍ୟୁରୋ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦୁଇଦିନିଆ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରି କହିଛନ୍ତି, ରାଜ୍ୟରେ ନୂତନ ସ୍ୱାସ୍ଥ୍ୟନୀତି ପ୍ରବର୍ତ୍ତନ ସହିତ ଖୁବ୍‌ଶୀଘ୍ର ଭିଜନ୍-୨୦୨୫ ଅନୁସାରେ ରାଜ୍ୟବାସୀଙ୍କୁ ବିନା ମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସେ ଆହୁରି କହିଛନ୍ତି, ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ନିୟମିତ ୧୦୦ଦିନିଆ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ଏହାସହିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରୁ ଆରମ୍ଭ କରି ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ମେଡିକାଲ କଲେଜ ଓ ହସ୍ପିଟାଲ ପର୍ଯ୍ୟନ୍ତ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁଣାତ୍ମକତାକୁ ଗୁରୁତ୍ୱ ଦିଆଯିବ। ରାଜ୍ୟରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଉ କେତୋଟି ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ସୁତରାଂ ରାଜ୍ୟରେ ଅଧିକ ସଂଖ୍ୟକ ଡାକ୍ତର ସୃଷ୍ଟି ହେବେ ଏବଂ ନିକଟ ଭବିଷ୍ୟତରେ ଓଡ଼ିଶାରେ ଆବଶ୍ୟକତାଠାରୁ ଅଧିକ ଡାକ୍ତର ଓ ପାରାମେଡିକ୍ ଉପଲବ୍ଧ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ସାର୍ବଜନୀନ ସ୍ୱାସ୍ଥ୍ୟସେବା ଉପଲବ୍ଧି ଲକ୍ଷ୍ୟରେ ୧୫ ନୂତନ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନାଗୁଡ଼ିକର ସୁଫଳ ରାଜ୍ୟବାସୀଙ୍କ ନିକଟରେ ପହଞ୍ଚାଇବା ଦିଗରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀମାନେ ଶୃଙ୍ଖଳିତ ତଥା ସମନ୍ୱିତ ଉଦ୍ୟମ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ତୃଣମୂଳ ସ୍ତରରୁ ସ୍ୱାସ୍ଥ୍ୟସେବା ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସ୍ତାବ ଓ ପରାମର୍ଶ ଗ୍ରହଣ କରିବା ପାଇଁ ସେ ଜିଲା ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ମିଳନୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ମନୋଜ କୁମାର ଝଲାନି ଯୋଗଦେଇ ରାଜ୍ୟରେ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଓଡ଼ିଶାର ସଫଳତାକୁ ସେ ଉଚ୍ଚ ପ୍ରଶଂସା କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

FINANCE
MFC FINANCIAL GROUP
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id - document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
94857-90203
94858-27609

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ମାତାଙ୍କ ଅସୀମ କୃପା ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୂଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 09598246628
09517415755
9454715754

!! ଋଣ ଋଣ ଋଣ !!
ସତ୍ୟମ ଫାଇନାନ୍ସ
ଦ୍ୱାରା ସବୁ ପ୍ରକାର ଋଣ କରାନ୍ତୁ ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ ସମସ୍ତ ଋଣ 5,00,000-50,00,000 ପର୍ଯ୍ୟନ୍ତ ଘରେ ବସି ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ 50% ରିହାତି
ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
8810477974
Add : - 41/14, Sec-1 Pushp Vihar, Delhi

REGISTRATION FREE | GOVT. APPROVED
BHARTIYA TELECOM GROUP
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍ ଉପରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ, ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ
କାମ ଆମର ବିଶ୍ୱାସ ଆପଣଙ୍କର
(ଠକମାନଙ୍କ ପ୍ରତି ସାବଧାନ)
08417868634
08417868647
VILLAGE-MATORDA, BHADSON, PATIALA, NABHA, PUNJAB 147202

Indus Tower Co.
ଖାଲି ଜମି, ଛାତ, ପ୍ଲଟ୍‌ରେ ହାଇ କ୍ୱାଲିଟି ଟାୱାର ଲଗାନ୍ତୁ। ଅଗ୍ରିମ 70 ଲକ୍ଷ, ଭଡ଼ା 40,000/- + 20 ହଜାରର ଅନ୍ୟାନ୍ୟ ସୁବିଧା + ବାଇକ୍ + କୋର୍ଟ ଏଗ୍ରିମେଣ୍ଟ।
08278484548
08126562722
Add.: Sector-1, Pushp Vihar, Delhi

AXIC FINANCE LTD.
ଆମେ ସବୁ ପ୍ରକାର ଋଣ ଯୋଗାଉଛୁ, ଯେପରି ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ଗୃହ ଋଣ @ ସର୍ବନିମ୍ନ ଦରରେ 1% ସୁଧ ସବ୍‌ସିଡି @ 50%।
ମହିଳାମାନେ ମଧ ଆବେଦନ କରିପାରିବେ।
HEAD OFFICE
G-79, Adarsh Nagar Karol Bagh, New Delhi-5
8986532690, 9117913124

ବେଦାଂଶୀ ଫାଇନାନ୍ସ ପ୍ରା.ଲି.
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767,
Jajpur: 9084652616,
Dhenkanal: 7409543249,
Angul: 7252964716,
Jeypore: 9084652615

DHARITRI Career appointment Every Wednesday and Saturday

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୨୩ ବର୍ଷ ପରେ...

ବଲିଉଡ୍‌ର ଏଲିଜିବୁଲ ବ୍ୟାଚେଲର ସଲ୍ଲୁ ମିଆଁ ଓରଫ ସଲ୍‌ମାନ ଖାଁ। ରାଜଶ୍ରୀ ପ୍ରଡକ୍ସନ ବ୍ୟାନରରେ ନିର୍ମିତ 'ମୈନେ ପ୍ୟାର୍ କିୟା'ରେ ତାଙ୍କୁ ନାୟକ ଭାବରେ ବ୍ରେକ୍ ମିଳିଥିଲା। କେବଳ ସେତିକି ନୁହେଁ, ଫିଲ୍ମଟି ସୁପରଡୁପର ହିଟ୍ ମଧ୍ୟ ହୋଇଥିଲା। ୟା' ଭିତରେ ସେ ଅନେକ ହିଟ୍ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। 'ଭାଇଜାନ୍' ଭାବରେ ପରିଚିତ ଏହି ଅଭିନେତାଙ୍କ ପଛରେ ଏବେ ମଧ୍ୟ ପ୍ରଯୋଜକଙ୍କର ଲମ୍ବା ଲାଇନ୍। ତାଙ୍କ ରିଲ୍ ଲାଇଫ୍‌ରେ ତ ଅନେକ ଘଟଣା ଘଟିଛି। ତାଙ୍କ କ୍ୟାରିୟରର ୨୩ବର୍ଷ ପରେ ସେ ପ୍ରଥମ ଥର ପାଇଁ ସିକ୍ୱେଲ ଫିଲ୍ମରେ ଅଭିନୟ କରିବାର ସୁଯୋଗ ପାଇଥିଲେ। ଆଉ ଫିଲ୍ମଟି ଥିଲା 'ଦବଙ୍ଗ-୨'। ଏହାପୂର୍ବରୁ ସଲ୍‌ମାନ ଏବଂ ନବାଗତା ସୋନାକ୍ଷୀ ସିହ୍ନାଙ୍କୁ ନେଇ ନିର୍ମିତ 'ଦବଙ୍ଗ' ମଧ୍ୟ ହିଟ୍ ହୋଇଥିଲା।


ସଲମାନ୍

## ପାନ ପାଇଁ...

ରାଜ କୁମାର ହିରାନୀଙ୍କ 'ପିକେ' ଶୁଟିଂ ସମୟର କଥା। ଏହାର ଶୁଟିଂ ଶେଟ୍‌କୁ କିଏ ଆସୁ ବା ନ ଆସୁ, ପ୍ରଥମେ ଜଣେ ପାନ ଦୋକାନୀ ଆସି ପାନର ପସରା ମେଲି ବସୁଥିଲେ। ହେଲେ କାହିଁକି? ଆପଣ ଯଦି ଫିଲ୍ମଟି ଦେଖିଥିବେ, ତେବେ ନିଶ୍ଚୟ ଜାଣିଥିବେ ଯେ ଏଥିରେ ଆମୀର ଖାଁ କେତେ ପାନ ଖାଉଥିଲେ। ପୁଣି ଡାଏଲଗ୍ କହିବା ସମୟରେ ପାଟି ଲାଲ୍ ଦେଖାଯିବା ଦରକାର। ତେଣୁ ଶଟ୍ ଦେବା ପୂର୍ବରୁ ମଧ୍ୟ ଆମୀରଙ୍କୁ ପାଖାପାଖି ୧୦-୧୨ଟି ପାନ ଖାଇବାକୁ ପଡୁଥିଲା। ତେଣୁ ଏଥିପାଇଁ ନିର୍ଦ୍ଦେଶକ ଶୁଟିଂ ସେଟ୍‌ରେ ଏପରି ଅଭିନବ ବ୍ୟବସ୍ଥା କରିଥିଲେ। ଯେତେବେଳେ ଆମୀରଙ୍କର ପାନ ଦରକାର ପଡୁଥିଲା, ବିଳମ୍ବ ନ କରି ଶୁଟିଂ ବୟ ସେହି ପାନ ଦୋକାନୀ ପାଖରୁ ପାନ ଆଣି ତାଙ୍କ ପାଖରେ ପହଞ୍ଚାଇ ଦେଉଥିଲା।


ଆମୀର

## ଯଦି ରାଜି ହୋଇଥାଆନ୍ତେ...

ବେଳେବେଳେ ପ୍ରଯୋଜକ ଯାହାଙ୍କୁ ଲିଡ୍ ରୋଲ୍‌ରେ ନେବାକୁ ଚାହିଁଥାଆନ୍ତି, ତାହା କେତେକ କାରଣରୁ ସମ୍ଭବ ହୋଇ ନ ଥାଏ। କିନ୍ତୁ ଏହା ବଦଳରେ ସେ ଯାହାକୁ ସାଇନ୍ କରାନ୍ତି, ସେ ମଧ୍ୟ ଭୂମିକାଟିକୁ ସଫଳ କରିବାରେ ପଶ୍ଚାଦ୍‌ପଦ ହୁଅନ୍ତି ନାହିଁ। ୨୦୦୮ରେ ରିଲିଜ୍ ହୋଇଥିଲା 'ସ୍ଲମ୍‌ଡଗ ମିଲେନିୟର'। ଖ୍ରୀଷ୍ଟିଆନ୍ କଲସୋନଙ୍କ ଦ୍ୱାରା ପ୍ରଯୋଜିତ ଏବଂ ଡ୍ୟାନି ବୋଲେଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ବେଶ୍ ସଫଳତା ଅର୍ଜନ କରିଥିଲା। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଅନିଲ କପୁର, ଫ୍ରିଡା ପିଣ୍ଟୋ, ଦେବ୍ ପଟେଲ ଏବଂ ଇରଫାନ୍ ଖାଁ ପ୍ରମୁଖ କଳାକାର। କିନ୍ତୁ ଏହି ଫାଇନାଲ କାଷ୍ଟିଂ ପୂର୍ବରୁ ଏକ ଘଟଣା ଘଟିଥିଲା। ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଉକ୍ତ ଫିଲ୍ମରେ ଶାହରୁଖ ଅଭିନୟ କରନ୍ତୁ ବୋଲି ଚାହିଁଥିଲେ। ତାଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଏଥିରେ ଅଭିନୟ କରିବେ ନାହିଁ ବୋଲି ମନା କରି ଦେଇଥିଲେ। ତା'ପରେ ଅନିଲଙ୍କୁ ଯୋଗାଯୋଗ କରାଗଲା ଏବଂ ଅଫରଟି ପାଇବା ପରେ ସେ ହଁ ଭରିଥିଲେ। ଯଦି ସେତେବେଳେ ଶାହରୁଖ ରାଜି ହୋଇଥାଆନ୍ତେ, ତେବେ ହୁଏତ ଏହି ଫିଲ୍ମର କାଷ୍ଟିଂରେ ଅନିଲଙ୍କୁ ସ୍ଥାନ ମିଳି ନ ଥାଆନ୍ତା।


ଶାହରୁଖ

# କହୁ କହୁ କହିଦେଲେ


କ୍ୟାଟ୍ରିନା

କ୍ୟାଟ୍ରିନା ଆଉ କେତେଦିନ ଜିଭକୁ ଲଗାମ ଦେଇଥାଆନ୍ତେ। ନିଜକୁ ଯେତେ ନିୟନ୍ତ୍ରଣରେ ରଖିଲେ ମଧ୍ୟ ଶେଷକୁ ଅସଲ କଥାଟି ତାଙ୍କ ପାଟିରୁ ବାହାରିଗଲା। ଏବେ ତ ଆଲୋଚନା ଚାଲିଛି ଯେ କ୍ୟାଟ୍ରିନା କୈଫ କେବେ ହାତକୁ ଦି' ହାତ ହେବେ। ପୁଣି ଶୁଣିବାକୁ ମିଳୁଛି ତାଙ୍କର ପୂର୍ବ ପ୍ରେମିକ ସଲ୍‌ମାନଙ୍କ ସହ କୁଆଡ଼େ ତାଙ୍କର ମ୍ୟାରେଜ ହେବ। ହେଲେ ସତ କଥା ହେଲା, କ୍ୟାଟ୍ରିନା ଆଉ ଅପେକ୍ଷା କରିବାକୁ ନାରାଜ। ଦେଖୁନାହାନ୍ତି, ଗୋଟିଏ ପ୍ରସଙ୍ଗ ଉପରେ ଆଲୋଚନା ଚାଲିଥିବା ବେଳେ ସେ କେମିତି ନିଜ ରିୟଲ ଲାଇଫ ବିଷୟରେ ବଡ଼ ସୂଚନା ଦେଇଦେଲେ। 'ଘର ସଂସାର କରିବାକୁ କିଏ ବା ନ ଚାହେଁ? ମୋ ମତରେ ଏବେ ଆଉ ଡେରି କରି କିଛି ଲାଭ ନାହିଁ। ଏ ନେଇ ମୋତେ ଖୁବ୍ ଶୀଘ୍ର ମାଇଣ୍ଡ ମେକ୍‌ଅପ୍ କରିବାକୁ ପଡ଼ିବ।' ହେଲେ କେବେ ସେହି ଶୁଭଦିନ ଆସିବ ପଚାରିବାରୁ ସେ କଥା ପରେ କହିବି ବୋଲି କହିଥିଲେ କ୍ୟାଟ୍ରିନା। ତେବେ ଏକଥା ଜାଣିବାକୁ ଆମକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।

## ଓଃ, କି କଷ୍ଟ !

କଥାଟା ସିନା କହିଦେଲେ, ହେଲେ ତାହାକୁ ତୁଲାଇବା କେତେ କଷ୍ଟ ତାହା ପରେ ଜାଣିପାରିଲେ। ନିକଟରେ କିଆରା ଆଡୱାନୀ ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମର ଶୁଟିଂ କରୁଥାଆନ୍ତି। ଏକ ଷ୍ଟଣ୍ଟ ସିନ୍‌ର ଶୁଟିଂ ଚାଲିଥାଏ। ହେଲେ ସେତେବେଳେ କିଆରା ଟେନ୍‌ସନରେ ଏପଟ ସେପଟ ହେଉଥାଆନ୍ତି। କ୍ୟାମେରା ରେଡ଼ି। ହେଲେ କିଆରାଙ୍କ ସାହସ ହେଉ ନ ଥାଏ। ସେପଟେ କହିଦେଇଛନ୍ତି ଯେ, ଏହି ଷ୍ଟଣ୍ଟ ଶଟ୍ ନିଜେ ଦେବେ। ଶଟ୍ କେମିତି ଶେଷ ହେବ ସେ ନେଇ ନିର୍ଦ୍ଦେଶକ ମଧ୍ୟ ଟେନ୍‌ସନରେ। ଯାହାହେଉ, ଶେଷକୁ ମାଇଣ୍ଡ ମେକ୍‌ଅପ କରି କିଆରା ପ୍ରସ୍ତୁତ ହେଲେ। ୩-୪ଥର ଶଟ୍ ନିଆଯିବା ପରେ ନିର୍ଦ୍ଦେଶକ ଓକେ କହିଥିଲେ ଆଉ ତାହା ଶୁଣିବା ପରେ କିଆରା ଖୁସିରେ ଉଛୁଳି ପଡ଼ିଥିଲେ।

# ଆରମ୍ଭରୁ ଡବଲ ରୋଲ୍


ସୁମନପ୍ରିୟା

ନବାଗତା ସୁମନପ୍ରିୟାଙ୍କୁ ତାଙ୍କର ଡେବ୍ୟୁ ସିନେମାରେ ଡବଲ ରୋଲ୍‌ରେ ଦେଖିବାକୁ ମିଳିବ। ଅପରପକ୍ଷରେ ଏଭଳି ଭିନ୍ନ ଭୂମିକା ଦ୍ୱୟର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହି ନବାଗତା। ଏଥିରେ ତାଙ୍କୁ ବୈଶାଳୀ ଏବଂ ଦୀପାଳି ଭୂମିକାରେ ଦେଖିବାକୁ ମିଳିବ। ଏ ସମ୍ପର୍କରେ ସୁମନପ୍ରିୟା କହନ୍ତି, ''ବୈଶାଳୀ ଜଣେ ନିପଟ ମଫସଲ ଝିଅ ହୋଇଥିବା ବେଳେ ଦୀପାଳିର ଆଚାର ବ୍ୟବହାର ସମ୍ପୂର୍ଣ୍ଣ ଅଲଗା। ସେ ଜଣେ ମଡର୍ନ ଗର୍ଲ। ଏହି ଫିଲ୍ମର କାହାଣୀ ଜଣେ ନାରୀ ଉପରେ ଆଧାରିତ। ଯେହେତୁ ଏଥିରେ ମୋତେ ଡବଲ୍ ରୋଲ୍ ମିଳିଛି, ତେଣୁ ଏହା ଏକ ଚ୍ୟାଲେଞ୍ଜ ସଦୃଶ। ତା' ସହ ଦର୍ଶକ ମୋ ପରିଶ୍ରମର ମୂଲ୍ୟ ବୁଝିବେ ବୋଲି ଆଶା ରହିଛି।'' ଅବଶ୍ୟ କ୍ୟାମେରା ସାମ୍‌ନା କରିବା ତାଙ୍କ ପାଇଁ ନୂଆ କଥା ନୁହେଁ। ଏହାପୂର୍ବରୁ ସେ ପ୍ରାୟ ୨୫ଟି ସମ୍ବଲପୁରୀ ଭିଡିଓ ଆଲବମ୍‌ରେ ଅଭିନୟ କରିଛନ୍ତି। ଏହା ସହ ରିଲିଜ୍ ଅପେକ୍ଷାରେ ଥିବା ସମ୍ବଲପୁରୀ ଚଳଚ୍ଚିତ୍ର 'କୁକୁଡ଼ା ଚୋର'ର ନାୟିକା ମଧ୍ୟ ସାଜିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା କ୍ଷୁଦ୍ର ଚଳଚ୍ଚିତ୍ର 'ଝାରବେଡା'ରେ ମଧ୍ୟ ଅଭିନୟ କରିଛନ୍ତି କେସିଙ୍ଗାରେ ଜନ୍ମିତା ସୁମନପ୍ରିୟା। 'ବୈଶାଳୀ ପ୍ରଡକ୍ସନ ବ୍ୟାନରରେ ଶୁଟିଂ ଚାଲିଥିବା ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ସୁଧୀର କୁମାର ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଆଶୁତୋଷ (ବାବୁ ଦା')। ସିନେମାରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ଏହି ଫିଲ୍ମରେ ସୁମନପ୍ରିୟାଙ୍କ ଅପୋଜିଟ୍‌ରେ ନାୟକ ଭୂମିକାରେ ଅଭିନୟ କରୁଛନ୍ତି ଅଭିଷେକ ରଥ। ଏମାନଙ୍କ ବ୍ୟତୀତ ବିଜୟ ମହାନ୍ତି, ଅପରାଜିତା ମହାନ୍ତି, ପୃଥ୍ୱୀରାଜ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ରବି ମିଶ୍ର, ମନୀଷା ମିଶ୍ର, ଅସିତ୍ ପତି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

# ସେହି କୋଟି ପଦ କଥା

କଳାକାରଙ୍କ ମନରେ ଅନେକ କଥା ସ୍ମୃତି ଆକାରରେ ରହିଥାଏ। ସେଗୁଡ଼ିକ ମଧ୍ୟରୁ କେତେକକୁ ଭୁଲିବା ସମ୍ଭବ ହୋଇ ନ ଥାଏ। ପୁଣି କେତେକଙ୍କ ପାଇଁ ଏହି କଥା କ୍ୟାରିୟର ଆରମ୍ଭରେ ହିଁ ପ୍ରେରଣାଦାୟକ ସାବ୍ୟସ୍ତ ହୋଇଥାଏ। ଏପରି ଏକ ସ୍ମୃତିକୁ ରୋମନ୍ଥନ କରି ଅଭିନେତା ଅଂଶୁମାନ୍ ସାମନ୍ତରାୟ କହନ୍ତି, 'ଅଭିନୟ କରିବା ପୂର୍ବରୁ ମୁଁ ମଡେଲିଂ କରୁଥିଲି। ଅଭିନୟ ସହ ମଡେଲିଂ ଏବେ ମଧ୍ୟ ଚାଲିଛି। କିନ୍ତୁ ମୋ କ୍ୟାରିୟରକୁ ନୂଆ ମୋଡ଼ ଦେବାରେ ଜଣଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ ହେଲେ ମୋ ବାପା ରାଜ କିଶୋର ସାହୁ। ଇଲେକ୍ଟ୍ରିକାଲ ସୁପେରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଭାବରେ କାର୍ଯ୍ୟ କରି ସେ ଅବସର ଗ୍ରହଣ କରିଛନ୍ତି। ମୋ କ୍ୟାରିୟର ଆରମ୍ଭରେ ସେ କହିଥିଲେ, ଅଭିନୟର ପ୍ରତିଟି ପାହାଚରେ ଉତ୍‌ଥାନ ପତନ ରହିଛି। ଯଦି ଯୋଜନାବଦ୍ଧ ଭାବରେ ଆଗକୁ ଅଗ୍ରସର ନ ହୁଅ, ତେବେ ଜଣେ ସଫଳ ଅଭିନେତା ହେବାର ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଯିବ। ତେଣୁ ମୁଁ ତାଙ୍କର ଏହି କଥାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ଖାସ୍ କଥା ହେଲା, ମୋ ଅଭିନୀତ ପ୍ରଥମ ସିନେମା 'ଆଇଲାରେ ଓଡ଼ିଆ ପୁଅ'ରେ ସେ ମଧ୍ୟ ଅଭିନୟ କରିଥିଲେ।' ରିଲିଜ୍ ଅପେକ୍ଷାରେ ଥିବା ତଥା ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଓଡ଼ିଆ ସିନେମା 'ତୁ ମୋର ନିହାତି ଦରକାର'ରେ ସେ ଲିଡ୍ ନେଗେଟିଭ୍ ଭୂମିକାରେ ଅଭିନୟ କରୁଛନ୍ତି।


ରାଜ କିଶୋର ସାହୁ


ଅଂଶୁମାନ୍ ସାମନ୍ତରାୟ

# କଳିଙ୍ଗ ଷ୍ଟୁଡିଓ

## କଟ୍ ଇଟ୍...

**ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକମାନେ ବର୍ଷ ବର୍ଷ ଧରି ଉପେକ୍ଷିତ ପରେ ଆଉ ଏ ଦିଗରେ ଗୁରୁତ୍ୱ ନ ଦେଇ ଅନ୍ୟାନ୍ୟ କାର୍ଯ୍ୟରେ ଅର୍ଥ ବିନିଯୋଗ କରିବା ଶ୍ରେୟସ୍କର ମଣିଲେଣି। ଓଡ଼ିଶାରେ ଏକମାତ୍ର ସରକାରୀ ଷ୍ଟୁଡିଓର ଅବସ୍ଥା ସମ୍ପର୍କରେ ପ୍ରତି ସମୟରେ ନାନା ଅଭିଯୋଗ ହେଲେ ମଧ୍ୟ ତାହାକୁ ଚପାଇ ଦେଇ ନୀରବତା ମଧ୍ୟରେ ଆଉ ଚଳଚ୍ଚିତ୍ର ଶିଳ୍ପର ସ୍ୱପ୍ନ ଦେଖିବା ଆଶା ମଉଳି ଗଲାଣି। କଳିଙ୍ଗ ଷ୍ଟୁଡିଓ ନିଗମ କଟ୍ ଇଟ୍ କହି ନୂଆ ରୂପ ନଗରୀ ସମ୍ପର୍କରେ ସ୍ୱପ୍ନ ଦେଖିବା ଅପେକ୍ଷା ଆର୍ଥିକ ମାନ୍ଦାବସ୍ଥାରେ ନୂତନ ଦିଗପ୍ରତି ଧ୍ୟାନ ଦେଇ ଅର୍ଥ ବିନିଯୋଗ ଉତ୍ତମ ନିଷ୍ପତ୍ତି ହେବ...**

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଆଶାଭରସା କଳିଙ୍ଗ ଷ୍ଟୁଡିଓ ନିର୍ମାଣ ଆରମ୍ଭରୁ ଏଯାବତ୍ କେବଳ ଝଡ଼ଝଞ୍ଜା ମଧ୍ୟରେ ସଂଗ୍ରାମ କରିଚାଲିଛି। ୧୯୭୬ରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ପ୍ରତିଷ୍ଠା ହୋଇଥିଲା। ଏହାପରେ ଆମ ରାଜ୍ୟରେ ଏକ ଫିଲ୍ମ ଷ୍ଟୁଡିଓ ସ୍ଥାପନ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା। ସେ ସମୟରେ ଏହାର ମୁଖ୍ୟ ପୁରୋଧା ସାଜିଥିଲେ ବିଶିଷ୍ଟ ପ୍ରଯୋଜକ ଧୀର ବିଶ୍ୱାଳ, ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର ଏବଂ ଅଭିନେତା ତଥା ନିର୍ଦ୍ଦେଶକ ଗୋପାଳ ଘୋଷ। ଏପରି ଉଦ୍ୟମକୁ ପ୍ରଶଂସା କରିବା ସହ ସେତେବେଳେ ଦକ୍ଷିଣ ଚଳଚ୍ଚିତ୍ର ଜଗତର ଅନ୍ୟତମ ନାମୀ ପ୍ରଯୋଜକ ଏଲ. ଭି. ପ୍ରସାଦ ସହଯୋଗର ହାତ ବଢ଼ାଇ ଥିଲେ। ଓଏଫ୍‌ଡିସି ସହାୟତାରେ ଖଣ୍ଡଗିରି ଉପକଣ୍ଠର ଏକ ଶାନ୍ତ ପରିବେଶରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶେଷରେ ଓଡ଼ିଶାବାସୀଙ୍କର ଏହି ସ୍ୱପ୍ନ ସାକାର ହେଲା। ୧୯୮୨ରେ କଳିଙ୍ଗ ଷ୍ଟୁଡିଓ ଲୋକାର୍ପିତ ହୋଇଥିଲା। କେବଳ ଫିଲ୍ମ ଶୁଟିଂ ନୁହେଁ, ଏଡିଟିଂ ଏବଂ ଡବିଂ କାମ ମଧ୍ୟ ସେଠାରେ କରାଯାଉଥିଲା। ବିଶେଷଭାବେ ଅତ୍ୟାଧୁନିକ ଯନ୍ତ୍ରପାତି, ଉନ୍ନତ ବୈଷୟିକ ସୁବିଧାସୁଯୋଗ କେବଳ ଓଡ଼ିଶାର ନୁହେଁ ବାହାର ରାଜ୍ୟର ପ୍ରଯୋଜକଙ୍କୁ ଆକର୍ଷିତ କରିଥିଲା। ସମୟକ୍ରମେ ସେଠାରେ ଓଡ଼ିଆ ଚଳଚ୍ଚିତ୍ର ବ୍ୟତୀତ ପ୍ରାନ୍ତୀୟ ଭାଷାରେ ଅନେକ ସିନେମା ଶୁଟିଂ ଏଠାରେ ହୋଇଥିଲା। ଏହାର ଶାନ୍ତ ପରିବେଶ ଥିଲା ଅନ୍ୟତମ ଆକର୍ଷଣ। ସେତେବେଳେ ଅନେକ ଅଭିନେତା, ପ୍ରଯୋଜକ, ନିର୍ଦ୍ଦେଶକ କଳିଙ୍ଗ ଷ୍ଟୁଡିଓର ଭୂରି ଭୂରି ପ୍ରଶଂସା କରୁଥିବାର ଦେଖିବାକୁ ମିଳିଥିଲା। କିନ୍ତୁ ୧୯୯୯ ମହାବାତ୍ୟା ଏହି ଷ୍ଟୁଡିଓର ଯାହା କ୍ଷତି କରିଥିଲା ତାହା ଅବର୍ଣ୍ଣନୀୟ। ସେତେବେଳେ ପାଖାପାଖି ୭୭ ଲକ୍ଷ ଟଙ୍କାର ଅତ୍ୟାଧୁନିକ ଯନ୍ତ୍ରପାତି ନଷ୍ଟ ହେବା ସହ ଷ୍ଟୁଡିଓଟି ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଥିଲା। କିନ୍ତୁ ଟେକ୍ନିସିଆନ୍‌ଙ୍କ ଦିନରାତି ପରିଶ୍ରମ ଯୋଗୁ ମାତ୍ର ଦିନ କେଇଟା ଭିତରେ ଏହି ଷ୍ଟୁଡିଓ ଆଂଶିକ ଭାବେ କାର୍ଯ୍ୟକ୍ଷମ ହୋଇଥିଲା। ସମୟ ଗଡିଚାଲିଲା। ଉପଯୁକ୍ତ ଯତ୍ନ ଅଭାବରୁ ଏହି ଷ୍ଟୁଡିଓ ବର୍ତ୍ତମାନ ଏପରି ସ୍ତରକୁ ଚାଲିଯାଇଛି, ଯାହାର ସମ୍ପୂର୍ଣ୍ଣ ପୁନରୁଦ୍ଧାର ଜରୁରୀ ହୋଇପଡିଛି। ଏ ନେଇ ଅନେକ ସ୍ୱର ଉଠାଉଥିଲେ ମଧ୍ୟ ତାହା ଆହୁରି ଦୃଢ଼ ହେବା ଦରକାର। ପ୍ରଯୋଜକମାନଙ୍କର ଶୁଭ ଦୃଷ୍ଟି ପଡ଼ିଲେ ଷ୍ଟୁଡିଓ ତାହାର ପୂର୍ବରୂପ ଫେରି ପାଇବାକୁ ବେଶି ସମୟ ଲାଗିବ ନାହିଁ। ହେଲେ ସେଭଳି ଆନ୍ତରିକତା ଦେଖିବାକୁ ମିଳୁନାହିଁ। ସମସ୍ତେ କାନ୍ଦୁଛନ୍ତି, ହେଲେ କେବଳ ଅନୁତାପର ଲୁହ ଝରାଇଲେ କିଛି ଲାଭ ନାହିଁ। ଷ୍ଟୁଡିଓର ଠିକ୍ ପରିଚାଳନା ପ୍ରତି ଗୁରୁତ୍ୱ ଦେବାର ଉପଯୁକ୍ତ ସମୟ ଆସିଛି। ଏଥିପାଇଁ ଏହାର କର୍ମଚାରୀ, ଓଡ଼ିଆ ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ ଅଧିକ ଉତ୍ସାହିତ ହେଲେ ଏହି କାମ ଆହୁରି ଶୀଘ୍ର ତ୍ୱରାନ୍ୱିତ ହୋଇପାରିବ।

ପ୍ରତିଟି ଷ୍ଟୁଡିଓ ଏକ ଲାଭଜନକ ସଂସ୍ଥା କିନ୍ତୁ ପରିଚାଳନାଗତ ଦୋଷତ୍ରୁଟି ଏହାକୁ ସ୍ଥାଣୁ କରି ଦେଇଥାଏ। କଳିଙ୍ଗ ଷ୍ଟୁଡିଓ ୧୯୯୯ ମହାବାତ୍ୟା ପରେ ଷ୍ଟୁଡିଓ ନିର୍ମାଣ ଲାଗି ଆସିଥିବା ଅର୍ଥ ଠିକ୍ ବିନିଯୋଗ ନ କରି କେବଳ ଆଖିଦୃଶିଆ ରଙ୍ଗ, କବାଟ ସ୍କ୍ରିନ୍ ଟାଣିଦେଇ ନବକଳେବର ହେଲା ବୋଲି ବାହୁସ୍ଫୋଟ ତାହା ପୁଣି ଆଜିର ଦିନରେ ବୁଝାପଡୁନି।

କଳାକାର ସଂଳାପ କହିବା ପରି ନିଗମ ଅଧ୍ୟକ୍ଷମାନେ ବିଭିନ୍ନ ବିପର୍ଯ୍ୟୟ ସମୟରେ ମନ୍ତବ୍ୟ ଦେଇ ଖବରକାଗଜର ପୃଷ୍ଠା ମଣ୍ଡନ କରି ବାଃ ବାଃ ନେବା ଆଉ କେତେଦିନ। 'ଫନୀ' ୨୦ବର୍ଷ ପରେ ନୂଆ ରୂପର କଳିଙ୍ଗ ଷ୍ଟୁଡିଓର ପରିକଳ୍ପନାକୁ ପୁଣି ଧ୍ୱସ୍ତବିଧ୍ୱସ୍ତ କରି ପକାଇଛି। ଓଡ଼ିଶାରେ ଚଳଚ୍ଚିତ୍ର ପ୍ରଯୋଜକମାନେ ଏକତ୍ର ହେବା, ସିନେମା ନୀତି ଘୋଷଣା ଅଧାବାଟରେ ଅଟକିବା ଆଦି କଥା କେବଳ ସଂଳାପ! ଆଉ ଓଡ଼ିଶାରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ହେଲେ ପ୍ରେକ୍ଷାଳୟ ନାହିଁ! ଶିଳ୍ପ ପାଇଁ ଆନୁଷଙ୍ଗିକ ଦକ୍ଷତା ବୃଦ୍ଧି ନ କରି କେବଳ କାଗଜ କଲମରେ ଫାଇଲ୍ ଚାଷ ଆଉ କେତେ ଦିନ କରି ପ୍ରଯୋଜକମାନଙ୍କୁ ଭଣ୍ଡେଇ 'ଜୋକର' ବନାଇବ, ତାହା ହିଁ ପ୍ରଶ୍ନବାଚୀ।

ମହାବାତ୍ୟା ପରେ ଫନୀ ୨୦ବର୍ଷ ମଧ୍ୟରେ ସବୁକିଛି ସର୍ବସ୍ୱାନ୍ତ କରିଦେଲା। ପ୍ରଯୋଜକମାନେ ଧୈର୍ଯ୍ୟ ଧରି ଆଉ କେତେ ବର୍ଷ ପ୍ରତୀକ୍ଷା କଲେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଅଭିବୃଦ୍ଧି ଘଟିବ! ଚଳଚ୍ଚିତ୍ର ଶିଳ୍ପ ବିଭାଗ ହାତକୁ ନେବା ପରଠାରୁ ଅଣଦେଖା କରିଆସିଛି ବୋଲି ଅଭିଯୋଗ ହେଉଛି। ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକମାନେ ବର୍ଷ ବର୍ଷ ଧରି ଉପେକ୍ଷିତ ପରେ ଆଉ ଏ ଦିଗରେ ଗୁରୁତ୍ୱ ନ ଦେଇ ଅନ୍ୟାନ୍ୟ କାର୍ଯ୍ୟରେ ଅର୍ଥ ବିନିଯୋଗ କରିବା ଶ୍ରେୟସ୍କର ମଣିଲେଣି। ଓଡ଼ିଶାରେ ଏକମାତ୍ର ସରକାରୀ ଷ୍ଟୁଡିଓର ଅବସ୍ଥା ସମ୍ପର୍କରେ ପ୍ରତି ସମୟରେ ନାନା ଅଭିଯୋଗ ହେଲେ ମଧ୍ୟ ତାହାକୁ ଚପାଇ ଦେଇ ନୀରବତା ମଧ୍ୟରେ ଆଉ ଚଳଚ୍ଚିତ୍ର ଶିଳ୍ପର ସ୍ୱପ୍ନ ଦେଖିବା ଆଶା ମଉଳି ଗଲାଣି। କଳିଙ୍ଗ ଷ୍ଟୁଡିଓ ନିଗମ କଟ୍ ଇଟ୍ କହି ନୂଆ ରୂପ ନଗରୀ ସମ୍ପର୍କ ସ୍ୱପ୍ନ ଦେଖିବା ଅପେକ୍ଷା ଆର୍ଥିକ ମାନ୍ଦାବସ୍ଥାରେ ନୂତନ ଦିଗପ୍ରତି ଧ୍ୟାନ ଦେଇ ଅର୍ଥ ବିନିଯୋଗ ଉତ୍ତମ ନିଷ୍ପତ୍ତି ହେବ। ଓଡ଼ିଆ ସିନେମାରୁ ଦର୍ଶକ ଦୂରେଇ ଯିବା ପରେ ପ୍ରେକ୍ଷାଳୟ ଓ ଷ୍ଟୁଡିଓର ବ୍ୟାପକ ଅବ୍ୟବସ୍ଥା ଯେବେ ବି ସୁଧାରିଲେ ଓଡ଼ିଆ ଚଳଚ୍ଚିତ୍ର ତାହା ସତ୍ତା ଫେରି ପାଇବ ତ!




-ଦିଲୀପ ହାଲି
ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୦ ଜୁନ୍,୨୦୧୯



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ■ ନିର୍ଦ୍ଦେଶ ଅବମାନନା
## ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ

ଦାରିଙ୍ଗବାଡ଼ି, ୧୯।୬ (ଡି.ଏନ.ଏ.): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସୁଜାମାଜୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର କୁମାର ପ୍ରଧାନ ବିଇଓଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ବୁଧବାର ନିଲମ୍ବିତ ହୋଇଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଲମ୍ବିତ କରାଯାଇଛି। ବିଦ୍ୟାଳୟର ଦାୟିତ୍ୱ ହସ୍ତାନ୍ତର ନ କରିବା ସହ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ପାଇଁ ରହିଥିବା ବିଦ୍ୟାଳୟ ଆଇଡି ଏବଂ ପାସ୍‌ୱାର୍ଡ ପ୍ରଦାନରେ ଅବହେଳା ଯୋଗୁ ଏଭଳି ପଦକ୍ଷେପ ନିଆଯାଇଥିବା ଦାରିଙ୍ଗବାଡ଼ି ବିଇଓ ବ୍ରହ୍ମାନନ୍ଦ ରାଉତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବିଦ୍ୟାଳୟରେ ଥିବା ଛାତ୍ରୀନିବାସ ଦାୟିତ୍ୱ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ହସ୍ତାନ୍ତର କରିବାରେ ଅବହେଳା ଓ ମଧ୍ୟାହ୍ନଭୋଜନ ଏବଂ ବିଭିନ୍ନ ରେକର୍ଡ଼ର ହିସାବ ଦେଇପାରି ନ ଥିଲେ। ତତ୍କାଳୀନ ବିଇଓ ପୁରେନ୍ଦ୍ର ବେହେରା ଏନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ମଧ ସେ ଉତ୍ତର ଦେଇ ନ ଥିଲେ। ଏବେକାର ବିଇଓ ବ୍ରହ୍ମାନନ୍ଦ ରାଉତ ସମ୍ପୃକ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ସହ ଡ୍ରାଫ୍ଟଚାର୍ଜ କରିଥିଲେ। ତଥାପି ସେ ଉତ୍ତର ରଖି ନ ଥିଲେ। ଫଳରେ କନ୍ଧମାଳ ଜିଲା ଶିକ୍ଷା ଅଧିକାରୀ ବିକାଶ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଲମ୍ବନ କରାଯାଇଛି।

## ଭାରତ ନେଟ୍ ୨ୟ ପର୍ଯ୍ୟାୟରେ ୨୯୨୫ ପଞ୍ଚାୟତ ଅନ୍ତର୍ଭୁକ୍ତ

ଭୁବନେଶ୍ୱର, ୧୯।୬(ବ୍ୟୁରୋ)
ରାଜ୍ୟରେ ତଥ୍ୟ ବିନିଯୋଗ ଏବଂ ଦ୍ରୁତ ଇଣ୍ଟରନେଟ୍ ସେବାର ଅଭିବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ବ୍ଲକ ଓ ପଞ୍ଚାୟତସ୍ତର

### ଜୁନ୍ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ

ପର୍ଯ୍ୟନ୍ତ ଅପଟିକାଲ୍ ଫାଇବର୍ ମାଧମରେ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ପ୍ରକଳ୍ପ ଆରମ୍ଭ ହୋଇଛି। ଏହାସହ ଭାରତ ନେଟ୍ ୨ୟ ପର୍ଯ୍ୟାୟ ଅନ୍ତର୍ଭୁକ୍ତ ୨୯୨୫ ପଞ୍ଚାୟତରେ ସର୍ଭେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ରାଜ୍ୟସ୍ତରୀୟ କାର୍ଯ୍ୟାନ୍ୱୟନ କମିଟିର ଆଲୋଚନାରୁ ଏହା ଜଣାପଡିଛି। ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଅଗ୍ରଗତି ସମୀକ୍ଷା କରି ଆସନ୍ତା ଜୁନ୍ ୩୦ ସୁଦ୍ଧା ଭାରତ ନେଟ୍ ୨ୟ ପର୍ଯ୍ୟାୟ ନିମନ୍ତେ ସର୍ଭେ କାର୍ଯ୍ୟ ସାରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଓଡିଶା ଶକ୍ତି ସଞ୍ଚାରଣ ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଫାଇବର କେବୁଲ ବିଛାଯାଇଥିବା ପଞ୍ଚାୟତଗୁଡିକୁ ତୁରନ୍ତ ବ୍ରଡ୍‌ବ୍ୟାଣ୍ଡ ସେବା ସଂଯୋଗ ଦେବା ପାଇଁ ପାଢ଼ୀ ବିଏସ୍ଏନ୍ଏଲ ଏବଂ ବିବିଏନ୍ଏଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଏବଂ ପଞ୍ଚାୟତସ୍ତରରେ ଥିବା ସରକାରୀ ଅନୁଷ୍ଠାନଗୁଡିକୁ ଏହି ସଂଯୋଗ ଯୋଗାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ରସ୍ତରରେ ଯେପରି ସବୁ ସମୟରେ ସେବା ଯୋଗାଯିବ ଏବଂ ସୃଷ୍ଟି ହୋଇଥିବା ଭିତ୍ତିଭୂମିର ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଉନ୍ନୟନ କମିଶନର ଅସୀତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବେଣୁଗୋପାଳ କହିଛନ୍ତି, ଭାରତ ନେଟ୍ ପ୍ରଥମ ପର୍ଯ୍ୟାୟରେ ୩୮୧୦ ଗ୍ରାମପଞ୍ଚାୟତ ଏବଂ ୧୮୧ଟି ବ୍ଲକକୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ପାଇଁ କାମ ଆରମ୍ଭ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨୦୯୪ ଗ୍ରାମପଞ୍ଚାୟତରେ ସେବା ଯୋଗାଣ ନିମନ୍ତେ ଭିତ୍ତିଭୂମି କାର୍ଯ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ପଞ୍ଚାୟତସ୍ତରରେ ଇଣ୍ଟରନେଟ୍ ଯୋଗାଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟ ଶାସନ ସଚିବ ଅବଶିଷ୍ଟ ପଞ୍ଚାୟତକୁ ତୁରନ୍ତ ସେବା ଯୋଗାଇବାକୁ ବିଏସ୍ଏନ୍ଏଲ୍ ଅଧିକାରୀଙ୍କୁ କହିଛନ୍ତି। ବୈଠକରେ ଶକ୍ତି ସଚିବ ତଥା ଓପିଟିସିଏଲ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ହେମନ୍ତ ଶର୍ମା କହିଛନ୍ତି, ଭାରତ ନେଟ୍ ୨ୟ ପର୍ଯ୍ୟାୟରେ ୩୦ ଜିଲା ଅନ୍ତର୍ଭୁକ୍ତ ୨୯୨୫ ପଞ୍ଚାୟତରେ କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ୨୭୭୧ ପଞ୍ଚାୟତ ଏବଂ ୨,୮୦,୦୦୦ ଖୁଣ୍ଟ ନିମନ୍ତେ ସର୍ଭେ କରି ସେଗୁଡିକୁ ଜିଓ ଟ୍ୟାଗିଙ୍ଗ କରାଯାଉଛି।

### ■ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ପ୍ରସଙ୍ଗ
# ପ୍ରତିଶ୍ରୁତି ପାଇ ପଦଯାତ୍ରା ବନ୍ଦ କଲେ ସେବାୟତ

### ୩୦ ସୁଦ୍ଧା ଦାବି ପୂରଣ ହେବ କହିଲେ ରାଜସ୍ୱ ମନ୍ତ୍ରୀ

ବାରିପଦା ଅଫିସ,୧୯।୬

ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଦାବିରେ ମୟୂରଭଞ୍ଜ ଜିଲା ବାରିପଦା ଜଗନ୍ନାଥ ମନ୍ଦିରର ସେବାୟତମାନେ ବୁଧବାର ଭୁବନେଶ୍ୱର ଅଭିମୁଖେ ପଦଯାତ୍ରାରେ ବାହାରିଥିଲେ। ବାରିପଦା ସହର ଠାରୁ ପ୍ରାୟ ୭ କି.ମି. ଦୂର କାଠପାଳ ଛକଠାରେ ପଦଯାତ୍ରା ପହଞ୍ଚି ସାରିଥିବା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ସେମାନଙ୍କ ନିକଟକୁ ଯାଇ ଆଲୋଚନା କରିଥିଲେ। ଆସନ୍ତା ୩୦ ତାରିଖ ମଧ୍ୟରେ ସେମାନଙ୍କ ଦାବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚାଇବା ସହିତ ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପଦଯାତ୍ରା ବନ୍ଦ କରାଗଲା ବୋଲି ସେବାୟତ କାମେଶ୍ୱର ତ୍ରିପାଠୀ କହିଛନ୍ତି।

ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିବା ଓ ପୁରୀ ରଥଯାତ୍ରାର ଦିନକ ପରେ ଏଠାରେ ଦୁଇ ଦିନ ଧରି ରଥଯାତ୍ରା ହେଉଥିବାରୁ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଏ। ତେବେ ସରକାରୀ ଭାବେ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ମିଳି ପାରି ନାହିଁ। ଗତ ସାଧାରଣ


ସେବାୟତମାନେ ପଦଯାତ୍ରାରେ ଯାଉଛନ୍ତି।

ନିର୍ବାଚନ ପୂର୍ବରୁ ଏପ୍ରିଲ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଜଗନ୍ନାଥ ମନ୍ଦିରକୁ ଆସି ଠାକୁରଙ୍କୁ ଦର୍ଶନ କରିଥିଲେ। ସେହି ସମୟରେ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ସେତେବେଳେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ଭୁବନେଶ୍ୱର ଆସି ରାଜ୍ୟ ସଚିବାଳୟରେ ସାକ୍ଷାତ କରିବାକୁ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କୁ କହିଥିଲେ। ହେଲେ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ କରିବାକୁ ବହୁବାର ଉଦ୍ୟମ କରିଥିଲେ ମଧ ସାକ୍ଷାତ କରିପାରି ନ ଥିଲେ। ଦାବି ପୂରଣ ନ ହେବାରୁ ଜଗନ୍ନାଥ ମନ୍ଦିରର ସେବାୟତ ତଥା ଠାକୁରଙ୍କ ଅଙ୍ଗ ସେବକ, ମନ୍ଦିର ସେବକ ଓ ରଥ ସେବକମାନେ ବୁଧବାର ସକାଳ ୮ଟା ବେଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରାରେ ବାହାରି ଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଉପରୋକ୍ତ ଦାବି ସମେତ ବିଭିନ୍ନ ଆପତ୍ତି ଅଭିଯୋଗ କରିବା ନେଇ କାର୍ଯ୍ୟକ୍ରମ ରଖିଥିଲେ। ଏଥିନେଇ ସହରବାସୀ ସେବାୟତମାନଙ୍କୁ ସମର୍ଥନ ଜଣାଇଥିଲେ। ଅଣରାଜନୈତିକ ସଂଗଠନ ଭଞ୍ଜ ସେନାର ସଭାପତି ପିଣ୍ଟୁ ମାଇତି, ରାକେଶ ବେହେରା, ରାକେଶ ସିଂ ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ହୋଇ ବାରିପଦା ସହର ଛାଡିବା ପର୍ଯ୍ୟନ୍ତ ସେବାୟତମାନଙ୍କୁ ସମର୍ଥନ ଜଣାଇଥିଲେ।

### ■ ରୁଷିଆ ଉପପ୍ରଧାନମନ୍ତ୍ରୀ ଏବଂ ଧର୍ମେନ୍ଦ୍ରଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ
# ଗ୍ୟାସ୍ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଆଲୋଚନା

ଭୁବନେଶ୍ୱର, ୧୯।୬(ବ୍ୟୁରୋ)

ରୁଷିଆର ଉପପ୍ରଧାନମନ୍ତ୍ରୀ ଏଚ୍.ଇ. ୟୁରି ପି ଟ୍ରୁଟ୍‌ନେଭ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ବୁଧବାର ନୂଆଦିଲ୍ଲୀଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଭାରତ ଏବଂ ରୁଷିଆ ମଧ୍ୟରେ ତୈଳ ଏବଂ ଗ୍ୟାସ୍ କ୍ଷେତ୍ରରେ ନୂଆ ସମ୍ଭାବନା ଖୋଜିବା ସହ ସହଯୋଗ ପାଇଁ ଗୁରୁତ୍ୱାରୋପ କରାଯାଇଛି ବୋଲି ଜଣାପଡିଛି । ଆଗାମୀ ଦିନରେ ଭାରତରେ ସିଟି ଗ୍ୟାସ୍ ବିତରଣରେ ପୁଞ୍ଜିନିବେଶ କରିବା ପାଇଁ ରୁଷୀୟ କମ୍ପାନୀଗୁଡିକୁ ନିମନ୍ତ୍ରଣ କରାଯାଇଥିଲା ବୋଲି ଟୁଇଟ୍ କରି ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏହାସହ ଭାରତର ତୈଳ ଏବଂ ଗ୍ୟାସ୍ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ଇଚ୍ଛୁକ ଥିବା ଆଲୋଚନା ହୋଇଛି । ପୂର୍ବ ରୁଷିଆରୁ ଭାରତର ପୂର୍ବତଟ ପର୍ଯ୍ୟନ୍ତ ନୌମାର୍ଗ ପ୍ରତିଷ୍ଠା ହେଲେ ଉର୍ଜା କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି କରାଯାଇପାରିବ ବୋଲି ବୈଠକରେ ଆଲୋଚନା କରାଯାଇଛି । ଏହା ବ୍ୟତୀତ ରୁଷ ଉପପ୍ରଧାନମନ୍ତ୍ରୀ ଆସନ୍ତା ସେପ୍ଟେମ୍ବର ୧୯ରେ ଭ୍ଲାଡିଭୋଷ୍ଟୋକରେ ଅନୁଷ୍ଠିତ ହେବାକୁ ଥିବା ୫ମ ଇଷ୍ଟର୍ନ ଇକୋନୋମିକ ଫୋରମ ଉପରେ ଅବଗତ କରାଇଥିବା ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି।


ରୁଷିଆର ଉପପ୍ରଧାନମନ୍ତ୍ରୀ ଏଚ୍.ଇ. ୟୁରି ପି ଟ୍ରୁଟ୍‌ନେଭ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଜୁଲାଇ ୬ରୁ ଭାଜପାର ନୂଆ ସଦସ୍ୟତା ଅଭିଯାନ

ଭୁବନେଶ୍ୱର, ୧୯।୬(ବ୍ୟୁରୋ)

ଭାଜପା ରାଜ୍ୟ ପଦାଧିକାରୀ ବୈଠକ ବୁଧବାର ଦଳର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ସାଙ୍ଗଠନିକ ପୁନର୍ଗଠନ ସମ୍ପର୍କରେ ଆଲୋଚନା ହେବା ସହ ଅନେକ ସାମ୍ପ୍ରତିକ ରାଜନୈତିକ ପ୍ରସଙ୍ଗରେ ଆଲୋଚନା ହୋଇଛି। ଦଳର ନିଷ୍ପତ୍ତି ଅନୁଯାୟୀ ଜୁଲାଇ ୬ ତାରିଖରୁ ଦଳର ସଦସ୍ୟତା ଅଭିଯାନ ଆରମ୍ଭ ହେବ । ସଭ୍ୟ ସଂଗ୍ରହ ଅଭିଯାନ ପରେ ସଦସ୍ୟତା ଆଧାରରେ ଦଳର ପୁନର୍ବିନ୍ୟାସ ହେବା ସହ ନୂତନ ଦାୟିତ୍ୱ ବଣ୍ଟନ କରାଯିବ । ପ୍ରତି ବୁଥସ୍ତରଠାରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ ସବୁଠାରେ ସଭ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରିବା ଦିଗରେ ବୈଠକରେ ଆଲୋଚନା ହୋଇଛି। ଏନେଇ ଦଳର ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ଅନ୍ୟପଟେ ରାଜ୍ୟର ସାମ୍ପ୍ରତିକ ସ୍ଥିତି ଏବଂ ବାତ୍ୟା ମୁକାବିଲା ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ବିଫଳତା ନେଇ ଆଲୋଚନା ହୋଇଛି। ବାତ୍ୟା ପରେ ବିଦ୍ୟୁତ, ପିଇବା ପାଣି, ପଲିଥିନ, ଶୁଖିଲା ଖାଦ୍ୟ ଏବଂ ଦରକାରୀ ଔଷଧ ଯୋଗାଇବାରେ ସରକାର ଫେଲ୍ ମାରିଛନ୍ତି। ଅନ୍ୟପଟେ ରାଜ୍ୟରେ ଧାନ କିଣା ବିକାରେ ବ୍ୟାପକ ଅନିୟମିତତା ହେଉଥିବା କଥା ବୈଠକରେ ଆଲୋଚନା ହୋଇଛି। ବର୍ଷା ପାଇଁ ସମୟ କମ୍ ଥିବାବେଳେ ଅନେକ ସ୍ଥାନରେ ଚାଷୀ ଧାନ ବିକିବାରେ ମାସ ମାସ ବିତିଗଲା ପରେ ମଧ ପଇସା ପାଇନାହାନ୍ତି । ଏହା ଉପରେ ସରକାର ତୁରନ୍ତ ଧାନ ଦେବାକୁ ବୈଠକରେ ଦାବି କରାଯାଇଛି। ଦିନକୁଦିନ ରାଜ୍ୟରେ ନିର୍ବାଚନୀ ପରବର୍ତ୍ତୀ ହିଂସା ବଢ଼ିବାରେ ଲାଗିଛି । ଶାସକ ଦଳ ରକ୍ତମୁହାଁ ସାଜିଛି। ସରକାରୀ ଦଳର ନିର୍ବାଚିତ ପ୍ରତିନିଧିଙ୍କ ସାଧାରଣ ଜନତାଙ୍କ ପ୍ରତି ଥିବା ଆଚରଣକୁ ବୈଠକରେ ନିନ୍ଦା କରାଯିବା ସହ ପୋଲିସର ନୀରବତା ଉପରେ ପ୍ରଶ୍ନ ଉଠାଯାଇଛି ବୋଲି ଗୋଲକ କହିଛନ୍ତି।

### ■ ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗିଲା
# ୨ ଭଉଣୀ ମୃତ, ମା’ ଭାଇ ଆହତ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୯।୬

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତ ଗେରୁପଡ଼ା ଗାଁରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଘରେ ନିଆଁ ଲାଗିଯିବାରୁ ୨ ଭଉଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ମା’ ଓ ଭାଇ ଆହତ ହୋଇଛନ୍ତି। ମୃତ ୨ ଭଉଣୀ ହେଲେ କ୍ରିଷ୍ଣା ବେହେରା (୧୩) ଓ ରମ୍ଭା ବେହେରା(୧୮) । ଆହତ ମା’ ବାଲମତୀ ବେହେରା ଓ ଭାଇ ରୁଦ୍ରଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁସାରେ ଗେରୁପଡ଼ା ଗାଁର ଅରୁଣ ବେହେରାଙ୍କ ପରିବାର ମଙ୍ଗଳବାର ରାତିରେ ଖାଇପିଇ ଶୋଇଥିଲେ। ଅରୁଣ, ସ୍ତ୍ରୀ ବାଲମତୀ ଏବଂ ପୁଅ ରୁଦ୍ର ଗୋଟିଏ ଘରେ ଶୋଇଥିବା ବେଳେ ଅନ୍ୟ ଏକ ଘରେ ଦୁଇ ଝିଅ କ୍ରିଷ୍ଣା ଏବଂ ରମ୍ଭା ଶୋଇଥିଲେ। ଦୁଇ ଘର ମଝିରେ ଏକ ଛୋଟ ବାଟ ରହିଛି। ରାତିରେ ଲାଇନ୍ କଟିଯିବାରୁ ୨ ଭଉଣୀ ଡିବିରି ଲଗାଇ କିଛି ସମୟ କଥା ହୋଇ ପୁଣି ଶୋଇ ପଡ଼ିଥିଲେ । ରାତି ପ୍ରାୟ ୩ଟାରେ ଲାଇନ ଆସିଥିଲା। ଏହି ସମୟରେ ବିଦ୍ୟୁତ୍ ବୋର୍ଡ଼ରୁ ଶର୍ଟ ସର୍କିଟ ହୋଇ ନିଆଁ ଖସିଥିଲା। ଏହି ନିଆଁ ଡିବିରି ଏବଂ ଘରେ ଥିବା କିରୋସିନ ଜାର୍‌କିନ ସଂସ୍ପର୍ଶରେ ଆସିବାରୁ ଜୋରରେ ଜଳି ଉଠିଥିଲା। ଚାହୁଁ ଚାହୁଁ ଘରସାରା ନିଆଁ ବ୍ୟାପି ଯାଇଥିଲା। କ୍ରିଷ୍ଣା ଓ ରମ୍ଭା ପୋଡ଼ିହୋଇ ଚିତ୍କାର କରୁଥିଲେ ମଧ ଘରୁ ବାହାରି ପାରୁ ନ ଥିଲେ। ଏହା ଦେଖି ଅରୁଣ ପଡ଼ୋଶୀଙ୍କୁ ଡାକ ପକାଇଥିଲେ। କୌଣସି ପ୍ରକାରେ ସେ ବାଲମତୀ ଓ ରୁଦ୍ରଙ୍କୁ ବାହାରକୁ ଆଣିବାରେ ସକ୍ଷମ ହୋଇଥିଲେ ମଧ ଉଭୟେ ଆହତ ହେଇଥିଲେ। ଦୁଇ ଝିଅଙ୍କ ଶରୀରର ପ୍ରାୟ ୯୦ ପ୍ରତିଶତ ପୋଡ଼ିଯାଇଥିଲା। ନିଆଁ ଲାଗିଥିବା ସମ୍ପର୍କରେ କେହି ଜଣେ ପଡ଼ୋଶୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଫିରିଙ୍ଗିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବା ସହ ଗାଡିରେ ସମସ୍ତ ଆହତଙ୍କୁ ଫିରିଙ୍ଗିଆ ଡାକ୍ତରଖାନାକୁ ଆଣିଥିଲା। ସେଠାରୁ ସମସ୍ତଙ୍କୁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ବୁଧବାର ଭୋର ପ୍ରାୟ ସାଢ଼େ ୫ଟାରେ ଦୁଇଭଉଣୀ କ୍ରିଷ୍ଣା ଓ ରମ୍ଭାଙ୍କୁ ଡାକ୍ତର ବ୍ରହ୍ମପୁର ବଡ଼ ମେଡିକାଲ ରେଫର କରିଥିଲେ। ବ୍ରହ୍ମପୁର ଯିବା ପୂର୍ବରୁ ଫୁଲବାଣୀରେ ସକାଳ ପ୍ରାୟ ସାଢ଼େ ୮ଟାରେ କ୍ରିଷ୍ଣାଙ୍କ ମୃତ୍ୟୁ ଘଟିଥିଲା । ରମ୍ଭାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇଥିଲା। ଚିକିତ୍ସା ପୂର୍ବରୁ ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ତାଙ୍କର ମୃତ୍ୟୁ ଘଟିଛି।

ଏହି ଅଗ୍ନିକାଣ୍ଡରେ ଅରୁଣଙ୍କ ସମସ୍ତ ଆସବାବପତ୍ର, ଖାଦ୍ୟପଦାର୍ଥ ଓ ନଗଦ ୧୫ ହଜାର ଟଙ୍କା ପୋଡିଯାଇଛି। କେଳାପଡା ସରପଞ୍ଚ ପ୍ରେମଶୀଳା ଝାଙ୍କର ଅରୁଣଙ୍କ ପରିବାର ଲୋକଙ୍କୁ ବସ୍ତ୍ର, ଡାଲି, ଚାଉଳ ପ୍ରଦାନ କରିଛନ୍ତି। ବିଡିଓ ପ୍ରବୀଣ କୁମାର ବାଣୁଆ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ଭିଏଲଡବ୍ଲ୍ୟୁ ଗେରୁପଡ଼ା ଗ୍ରାମକୁ ଯାଇ ଅରୁଣଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ପ୍ରଶାସନ ତରଫରୁ ସମସ୍ତ ସହାୟତା ଯୋଗାଇଦିଆଯିବ ବୋଲି ବିଡିଓ ବାଣୁଆ କହିଛନ୍ତି।


ଫୁଲବାଣୀ ଡାକ୍ତରଖାନାରେ ଅରୁଣ, ତାଙ୍କ ସ୍ତ୍ରୀ ଓ ପୁଅ।


ପୋଡି ଯାଇଥିବା ଘର।

## ପଡ଼ୋଶୀ ଯୁବ ସଂସଦ ଓ ଯୋଗ କାର୍ଯ୍ୟକ୍ରମ



ଯୁବ ସଂସଦ ଓ ଯୋଗ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଦେବଗଡ଼,୧୯।୬(ଡ଼ି.ଏନ୍.ଏ.)
ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବକେନ୍ଦ୍ର,ଦେବଗଡ଼ ଓ ପଲ୍ଲୀ ପ୍ରଗତି କ୍ଲବର ମିଳିତ ସହଯୋଗରେ ବାରକୋଟ ବ୍ଲକ କାଦୋପଡ଼ା ଗ୍ରାମପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ପଡ଼ୋଶୀ ଯୁବ ସଂସଦ ଓ ଯୋଗ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ମାଝି, ପ୍ରକୃତି ବନ୍ଧୁ ଲଳିତ ମୋହନ ସାହୁ, ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ପ୍ରଧାନ, ରକ୍ତଭଣ୍ଡାର ପିଆର୍‌ଓ ମଳୟ ବେହେରା, କ୍ରୀଡ଼ା ଶ୍ରୀ ଜୟନାରାୟଣ ସାହୁ, କ୍ଲବର ଉପଦେଷ୍ଟା ରେବତୀ ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପରିବେଶ ସୁରକ୍ଷା,ସ୍ୱଚ୍ଛ ଭାରତ ଅଭିଯାନ ସମାଜକୁ ସଦୃଢ଼ କରିବାରେ ଯୁବକ ଯୁବତୀମାନଙ୍କ ଭୂମିକା,ଯୋଗର ଉପାଦେୟତା ଆଦି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଯୋଗାଭ୍ୟାସ କରାଯାଇଥିଲା। ସେହିପରି ବିଭିନ୍ନ ଯୁବ ଅନୁଷ୍ଠାନର ଶତାଧିକ ଯୁବକ ଯୁବତୀ ଏଥିରେ ଅଂଶ ଗ୍ରହଣ କରିଥିଲେ। କ୍ଲବର ସମ୍ପାଦକ ସରୋଜ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ସିଆର୍‌ପି ରକ୍ମଣୀବାଳା ରାଉତ, ସ୍ୱେଚ୍ଛାସେବୀ ଚନ୍ଦ୍ରକାନ୍ତୀ ଭୋଇ, ନିରୁପ ଦାସ, ସୁବ୍ରତ ମହାକୁଳ, ଜୟପ୍ରକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ଅଭ୍ୟାସ


ବିପର୍ଯ୍ୟୟ ମୁକାବିଲା ପାଇଁ କୌଶଳ ପ୍ରଦର୍ଶନ କରୁଛନ୍ତି।

ଦେବଗଡ଼,୧୯।୬(ଡି.ଏନ.ଏ)
ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ଅଭ୍ୟାସ ଜିଲାସ୍ତରୀୟ ‘ମକଡ୍ରିଲ’ ସ୍ଥାନୀୟ କଲେକ୍ଟରେଟ ସମ୍ମୁଖରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଅଗ୍ନିଶମ ସେବା ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଆଗ୍ନିକ ଚକ୍ରଧର ଲାକ୍ରା ଓ ସୁରେଶ ବାଗ ଏବଂ ଆଗ୍ନିକ ଡେଭିଡ ସରେନ, ଭରତ କିଷାନ, ପ୍ରତାପ ବେହେରା, ନଳିନୀ ପାତ୍ର, ଦିଲୀପ ସେଉଳ ପ୍ରମୁଖ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ୟବହୃତ ହେଉଥିବା ଉପକରଣ ଯଥା ଯନ୍ତ୍ରଚାଳିତ ବୋଟ, ଯନ୍ତ୍ରଚାଳିତ କରତ, ବି.ଏଚ.ସେଟ, ହାଇଡ୍ରୋଲିକ ପାୱାର ପେକ୍, ଲାଇଫ ଜ୍ୟାକେଟ, ଆସ୍କା ଲାଇଟ ଇତ୍ୟାଦିର ବ୍ୟବହାର ଓ ଏହା ମାଧମରେ ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ,ଡିଆରଡିଏ ଭିନସେଣ୍ଟ ପୂନମକାନ୍ତ ଏକ୍କା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଡିଏସପି (ଡିଆଇବି) ଶିବପ୍ରସାଦ ବିଶ୍ୱାଳ, ଜରୁରୀ କାଳିନ ଅଧିକାରୀ ସୁଶାନ୍ତ ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଦେବଗଡ ମହାବିଦ୍ୟାଳୟ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଏନ୍‌ସିସି. ଶିକ୍ଷକ ଓ କ୍ୟାଡେଟ୍, ରେଡକ୍ରସ ଛାତ୍ରୀ ଛାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଜିଲା ରେଡକ୍ରସର ସଭ୍ୟବୃନ୍ଦ ଏବଂ ଗଣମାଧମର ପ୍ରତିନିଧି ଯୋଗଦେଇଥିଲେ । ଜିଲା ଜରୁରୀ କାଳିନ ଅଧିକାରୀ ସୁଶାନ୍ତ ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଯେ, ଅନୁରୂପ କାର୍ଯ୍ୟକ୍ରମ ବ୍ଲକସ୍ତରରେ ମଧ ଆୟୋଜନ କରାଯାଇଛି ।

## ଏମସିଏଲରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୧୯।୬ (ବ୍ୟୁରୋ)
ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ପକ୍ଷରୁ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବୁର୍ଲା ଜୁଲିଆପଡାରେ ଜନସାଧାରଣଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ପାଲା ପରିବେଷଣ କରାଯାଇଥିଲା । ସିଏସଆର ମହାପ୍ରବନ୍ଧକ ବି. ସ୍ୱାଇଁ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ହେବାକୁ ସ୍ଥିର କରାଯାଇଛି ।

## ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମହୁପାଳ ଗ୍ରାମବାସୀଙ୍କ ଧାରଣା

ଦେବଗଡ଼, ୧୯।୬ (ଡି.ଏନ୍.ଏ.) -ଦେବଗଡ଼ ଜିଲାର ସାମୂହିକ ଉନ୍ନତି ପାଇଁ ଅଣ୍ଟା ଭିଡ଼ିଛି ପ୍ରାଉଟିଷ୍ଟ ଇଣ୍ଡିଆ ଦେବଗଡ଼ ଶାଖା। ବାରକୋଟ ବ୍ଲକ୍ କାଦୋପଡ଼ା ଗ୍ରାମପଞ୍ଚାୟତର ମହୁପାଳ ଗ୍ରାମବାସୀ ପ୍ରାଉଟିଷ୍ଟ ଇଣ୍ଡିଆ ନେତୃତ୍ୱରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ଗମନାଗମନ ସୁବିଧା, ବିଜୁଳି, ପିଇବା ପାଣି ସୁବିଧା ହେଲା ନାହିଁ। ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବାରୁ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏନେଇ ସ୍ଥାନୀୟ ଗୋପାଳଜୀଉ ମନ୍ଦିରରୁ ପ୍ରାଉଟିଷ୍ଟ ଇଣ୍ଡିଆ ପକ୍ଷରୁ ଡ଼ୋଳାକର ଭୋଇଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଗଣଧରଣାରେ ବସିଥିଲେ। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅନୁପସ୍ଥିତିରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲାପାଳ ଦାବିଗୁଡ଼ିକ ଶିଘ୍ର ସମାଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେଲା ପରେ ଗଣଧାରଣାରେ ବସିଥିବା ମହୁପାଳର ଓ କାରମଖୋଳର ଗ୍ରାମବାସୀ ଓହରି ଯାଇଥିଲେ। ଅନ୍ୟମାନଙ୍କ ମଧରେ ପ୍ରାଉଟିଷ୍ଟ ଇଣ୍ଡିଆର ଦେବଗଡ଼ ଶାଖାର ଉପସଭାପତି ରାଜକିଶୋର ସାହୁ,ସମ୍ବଲପୁର ସାମାଜିକ ସେବା ସଂସ୍ଥାର ହୃଷିକେଶ ସାହୁ, କୈଳାଶ ଚନ୍ଦ୍ର ଭୋଇ, ଯଦୁମଣି ପ୍ରଧାନ, ବିଜୁକାଲୋ ପ୍ରମୁଖଙ୍କ ସହଯୋଗରେ ବହୁ ପୁରୁଷ ଓ ମହିଳା ଯୋଗଦେଇଥିଲେ।


ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ପରାଜିତ ଯାଇ ନ ପାରନ୍ତି ରାଜ୍ୟ ସଭା

## ଦିଲ୍ଲୀରୁ ଫେରି ନବୀନ ଘୋଷଣା କରିପାରନ୍ତି ପ୍ରାର୍ଥୀଙ୍କ ନାମ


ଅମର ପଟ୍ଟନାୟକ


ସସ୍ମିତ ପାତ୍ର


ରମେଶ ଚ୍ୟାଉପଟ୍ଟନାୟକ


ପ୍ରସନ୍ନ ପାଟଶାଣୀ


ଶ୍ରୀମୟୀ ମିଶ୍ର

**ଭୁବନେଶ୍ୱର, ୧୯।୬(ବ୍ୟୁରୋ):** ରାଜ୍ୟ ସଭାରେ ଖାଲି ହୋଇଥିବା ଓଡିଶାର ୩ ଆସନକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ବିଧାନସଭା ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଏହି ୩ଟି ଯାକ ଆସନ ବିଜେଡି ହାତକୁ ଯିବା ଏକ ପ୍ରକାର ନିଶ୍ଚିତ। ମାତ୍ର ୩ ଆସନ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେଉଁ ନେତାଙ୍କୁ ବାଛିବେ ତାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ବିଜେଡିର ବହୁ ହେଭିୱେଟ୍ ପରାଜୟର ମୁହଁ ଦେଖିଛନ୍ତି। ତେଣୁ ପରାଜିତ ନେତାମାନଙ୍କ ମଧ୍ୟରୁ ନବୀନ ୩ ଜଣଙ୍କୁ ରାଜ୍ୟ ସଭା ପଠାଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ସେହି ତାଲିକା ଏତେ ଲମ୍ବା ଯେ କାହାକୁ ମୁଖ୍ୟମନ୍ତ୍ରୀ ସୁଯୋଗ ଦେବେ ଏବଂ କିଏ ବାଦ୍ ପଡିବେ ତାକୁ ଆକଳନ କରିବା କଷ୍ଟକର ମନେ ହେଉଛି। ଏପରି କି ଶାସକ ଦଳୀୟ ନେତାଙ୍କ ନିକଟରେ ମଧ୍ୟ ଠିକ୍ ଖବର ପହଞ୍ଚିପାରୁ ନାହିଁ। ପଶ୍ଚିମ, ଉତ୍ତର ଏବଂ ପୂର୍ବ ଓଡିଶା ଯୁଆଡେ ଦେଖିଲେ ସବୁ ଦିଗରୁ ବିଜେଡିର ବହୁ ହେଭିୱେଟ୍ ଏହି ତାଲିକାରେ ଅଛନ୍ତି। ଏହା ସାଙ୍ଗକୁ ଟିକେଟରୁ ବଞ୍ଚିତ ହୋଇଥିବା ଏବଂ ରାଜ୍ୟ ସଭା ପାଇଁ ପ୍ରତିଶ୍ରୁତି ପାଇଥିବା ନେତାଙ୍କ ତାଲିକା ମିଶାଇ ଦେଲେ ଏହା ଆହୁରି ଲମ୍ବି ଯାଉଛି। ମଙ୍ଗଳବାର ରାଜ୍ୟ ସଭା ଉପନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଆସନ୍ତା ୨୫ ତାରିଖ ନାମାଙ୍କନ ଦାଖଲର ଶେଷଦିନ। ନବୀନ ନିବାସରେ ମଧ୍ୟ ଆଶାୟୀମାନେ ଜୋର୍‌ଦାର ଲବି ଚଳାଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଏହି ୩ ଜଣିଆ ତାଲିକାରେ କୌଣସି ପରାଜିତ ନେତାଙ୍କୁ ସୁଯୋଗ ମିଳିବ ନାହିଁ। ଯେଉଁମାନେ ଲୋକ ସଭା କିମ୍ବା ବିଧାନସଭାରେ ହାରିଯିବା ପରେ ନିଜକୁ ରାଜ୍ୟ ସଭାରେ ଥଇଥାନ ହେବାକୁ ଉଦ୍ୟମ କରୁଛନ୍ତି ସେମାନେ ତାଙ୍କ ଯୋଜନାରେ ଫେଲ୍ ମାରିବାର ଯଥେଷ୍ଟ ସମ୍ଭାବନା ରହିଛି। କିଛି ନୂଆ ମୁହଁ ଏଥର ରାଜ୍ୟ ସଭା ଦୌଡରେ ସାମିଲ ହୋଇଯାଇଛନ୍ତି।

ମିଳିଥିବା ଖବର ଅନୁଯାୟୀ ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକରୁ ଗୁରୁବାର ଫେରିବେ। ଏହି ଦିନ ୩ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବା ନେଇ ଆଶା କରାଯାଉଛି। ଯଦି ଏପରି ନ ହୁଏ ତେବେ ଆସନ୍ତା ୨୨ ମଧ୍ୟରେ ଘୋଷଣା ସୁନିଶ୍ଚିତ। ତେବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଛାଡିଥିବା ଆସନର କାର୍ଯ୍ୟକାଳ ୫ ବର୍ଷ ଲେଖାଏ ରହିଛି। ବିଧାୟକ ପ୍ରତାପ ଦେବ ଛାଡିଥିବା ଆସନର କାର୍ଯ୍ୟକାଳ ୩ବର୍ଷ ରହିଛି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର, ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ ରାଜ୍ୟ ସଭା ଯିବେ ବୋଲି ଏକପ୍ରକାର ଚୂଡାନ୍ତ ହୋଇସାରିଥିବା ଆଲୋଚନା ହେଉଛି। ଏହି ଦୁଇଜଣଙ୍କୁ ୫ ବର୍ଷ ପାଇଁ ପଠାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ କିମ୍ବା ପ୍ରସନ୍ନ ପାଟଶାଣୀଙ୍କ ମଧ୍ୟରୁ ଜଣଙ୍କୁ ନବୀନ ୩ ବର୍ଷ ପାଇଁ ପଠାଇପାରନ୍ତି। ଶ୍ରୀମୟୀ ମିଶ୍ର ମଧ୍ୟ ଦୌଡରେ ରହିଛନ୍ତି। ହେଲେ ପରାଜିତଙ୍କ ମଧ୍ୟରୁ କେତେଜଣଙ୍କୁ ରାଜ୍ୟ ସଭା ପଠାଇବା ପାଇଁ ଦଳର କିଛି ଆଗଧାଡିର ନେତା ପ୍ରୟାସ ଚଳାଇଛନ୍ତି। ଉତ୍ତର ଓଡିଶା ଏବଂ ପଶ୍ଚିମ ଓଡିଶାର ଦୁଇଜଣ ପରାଜିତ ନେତାଙ୍କୁ ରାଜ୍ୟ ସଭା ପଠାଇବାକୁ ବହୁତ ଉଦ୍ୟମ କରାଯାଉଛି।

ରାଜ୍ୟ ସଭା ଦୌଡରେ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଉଥିବା ନେତାଙ୍କ କଥା ଦେଖିଲେ ନବୀନ ସ୍ୱତନ୍ତ୍ରଭାବେ ବିଚାର କରି ନିଷ୍ପତ୍ତି ନେବାକୁ ଯାଉଥିବା ଚର୍ଚ୍ଚା ହେଉଛି। ୨୦୧୭ ମସିହା ପର୍ଯ୍ୟନ୍ତ ଦେଖିଲେ ସୋସିଆଲ୍ ମିଡିଆରେ ଭାଜପା ଏକକ ସ୍ଥାନ ଅକ୍ତିଆର କରି ରଖିଥିଲା। ମାତ୍ର ଏହା ପରଠାରୁ ବିଜେଡି ସୋସିଆଲ ମିଡିଆରେ ଆଗକୁ ବଢିବା ଆରମ୍ଭ କରିଥିଲା। ସରକାରୀ ଚାକିରିରୁ ଅବସର ନେବା ପରେ ଅମର ପଟ୍ଟନାୟକ ବିଜେଡି ଆଇଟି ସେଲ୍ କାର୍ଯ୍ୟ ବେଶ୍ ଭଲଭାବେ ତୁଲାଇଛନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଅମରଙ୍କ ନାମ ଚର୍ଚ୍ଚାର ସର୍ବାଗ୍ରେ ରହିଛି। ଅନ୍ୟପଟେ ବିଗତ ଦିନଗୁଡିକୁ ଲକ୍ଷ୍ୟ କଲେ ବିଜେଡି ସର୍ବଦା ମୁଖପାତ୍ରମାନଙ୍କୁ ମଧ୍ୟ ଗୁରୁତ୍ୱ ଦେଇଛି। ସସ୍ମିତ ପାତ୍ର ନିର୍ଦ୍ଦିଷ୍ଟ ଏକ ସମ୍ପ୍ରଦାୟରୁ ଆସୁଛନ୍ତି। ସେହିପରି ଟିକେଟ ଆଶା ନ କରି ନିଜ ଦାୟିତ୍ୱ ତୁଲାଇବାରେ ହେଳା କରିନାହାନ୍ତି। ତେଣୁ ଦଳରେ ଟିକେଟ ଆଶା ନ କରି ଶୃଙ୍ଖଳିତ କର୍ମୀ ମହଲରେ ମଧ୍ୟ ଏହା ବେଶ୍ ଭଲ ପ୍ରଭାବ ପକାଇବ। ଦକ୍ଷିଣ ଓଡିଶାରେ ମୁଖ୍ୟମନ୍ତ୍ରୀ ଦୁଇଜଣ କଂଗ୍ରେସ ନେତାଙ୍କୁ ଦଳରେ ସାମିଲ କରି ଟିକେଟ ଦେଇଛନ୍ତି। ଦୀର୍ଘଦିନ ଧରି ଦଳ ପାଇଁ କାମ କରିଥିବା ନେତା ଏହାକୁ ନେଇ ମନ ଊଣା କରିବା ସ୍ୱାଭାବିକ। ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ସ୍ଥାନରେ କଂଗ୍ରେସରୁ ଯାଇ ବିଜେଡିରେ ମିଶିଥିବା ବିକ୍ରମ ପଣ୍ଡା ଟିକେଟ ପାଇ ବିଧାୟକ ହୋଇଛନ୍ତି। ସେହିପରି ବ୍ରହ୍ମପୁର ଲୋକ ସଭା ଆସନରୁ ସିଦ୍ଧାନ୍ତ ମହାପାତ୍ରଙ୍କ ବଦଳରେ କଂଗ୍ରେସ ନେତା ଚନ୍ଦ୍ରଶେଖର ସାହୁ ବିଜେଡି ପ୍ରାର୍ଥୀ ହୋଇ ଏମ୍‌ପି ହୋଇଛନ୍ତି। ତେଣୁ ସେହି ଅଞ୍ଚଳରେ ବିଜେଡି କର୍ମୀ ମହଲରେ ଏକ ଭଲ ବାର୍ତ୍ତା ଦେବାକୁ ନବୀନ ପ୍ରୟାସ କରିବାର ସମ୍ଭାବନା ବେଶ୍ ଅଧିକ। ଏହା ମଧ୍ୟରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ରାଜ୍ୟ ସଭା ପଦ ପାଇଁ ବେଶ୍ ଆଶାୟୀ ଥିବା ଶୁଣିବାକୁ ମିଳୁଛି। ତେଣୁ ୩ ବର୍ଷିଆ ସ୍ଥାନରେ ତାଙ୍କୁ ପଠାଇ ଚୁପ୍ କରାଯାଇପାରେ ବୋଲି ଶୁଣିବାକୁ ମିଳୁଛି। ଏସବୁ ମଧ୍ୟରେ କାହାକୁ ନବୀନ ଗ୍ରୀନ୍ ସିଗ୍‌ନାଲ ଦେବେ ତା' ଉପରେ ସମସ୍ତଙ୍କ ନଜର ରହିଛି।

## ମହେଶ୍ୱର ସାସମଲ ହତ୍ୟା ମାମଲା
# ୧୮ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ବ୍ରହ୍ମପୁର ଅଫିସ,୧୯।୬**

ମହେଶ୍ୱର ସାସମଲ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । ଅତିରିକ୍ତ ଜିଲା ଦୌରାଜଜ ସଞ୍ଜୟ କୁମାର ସାହୁ ୧୮ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତମାନେ ହେଲେ ଲାଞ୍ଜିପଲ୍ଲୀ ଶାନ୍ତି କମିଟିର ତତ୍କାଳୀନ ସଭାପତି ସନ୍ତୋଷ କୁମାର ସାହୁ, ବିଶ୍ୱମ୍ଭର ସାସମଲ, ନିରଞ୍ଜନ ମାର୍ଥା, ଅନାମ ନାୟକ, ବିଜୟ ପ୍ରଧାନ, ଟୁନା ସାସମଲ, ଭାଇଗ ସାସମଲ, ଭାଇଗ ପ୍ରଧାନ, ଲଡୁ ସାସମଲ, ପଦ୍ମ ସାସମଲ, କୃଷ୍ଣ ପ୍ରଧାନ, ଗୋପୀନାଥ ପ୍ରଧାନ, ଟୁନା ପ୍ରଧାନ, ଗୋଲକ ପ୍ରଧାନ, ସୁଦାମ ସାସମଲ, ବେଣୁ ପ୍ରଧାନ, ଆନନ୍ଦ ନାହାକ ଓ ଫକୀର ସାସମଲ। କୋର୍ଟ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି, ସମସ୍ତ ଅଭିଯୁକ୍ତଙ୍କପକ୍ଷରୁ ମୃତ ମହେଶ୍ୱରଙ୍କ ସ୍ତ୍ରୀଙ୍କୁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବେ। ଏହାସହିତ ପ୍ରତ୍ୟେକ ଅଭିଯୁକ୍ତ ୫ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ରହିଥିବା ସରକାରୀ ଅତିରିକ୍ତ ପିପି ଅନିଲ ସାହୁ ସୂଚନା ଦେଇଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ୨୦୦୭ ମେ ୧୨ ତାରିଖରେ ତତ୍କାଳୀନ ଲାଞ୍ଜିପଲ୍ଲୀ ଶାନ୍ତିକମିଟି ସଭାପତି ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ୧୮ ଜଣ ଯୁବକ ସଦର ଥାନା ଅନ୍ତର୍ଗତ ଫୁଲଟା ଗ୍ରାମରେ ପହଞ୍ଚିଥିଲେ। ଫୁଲଟାର ମହେଶ୍ୱର ସେହି ଅଞ୍ଚଳରେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିଲେ । ତାଙ୍କୁ ଦଣ୍ଡ ଦେବା ପାଇଁ ଶାନ୍ତି କମିଟି ସଭାପତି ସନ୍ତୋଷ ଓ ତାଙ୍କ ସହଯୋଗୀମାନେ ନିଷ୍ପତ୍ତି ନେଇଥିଲେ । ପୂର୍ବ ଯୋଜନା ଅନୁଯାୟୀ ସେମାନେ ମହେଶ୍ୱରଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମହେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ମୃତ ମହେଶ୍ୱରଙ୍କ ଭାଇ ବାବୁଲା ସାସମଲଙ୍କ ଅଭିଯୋଗ କ୍ରମେ ସଦର ପୋଲିସ ଏହି ହତ୍ୟା ଘଟଣାରେ ୧୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନାଧିକାରୀ ରୂପଧର ନାୟକ କୋର୍ଟରେ ଏ ନେଇ ଚାର୍ଜଶିଟ ଦାଖଲ କରିଥିଲେ। ସମସ୍ତ ୧୯ ଅଭିଯୁକ୍ତ ପରେ ଜାମିନରେ ଛାଡପାଇଥିଲେ । ଏହି ମାମଲାର ବିଚାର ଚାଲିଥିବା ବେଳେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା । ବୁଧବାର ମାମଲାର ବିଚାର ବେଳେ ୧୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିବାରୁ ଜଜ୍ ସଞ୍ଜୟ ସାହୁ ୧୮ ଜଣ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଅନିଲ କୁମାର ସାହୁ ମକଦ୍ଦମା ପରିଚାଳନା କରିଥିଲେ।

## ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ
# ବିଏଏମ୍‌ଏସ୍‌ରେ ୬୦, ପିଜିରେ ୮ ସିଟ୍ ପାଇଁ ଅନୁମତି

**ବଲାଙ୍ଗୀର ଅଫିସ, ୧୯।୬**

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜରେ ୨୦୧୯-୨୦ ଶିକ୍ଷାବର୍ଷରେ ଅଣ୍ଡର ଗ୍ରାଜୁଏଶନ୍ (ବିଏଏମ୍‌ଏସ୍) ବିଭାଗରେ ୬୦ ସିଟ୍ ଓ ପିଜି ବିଭାଗରେ ୮ଟି ସିଟ୍ ପାଇଁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳିଛି। ଭାରତୀୟ ଚିକିତ୍ସା କେନ୍ଦ୍ରୀୟ ପରିଷଦ (ସିସିଆଇଏମ୍)ର ସୁପାରିଶକୁ ଭିତ୍ତିକରି ଆୟୁଷ ମନ୍ତ୍ରଣାଳୟ ଏହି ଅନୁମତି ଦେଇଥିବା ଉଲ୍ଲେଖ କରାଯାଇଛି। ଏହି କଲେଜରେ ଗତ ଶିକ୍ଷାବର୍ଷରୁ ବିଏଏମ୍‌ଏସ୍ ବିଭାଗରେ ୬୦ ସିଟ୍‌କୁ ଅନୁମତି ଦିଆଯାଇଥିଲା। ଚଳିତ ଶିକ୍ଷାବର୍ଷ ପାଇଁ ଏହି ୬୦ ସିଟ୍‌ରେ ବିଏଏମ୍‌ଏସ୍ କୋର୍ସକୁ ପୁଣି ଥରେ ଅନୁମତି ମିଳିଛି। ୨୦୧୬-୧୭ ଶିକ୍ଷାବର୍ଷ ପାଇଁ କଲେଜରେ ପିଜି ବିଭାଗ ଖୋଲାଯିବା ନେଇ ସରକାର ଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଞ୍ଜୁରୀ ମିଳିଥିଲା। ଫଳରେ ପିଜି ବିଭାଗରେ ରୋଗନିଦାନ ଏବଂ ବିକ୍ରିତି ବିଜ୍ଞାନ କୋର୍ସ ଆରମ୍ଭ ହୋଇଥିଲା। ଗତବର୍ଷ ପିଜି ବିଭାଗରେ ଆଉ ଏକ ନୂଆ କୋର୍ସ ଆୟୁର୍ବେଦ ସଂହିତା ଏବଂ ସିଦ୍ଧାନ୍ତ ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। ଚଳିତ ଶିକ୍ଷାବର୍ଷରେ ୮ଟି ପିଜି ସିଟ୍‌କୁ ଅନୁମତି ଦିଆଯାଇଛି। ରୋଗ ବିଜ୍ଞାନ ବିକ୍ରିତି ବିଜ୍ଞାନରେ ୪ଟି ସିଟ୍ ଏବଂ ଆୟୁର୍ବେଦ ସିଦ୍ଧାନ୍ତ ଏବଂ ସଂହିତାରେ ୪ଟି ସିଟ୍‌କୁ ଅନୁମତି ଦିଆଯାଇଥିବା ଜଣାପଡିଛି। ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଅନୁମତି ପତ୍ର ଆସିବା ପରେ କଲେଜ ଛାତ୍ରୀଛାତ୍ର ମହଲରେ ଖୁସି ଲହରି ଖେଳି ଯାଇଛି। ଗତ ଏପ୍ରିଲ ୨୪/୨୫ ତାରିଖରେ ସିସିଆଇଏମ୍ ଟିମ୍ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ପରିଦର୍ଶନ କରି କଲେଜର ଭିତ୍ତିଭୂମି, ଅଧ୍ୟୟନ ଓ ପ୍ରାକ୍ଟିକାଲ ପ୍ରଶିକ୍ଷଣ ଉପରେ ବିସ୍ତୃତ ରିପୋର୍ଟ ଆୟୁଷ ମନ୍ତ୍ରଣାଳୟକୁ ପଠାଇଥିଲେ। ଅନୁମତି ପତ୍ର ମିଳିବା ପରେ ସରକାରୀ ଆୟୁର୍ବେଦିକ କଲେଜ ଅଧକ୍ଷ ପ୍ରଫେସର ଡା. ଅରୁଣ କୁମାର ଦାସ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଜଣାଇଛନ୍ତି। କଲେଜରେ ଅଣ୍ଡର ଗ୍ରାଜୁଏଟ୍ ବିଭାଗରେ ସିଟ୍ ସଂଖ୍ୟା ୬୦ ଥିବାବେଳେ କଲେଜରେ ଶ୍ରେଣୀ କୋଠରୀ, ବିଭିନ୍ନ ବିଭାଗର ଅଧାପକ ଓ ଷ୍ଟାଫ୍ ଅଭାବଜନିତ ସମସ୍ୟା ଦେଖାଦେଇଛି। ଏହାକୁ ଶୀଘ୍ର ପୂରଣ କରିବା ନେଇ ଦାବି ହେଉଛି ।


**IndianOil**

ମାର୍କେଟିଙ୍ଗ୍ ଡ଼ିଭିଜନ - ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ

**ନୋଟିସ୍**

ଏତଦ୍ୱାରା **ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼ (ଏମ.ଡି.)** ତରଫରୁ ସୂଚନା ପ୍ରଦାନ କରାଯାଉଅଛି କି, ନିମ୍ନୋକ୍ତ ସ୍ଥାନଗୁଡିକ ପାଇଁ, ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟରମାନଙ୍କ ନିଯୁକ୍ତି ନିମନ୍ତେ ଲଟେରୀ ଉଠାଣ ତା **୨୪.୦୬.୨୦୧୯** ରିଖ ଦିନ **୧୧.୦୦** ଘଟିକା ସମୟରେ କନଫେରେନ୍ସ ହଲ, ଇଣ୍ଡେନ୍ ଏରିଆ ଅଫିସ୍, ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼ (ଏମ.ଡି.), ଇଣ୍ଡିଆନ ଅଏଲ ଭବନ, ୨ୟ ମହଲା, ଏ/୨, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା, ପିନ୍ -୭୫୧୦୨୪, ଠାରେ ଅନୁଷ୍ଠିତ ହେବ ।

କ୍ର.ସଂଖ୍ୟା; ସ୍ଥାନର ନାମ(ସହର/ଗ୍ରାମ; ଜିଲ୍ଲା):(୧) ପ୍ରିତିପୁର, ଅଳକୁଣ୍ଡ, ନୂଆଗାଁ; ଯାଜପୁର (୨) ଡାଇପୋଦ, ଦାମୋଦରପୁର; କେନ୍ଦ୍ରାପଡ଼ା (୩) ଜମ୍ବୁ ଭାଟେଣି; କେନ୍ଦ୍ରାପଡ଼ା (୪) ବେତନଟୀ, ପାଣ୍ଡୁଗଡ଼ିଆ, ରେଣୁଗଣ, ଭଗବତି; ମୟୂରଭଞ୍ଜ (୫) ସିକୁନ, ନୂଆପଡ଼ା (୬) ଅଣ୍ଡି, ବାଲେଶ୍ୱର (୭) ଭୁବନେଶ୍ୱର-ସତ୍ୟନଗର; ଖୋର୍ଦ୍ଧା (୮) ଭୁବନେଶ୍ୱର-ଗାଡ଼କଣ; ଖୋର୍ଦ୍ଧା ।

ଉଠାଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀମାନେ ଯେକୌଣସି ସରକାରୀ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ଏକ **ଫଟୋ ପରିଚୟ** ପତ୍ର ସହିତ ନିର୍ଦ୍ଧାରିତ ତାରଖ, ସ୍ଥାନ ଏବଂ ସମୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଅଛି ।



**NOTICE**

No 5135 Date 18.06.19

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER,BARGARH**

**In pursuance to Advt.9431 dt-29/10/2018** for the post of **Office Assistant under NHM, Bargarh**, the list of Provisional merit list of candidates (20 nos.) for appearing Computer Test & Personal Interview, Provisional shortlisted & rejected candidates have been uploaded in the Official website of Bargarh District i.e www.bargarh.nic.in The Provisionally shortlisted candidates as per merit list (20 nos.) are requested to bring all original documents and appear the **Computer Test & Personal Interview on dt- 29/06/2019 at District Training Unit, NHM, Bargarh at 10.00 A.M.** Candidates failing to appear as per the schedule(Date/time/venue) of test fixed are liable to be rejected. Candidates are to visit the Bargarh dist website to have updates on this recruitment.

Sd/-
Chief District Medical & PHO -Cum
District Mission Director, NHM, Bargarh



**N.A.C. OFFICE, KOTPAD**
Ph. No.06860-283036, Fax No.06860-283036,
E-Mail- kotpadnac@rediffmail.com
"e" PROCUREMENT NOTICE
BID IDENTIFICATION NO-KPDNAC/20/2019-20.
Tender ID- 2019_ORULB_55105

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

| | | |
|---|---|---|
| 1. | Nature of the work | Civil |
| 2. | No. of works | 2 Nos. |
| 3. | estimated cost | As per DTCN |
| 4. | Period of completion | As per DTCN |
| 5. | Date & time of availability of the bid documents in the portal | From 11.00 hours of 21.06.2019 to 17.00 hours of 29.06.2019 |
| 6. | Last Date / Time for receipt of bids in the portal | 29.06.2019 up to 17.00 hour |
| 7. | Bids received online shall be opened on | 03.07.2019 at 11.00 hour |
| 8. | Name & address of the officer inviting Bid | Executive Officer, N.A.C., Kotpad |

Further the details can be seen from the procurement portal : www.tendersorissa.gov.in.

Sd./- Executive Officer
N.A.C., Kotpad



**OFFICE OF THE PRINCIPAL**
**PANCHAYAT SAMITI COLLEGE, BELPARA**
**DIST: BALANGIR**

No.403 Date: 19.06.2019

**WANTED**

Candidates having required qualification as mentioned below for the post of Lecturer in-English, Physics, Political Science and Zoology and Junior Clerk-cum-Data Entry Operator may attend the interview. Candidates are requested to send their bio-data with testimonials by 08.07.2019 positively. The date of Interview will be intimated later on.

| Name of the post | Required Qualification |
|---|---|
| 1- Lecturer in-English, Physics, Political Science and Zoology. | M.A. / M.Sc 55% or above marks with Hons. in same subjects |
| Jr. Clerk-cum-Data Entry Operator | B.A. / B.Sc. / B.Com. with B.C.A. / PGDCA |

Sd./- Principal
P.S. College
Belpara



**ବିହନ ବିଶୋଧନ ଅଭିଯାନ- ଖରିଫ୍-୨୦୧୯-୨୦**

ରାଜ୍ୟ ଯୋଜନା ''ଗାଁ ଗାଁରେ ନୀରୋଗ ଫସଲ ପାଇଁ ବିହନ ବିଶୋଧନ ଅଭିଯାନ'' କାର୍ଯ୍ୟକ୍ରମ ତା୨୨।୦୬।୨୦୧୯ଠାରୁ ତା୦୭।୦୭।୨୦୧୯ ପର୍ଯ୍ୟନ୍ତ ଜିଲ୍ଲା କୃଷି ଅଧିକାରୀ, ସୁନ୍ଦରଗଡ଼ଙ୍କ ତତ୍ତ୍ୱାବଧାନରେ ସୁନ୍ଦରଗଡ଼ ସଦର, ସବ୍‌ଡେଗା ଓ ବାଲିଶଙ୍କରା ବ୍ଲକର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେବ। ଏଥିରେ ଧାନ ଫସଲର ବିହନ ବିଶୋଧନ କରାଯାଇ ଏହାର ଉପକାରିତା ଚାଷୀଙ୍କୁ ଜଣାଇ ଦିଆଯିବ।

**ସ୍ୱା./- ଜିଲ୍ଲା-କୃଷି ଅଧିକାରୀ, ସୁନ୍ଦରଗଡ଼**



**ODISHA SPACE APPLICATIONS CENTRE (OSRAC)**
(Dept. of Science & Technology, Govt. of Odisha)
Plot No. 45/48(P), Jayadev Vihar, Near Gopabandhu Academy of Administration, Unit - 16, Bhubaneswar - 751 023

**ADDENDUM**

No.: CAD-117: Reference to advertisement inviting tender No. 08/19 published in "The Dharitri" and "The Sambad" dated 08.06.19 and 09.06.2019 respectively for Hiring of Technical Manpower by ORSAC through a Manpower Service Provider. The last date of submission of tender is hereby extended to **17.07.2019 with revision of R.F.P.** For details, please visit **http://www.odisha.gov.in** or **http://www.orsac.gov.in** or in the above office for the tender papers.

28007/11/0005/1920 CHIEF EXECUTIVE



GOVERNMENT OF ODISHA
**OFFICE OF THE CHIEF ENGINEER, MINOR IRRIGATION (ODISHA), BHUBANESWAR**
Phone/Fax: (0674) 2391525, E-mail: miorissa@yahoo.co.in

**CANCELLATION OF BID**

No.: 78-A: The bid invited vide Bid Identification No. 06 CEMI/2018-19 is hereby cancelled.

Sd./- Chief Engineer
32032/11/0001/1920 Minor Irrigation (O), Bhubaneswar



No.106-O E-Mail: eerwdivisiondhenkanal@yahoo.co.in

**Government of Odisha**
**Office of the Executive Engineer, Rural Works Division,Dhenkanal**
e-procurement Notice No.01/ Building Work / 2019-20.

| | | | |
|---|---|---|---|
| 1. | Name of the work | : | Building Work |
| 2. | Total No. of Works | : | 01(One) No. |
| 3. | Tender Cost | : | Rs. 57.70lakh (approx.) |
| 4. | Class Contractor | : | "B" & "A" Class |
| 5. | Period of Completion | : | 6(Six) calendar months. |
| 6. | Availability of Tender online for bidding | : | 26.06.2019 at 11.00 A.M to 10.07.2019 up to 5.00 P.M |
| 7. | Last Date & Time of seeking tender clarification | : | 08.07.2019 upto 4.00 PM |
| 8. | Date & Time of opening of Technical Bid | : | 12.07.2019 at 11.00AM |
| 9. | Date & Time of opening of Financial Bid | : | 15.07.2019 at 11.00AM |

Other details can be seen from the website http://tendersorissa.gov.in.

Executive Engineer
25101/11/0001/1920 R.W.Division, Dhenkanal



**Odisha Lift Irrigation Corporation Limited**
(A Government of Odisha Undertaking)
OFFICE OF THE EXECUTIVE ENGINEER
LIFT IRRIGATION DIVISION, ANGUL
Sri Santosh Prasad Mishra, Executive Engineer
Phone No: - 06764-236072
E-mail Id: - eeliangul@gmail.com

**SHORT QUOTATION CALL NOTICE NO. 2561 DATED 18.06.2019**

Sealed quotation/ Tenders are invited from interested reputed Travel Agencies/ Tour operators or private individuals for providing one No. of diesel driven Bolero/ Indigo/ TUV / Swift Dzire vehicle which is to be used officially under the control of Superintending Engineer, L.I. Circle, Angul on monthly rental basis with effect from 01.07.2019 to 30.06.2020.

Hiring charges, Tender documents, security, non-refundable processing fees etc, must be packed separately and dropped in the tender box. Otherwise the tender option will be rejected.

The DTCN & other information's can be obtained from 20.06.2019 to 26.07.2019 up to 5.00 P.M from this division office. The bidders must a seal cover containing the DTCN and Annexure-I along with TDR of Rs.5000/- as security deposit duly pledged in favour of Executive Engineer, L.I. Division, Angul and non-refundable processing fees Rs.105/- as cost of tender paper including GST in shape of D.D. must drop in the tender box of the undersigned on or before 27.06.2019 at 1.00 P.M. The amount of D.D. must be deposited in favour of Executive Engineer, L.I. Division, Angul payable at Angul at any Nationalised Bank. The tender will be opened on 28.06.2019 at 4.00 P.M.

*Sd/- Executive Engineer*
*L.I. Division, Angul*



**ମାଲକାନଗିରି କୃଷି ଜିଲ୍ଲାରେ ବିହନ ବିଶୋଧନ ଅଭିଯାନ ଖରିଫ୍-୨୦୧୯**

ଚଳିତ ବର୍ଷ ତା୨୫।୦୬।୨୦୧୯ଠାରୁ ୩୦।୦୬।୨୦୧୯ ପର୍ଯ୍ୟନ୍ତ ମାଲକାନଗିରି କୃଷି ଜିଲ୍ଲାର ମାଲକାନଗିରି, କୋରୁକୋଣ୍ଡା ଓ ମାଥିଲି ବ୍ଲକରେ ଖରିଫ୍ ୨୦୧୯ ପାଇଁ ଚାଷୀମାନଙ୍କର ସଞ୍ଚିତ ଧାନ ବିହନକୁ ବିଶୋଧିତ କରାଯାଇ ପ୍ରଶିକ୍ଷଣ ଦେବାର ଆୟୋଜନ କରାଯାଉଛି। ପ୍ରତ୍ୟେକ ବ୍ଲକରେ ୮ଟି ଗ୍ରାମରେ ଏହି ବିହନ ବିଶୋଧନ ଅଭିଯାନ ହେବ। ଏଥିରେ ୧୦୦ଜଣ ଚାଷୀଙ୍କର ୧୦୦ ଏକର ଜମି ପାଇଁ ଆବଶ୍ୟକ ବିହନକୁ ମାଗଣାରେ ବିଶୋଧକ ଦ୍ୱାରା ବିଶୋଧନ ନିମନ୍ତେ ତାଲିମ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଚାଷୀ ଭାଇ ଓ ଭଉଣୀମାନେ ବିପୁଳ ସଂଖ୍ୟାରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଯାଉଅଛି।

**ସ୍ୱା./– ଜିଲ୍ଲା କୃଷି ଅଧିକାରୀ, ମାଲକାନଗିରି**



**OFFICE OF THE COLLECTOR & DISTRICT MAGISTRATE, BHADRAK**
(Social Welfare Section)

**Tender Call Notice No.: 1130/SW** **Dated: 18.06.19**

No.: 4-g: Sealed tenders for appointment of transporting agent ICDS wise are invited from the intending Registered Firms/Co-operative/Authorized Licensing Transporting Contractors/Agents for undertaking transportation of Rice/Wheat from OSCSC Ltd. Godown/FCI depot to AWCs & WSHGs point under SNP Scheme in different ICDS Projects of Bhadrak District from 01.07.2019 to 30.06.2020. The tender paper can be obtained from the Office of the DSWO on payment of Rs.5000/- (Rupees five thousand) only towards cost of the tender paper from date 18.06.2019 to 10.07.2019 during the office hour or any working day till 10.07.2019 by 1 P.M. In case the tender documents have been downloaded from the website the tender documents fee of Rs.5000/- only must be deposited along with the Bid in the form of a Demad Draft drawn on any Nationalized Bank favoring DSWO, Bhadrak and payable at Bhadrak. The cost of tender paper is non-refundable. The tender shall be received by DSWO, Bhadrak till 1 P.M. on date 10.07.2019 by Registered Post or through sealed tender box kept in Office of the DSWO, Bhadrak and will be opened on the same day i.e on date 10.07.2019 at 3 P.M. by the Collector, Bhadrak or any officer authorized by the Collector in the Reg. Office of Collector, Bhadrak in the presence of the Tender Committee members and tenderers or their representatives. The details regarding tender documents are available in the website **www.bhadrak.nic.in** which can be downloaded.

Not withstanding anything else contained to the contrary in this tender document, Collector reserves right to cancel/withdraw/modify or reject any or all the tenders without assigning and reason thereof.

Sd./- Collector & District Magistrate,
18034/11/0001/1920 Bhadrak



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
(District Central Store)

**SHORT TENDER CALL NOTICE**
Notification No. CDM&PHO/01/DMC/2019-20

No.: 80-E: Sealed tenders are invited from Registered Firms/Suppliers/Manufacturers/Authorized Distributors for supply of Drugs/Medical Consumables/Lab. Chemicals & Reagents/Other logistics to the undersigned as per part wise. Details regarding items with terms and conditions may be downloaded from district website **www.nuapada.nic.in**. The tenders should reach the Office of the undersigned by **Date: 05.07.19 upto 5 P.M. through Speed Post/Registered Post only**. The tender paper cost is mentioned in the term & conditions of the concerned tender.

The undersigned reserves the right to reject any or all the tenders without assigning any reason thereof.

Sd./- Chief District Medical &
10055/11/0001/1920 Public Health Officer, Nuapada



**ଜିଲ୍ଲା କୃଷି କାର୍ଯ୍ୟାଳୟ, ଭୁବନେଶ୍ୱର** No.19-L

**ବିହନ ବିଶୋଧନ ଅଭିଯାନ , ଖରିଫ-୨୦୧୯**
**ନିରୋଗ ଫସଲ ପାଇଁ ବିହନ ବିଶୋଧନ**

ବିହନ ବିଶୋଧନ କରିବା ଦ୍ୱାରା ପ୍ରାଥମିକ ଅବସ୍ଥାରେ ଆକ୍ରମଣ କରୁଥିବା ବିହନଓ ମୃତ୍ତିକାବାହୀ ରୋଗରୁ ଫସଲକୁ ସହଜରେ ଓ କମ ଖର୍ଚ୍ଚ ରେ ସୁରକ୍ଷିତ କରାଯାଇପାରିବ। ଧାନବିହନକୁ କାରବେଣ୍ଡାଜିମ 50%WP, ୧କି.ଗ୍ରା. ବିହନ ପ୍ରତି ୨ ଗ୍ରାମ, କିମ୍ବା ଥିରାମ 75%WS, ୧କି.ଗ୍ରା. ବିହନ ପ୍ରତି ୩ ଗ୍ରାମ, ହିସାବରେ ଭଲ ଭାବରେ ଗୋଳାଇ ବିଶୋଧନ କରାଯାଏ ।

ଭୁବନେଶ୍ୱର କୃଷି ଜିଲ୍ଲା ଅନ୍ତର୍ଗତ ଚାରିଗୋଟି ବ୍ଲକ ଯଥା -(ଭୁବନେଶ୍ୱର, ବାଲିଅନ୍ତା, ବାଲିପାଟଣା ଓ ଜଟଣୀ) ର ସ୍ଥିରୀକୃତ ଗ୍ରାମଗୁଡିକରେ ତା ୧୯। ୦୬। ୨୦୧୯ ଠାରୁ ୧୦।୦୭।୨୦୧୯ରିଖ ମଧ୍ୟରେ ଧାନ ଫସଲ ନିମନ୍ତେ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ କରାଯାଉଅଛି । ଏହି କାର୍ଯ୍ୟକ୍ରମରେ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ଏହାର କୌଶଳ ମଧ୍ୟ ପ୍ରଦର୍ଶନ କରାଯିବ।

ଏଣୁ ଚାଷୀ ମାନେ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ନିଜ ଗ୍ରାମରେ ନିର୍ଦ୍ଧାରିତ ତାରିଖରେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜନିଜର ସାଇତା ବିହନକୁ ବିଶୋଧନ କରିବା ପୂର୍ବକ ଫସଲକୁ ରୋଗ ମୁକ୍ତ କରନ୍ତୁ ।

D. Patanga 19/6/19
ସ୍ୱା/- ଦୁର୍ଯ୍ୟୋଧନ ପତଙ୍ଗ
01422/11/0002/1920 ଜିଲ୍ଲା କୃଷି ଅଧିକାରୀ , ଭୁବନେଶ୍ୱର

# ଖାଦ୍ୟରୁଚି

ଖାଦ୍ୟ ପାଇଁ ରାଜ୍ୟ ତଥା ବାହାରେ ବେଶ୍ ପରିଚିତ ରେଶମ ସହର ବ୍ରହ୍ମପୁର। ଗ୍ରାହକଙ୍କ ଚାହିଦା ମୁତାବକ ଖାଦ୍ୟ ପ୍ରସ୍ତୁତି ପାଇଁ ସହରରେ ଖୋଲିଛି ଅନେକ ସ୍ୱାଦିଷ୍ଟ ରେଷ୍ଟୁରାଣ୍ଟ। ସେଥିମଧ୍ୟରେ ଏକ ନିଆରା ଖାଦ୍ୟ ପ୍ରସ୍ତୁତକାରୀ ରେଷ୍ଟୁରାଣ୍ଟ ହେଉଛି ଦଲୁଆ ସାହି, କ୍ୟାଣ୍ଟନମେଣ୍ଟ ରୋଡ, ଏସ୍‌ବିଆଇ ଇଭିନିଂ ବ୍ରାଞ୍ଚ ନିକଟରେ ଥିବା କିକ୍ ରେଷ୍ଟୋ। ନିରାମିଷ ତଥା ଆମିଷ ବିଭିନ୍ନ ପ୍ରକାର ଡିଶ୍ ପାଇଁ ଏହା ଅଳ୍ପ ଦିନରେ ବେଶ ସୁନାମ ଅର୍ଜନ କରିଛି। ବିଶେଷ କରି ଚିକେନରେ ପ୍ରସ୍ତୁତ ଡିଶ୍‌ଗୁଡ଼ିକର ଚାହିଦା ବହୁତ ଅଧିକ। ସେଥି ମଧ୍ୟରୁ ସ୍ୱତନ୍ତ୍ର ଡିଶ୍ ହେଉଛି 'ଚିକେନ ପଟିଆଲା'। ଯାହାର ପ୍ଲେଟ୍ ପିଛା ମୂଲ୍ୟ ୧୯୯ ଟଙ୍କା । ଏହି ଡିଶ୍ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ରେଷ୍ଟୁରାଣ୍ଟ ଆସିଷ୍ଟାଣ୍ଟ କୁକ୍ କାହ୍ନା ରଣା କହନ୍ତି.....

ରିପୋର୍ଟ: ଦୀପକ କୁମାର ପଣ୍ଡା

## ଚିକେନ୍ ପଟିଆଲା

### ଆବଶ୍ୟକ ସାମଗ୍ରୀ

- କଞ୍ଚା ଅଣ୍ଡା: ୨ଟା
- ଚିକେନ–୬୦୦ଗ୍ରାମ
- ପିଆଜ କାଜୁ ପେଷ୍ଟ ଏକ ବଡ଼ ଚାମଚ
- ମରିଚଗୁଣ୍ଡ: ଦେଢ ଚାମଚ
- ଧନିଆ ପାଉଡର: ଅଧ ଚାମଚ
- ଜିରା ପାଉଡର: ଅଧ ଚାମଚ
- କସ୍ତୁରୀ ମେଥି : ଏକ ଚୁଟ୍‌କି
- ଲହୁଣି: ଅଧ ଚାମଚ
- କଟା ରସୁଣ: ଅଧ ଚାମଚ
- ଲୁଣ: ସ୍ୱାଦ ଅନୁସାରେ
- ଚିନି: ଅଳ୍ପ
- ଧନିଆ ପତ୍ର



### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନକୁ ଭଲଭାବେ ଧୋଇ ଛୋଟ ଛୋଟ ପିସ୍ କରି କାଟି ରଖିବେ। ଚୁଲା ଉପରେ କଡେଇ ବସାଇ ତେଲ ପକାଇବେ। ତେଲ ଗରମ ହେବା ପରେ ଦୁଇଟି ଅଣ୍ଡାକୁ ଫଟାଇ ପକାଇ ଅମ୍‌ଲେଟ୍ ପ୍ରସ୍ତୁତ କରିବେ। ଏହାକୁ ଗୋଟିଏ ପ୍ଲେଟକୁ ବାହାର କରିନେବେ। ଏହାପରେ ଅନ୍ୟ ଏକ କଡେଇରେ ଅଳ୍ପ ତେଲ ନେବେ। ତେଲ ଗରମ ହେବା ପରେ କଟା ରସୁଣ, ମେଥିପତ୍ର ଓ ପିଆଜ ପକାଇ ଫ୍ରାଏ କରିବେ। ଏହା ପରେ ପୂର୍ବରୁ ଧୁଆହୋଇ ରଖାଯାଇଥିବା ଚିକେନକୁ ସେଥିରେ ପକାଇ ଫ୍ରାଏ କରି କିଛି ସମୟ ଛାଡିଦେବେ। ଏହାପରେ ସେଥିରେ ୟେଲୋ ଗ୍ରେଭି(ପିଆଜ କାଜୁ ପେଷ୍ଟ) ଛୋଟ ଚାମଚରେ ଦୁଇ ଚାମଚ ପକାଇ ଅଳ୍ପ ପାଣି ଦେବେ। ସେଥିରେ ମରିଚ ଗୁଣ୍ଡ, ଜିରା ପାଉଡର, ଧନିଆ ପାଉଡର ଅଧା ଚାମଚ ପକାଇ ଫ୍ରାଏ କରିବେ। ଶେଷରେ ଅଳ୍ପ ଚିନି ପକାଇ ଏକ ପ୍ଲେଟକୁ ବାହାର କରିବେ। ପୁଣି ଅନ୍ୟ ଏକ କଡେଇକୁ ଗରମ କରି ଅଳ୍ପ ରସୁଣ, ମେଥି ଫ୍ରାଏ କରିବା ପରେ ବଳକା ୟେଲୋ ଗ୍ରେଭି, ଜିରା ପାଉଡର, ଧନିଆ ପାଉଡର, ଲହୁଣି ପକାଇ ଝୋଳ ସଦୃଶ ହେବା ପରେ ଚିନି ପକାଇ ପ୍ଲେଟକୁ ବାହାର କରିନେବେ। ଅନ୍ୟ ଏକ ପ୍ଲେଟରେ ପୂର୍ବରୁ ପ୍ରସ୍ତୁତ ଅଣ୍ଡା ଅମ୍‌ଲେଟ୍ ଉପରେ କଷା ଚିକେନକୁ ଦେଇ ରୋଲ ଭଳି ଗୋଡାଇବେ। ରୋଲକୁ ମଧଭାଗରୁ ଛୋଟ ଛୋଟ ପିସ୍ କରି କାଟି ତା' ଉପରେ ପ୍ରସ୍ତୁତ ମସଲା ଝୋଳକୁ ପକାଇବେ। ଏହାଉପରେ ସ୍ୱତନ୍ତ୍ର ପ୍ଲେଟକୁ ବାହାର କରି ଅମୂଲ କ୍ରିମ ପକାଇ ଧନିଆ ପତ୍ର ଦେଇ ପରଷିବେ ।



ଆସିଷ୍ଟାଣ୍ଟ ସେଫ୍
କାହ୍ନା ରଣା

# ନିଜ କଥା

## ଶ୍ରୁତିମଧୁର ଅର୍ଥପୂର୍ଣ୍ଣ ଗୀତ ମୋର ପ୍ରିୟ



ରିପୋର୍ଟ–ଶଶାଙ୍କ ଶେଖର ଝାଙ୍କର

ଦେବଗଡ଼ ତହସିଲଦାର | ପଲ୍ଲବୀ ନାୟକ

କେନ୍ଦୁଝର ଜିଲା,ବାସୁଦେବପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ପଲ୍ଲବୀଙ୍କ ପ୍ରାଥମିକ ଶିକ୍ଷା କଳାହାଣ୍ଡି ଜିଲା ଜୁନାଗଡ଼ ସରକାରୀ ବିଦ୍ୟାଳୟରେ ହିଁ ଆରମ୍ଭ ହୋଇଥିଲା। କେନ୍ଦୁଝର ଜିଲା ହଦଗଡ଼ ନବୋଦୟ ବିଦ୍ୟାଳୟରେ ମାଟ୍ରିକ ପାସ କରିବା ପରେ ଧରଣୀଧର ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର,ଏମ.ଏଡ. ସମାପ୍ତ କରିଥିଲେ ସେ । ଏଥର ନିଜକଥା ସ୍ତମ୍ଭରେ ତାଙ୍କ କଥା...।

❍ ପ୍ରଥମ ଚାକିରି ଜୀବନ କେଉଁଠି ଆରମ୍ଭ କରିଥିଲେ ?

❏ ୨୦୦୭ ମସିହାରେ ମୋର ଜନ୍ମସ୍ଥାନ କେନ୍ଦୁଝର ଜିଲା ବାସୁଦେବପୁର ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଚାକିରି ଆରମ୍ଭ କରିଥିଲି । ସଂଯୋଗର କଥା ହେଲା ମୋର ମା'ମଧ ସେହି ସ୍କୁଲରେ ନିଜ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ।

❍ ପ୍ରଥମ ଦରମା କେମିତି ଖର୍ଚ୍ଚ କରିଥିଲେ ?

❏ ପ୍ରଥମ ଦରମା ମୋ ବାପାଙ୍କୁ ଦେଇଥିଲି।

❍ ଆପଣଙ୍କ ଆଦର୍ଶ କିଏ ?

❏ ମୋର ଆଦର୍ଶ ମୋ ମା' । ସେ ବାପାଙ୍କ ପାଇଁ ଭଲ ସ୍ତ୍ରୀ, ପରିବାର ସମ୍ଭାଳୁଥିବା ଜଣେ ସ୍ନେହୀ ମା' ଓ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ସମେତ ସମସ୍ତ ଭୂମିକାକୁ ଖୁବ ସୁନ୍ଦର ଭାବେ ନିର୍ବାହ କରିଆସିଛନ୍ତି।

❍ ଏପରି କିଛି ସ୍ମୃତି ଅଛି ଯାହା ଆଜି ପର୍ଯ୍ୟନ୍ତ ଆପଣଙ୍କ ମନେ ଅଛି ?

❏ ଅନେକ ସ୍ମୃତି ଅଛି । ବିଶେଷ କରି ଯେଉଁଦିନ ମୋର ପ୍ରଥମ କବିତା ପ୍ରକାଶ ପାଇଲା ତାହା ଚିର ସ୍ମରଣୀୟ।

❍ ଗୀତ ଶୁଣିବାକୁ ପସନ୍ଦ କରନ୍ତି?

❏ ଗୀତ ଶୁଣିବାକୁ ବହୁତ ଭଲପାଏ । ଶ୍ରୁତିମଧୁର ଅର୍ଥପୂର୍ଣ୍ଣ ଗୀତ ମୋର ପ୍ରିୟ।

❍ ସିନେମା ଦେଖନ୍ତି?

❏ ମୁଁ ସିନେମା କମ୍ ଦେଖେ । ବ୍ୟସ୍ତବହୁଳ ଜୀବନ ଭିତରେ କିଛି ସମୟ ମିଳିଲେ ବହି ପଢେ ଓ ଲେଖାଲେଖି କରେ।

❍ ପରିବାରର କିଏ ସବୁ ଅଛନ୍ତି?

❏ ଶାଶୁ, ଶ୍ୱଶୁର, ଯାଆ, ଦେଢ଼ଶ୍ୱର, ସ୍ୱାମୀ, ଝିଆରୀ, ପୁତୁରା, ପୁଅ, ଝିଅଙ୍କୁ ନେଇ ଆମ ପରିବାର।

❍ ଆପଣ ଲେଖାଲେଖି କରନ୍ତି। କେତୋଟି ପୁସ୍ତକ ପ୍ରକାଶିତ ହୋଇଛି ?

❏ ମୋର ୩ଟି ପୁସ୍ତକ ପ୍ରକାଶିତ ହୋଇଛି । ଭିଜା ଋତୁ,ପ୍ରେମିକାପଣ ଓ ଶବ୍ଦ ହଜିଗଲା ପରେ।

❍ ଛାତ୍ରୀ ଜୀବନର କିଛି ଅଭୁଲା କଥା ?

❏ ଡି.ଡି.କଲେଜରେ ମାଗାଜିନ୍ 'ପୁରବୀ'ର ସମ୍ପାଦିକା ପଦ ପାଇଁ ନିର୍ବାଚନ ଲଢିବା ଓ ବିଜୟୀ ହେବା ମୋ ପାଇଁ ଅଭୁଲା।

❍ ରୋଷେଇ ଜାଣନ୍ତି?

❏ ସାଧାରଣ ଓଡ଼ିଆମାନଙ୍କ ଖାଦ୍ୟ ରାନ୍ଧି ଜାଣିଛି। ଚିକେନ ତରକାରି ଓ ମାଛ ବେସର ମୁଁ ଭଲ ଭାବେ ରାନ୍ଧି ପାରେ।

❍ ଆପଣଙ୍କ ପ୍ରିୟ ଖାଦ୍ୟ ?

❏ ଅରୁଆ ଭାତ,ଡାଲମା, ଖଟା । ଆମିଷ ଖାଦ୍ୟ ଭିତରେ ଚିକେନ ତରକାରି ମୋର ପସନ୍ଦ।

# ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



@ ରଜତ୍



@ ମିଲନ



@ ନିଖିଲ



@ ବୀରେନ୍ଦ୍ର



@ ଗୋବର୍ଦ୍ଧନ



@ ସୁଦୀପ

# ଜାତୀୟସ୍ତରରେ ପୁଣି ଜଣେ ଓଡ଼ିଆ

## ଡ୍ରେସ୍ ଡିଜାଇନର ସୌରଭ ସ୍ୱରୂପ

"ପାଶ୍ଚାତ୍ୟ ବେଶଭୂଷାର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି। ଏପରି ଅବସ୍ଥାରେ ଫ୍ୟାଶନ ଡିଜାଇନର ନୂଆ ଟ୍ରେଣ୍ଡ ନେଇ ଯୁବ ପିଢି ବେଶ ଉତ୍ସାହିତ। ଏନେଇ ଦେଶର ବଡ଼ ବଡ ସହରରେ ଦୈନିକ ନୂଆ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଫ୍ୟାଶନ ଡିଜାଇନରେ ଡିଗ୍ରୀ ଡିପ୍ଲୋମା କରିବାକୁ ଅନେକ ଆଗ୍ରହ ପ୍ରକାଶ କଲେଣି। ଏ କ୍ଷେତ୍ରରେ ଜଣେ ଓଡ଼ିଆ ଯୁବକ ଡ୍ରେସ୍ ଡିଜାଇନର ସୌରଭ ସ୍ୱରୂପ ଜାତୀୟସ୍ତରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ..."

ରିପୋର୍ଟ – ବସନ୍ତ ଧଳ



ଜଣେ ମଡେଲଙ୍କ ସହ ସୌରଭ ସ୍ୱରୂପ।

ରାଉରକେଲା ମାଟିର ପୁଅ ସୌରଭ ସ୍ୱରୂପଙ୍କୁ ନେଇ ନୂଆଦିଲ୍ଲୀରେ ଅନେକ ଓଡ଼ିଆ ଆଜି ଗର୍ବ ଅନୁଭବ କରୁଛନ୍ତି। ଗତ ୨୦୧୭ରେ ନୂଆଦିଲ୍ଲୀର ଡ୍ରିମ ଜୋନ ଫ୍ୟାଶନ ଇନ୍‌ଷ୍ଟିଚ୍ୟୁଟରୁ ପାସ୍ ଆଉଟ ପରେ ସୌରଭ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି। ମାତ୍ର ଦେଢ ବର୍ଷ ମଧ୍ୟରେ ସେ ଜାତୀୟସ୍ତରରେ ୨୮ରୁ ଊର୍ଦ୍ଧ୍ୱ ପୁରସ୍କାର ହାସଲ କରିଛନ୍ତି। ଗତ ରବିବାର ସୌରଭ ରାଉରକେଲା ବ୍ରାହ୍ମଣୀ କ୍ଲବରେ ଆୟୋଜିତ ଏଭଳି ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ। ଓଡ଼ିଶାରୁ ଜଣେ ମାତ୍ର ଜାତୀୟ ପ୍ରତିଯୋଗୀ ଭାବେ ଏଠାକୁ ଆସିଥିବା ସୌରଭଙ୍କୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଥିଲା। ଫର୍ଟିଲାଇଜର ଟାଉନସିପ ବାସିନ୍ଦା ସୌରଭଙ୍କ ବାପା ଶିଶିର ସାହୁ ଜଣେ ବ୍ୟବସାୟୀ । ମା' ରୀତା ଜଣେ ଶିକ୍ଷୟିତ୍ରୀ। ୮ମ ଶ୍ରେଣୀରୁ ସୌରଭ ଜଣେ ଫ୍ୟାଶନ ଡିଜାଇନର ହେବାକୁ ସ୍ୱପ୍ନ ଦେଖିଥିଲେ। ମାତ୍ର ଯୁକ୍ତ ୨ ପଢିଥିବା ସୌରଭ ଫ୍ୟାଶନ ଡିଜାଇନରେ ମାଷ୍ଟର୍ସ ଡିଗ୍ରୀ ଶେଷ କରିବା ପରେ ନୂଆଦିଲ୍ଲୀର ଜଣେ ମଡେଲ ସିମରନ କୌରଙ୍କ ସଂସ୍ପର୍ଶରେ ଆସିଥିଲେ। ସିମରନ ନିଜ ଭାଇ ପରି ତାଙ୍କୁ ଭଲ ପାଉଥିଲେ । ସିମରନଙ୍କ ପରାମର୍ଶ, ସହଯୋଗରେ ଆଜି ମୁଁ ଏତେ ବାଟ ଆସି ପାରିଛି ବୋଲି କହନ୍ତି ସୌରଭ। ଜଣେ ଓଡ଼ିଆ ହିସାବରେ ନୂଆଦିଲ୍ଲୀରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ବାଛିବା କମ କାଠିକର ପାଠ ନୁହେଁ। ଜାତୀୟସ୍ତରରେ ଜଣେ ଉଚ୍ଚ କୋଟିର ଡ୍ରେସ ଡିଜାଇନର ଭାବେ ପ୍ରତିଷ୍ଠା ଲାଭ କରିବା ଥିଲା ମୋର ସ୍ୱପ୍ନ। ଯାହା ସାକାର ହୋଇ ପାରିଛି ବୋଲି କହନ୍ତି ସୌରଭ। ନିଜ ମା'ଙ୍କୁ ରୋଲ ମଡେଲ ମାନୁଥିବା ସୌରଭଙ୍କ ଟାଲେଣ୍ଟ ଆନ୍ତର୍ଜାତୀୟସ୍ତରରେ ମଧ ସ୍ୱୀକୃତି ଲାଭ କରିଛି। ମିସ୍ ନୋଏଡା ଶୋରେ ଦର୍ଶକ ତାଙ୍କ ଡିଜାଇନରେ ଶତମୁଖ ହୋଇଥିବା ବେଳେ ଚେନ୍ନାଇଠାରେ ଦୀର୍ଘ ୨୫ଘଣ୍ଟା ଧରି ଅନୁଷ୍ଠିତ ଲଙ୍ଗେଷ୍ଟ ଫ୍ୟାଶନ ଶୋରେ ଭାଗ ନେଇ ସୌରଭ ଅନେକ ପ୍ରଶଂସା ସାଉଁଟିଛନ୍ତି। ଗତ ୨୪ ଡିସେମ୍ବର ୨୦୧୮ରେ ଅନୁଷ୍ଠିତ ଏହି ସୋରେ ୪୧୫ ଡିଜାଇନର ଯୋଗ ଦେଇଥିଲେ। ଏଠାରେ ତାଙ୍କୁ ୨ଟି ପ୍ରଶଂସାପତ୍ର ମିଳିଥିଲା। ଏହା ବ୍ୟତୀତ ସେ ନେପାଳ, ଜୟପୁର, ଉତ୍ତର ପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ, ହରିଆଣା ଓ ନୂଆଦିଲ୍ଲୀ ଭଳି ସ୍ଥାନରେ ଅନୁଷ୍ଠିତ ଫ୍ୟାଶନ ସୋରେ ଭାଗ ନେଇ ନିଜ ଡିଜାଇନକୁ ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଇତିମଧ୍ୟରେ ସୌରଭ ଅନେକ ମଡେଲ, ସିନେ ଓ ଟେଲି ତାରକାଙ୍କ ପାଇଁ ଡ୍ରେସ ଡିଜାଇନ କରି ସାରିଛନ୍ତି। ୟୁନିକ ୱାଲର୍ଡ ରେକର୍ଡ ଭୁକ୍ତ ସୌରଭ ଏବେ ଜଣେ ଉଚ୍ଚ ମାନର ଡ୍ରେସ ଡିଜାନର ଭାବେ ଜାତୀୟସ୍ତରରେ ବହୁ ଅନୁଷ୍ଠାନଠାରୁ ପୁରସ୍କୃତ। ଆଗକୁ ଜଣେ ଓଡ଼ିଆ ହିସାବରେ ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିବା ମୋର ଏକମାତ୍ର ଲକ୍ଷ୍ୟ ବୋଲି କୁହନ୍ତି ସୌରଭ।





## ସଂକ୍ଷେପରେ

■ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ସମସ୍ୟା

### ଆର୍‌ବିଆଇକୁ ରିପୋର୍ଟ ଦେଲା ସିହ୍ନା କମିଟି

ନୂଆଦିଲ୍ଲୀ,୧୯-୬: ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ଦେଖାଦେଇଥିବା ଅଚଳାବସ୍ଥା ଦୂର କରିବା ତଥା ଏହାର ଅଭିବୃଦ୍ଧି ହାସଲ ନେଇ ପୂର୍ବତନ ସେବି ଅଧକ୍ଷ ୟୁ.କେ.ସିହ୍ନାଙ୍କ ଅଧକ୍ଷତାରେ ଗଠିତ କମିଟି ଇତିମଧରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ତାଙ୍କର ରିପୋର୍ଟ ଉପସ୍ଥାପନ କରିଛନ୍ତି। ଚଳିତବର୍ଷ ଜାନୁୟାରୀରେ ୮ ଜଣିଆ କମିଟି ଗଠନ କରାଯାଇଥିଲା। କମିଟି ରିପୋର୍ଟରେ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ବିସ୍ତାରିତ ତଥ୍ୟ ପ୍ରଦାନ କରିନାହାଁ। ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ଠିକ୍ ସମୟରେ ନଗଦ ଉପଲବ୍ଧ ହେଉ ନ ଥିବା ବେଳେ ଅସୁବିଧା ଦୂର କରିବା କ୍ଷେତ୍ରରେ ପରାମର୍ଶ ଦେବା କମିଟିର ପ୍ରାଥମିକତା ରହିଥିଲା। ଏହାଛଡା ଏକ୍ଷେତ୍ରରେ ଦୀର୍ଘକାଳୀନ ଆର୍ଥିକ ସ୍ଥିରତା ଆଣିବା ତଥା ଢାଞ୍ଚାଗତ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ମଧ କମିଟିର ଲକ୍ଷ୍ୟ ଥିଲା। ଏହି କମିଟିରେ ସିହ୍ନାଙ୍କ ବ୍ୟତୀତ ଏମ୍‌ଏସ୍‌ଏମ୍‌ଇ ଡେଭଲପ୍‌ମେଣ୍ଟ କମିଶନର ରାମ ମୋହନ ମିଶ୍ର, ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ଯୁଗ୍ମ ସଚିବ ପଙ୍କଜ ଜୈନ, ଏସ୍‌ବିଆଇ ଏମ୍‌ଡି ପି.କେ.ଗୁପ୍ତା, ଆଇସିଆଇସିଆଇ ବ୍ୟାଙ୍କ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଅନୁପ ବାଗ୍‌ଚୀ, ଆଇଆଇଏମ୍-ଅହମ୍ମଦାବାଦ୍ ପ୍ରଫେସର ଅଭିମାନ ଦାସ, ଇସ୍ପିରିଟ୍ ଫାଉଣ୍ଡେଶନର ଶରଦ ଶର୍ମା ଏବଂ ଡିଭାରା ଟ୍ରଷ୍ଟ ଅଧକ୍ଷ ବିନ୍ଦୁ ଅନନ୍ତ ସଦସ୍ୟ ରହିଛନ୍ତି।

■୨୧ରେ ଜିଏସ୍‌ଟି କାଉନସିଲ ବୈଠକ

### ଇଲେକ୍ଟ୍ରିକ ବାହନ, ଇ-ଇନ୍‌ଭଏସ ନେଇ ହୋଇପାରେ ନିଷ୍ପତ୍ତି

ନୂଆଦିଲ୍ଲୀ,୧୯-୬: ଜିଏସ୍‌ଟି କାଉନସିଲ୍‌ର ବୈଠକ ଆସନ୍ତା ୨୧ରେ ବସିବାକୁ ଯାଉଛି। କେନ୍ଦ୍ରରେ ନୂଆ ସରକାର ଗଠନ ହେବା ପରେ କାଉନସିଲ୍‌ର ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। କାରଣ ଆଉ ୧୫ ଦିନ ପରେ କେନ୍ଦ୍ର ସରକାର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ମୋଟର ବାହନ, ଇଲେକ୍ଟ୍ରିକ ଗାଡି ଉପରେ ଲାଗୁଥିବା ଟିକସକୁ ହ୍ରାସ କରିବା ଏବଂ ଟିକସ ଫାଙ୍କିକୁ ରୋକିବା ଲାଗି ଇଲେକ୍ଟ୍ରୋନିକ ଇନଭଏସ ଲାଗୁ କରିବା ନେଇ ଏହି ବୈଠକରେ ନିଷ୍ପତ୍ତି ନିଆଯାଇପାରେ। ଅକ୍ଟୋବରର ପାର୍ବଣ ଋତୁକୁ ଛାଡିଦେଲେ ଗତ ୧୧ ମାସ ହେବ ଗାଡ଼ି ବିକ୍ରି କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଏହି ସେକ୍ଟରକୁ ଟିକସ ଛାଡ ଜରିଆରେ ପୁନର୍ବାର ଗତିଶୀଳ କରିବାକୁ ଗାଡ଼ି ଉଦ୍ୟୋଗଗୁଡ଼ିକ ପକ୍ଷରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ନିକଟରେ ଦାବି କରାଯାଇଛି। କାଉନସିଲ ଇଲେକ୍ଟ୍ରିକ ଗାଡ଼ିରେ ଲାଗୁ ଥିବା ଜିଏସ୍‌ଟି ସ୍ଲାବ୍‌କୁ ହ୍ରାସ କରିପାରନ୍ତି। ବର୍ତ୍ତମାନ ଏଭଳି ଗାଡ଼ି ଉପରେ ୧୨% ଜିଏସ୍‌ଟି ଲାଗୁ ହେଉଥିବା ବେଳେ କାଉନସିଲ୍ ଏହାକୁ ୫% କୁ ହ୍ରାସ କରିପାରନ୍ତି। ଏହାଛଡା ଇଲେକ୍ଟ୍ରି ଭେହିକିଲ ଚାର୍ଜ ଉପରେ ଜିଏସ୍‌ଟିକୁ ୧୨%କୁ ହ୍ରାସ କରାଯାଇପାରେ। ଅନ୍ୟପକ୍ଷରେ କମ୍ପାନୀ-କମ୍ପାନୀ ମଧରେ କିଣାବିକା(ବିଜ୍‌ନେସ୍ ଟୁ ବିଜ୍‌ନେସ ବା ବି-ଟୁ-ବି) ଲାଗି କେନ୍ଦ୍ରୀକୃତ ସରକାରୀ ପୋର୍ଟାଲରେ ଇ-ଇନଭଏସ୍ ଜାରି କରିବା ଉପରେ ନିଷ୍ପତ୍ତି ନେଇପାରେ କାଉନସିଲ୍। ଇନ୍‌ଭଏସ୍‌ର ଦୁରୁପଯୋଗ ସହ ଟିକସ ଫାଙ୍କିକୁ ରୋକିବା ଏହାର ଉଦ୍ଦେଶ୍ୟ। ଏହାବ୍ୟତୀତ ୧୨ ଓ ୧୮% ଜିଏସ୍‌ଟି ସ୍ଲାବ୍‌କୁ ଉଚ୍ଛେଦ କରି ଏହାରି ଭିତର ଆଉ ଏକ ସ୍ଲାବ୍ ସୃଷ୍ଟି କରିବା ନେଇ କାଉନସିଲ୍‌ରେ ନିଷ୍ପତ୍ତି ହୋଇପାରେ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

### ଜେଟ୍ ଏୟାରୱେଜ୍ ମାମଲା ପାଇଲଟ, ୨ ବିଦେଶୀ ଭେଣ୍ଡର ଅଦାଲତ ଗଲେ

ନୂଆଦିଲ୍ଲୀ,୧୯-୬: ଜେଟ୍ ଏୟାରୱେଜ୍‌ର ପାଇଲଟ, ଇଞ୍ଜିନିୟର ସଂଗଠନ ଏବଂ ନେଦରଲାଣ୍ଡର ୨ ଭେଣ୍ଡର ବୁଧବାର ଦେବାଳିଆ ଅଦାଲତ ଏନ୍‌ସିଏଲ୍‌ଟିରେ ପହଞ୍ଚିଛନ୍ତି। ନିଜକୁ ଜେଟ୍‌ର ଦେବାଳିଆ ପ୍ରକ୍ରିୟାରେ ସାମିଲ କରିବା ଲାଗି ସେମାନେ ଆବେଦନ ପତ୍ର ଦେଇଛନ୍ତି। ୨ ବିଦେଶୀ ଭେଣ୍ଡର ନିଜର ହିତର ସୁରକ୍ଷା ଲାଗି ଇଣ୍ଟରଭେନ୍‌ସନ ପିଟିଶନ ଦାଖଲ କରିବାକୁ ଅନୁମତି ମାଗିଛନ୍ତି। ଏହା ଉପରେ ଗୁରୁବାର ଏନ୍‌ସିଏଲ୍‌ଟିରେ ଶୁଣାଣି ହେବ। ଜେଟ୍ ବିରୋଧରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ମାମଲା ଆଗତ କରାଯାଇଛି। ସୂଚନାଥାଉ କି, ଜେଟ୍ ଉପରେ ଏବେ ୨୩ ହଜାର କର୍ମଚାରୀଙ୍କ ପ୍ରାୟ ୩ହଜାର କୋଟି ଟଙ୍କାର ବେତନ ବକେୟା ରହିଛି। କର୍ମଚାରୀଙ୍କୁ ମାର୍ଚ୍ଚରୁ ଦରମା ମିଳିନାହିଁ।



"ଜେମ୍ସ ଆଣ୍ଡ ଜୁଏଲେରୀ ଶିଳ୍ପକୁ ସହାୟତା ପ୍ରଦାନ କରିବା ଲାଗି କେନ୍ଦ୍ର ସରକାର ଏକ ସାଧାରଣ ସହାୟତା କେନ୍ଦ୍ର ପ୍ରତିଷ୍ଠା କରିବାକୁ ବିଚାର କରୁଛନ୍ତି।

–ରୁପା ଦତ୍ତା, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଉପଦେଷ୍ଟା



"ପ୍ରତିପକ୍ଷ ହୁଏଇ ସହ ପ୍ରତିଯୋଗିତା ବେଳେ ଭାରତରେ ଏରିକ୍‌ସନ ଏହାର ଟେକ୍ନୋଲୋଜିକାଲ ଅଫର ଉପରେ ଭରସା କରିବ।

–ନୀତିନ ବଂଶଲ, ଏରିକ୍‌ସନ ଭାରତ ମୁଖ୍ୟ

# ମୌସୁମୀ ବିଗାଡ଼ିଦେବ ବଜେଟ

ନୂଆଦିଲ୍ଲୀ,୧୯-୬

ଚଳିତବର୍ଷ ଦେଶରେ ମୌସୁମୀ ପ୍ରବାହ ବିଳମ୍ବିତ ହୋଇଛି। ନିର୍ଦ୍ଧାରିତ ସମୟଠାରୁ ସପ୍ତାହକ ବିଳମ୍ବରେ ମୌସୁମୀ ଦେଶରେ ପ୍ରବେଶ କରିଛି। ଜୁନ୍‌ରେ ଅଦ୍ୟାବଧି ସାରା ଦେଶରେ ସାମାନ୍ୟରୁ ପ୍ରାୟ ୪୩ରୁ ୪୪ ପ୍ରତିଶତ କମ ବର୍ଷା ହୋଇଛି। ଅନ୍ୟପକ୍ଷରେ ଆଉ ୧୫ ଦିନ ପରେ କେନ୍ଦ୍ର ସରକାର ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। କୃଷି ଆଧାରିତ ଆୟକୁ ଦୃଷ୍ଟିରେ ରଖି ସରକାର ବଜେଟ ପ୍ରସ୍ତୁତ କରିଥାନ୍ତି। ତେବେ ଚଳିତ ବର୍ଷର ମୌସୁମୀ ଗତି ସରକାରଙ୍କ ବଜେଟ ବିଗାଡିବାର ଯଥେଷ୍ଟ ସମ୍ଭାବନା ରହିଛି।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ସତ ବୋଲି ମାନିଲେ ଜଣାପଡୁଛି ଯେ, ମୌସୁମୀ ଦେଶର ଅନ୍ୟ ଅଞ୍ଚଳକୁ ପହଞ୍ଚିବାରେ ୧୦ରୁ ୧୩ ଦିନ ବିଳମ୍ବ ହୋଇପାରେ। ବିଳମ୍ବ କାରଣରୁ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। କେନ୍ଦ୍ର କୃଷି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ବିଳମ୍ବ ମୌସୁମୀ କାରଣରୁ ଚାଷୀ ଅନେକାଂଶରେ ଚାରା ରୋପଣ କରିପାରିନାହାନ୍ତି।



ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ, ଅଦ୍ୟାବଧି ୨.୦୩ କୋଟି ଏକର ଜମିରେ ଚାରା ରୋପଣ ଶେଷ ହୋଇଛି। ଯାହା କି ଗତବର୍ଷ ଠାରୁ ୯ପ୍ରତିଶତ କମ୍। ସେହିପରି ତୁଳା ଚାଷ ୯.୪%, ସୋୟାବିନ ତଥା ଡାଲି ଜାତୀୟ ଖାଦ୍ୟପଦାର୍ଥ ବୁଣାବୁଣି ୫୧% ହ୍ରାସ ପାଇଛି। ଏହାହି ମୋଦି ସରକାରଙ୍କ ପାଇଁ ବଡ଼ ମୁଣ୍ଡବ୍ୟଥାର କାରଣ ହୋଇପାରେ। କାରଣ ମୌସୁମୀ ବର୍ଷା ଭାରତୀୟ ଅର୍ଥନୀତିର ଆଧାର ହୋଇଛି। ଦେଶର ଅର୍ଥନୀତିରେ କୃଷିର ଯୋଗଦାନ ୧୫% ରହିଛି। ଦେଶରେ ମୋଟ ଚାଷର ୭୦ ପ୍ରତିଶତ ମୌସୁମୀ ଉପରେ ନିର୍ଭରଶୀଳ। ଦେଶର ପ୍ରାୟ ୮୦ କୋଟି ଲୋକ ଚାଷକୁ ନିର୍ଭର କରି ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବେ ନିଯୁକ୍ତି ପାଇଥାନ୍ତି। ଭଲ ବର୍ଷା ହେଲେ ଅଧିକ ଫସଲ ଉତ୍ପାଦିତ ହୋଇଥାଏ। ଏହାର ପ୍ରଭାବରେ ଗ୍ରାମାଞ୍ଚଳ ଅର୍ଥନୀତିରେ ବୃଦ୍ଧି ପରିଲକ୍ଷିତ ହୁଏ। ଗ୍ରାମାଞ୍ଚଳରେ ଆୟ ବଢ଼ିବା କାରଣରୁ ସୁନା, ରୁପାଠାରୁ ଆରମ୍ଭ କରି ଟ୍ରାକ୍ଟର, କାର୍, ମୋଟରସାଇକେଲ, ଫ୍ରିଜ୍ ଭଳି ଉପଭୋକ୍ତା ସାମଗ୍ରୀ ବିକ୍ରି ବଢ଼ିଥାଏ। ଯାହା କି, ପ୍ରତ୍ୟକ୍ଷ ଭାବେ ଦେଶର ଅର୍ଥନୀତିକୁ ଶକ୍ତିଶାଳୀ କରିଥାଏ। ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ଲାଗି ମୋଦି ସରକାର ବଜେଟରେ ଜୋର୍ ଦେବାକୁ ଯାଉଛନ୍ତି। ଏହାଛଡ଼ା ଚାଷକୁ ନିର୍ଭର କରି ସରକାର ଧିମା ହୋଇଯାଇଥିବା ଅର୍ଥନୀତିକୁ ଗତିଶୀଳ କରିବାକୁ ଚାହୁଁଛନ୍ତି। ଏଭଳି ସ୍ଥିତିରେ ଭଲ ବର୍ଷା ନ ହେଲେ ମୋଦି ସରକାରଙ୍କ ସମସ୍ତ ଆଶା ନିରାଶାରେ ବଦଳିଯିବ। କାରଣ କମ୍ ବର୍ଷା କାରଣରୁ ଫସଲ ଉତ୍ପାଦନ ହ୍ରାସ ପାଇବ। ଫଳରେ ଗ୍ରାମାଞ୍ଚଳରେ ଆୟ ବଢ଼ାଇବାର ଲକ୍ଷ୍ୟ ପୂରଣ କରିବା କଷ୍ଟସାଧ ହେବ। ସେହିପରି ଉତ୍ପାଦନ ହ୍ରାସ ପାଇବା କାରଣରୁ ଡାଲି ଜାତୀୟ, ତୈଳବୀଜ,ସୋୟାବିନ ତେଲ ଆମଦାନୀ ବଢ଼ିଯିବ। ଦେଶରେ ପନିପରିବା, ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇବା କାରଣରୁ ଦରଦାମ ବଢ଼ିବ। ଏହାର ସିଧାସଳଖ ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡିବ। ଗତବର୍ଷ ଦେଶର କେତେକ ରାଜ୍ୟରେ ମରୁଡି ପଡିବା କାରଣରୁ କେନ୍ଦ୍ର ସରକାର ଚାଷୀଙ୍କୁ ସହାୟତା ବାବଦରେ କୃଷି ଋଣ ଛାଡ କରିଥିଲେ। ଏହାଦ୍ୱାରା ଦେଶର ବିତ୍ତୀୟ ନିଅଣ୍ଟ ପରିମାଣ ଚାପ ଗ୍ରସ୍ତ ହୋଇଛି। ଚଳିତବର୍ଷ ମଧ ଏଥିରୁ ନିସ୍ତାର ପାଇବାର ସମ୍ଭାବନା ନାହିଁ। ଭଲ ବର୍ଷା ହୋଇଥିଲେ ମୁଦ୍ରାସ୍ଫୀତି ସହ ଅନ୍ୟାନ୍ୟ କ୍ଷେତ୍ରରେ ସରକାରଙ୍କୁ ଅଧିକ ବ୍ୟୟ କରିବାକୁ ପଡିବ ନାହିଁ। କିନ୍ତୁ ଚଳିତବର୍ଷ ମୋଦି ସରକାର ଏ କ୍ଷେତ୍ରରେ ଅଧିକ ବ୍ୟୟ କରିବାର ଯଥେଷ୍ଟ ସମ୍ଭାବନା ଦୃଷ୍ଟିଗୋଚର ହେଲାଣି। ଭଲ ବର୍ଷା ହେଲେ ଜଳବିଦ୍ୟୁତ ଉତ୍ପାଦନ ଅଧିକ ହୋଇଥାଏ। ବର୍ଷା ଅଧିକ ହେଲେ ଜଳସେଚନ ଲାଗି ଆବଶ୍ୟକ ହେଉଥିବା ଡିଜେଲ ଚାହିଦା ଯଥେଷ୍ଟ କମିଥାଏ। ଚାଷୀଙ୍କ କ୍ଷତି ଭରଣା କରିବାକୁ ଯାଇ ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ହେବ, ଯାହା ବଜେଟକୁ ବିଗାଡିଦେବ।

■କମ୍ ବର୍ଷା ଯୋଗୁ ଉତ୍ପାଦନ ହ୍ରାସ ପାଇବ
■ଗ୍ରାମାଞ୍ଚଳ ଅର୍ଥନୀତି କମିବ
■ଖାଦ୍ୟଶସ୍ୟ ଆମଦାନୀ ବଢ଼ିବ

■ଗ୍ରୁପ୍ କମ୍ପାନୀରେ ନିବେଶ

### ଇପିଏଫଓ ଫଣ୍ଡ ମ୍ୟାନେଜରଙ୍କ ଉପରେ କଟକଣା

ନୂଆଦିଲ୍ଲୀ,୧୯-୬

ଗ୍ରୁପ୍ କମ୍ପାନୀରେ ନିବେଶ ନେଇ ଏମ୍ପ୍ଲୟି ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେଶନ(ଇପିଏଫ୍‌ଓ) ନିଜର ଆସେଟ ମ୍ୟାନେଜରଙ୍କ ଉପରେ କଟକଣା ଜାରି କରିଛି। ନିକଟ ଅତୀତରେ କେତେକ ଇନ୍‌ଭେଷ୍ଟମେଣ୍ଟର ମୂଲ୍ୟ ହ୍ରାସ ପାଇବା କାରଣରୁ ଇପିଏଫ୍‌ଓ ପକ୍ଷରୁ ଉକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଇପିଏଫ୍‌ଓର ଫଣ୍ଡ ପୋର୍ଟଫୋଲିଓ ମ୍ୟାନେଜର ହେବା ଲାଗି ଆଦିତ୍ୟ ବିର୍ଲା ମ୍ୟୁଚୁଆଲ ଫଣ୍ଡ, ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡ, ରିଲାଏନ୍ସ ନିପ୍ପନ ଆସେଟ ମ୍ୟାନେଜମେଣ୍ଟ ଏବଂ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ବିଡ୍ ଦାଖଲ କରିଛି। ପୋର୍ଟଫୋଲିଓ ମ୍ୟାନେଜର ବାଛିବା ପ୍ରକ୍ରିୟା ସମ୍ପର୍କରେ ଇପିଏଫଓର ସେଣ୍ଟ୍ରାଲ ବୋର୍ଡ ଅଫ୍ ଟ୍ରଷ୍ଟିଜ ସଦସ୍ୟ ତଥା ଭାରତୀୟ ମଜଦୁର ସଂଘର ସଦସ୍ୟ ପ୍ରଭାକର ବନାସ୍ୟୋର୍ କହିଥିଲେ ଯେ, ଇପିଏଫ୍‌ଓ ପକ୍ଷରୁ ରିକ୍ୱେଷ୍ଟ ଫର୍ ପ୍ରପୋଜାଲ ଦିଆଯାଇଛି। କେତେକ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ବିଡ୍ ଦିଆଯାଇଛି। ଚଳିତ ମାସ ଶେଷ ସୁଦ୍ଧା ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

## ଘରୋଇ କମ୍ପାନୀଙ୍କୁ ମିଳିପାରେ ଟ୍ରେନ ପରିଚାଳନା ଅଧିକାର

ନୂଆଦିଲ୍ଲୀ,୧୯-୬



କେନ୍ଦ୍ର ସରକାର କେତେକ ରୁଟ୍‌ରେ ପାସେଞ୍ଜର ଟ୍ରେନ ପରିଚାଳନା ଦାୟିତ୍ୱ ଘରୋଇ କମ୍ପାନୀଙ୍କ ହାତରେ ଟେକିଦେବାକୁ ଗମ୍ଭୀରତାର ସହ ବିଚାର କରୁଛନ୍ତି। ରେଲୱେ ବୋର୍ଡର ଏକ ଦସ୍ତାବେଜ୍‌ରୁ ଜଣାପଡିଛି ଯେ, କେନ୍ଦ୍ର ସରକାର ୧୦୦ ଦିନ ଭିତରେ କମ୍ ଭିଡ ଥିବା ଏବଂ ଟୁରିଷ୍ଟ ରୁଟ୍‌ରେ ଟ୍ରେନ ଚଳାଇବାକୁ ଘରୋଇ କମ୍ପାନୀଙ୍କ ଠାରୁ ବିଡ୍ ଆହ୍ୱାନ କରିବେ। ମିଡିଆ ରିପୋର୍ଟ ଅନୁଯାୟୀ, ପ୍ରାରମ୍ଭିକ ଅଭିଜ୍ଞତା ହାସଲ ଲାଗି ଭାରତୀୟ ରେଲୱେ ଆଇଆର୍‌ସିଟିସିକୁ ଦୁଇଟି ଟ୍ରେନର ପରିଚାଳନା ଦାୟିତ୍ୱ ଦେବେ। ଟିକେଟ ଓ ଟ୍ରେନ ଭିତରେ ସେବା ପ୍ରଦାନ କରିବାର ଦାୟିତ୍ୱ ମଧ ଆଇଆର୍‌ସିଟିସି ହାତରେ ରହିବ। ଏହା ବଦଳରେ ରେଲୱେକୁ ଏକ ନିର୍ଦ୍ଧାରିତ ରାଶି ମିଳିବ। ଏହାବ୍ୟତୀତ ରେଲୱେର ର୍ୟାକ୍ ଦାୟିତ୍ୱ ମଧ ଆଇଆର୍‌ସିଟିସିକୁ ପ୍ରଦାନ କରାଯିବ। ଏହା ବଦଳରେ ରେଲୱେର ବିତ୍ତୀୟ ଶାଖା ଭାରତୀୟ ରେଲୱେ ଆର୍ଥିକ ପ୍ରାଧିକରଣ(ଆଇଆର୍‌ଏଫ୍‌ସି)କୁ ବାର୍ଷିକ ଲିଜ୍ ଚାର୍ଜ ପାଇବେ। ଏହି ଟ୍ରେନ ବଡ଼ ସହରକୁ ଯୋଡିବା ସହ ସ୍ୱର୍ଣ୍ଣିମ ଚତୁର୍ଭୁଜ ମାର୍ଗରେ ଚାଲିବ। ରେଲୱେ ବୋର୍ଡ ଅଧକ୍ଷ ବି.କେ.ଯାଦବ କହିଛନ୍ତି ଯେ, ରେଲୱେ ପକ୍ଷରୁ ଘରୋଇ କମ୍ପାନୀଙ୍କୁ ବିଡ ଦାଖଲ ଲାଗି ସୁଯୋଗ ଦିଆଯିବ।



ମହିନ୍ଦ୍ରା ଫାଉଣ୍ଡେଶନ ତରଫରୁ ଫନୀ ବାତ୍ୟା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨.୨୫ କୋଟି ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଉଛି।

## ରେନୋ ଆଣିଲା ନୂଆ ଟ୍ରାଇବର




ସତ୍ୟାନନ୍ଦ ନାୟକ
ନୂଆଦିଲ୍ଲୀ, ୧୯।୬

ୟୁରୋପର ପ୍ରମୁଖ ଅଟୋମୋଟିଭ୍ ବ୍ରାଣ୍ଡ ରେନୋ ଇଣ୍ଡିଆ ପକ୍ଷରୁ ନୂଆ ଟ୍ରାଇବର କାରର ବୁଧବାର ବଜାର ପ୍ରବେଶ ହୋଇଛି। ରେନୋ ଗ୍ରୁପର ସିଇଓ ଥିରୀ ବୋଲୋରେ, ଇଣ୍ଡିଆ ଅପରେସନ୍ସ ସିଇଓ ଭେଙ୍କଟରାମ ମାମିଲାପାଲେ, କର୍ପୋରେଟ୍ ଡିଜାଇନ୍ ଇଭିପି ଲରେନ୍ସ ଭି.ଡି ଆକର, ଗ୍ରୁପର ସିନିୟର୍ ଭାଇସ୍ ପ୍ରେସିଡେଣ୍ଟ ଏଫ୍ କ୍ୟାମ୍ବୋଲିଭ୍ ନୂଆଦିଲ୍ଲୀଠାରେ ଏହାର ବଜାର ପ୍ରବେଶ କରାଇଥିଲେ। ଭାରତୀୟ ବଜାରକୁ ଧ୍ୟାନରେ ରଖି ଏହି ମଡେଲକୁ ପ୍ରସ୍ତୁତ କରାଯାଇଛି। ରେନୋ ଇଣ୍ଡିଆ ଏବଂ ଫ୍ରାନ୍ସ ଟିମ୍ ଏହି ମଡେଲକୁ ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି। ମଡେଲଟିରେ ଅନେକ ଅତ୍ୟାଧୁନିକ ଫିଚର ରହିଛି। ଉନ୍ନତ ଇନ୍ଧନ ଦକ୍ଷତା, ଅଲଟ୍ରା ମଡ୍ୟୁଲାର, ସ୍ପେଶିୟସ୍ ଏବଂ କମ୍ପାକ୍ଟ ଭଳି ଫିଚର୍ ଗ୍ରାହକ ଏଥିରେ ଲାଭ କରିପାରିବେ। ଏହାବାଦ୍ ଉନ୍ନତ ସିଟ୍ କନଫିଗରେଶନ୍ ଏବଂ ଇଣ୍ଡଷ୍ଟ୍ରି ଫାଷ୍ଟ ଇଜି ଫିକ୍ସ ଫିଚର ଏଥିରେ ସ୍ଥାନିତ ରହିଛି। ୪ମିଟର ମଧରେ ଆକର୍ଷଣୀୟ କ୍ୟାବିନ୍, ୬୨୫ ଲିଟର୍ ବୁଟ୍ ସ୍ପେସ୍, ୩୧ ଲିଟର ପର୍ଯ୍ୟନ୍ତ ଷ୍ଟୋରେଜ ସ୍ପେସ୍ ଏଥିରେ ରହିଛି। ମଡେଲରେ ୮ଇଞ୍ଚର ମଲ୍ଟିମିଡିଆ ଟଚ୍ ସ୍କ୍ରିନ୍, ୧.୦ ଲିଟରର ପେଟ୍ରୋଲ ଇଞ୍ଜିନ ଏବଂ କଷ୍ଟ ଅଫ୍ ମେଣ୍ଟେନାନ୍ସକୁ ଗୁରୁତ୍ୱ ଦିଆଯାଇଛି। ରେନୋ ଗ୍ରୁପ୍ ପାଇଁ ଭାରତ ଏକ ପ୍ରମୁଖ ବଜାର ବୋଲି ସିଇଓ ବୋଲୋରେ କହିଛନ୍ତି। ଷ୍ଟ୍ରାଟେଜିକ୍ ଯୋଜନା ସହ ଘରୋଇ ବଜାରରେ ୨୦୨୨ ସୁଦ୍ଧା ବିକ୍ରିକୁ ଦୁଇଗୁଣା କରିବାକୁ ଲକ୍ଷ୍ୟ ରହିଥିବା ସେ କହିଛନ୍ତି। ଭାରତୀୟ ବଜାରକୁ ନଜରରେ ରଖି ଏହି ମଡେଲ ଆଣିଥିବାବେଳେ ଏହା ଏକ ଗେମ୍ ଚେଞ୍ଜର ହେବ ବୋଲି ସେ କହିଛନ୍ତି। ନୂଆ ମଡେଲ ସହ ସମ୍ପ୍ରସାରଣ ଦିଗରେ କାର୍ଯ୍ୟ କରୁଥିବା ଇଣ୍ଡିଆ ଅପରେଶନ ସିଇଓ ଭେଙ୍କଟରାମ କହିଛନ୍ତି। ଭାରତୀୟ ବଜାରରେ ଭବିଷ୍ୟତ କାର୍ଯ୍ୟପନ୍ଥା ଅନୁଯାୟୀ ବିକ୍ରିରେ ୪୦ ପ୍ରତିଶତ ଅଭିବୃଦ୍ଧି ଲକ୍ଷ୍ୟ ହାସଲ ଏବଂ ୨୦୨୨ ସୁଦ୍ଧା ୫ ନିୟୁତ ଯାନ ବିକ୍ରି କରିବାକୁ ଯୋଜନା ରହିଥିବା ସେ କହିଛନ୍ତି।




ଏଲ୍‌ଜି ପକ୍ଷରୁ ଏହାର ୱାର୍ଲ୍ଡ କପ୍ ଅଫର ଅନ୍ତର୍ଗତ ୱିନ୍ ଏଭ୍ରି ଆୱାର ୱିଥ୍ ଏଲ୍‌ଜିରେ କୁଳମଣି ସିଂ ରାଜ ଇଲେକ୍ଟ୍ରୋନିକ୍ସରୁ ୨୪ ଇଞ୍ଚ ଏଲ୍‌ଇଡି କିଣିବା ଅବସରରେ 'ଏଲ୍‌ଜି ଏକ୍ସ ବୁମ୍ ପିକେ-୫' ଜିତିଥିବା ବେଳେ ମାଲିକ ପ୍ରକାଶ ବିଶ୍ୱାଳଙ୍କ ଠାରୁ ଏହାକୁ ଗ୍ରହଣ କରୁଛନ୍ତି।

## ସୁବ୍ରମଣ୍ୟନ୍‌ଙ୍କ ଅଭିଯୋଗକୁ ଇଏସିଙ୍କ ଖଣ୍ଡନ

ନୂଆଦିଲ୍ଲୀ,୧୯-୬

ଜିଡିପି ବିବାଦ

ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ଉପଦେଷ୍ଟା କମିଟି(ଇଏସି-ପିଏମ୍) ବୁଧବାର ପୂର୍ବତନ ମୁଖ୍ୟ ଆର୍ଥିକ ଉପଦେଷ୍ଟା(ସିଇଏ) ଅରବିନ୍ଦ ସୁବ୍ରମଣ୍ୟନ୍‌ଙ୍କ ଜିଡିପି ଡାଟାକୁ ନେଇ ଉଠାଇଥିବା ବିବାଦକୁ ଖଣ୍ଡନ କରିଛନ୍ତି। ଇଏସି-ପିଏମ୍‌ଙ୍କ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ଦେଶର ଜିଡିପି ଆକଳନ ପଦ୍ଧତି ଏକ ଉତ୍ତରଦାୟୀ, ସ୍ୱଚ୍ଛ ଏବଂ ସୁବ୍ୟବସ୍ଥିତ ରୂପରେ ବିଶ୍ୱରେ ପ୍ରଚଳିତ ମାନଦଣ୍ଡ ଅନୁଯାୟୀ କରାଯାଉଛି। ଇଏସି ପକ୍ଷରୁ 'ଭାରତରେ ଜିଡିପି ଆକଳନ-ପରିଦୃଶ୍ୟ ଏବଂ ତଥ୍ୟ' ଶୀର୍ଷକରେ ଏକ ବିସ୍ତାରିତ ତଥ୍ୟ ଜାରି କରାଯାଇ ସୁବ୍ରମଣ୍ୟନଙ୍କ ସମ୍ପୂର୍ଣ୍ଣ ରିପୋର୍ଟକୁ ପ୍ରତ୍ୟେକ ବିନ୍ଦୁ ଅନୁସାରେ ଖଣ୍ଡନ କରାଯାଇଛି। ନିଜର ସଦ୍ୟତମ ରିପୋର୍ଟରେ ସୁବ୍ରମଣ୍ୟନ କହିଥିଲେ ଯେ, ୨୦୧୧-୧୨ରୁ ୨୦୧୬-୧୭ ମଧରେ ଭାରତର ଜିଡିପି ଅଭିବୃଦ୍ଧିକୁ ସମ୍ଭବତଃ ୨.୫% ବଢ଼ାଇ ଦର୍ଶାଯାଇଛି।

## ଓଡ଼ିଶା ଲଳିତ କଳା ଏକାଡେମୀ
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ)
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

### ୩୮ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ଓ ପୁରସ୍କାର

ଆସନ୍ତା ୨୦୧୯-୨୦ ମସିହା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ରାଜ୍ୟସ୍ତରୀୟ ଚିତ୍ର/ ଗ୍ରାଫିକ୍/ ଭାସ୍କର୍ଯ୍ୟ/ ପାରମ୍ପରିକ ଚିତ୍ରର ପ୍ରଦର୍ଶନୀ ଆୟୋଜନ କରାଯିବ। ଉକ୍ତ ବିଭାଗଗୁଡ଼ିକରେ ଶ୍ରେଷ୍ଠ କୃତି ପାଇଁ ସର୍ବମୋଟ୍ ୮ ଗୋଟି ପୁରସ୍କାର କୃତୀ ଶିଳ୍ପୀମାନଙ୍କୁ ପ୍ରଦାନ କରାଯିବ। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା, ମାନପତ୍ର ଓ ପ୍ରମାଣପତ୍ର ସହିତ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ କରାଯିବ। ଆଗ୍ରହୀ ଶିଳ୍ପୀମାନେ ଓଡ଼ିଶା ଲଳିତ କଳା ଏକାଡେମୀ କାର୍ଯ୍ୟାଳୟ, ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୭୫୧୦୧୪ ସରକାରୀ କାର୍ଯ୍ୟ ଦିବସରେ ନିୟମାବଳୀ ଓ ଫର୍ମ ପାଇ ପାରିବେ କିମ୍ବା ଏକାଡେମୀ website: www.odishalalitkalaakademi.org ରୁ ଡାଉନ୍‌ଲୋଡ୍ କରିପାରିବେ। ଯୋଗାଯୋଗ ନଂ-୦୬୭୪- ୨୪୩୧୬୧୨, ୨୪୩୧୬୧୧।

ଅଂଶଗ୍ରହଣକାରୀ ଶିଳ୍ପୀମାନେ ନିଜର ଦୁଇଟି ରଙ୍ଗିନ ପାସ୍‌ପୋର୍ଟ ଫଟୋ, ନିଜର କଳା କୃତିର ସର୍ବାଧିକ ୨ ଗୋଟି ୭'' X ୫'' ଆକାରର ରଙ୍ଗିନ ଫଟୋ ଓ ପ୍ରବେଶିକା ଦେୟ ୨୦୦ ଟଙ୍କା ଓଡ଼ିଶା ଲଳିତ କଳା ଏକାଡେମୀ କାର୍ଯ୍ୟାଳୟରେ ତା.୧୯।୦୬।୨୦୧୯ ରିଖରୁ ତା.୩୧।୦୭।୨୦୧୯ରିଖ ମଧରେ ଦାଖଲ କରିପାରିବେ।

ମନସ୍ୱିନୀ ସାହୁ
ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ

# ୱିଲିୟମସନଙ୍କ ଶତକ: ଶୀର୍ଷକୁ ଫେରିଲା ନ୍ୟୁଜିଲାଣ୍ଡ

**ବର୍ମିଂହାମ,୧୯।୬(ପି.ଟି.)**

ଅଧିନାୟକ କେନ୍ ୱିଲିୟମସନଙ୍କ ଅପରାଜିତ ଶତକ (୧୦୬ ରନ, ୧୩୮ ବଲ, ୯ ଚୌକା, ୧ ଛକା) ସହାୟତାରେ ବୁଧବାର ଅନୁଷ୍ଠିତ ବିଶ୍ୱକପ୍‌ର ୨୫ତମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୩ଟି ବଲ ବାକି ରଖି ୪ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏଥିସହ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ହାସଲ କରି ଅଷ୍ଟ୍ରେଲିଆ ଓ ଇଂଲଣ୍ଡକୁ ହଟାଇ ତାଲିକାର ୧ ନମ୍ବର ସ୍ଥାନରେ ରହିଛି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ୬ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୪ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ପୂର୍ବପରି ଅଷ୍ଟମ ସ୍ଥାନରେ ରହିଛି। ସ୍ଥାନୀୟ ଏଜବାଷ୍ଟନ ଗ୍ରାଉଣ୍ଡରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବର୍ଷାଜନିତ ଓଦା ଗ୍ରାଉଣ୍ଡ କାରଣରୁ ବିଳମ୍ବରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ଫଳରେ ମ୍ୟାଚ୍‌କୁ ୪୯ ଓଭରରେ ସୀମିତ ରଖାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୪୯ ଓଭରରେ ୬ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୮.୩ ଓଭରରେ ୬ଉଇକେଟ ହରାଇ ୨୪୫ ରନ କରି ବିଜୟ ହାସଲ କରିଛି। ମ୍ୟାଚ୍ ବିଜୟୀ ଶତକୀୟ ଇନିଂସ ପାଇଁ ୱିଲିୟମସନ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



ଫାଫ୍ ଡୁପ୍ଲେସିଙ୍କୁ ଆଉଟ୍ କରିବା ପରେ ଲୋକି ଫର୍ଗୁସନଙ୍କ ସେଲିବ୍ରେଶନ।

୨୪୨ ରନ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ୮୦ ରନରେ ୪ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ୱିଲିୟମସନ ଓ କଲିନ୍ ଡି ଗ୍ରାଣ୍ଡହୋମ ଦୃଢ଼ ବ୍ୟାଟିଂ କରି ସ୍ଥିତି ସମ୍ଭାଳିବା ସହ ଦଳକୁ ଜିତାଇଥିଲେ। ୱିଲିୟମସନଙ୍କ ଶତକକୁ ବାଦ୍ ଦେଲେ ଗ୍ରାଣ୍ଡହୋମ ୪୭ ବଲରୁ ୫ ଚୌକା ଓ ୨ ଛକା ସହ ୬୦ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୩୫, ଜିମ୍ମି ନିଶାମ ୨୩, ରସ ଟେଲର ୧, ଟମ୍ ଲାଥମ ୧, କଲିନ ମୁନରୋ ୯ ରନ କରି ଆଉଟ ହୋଇଥିବା ବେଳେ ମିଚେଲ ସାଣ୍ଟନର ୨ ରନ କରି ଅପରାଜିତ ରହିଥିଲେ। ଷଷ୍ଠ ଉଇକେଟରେ ଗ୍ରାଣ୍ଡହୋମ ଓ ୱିଲିୟମସନ ୯୧ରନ ସଂଗ୍ରହ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ କ୍ରିସ୍ ମୋରିସ ୩, କାଗିସୋ ରାବାଡ଼ା, ଲୁନ୍‌ଗି ଏନ୍‌ଗିଡି ଓ ଆଣ୍ଡିଲ ଫେଲୁକ୍ୱାୟୋ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଦଳ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ବର୍ଷାଜନିତ ଓଦା ଗ୍ରାଉଣ୍ଡ କାରଣରୁ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଫଳରେ ମ୍ୟାଚ୍‌କୁ ୪୯ ଓଭରବିଶିଷ୍ଟ କରାଯାଇଥିଲା। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରମାନେ ଦମ୍‌ଦାର ପ୍ରଦର୍ଶନ କରି ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ। ଅଭିଜ୍ଞ ହାସିମ ଅମଲା ଓ ରାସି ଭାନେ ଡେର ଡୁସେନ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଇନ୍‌ଫର୍ମ ଯୁବ ଓପନର କ୍ୱିଣ୍ଟନ ଡି କକ୍‌ଙ୍କୁ ହରାଇ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର ୫ ରନ କରିଥିବା ବେଳେ ଡିକକ୍ ଟ୍ରେଣ୍ଟ ବୋଲ୍ଟଙ୍କ ଶିକାର ହୋଇଥିଲେ। ଅମଲା ୮୩ଟି ବଲ୍ ଖେଳି ୪ ଚୌକା ସହ ୫୫ ରନ ସଂଗ୍ରହ କରିଥିଲେ। ସେହିପରି ଡୁସେନ ୬୪ଟି ବଲ୍ ଖେଳି ୨ ଚୌକା ଓ ୩ ଛକା ସହ ୬୭ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଫାଫ୍ ଡୁପ୍ଲେସି ୨୩, ଏଡେନ ମାରାକ୍ରାମ ୩୮, ଡେଭିଡ ମିଲର ୩୬ ରନ କରି ଆଉଟ ହୋଇଥିଲେ। ଆଣ୍ଡିଲ ଫେଲୁକ୍ୱାୟୋ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିବାବେଳେ କ୍ରିସ୍ ମୋରିସ ୬ ରନ କରି ଅପରାଜିତ ରହିଥିଲେ। ଶେଷ ୯ ଓଭରରେ ଦକ୍ଷିଣ ଆଫ୍ରିକା ୭୨ ରନ ସଂଗ୍ରହ କରିଥିଲା। ଡୁପ୍ଲେସି ୨୩ ରନ କରି ଆଉଟ ହେବା ପୂର୍ବରୁ ଦିନିକିଆରେ ୮,୦୦୦ ରନ ପୂରଣ କରିଥିଲେ। ସେ ଦ୍ୱିତୀୟ ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଦ୍ରୁତ ବୋଲର ଲୋକି ଫର୍ଗୁସନ ସର୍ବାଧିକ ୩ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

- ଦକ୍ଷିଣ ଆଫ୍ରିକା ୪୯ ଓଭରରେ ୨୪୧/୬ (ଡୁସେନ- ୬୭, ଅମଲା- ୫୫, ମାରକ୍ରାମ- ୩୮, ମିଲର- ୩୬, ଫର୍ଗୁସନ- ୩/୫୯, ବୋଲ୍ଟ- ୧/ ୬୩, ଗ୍ରାଣ୍ଡହୋମ- ୧/୩୩, ସାଣ୍ଟନର- ୧/୪୫)।
- ନ୍ୟୁଜିଲାଣ୍ଡ ୪୮.୩ ଓଭରରେ ୨୪୫/୬ (ୱିଲିୟମସନ- ୧୦୬*, ଗ୍ରାଣ୍ଡହୋମ- ୬୦, ଗୁପ୍ଟିଲ- ୩୫, ମୋରିସ- ୩/୪୯)।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୫ | ୪ | ୦ | ୦ | ୧ | ୯ | +୧.୫୯୧ |
| ଇଂଲଣ୍ଡ | ୫ | ୪ | ୧ | ୦ | ୦ | ୮ | +୧.୮୦୨ |
| ଅଷ୍ଟ୍ରେଲିଆ | ୫ | ୪ | ୧ | ୦ | ୦ | ୮ | +୦.୮୧୨ |
| **ଭାରତ** | **୪** | **୩** | **୦** | **୦** | **୧** | **୭** | **+୧.୦୨୯** |
| ବାଂଲାଦେଶ | ୫ | ୨ | ୨ | ୦ | ୧ | ୫ | +୧.୩୩୯ |
| ଶ୍ରୀଲଙ୍କା | ୫ | ୧ | ୨ | ୦ | ୨ | ୪ | -୧.୭୭୮ |
| ୱେଷ୍ଟଇଣ୍ଡିଜ | ୫ | ୧ | ୩ | ୦ | ୧ | ୩ | +୦.୨୭୨ |
| ଦକ୍ଷିଣ ଆଫ୍ରିକା | ୬ | ୧ | ୪ | ୦ | ୧ | ୩ | -୦.୧୯୩ |
| ପାକିସ୍ତାନ | ୫ | ୧ | ୩ | ୦ | ୧ | ୩ | -୧.୯୩୩ |
| ଆଫଗାନିସ୍ତାନ | ୫ | ୦ | ୫ | ୦ | ୦ | ୦ | -୨.୦୮୯ |

## ଦଳ ପ୍ରଦର୍ଶନକୁ ନେଇ ପିସିବି ତର୍ଜମା କରିବ

**କରାଚୀ,୧୯।୬(ପି.ଟି.)**

ଦଳର ପ୍ରଦର୍ଶନକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏବେ ବେଶ୍ ଗୁରୁତ୍ୱ ଦେବା ଆରମ୍ଭ କରିଛି। ଜାତୀୟ ଦଳ ସହ ସପୋର୍ଟ ଷ୍ଟାଫ୍, ହେଡ୍ କୋଚ୍ ମିକି ଆର୍ଥରଙ୍କ ପ୍ରଦର୍ଶନକୁ ନେଇ ପିସିବି ଏବେ ତର୍ଜମା କରିବ। ବିଶ୍ୱକପ୍ ପରେ ଗତ ୩ ବର୍ଷର ପ୍ରଦର୍ଶନକୁ ନେଇ ପିସିବି ବଡ଼ଧରଣ ସମୀକ୍ଷା କରିବ। ବୁଧବାର ଲାହୋରରେ ପିସିବିର ବୋର୍ଡ ଅଫ୍ ଗଭର୍ନରମାନେ ବୈଠକରେ ବସି ଚଳିତ ବିଶ୍ୱକପ୍ ପ୍ରଦର୍ଶନ ନେଇ ମଧ୍ୟ ସମୀକ୍ଷା କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି। ବିଶ୍ୱକପ୍‌ରେ ପାକିସ୍ତାନର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନାହିଁ। ବିଶ୍ୱକପ୍‌ରେ ପାକିସ୍ତାନ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି କେବଳ ଗୋଟିଏ ବିଜୟ ହାସଲ କରିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତଠାରୁ ପରାସ୍ତ ହେବା ଦ୍ୱାରା ପାକିସ୍ତାନ ପ୍ରଶଂସକ ଓ କ୍ରିକେଟ ପ୍ରଶାସକ ନିରାଶ ହୋଇଛନ୍ତି। ପାକିସ୍ତାନ ଦଳ ସବୁ ମହଲରୁ ସମାଲୋଚନାର ଶିକାର ହୋଇଛି। ଦଳର ସବୁ ଫର୍ମାଟର ପ୍ରଦର୍ଶନ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ତେବେ ପାକିସ୍ତାନ ପ୍ରତ୍ୟାବର୍ତ୍ତନ କରି ବାକିଥିବା ୪ଟି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ବିଜୟୀ ହେବ ବୋଲି ବୈଠକରେ ଆଶା ପ୍ରକାଶ କରାଯାଇଛି। ଦଳର ପ୍ରଦର୍ଶନକୁ ନେଇ ତର୍ଜମା କରାଯିବା ପରେ ବୋର୍ଡ ଅଧ୍ୟକ୍ଷଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କୁହାଯାଇଛି। ଯଦି ପାକିସ୍ତାନ ବିଶ୍ୱକପ୍‌ରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରେ ତେବେ ଦଳ ସମେତ ଅଧିନାୟକ, ହେଡ କୋଚଙ୍କ ସମେତ ଟିମ୍ ମ୍ୟାନେଜମେଣ୍ଟରେ ଆମୂଳଚୂଳ ପରିବର୍ତ୍ତନ କରାଯିବ। ଆସନ୍ତା ମାସ ହେଡ୍ କୋଚ୍‌ଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି।

## ରେସ୍ତୋରାଁରେ ଆଫଗାନିସ୍ତାନ ଖେଳାଳିଙ୍କ ବଚସା

**ମାଞ୍ଚେଷ୍ଟର,୧୯।୬(ଏଏଫ୍‌ପି)**

ମାଞ୍ଚେଷ୍ଟରର ଏକ ରେଷ୍ଟୁରାଣ୍ଟରେ ଆଫଗାନିସ୍ତାନ ଦଳର ଖେଳାଳି ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବଚସା ଘଟିଛି। ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍ ପୂର୍ବ ରାତିରେ ଏହି ଘଟଣା ଘଟିଥିଲା। ବିବିସି ଅନୁଯାୟୀ ରେଷ୍ଟରାଣ୍ଟରେ ସ୍ଥାନୀୟ କେତେଜଣ ଲୋକ ଆଫଗାନିସ୍ତାନ ଖେଳାଳିଙ୍କ ଭିଡିଓ କରୁଥିଲେ। ଏଥିରେ ଖେଳାଳିମାନେ ଆପତ୍ତି ଉଠାଇଥିଲେ। ଏ ସମ୍ପର୍କରେ ଦଳର ଅଧିନାୟକ ଗୁଲବଦିନ ନାଇବଙ୍କ ପଚରାଯିବାରେ ମୋତେ ତାଙ୍କ ବିଷୟରେ କିଛି ଜଣା ନାହିଁ ଓ ଏହା ଦଳ ପାଇଁ ବଡ଼ କଥା ନୁହେଁ ବୋଲି କହିଛନ୍ତି। ଗ୍ରେଟର ମାଞ୍ଚେଷ୍ଟର ପୋଲିସ ସ୍ପଷ୍ଟ କରିଛି ଯେ, ରାତି ୧୧ଟା୧୫ରେ ଲିଭରପୁଲ ରୋଡ ପରିସରରେ ଏହି ଘଟଣା ଘଟିଛି। ଖବର ପାଇବା ପରେ ପୋଲିସ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲା। ଏଥିରେ କୌଣସି ବ୍ୟକ୍ତି ଆହତ ହୋଇନାହାନ୍ତି। ପୋଲିସ କାହାକୁ ଗିରଫ କରିନାହିଁ। ଉଲ୍ଲେଖଥାଉ କି, ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ୧୫୦ ରନ୍‌ରେ ଆଫଗାନିସ୍ତାନକୁ ହରାଇ ଦେଇଛି।

## ଲଣ୍ଡନ ଷ୍ଟ୍ରିଟ୍‌ରେ ବୁଲୁଛନ୍ତି ବିରୁଷ୍କା।

**ଲଣ୍ଡନ,୧୯।୬**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କୁ ଲଣ୍ଡନରେ ଦେଖିବାକୁ ମିଳିଛି। ଭାରତୀୟ ଦଳ ଅତି ସହଜରେ ପାକିସ୍ତାନକୁ ହରାଇ ଦେଇଥିଲା। ୨୨ ତାରିଖରେ ଖେଳାଯିବାକୁ ଥିବା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ନିକଟରେ ଆଉ ଦୁଇ ଦିନ ରହିଛି। ଏଥିଯୋଗୁ ଦଳୀୟ ସଦସ୍ୟଙ୍କୁ ବ୍ରେକ୍ ଦିଆଯାଇଛି। କୋହଲି ଓ ଅନୁଷ୍କା (ବିରୁଷ୍କା) ଲଣ୍ଡନ ଷ୍ଟ୍ରିଟ୍‌ରେ ବୁଲୁଥିବାର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅନୁଯାୟୀ ଭାରତୀୟ ଦଳର ସଦସ୍ୟ ଓ ଅଫିସିଆଲଙ୍କ ସହ ପରିବାରବର୍ଗ ୧୫ ଦିନ ପାଇଁ ଚଳିତ ବିଶ୍ୱକପ୍ ବେଳେ ରହିପାରିବେ। କିନ୍ତୁ ପ୍ରଥମ ୨୦ ଦିନ ଖେଳାଳିଙ୍କ ସହ ପତ୍ନୀ ଓ ପରିବାରବର୍ଗଙ୍କୁ ଟ୍ରାଭେଲ କରିବାକୁ ଅନୁମତି ମିଳି ନ ଥିଲା। ଏବେ ଏହି ପ୍ରତିବନ୍ଧକ ଉଠିଥିବାରୁ ଭାରତୀୟ ଦଳର ଖେଳାଳି ନିଜ ପରିବାରବର୍ଗଙ୍କ ସହ ଲଣ୍ଡନରେ ବୁଲୁଥିବାର ନଜରକୁ ଆସିଛି। ଧାୱନ ନିକଟରେ ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯେଉଁଥିରେ ରୋହିତ ଶର୍ମା, ତାଙ୍କ ପତ୍ନୀ ରିତିକା ସାଜଦେ, ଝିଅ ସମାଇରା ଓ ଧାୱନଙ୍କ ପତ୍ନୀ ମଧ୍ୟ ଥିଲେ। ଏହାର କ୍ୟାପଶନରେ ଲେଖିଛନ୍ତି, ଲୋକାଲ ଟ୍ରେନରେ ଶର୍ମାଙ୍କ ପରିବାର ଆନନ୍ଦ ନେଉଛି।



ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି।

## କେବଳ ମା'ଙ୍କ ପାଇଁ...

**ମାଞ୍ଚେଷ୍ଟର, ୧୯।୬ (ଏଏଫ୍‌ପି)**

ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ ମ୍ୟାଚ ବେଳେ ମାର୍କ ଉଡ୍‌ଙ୍କ ଏକ ବାଉନ୍ସରରେ ଆଫଗାନିସ୍ତାନର ହସ୍ମତୁଲ୍ଲା ଶାହିଦି ଆହତ ହୋଇଥିଲେ। ମା'ଙ୍କ ମନରେ କାଳେ କଷ୍ଟ ହେବ ଏହାକୁ ଦୃଷ୍ଟିରେ ରଖି ଖେଳାଳି ଜଣଙ୍କ ଯନ୍ତ୍ରଣା ସତ୍ତ୍ୱେ ନୂଆ ହେଲ୍‌ମେଟ୍ ପିନ୍ଧି ତାଙ୍କ ଖେଳ ଜାରି ରଖିଥିଲେ। ହସ୍ମତୁଲ୍ଲା କହିଛନ୍ତି, ଘଣ୍ଟାପ୍ରତି ୯୦ ମାଇଲ ବେଗରେ ଆସୁଥିବା ବଲ୍ ତାଙ୍କ ହେଲ୍‌ମେଟ୍‌ରେ ବାଜିବା ଦ୍ୱାରା ସେ ଯେଉଁ କଷ୍ଟ ଅନୁଭବ କରିଥିଲେ ଅନ୍ୟ କେହି ହୋଇଥିଲେ ଖେଳ ମଝିରୁ ରିଟାୟର୍ଡ ନେଇ ଯାଇଥାନ୍ତା। ମୁଁ ଗତବର୍ଷ ମୋ ପିତାଙ୍କୁ ହରାଇଛି। ତେଣୁ ମା'ଙ୍କ ମନରେ କଷ୍ଟ ହେଉ ବୋଲି ମୁଁ ଚାହିଁ ନ ଥିଲି। ମୋ ପରିବାର ଖେଳ ଦେଖୁଥିଲେ। ଏପରିକି ମୋ ବଡ଼ ଭାଇ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ସେମାନଙ୍କୁ ମୁଁ ଚିନ୍ତାରେ ପକାଇବାକୁ ଚାହୁଁ ନ ଥିଲି ବୋଲି ହସ୍ମତୁଲ୍ଲା କହିଛନ୍ତି।

# ଦୁଇ ଦେଶ ପାଇଁ ବିଶ୍ୱକପ୍ ଖେଳିଥିବା ୪ କ୍ରିକେଟର୍

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ବ୍ରିଟେନରେ ଆଗେଇ ଚାଲିଛି। କ୍ରିକେଟର ଏହି ମହାକୁମ୍ଭରେ ଖେଳିବା ପାଇଁ ପ୍ରତ୍ୟେକ ଅନ୍ତର୍ଜାତୀୟ କ୍ରିକେଟର୍‌ଙ୍କ ଏକ ସ୍ୱପ୍ନ ରହିଥାଏ। ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ ସେମାନେ ନିଜ ଦେଶ ହେଉ କିମ୍ବା ଅନ୍ୟଦେଶ ତରଫରୁ ବିଶ୍ୱକପ୍‌ରେ ଖେଳିଥାନ୍ତି। ବିଶ୍ୱରେ ଏମିତି କିଛି ଖେଳାଳି ରହିଛନ୍ତି ଯେଉଁମାନେ କି ବିଶ୍ୱକପ୍‌ର ଭିନ୍ନ ଭିନ୍ନ ସଂସ୍କରଣରେ ଦୁଇଟି ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ସେହି ଖେଳାଳିଙ୍କ ସମ୍ପର୍କରେ...

### କେପ୍ଲର ୱେସେଲ୍ସ (ଅଷ୍ଟ୍ରେଲିଆ-୧୯୮୩, ଦକ୍ଷିଣ ଆଫ୍ରିକା-୧୯୯୨)

ଦକ୍ଷିଣ ଆଫ୍ରିକା ଜନ୍ମିତ ବାମହାତୀ ବ୍ୟାଟ୍ସମ୍ୟାନ କେପ୍ଲର ୱେସେଲ୍ସ ୧୯୮୩ ସଂସ୍କରଣରେ ଅଷ୍ଟ୍ରେଲିଆ ପକ୍ଷରୁ ବିଶ୍ୱକପ୍ ଖେଳିବାର ସୌଭାଗ୍ୟ ପାଇଥିଲେ। ନିଜ ଜନ୍ମିତ ଦେଶ ଦକ୍ଷିଣ ଆଫ୍ରିକା କେପ୍ଲରଙ୍କ ଉପରେ ବାସନ୍ଦ ଲଗାଇଥିବା ଯୋଗୁ ସେ ଅଷ୍ଟ୍ରେଲିଆ ପକ୍ଷରୁ ବାଧ୍ୟ ହୋଇ ଖେଳିଥିଲେ। ଏହି ସଂସ୍କରଣରେ ସେ ମାତ୍ର ୩ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଏହାପରେ କେପ୍ଲରଙ୍କ ଉପରୁ ବାସନ୍ଦାଦେଶ ଉଠିଯିବା ପରେ ସେ ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ ୧୯୯୨ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିଲେ। ୧୯୯୨ରେ ସେ ନିଜର ପ୍ରଥମ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। କେପ୍ଲରଙ୍କ ଦମ୍‌ଦାର ପ୍ରଦର୍ଶନ ଯୋଗୁ ଦକ୍ଷିଣ ଆଫ୍ରିକା ଏହି ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିପାରିଥିଲା। ତେବେ ଦୁର୍ଭାଗ୍ୟବଶତଃ ବର୍ଷା ଯୋଗୁ ଦକ୍ଷିଣ ଆଫ୍ରିକା ସେମିଫାଇନାଲରୁ ବିଦାୟ ନେଇଥିଲା। କେପ୍ଲରଙ୍କ କ୍ୟାରିୟରର ମଧ୍ୟ ଏହା ଅନ୍ତିମ ବିଶ୍ୱକପ୍ ଥିଲା।



କେପ୍ଲର ୱେସେଲ୍ସ

### ଆଣ୍ଡରସନ କୁମିନ୍ସ (ୱେଷ୍ଟଇଣ୍ଡିଜ-୧୯୯୨, କାନାଡା-୨୦୦୭)

ଡାହାଣହାତୀ ମଧ୍ୟଗତିର ଦ୍ରୁତ ବୋଲର ଆଣ୍ଡରସନ କୁମିନ୍ସ ୨ଟି ଦେଶ ପକ୍ଷରୁ ଆଇସିସି ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ୧୯୯୨ ବିଶ୍ୱକପ୍‌ରେ କୁମିନ୍ସ ୱେଷ୍ଟଇଣ୍ଡିଜ ପକ୍ଷରୁ ଅଂଶଗ୍ରହଣ କରିଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ ବିଶ୍ୱକପ୍ ଥିଲା। ଏହି ବିଶ୍ୱକପ୍‌ରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ହାସଲ କରିଥିଲେ। ଏଥିସହ ମୋଟ୍ ଉପରେ ସେ ଏହି ସଂସ୍କରଣରେ ୧୨ ଉଇକେଟ୍ ଅକ୍ତିଆର କରି ପ୍ରଭାବୀ ପ୍ରଦର୍ଶନ କରିଥିଲେ। ତେବେ ୨୦୦୭ ବିଶ୍ୱକପ୍‌ରେ ୪୦ ବର୍ଷ ବୟସରେ କୁମିନ୍ସ କାନାଡା ପକ୍ଷରୁ ଖେଳି ସମସ୍ତଙ୍କୁ ଚକିତ କରିଥିଲେ। ଏଥିରେ ସେ ମାତ୍ର ୩ଟି ମ୍ୟାଚ୍ ଖେଳି ୨ ଉଇକେଟ୍ ନେଇଥିଲେ। କାନାଡା ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। କୁମିନ୍ସ କାନାଡା ପାଇଁ ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇପାରି ନ ଥିଲେ।



ଏଡ୍ ଜୋୟସ

### ଏଡ୍ ଜୋୟସ (ଇଂଲଣ୍ଡ-୨୦୦୭, ଆୟର୍ଲାଣ୍ଡ- ୨୦୧୧, ୨୦୧୫)

ଆଇସିସି ବିଶ୍ୱକପ୍‌ରେ ୨ଟି ଦେଶ ପକ୍ଷରୁ ଖେଳିଥିବା ଆଉ ଜଣେ ୟୁରୋପୀୟ କ୍ରିକେଟର୍ ହେଲେ ଆୟର୍ଲାଣ୍ଡର ଏଡ୍ ଜୋୟସ। ଏହି ବାମହାତୀ ଓପନର୍ ୨୦୦୭ରେ ଇଂଲଣ୍ଡ ପକ୍ଷରୁ ଖେଳି ବିଶ୍ୱକପ୍‌ରେ ପଦାର୍ପଣ କରିଥିଲେ। ଏଥିରେ ସେ ୨ଟି ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଏହାପରେ ସେ ନିଜ ଦେଶ ଆୟର୍ଲାଣ୍ଡ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ପରେ ସେ ଆୟର୍ଲାଣ୍ଡ ପକ୍ଷରୁ ୨୦୧୧ ଓ ୨୦୧୫ ବିଶ୍ୱକପ୍ ଖେଳିବାର ସୌଭାଗ୍ୟ ପାଇଥିଲେ। ୨୦୧୫ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଆୟର୍ଲାଣ୍ଡ ୩୦୦ରୁ ଊର୍ଦ୍ଧ୍ୱ ରନ୍ ସଫଳତାର ସହ ଚେଜ୍ କରିବାରେ ଜୋୟସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ସେ ୮୪ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ନିଜର ପ୍ରଥମ ଶତକ ସେ ଏହି ବିଶ୍ୱକପ୍‌ରେ ଜିମ୍ବାୱେ ବିପକ୍ଷରେ ହାସଲ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ଖେଳିଥିବା କ୍ରିକେଟରଙ୍କ ମଧ୍ୟରେ ଜୋୟସ ସର୍ବଶ୍ରେଷ୍ଠ ବିବେଚିତ ହେଉଛନ୍ତି।



ଆଣ୍ଡରସନ କୁମିନ୍ସ



### ଇଅନ ମୋର୍ଗାନ (ଆୟର୍ଲାଣ୍ଡ-୨୦୦୭, ଇଂଲଣ୍ଡ- ୨୦୧୧, ୨୦୧୫, ୨୦୧୯)

ସଦ୍ୟତମ ଖେଳାଳି ଭାବେ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ଦୁଇଟି ଦେଶ ପକ୍ଷରୁ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଛନ୍ତି। ଆୟର୍ଲାଣ୍ଡର ଡବ୍‌ଲିନରେ ଜନ୍ମିତ ମୋର୍ଗାନ ୨୦୦୭ ବିଶ୍ୱକପ୍‌ରେ ନିଜ ଦେଶ ପକ୍ଷରୁ ପ୍ରଥମଥର ଲାଗି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିଲେ। ଇଂଲଣ୍ଡ ତରଫରୁ ପ୍ରତିନିଧିତ୍ୱ କରିବା ପୂର୍ବରୁ ମୋର୍ଗାନ ଆୟର୍ଲାଣ୍ଡ ପକ୍ଷରୁ ୯ ବିଶ୍ୱକପ୍ ମ୍ୟାଚ୍ ଖେଳିସାରିଥିଲେ। ୨୦୦୯ରେ ସେ ଇଂଲଣ୍ଡ ପକ୍ଷରୁ ଖେଳିବା ଆରମ୍ଭ କରିଥିଲେ। ନିଜର ବ୍ୟାଟିଂ ପ୍ରତିଭା ଲାଗି ସେ ୨୦୧୧ ବିଶ୍ୱକପ୍‌ରେ ଇଂଲଣ୍ଡ ଦଳରେ ସ୍ଥାନ ପାଇଥିଲେ। ୨୦୧୯ ସମେତ ୨୦୧୫ ବିଶ୍ୱକପ୍‌ରେ ମଧ୍ୟ ସେ ଇଂଲଣ୍ଡ ଦଳର ନେତୃତ୍ୱ ନେଇଥିଲେ। ମଙ୍ଗଳବାର ଆଫଗାନିସ୍ତାନ ବିପକ୍ଷ ଏକ ମ୍ୟାଚ୍‌ରେ ମୋର୍ଗାନ ଗୋଟିଏ ଇନିଂସରେ ୧୭ ଛକା ମାରି ବିଶ୍ୱ ରେକର୍ଡ କୀର୍ତ୍ତିମାନ ନିଜ ନାମରେ କରିଛନ୍ତି।

> ଚଳିତ ଆଇସିସି ବିଶ୍ୱକପ୍‌ରେ ଯଥା ସମ୍ଭବ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି ବୋଲି ଦୃଢ଼ ସଂକଳ୍ପ ନେଇଛି।
> –ଶକିବ ଅଲ୍ ହସନ, ବାଂଲାଦେଶ କ୍ରିକେଟ ଖେଳାଳି



> ଆଫଗାନିସ୍ତାନ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ଏଭଳି ଏକ ଅଶ୍ଚର୍ଯ୍ୟଜନକ ଧୂଆଁଧାର ଇନିଂସ ଖେଳିବି ବୋଲି ମୁଁ କେବେ ଭାବି ନ ଥିଲି।
> –ଇଅନ ମୋର୍ଗାନ, ଇଂଲଣ୍ଡ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଫେଡରରଙ୍କ ବିଜୟ ଅଭିଯାନ

ହାଲେ(ଜର୍ମାନୀ),୧୯।୬: ସ୍ୱିଜରଲାଣ୍ଡର କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ରୋଜର ଫେଡରର ବିଜୟ ସହ ଗ୍ରାସ କୋର୍ଟ ସିଜନ ଆରମ୍ଭ କରିଛନ୍ତି। ଏଠାରେ ଚାଲିଥିବା ହାଲେ ଓପନର ଏକ ମ୍ୟାଚ୍‌ରେ ଫେଡରର ୭-୬, ୬-୩ ସେଟ୍‌ରେ ଜନ୍ ମିଲମାନ୍‌ଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ସହ ଅଷ୍ଟ୍ରେଲିଆନ ଖେଳାଳିଙ୍କ ବିପକ୍ଷଠାରୁ ୩୭ ବର୍ଷୀୟ ଭେଟେରାନ ପ୍ରତିଶୋଧ ନେଇଛନ୍ତି। ଗତ ଥର ୟୁଏସ୍ ଓପନରେ ୪ ସେଟ୍ ବିଶିଷ୍ଟ ମୁକାବିଲାରେ ଫେଡରରଙ୍କୁ ହରାଇଥିଲେ ମିଲମାନ। ସର୍ବାଧିକ ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ପରବର୍ତ୍ତୀ ରାଉଣ୍ଡରେ ଫ୍ରାନ୍ସର ଜୋ ୱିଲଫ୍ରେଡ ଟିସୋଙ୍ଗାଙ୍କୁ ଭେଟିବେ।

### ଭାରତ ଆସିପାରିବେ ପାକିସ୍ତାନ ଆଥ୍‌ଲେଟ

ନୂଆଦିଲ୍ଲୀ,୧୯।୬: ଦେଶରେ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜନ ଉପରେ ଲାଗିଥିବା ବାସନ୍ଦାଦେଶ ଖୁବ୍ ଶୀଘ୍ର ଉଠାଯିବ। ଅଂଶଗ୍ରହଣକାରୀ ଦେଶର ପ୍ରତିଯୋଗୀ ଓ ଅଫିସିଆଲଙ୍କୁ ଭିଜା ଦେବା ନେଇ କେନ୍ଦ୍ର ସରକାର ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)କୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହି ନିଷ୍ପତ୍ତିର ଅର୍ଥ ପାକିସ୍ତାନ ଆଥ୍‌ଲେଟମାନେ ମଧ୍ୟ ଭାରତ ଆସିପାରିବେ।

### ୬ ରନ୍‌ରେ ଅଲ୍‌ଆଉଟ୍

ନୂଆଦିଲ୍ଲୀ, ୧୯।୬ (ପି.ଟି.): ଅନ୍ତର୍ଜାତୀୟ ମହିଳା ଟି୨୦ରେ ସର୍ବନିମ୍ନ ସ୍କୋର କରିଛି ମାଲି। କାଗାଲି ସିଟିରେ ଚାଲିଥିବା କ୍ୱିବୁକା ମହିଳା ଟୁର୍ନାମେଣ୍ଟରେ ରୁଆଣ୍ଡା ବିପକ୍ଷ ମ୍ୟାଚରେ ଏହି ଅଲୋଡ଼ା ରେକର୍ଡ ପ୍ରତିଷ୍ଠା ହୋଇଛି। ରୁଆଣ୍ଡା ଦଳ ମାତ୍ର ୪ ବଲ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମ୍ୟାଚରେ ମାଲି ମାତ୍ର ୯ ଓଭର ଖେଳିପାରିଥିଲା। ଦଳର ଓପନର ମାରିମା ସାମାକେ ଏକ ରନ କରିଥିବା ବେଳେ ଅବଶିଷ୍ଟ ୫ ଅତିରିକ୍ତ ରନ ଥିଲା। ପୂର୍ବରୁ ସର୍ବନିମ୍ନ ସ୍କୋର ରେକର୍ଡ ଚାଇନା ନାମରେ ରହିଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ବ୍ୟାଙ୍କକ୍‌ଠାରେ ୟୁଏଇ ବିପକ୍ଷ ଏକ ମହିଳା ଟି୨୦ ମ୍ୟାଚରେ ଚାଇନା ମୋଟ ୧୪ ରନ ସଂଗ୍ରହ କରିଥିଲା।

### ବିଦେଶରେ ଟି୨୦ ଖେଳିବେ ଯୁବରାଜ

ନୂଆଦିଲ୍ଲୀ, ୧୯।୬ (ପି.ଟି.): ନିକଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଯୁବରାଜ ସିଂ ବିଶ୍ୱବ୍ୟାପୀ ଟି୨୦ ଲିଗ୍‌ରେ ଖେଳିବାକୁ ଆଗ୍ରହୀ। ଏଥିଲାଗି ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଠାରୁ ଲିଖିତ ଅନୁମତି ଭିକ୍ଷା କରିଛନ୍ତି। ଗତ ସପ୍ତାହରେ ତାଙ୍କ ଉଜ୍ଜ୍ୱଳ କ୍ୟାରିୟରର ପରିସମାପ୍ତି ଘଟାଇଥିବା ଯୁବରାଜ ବିଦେଶରେ ଲିଗ୍ ଖେଳି ସେଥିରୁ ମଜା ନେବାକୁ ଚାହାନ୍ତି ବୋଲି କହିଥିଲେ। ସୂଚନାଯୋଗ୍ୟ, ଭାରତୀୟ ଏହି ଅଲରାଉଣ୍ଡର ଆଇପିଏଲରୁ ମଧ୍ୟ ଅବସର ନେଇସାରିଛନ୍ତି।

# ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ଧାୱନ

ସାଉଥାମ୍ପଟନ,୧୯।୬(ପି.ଟି.)

ଭାରତୀୟ ତାରକା ଓପନର ଶିଖର ଧାୱନ ଚଳିତ ବିଶ୍ୱକପ୍‌ରୁ ବାଦ୍ ପଡିଛନ୍ତି। ବୁଢ଼ାଆଙ୍ଗୁଠି ଭାଙ୍ଗିଯିବା ଫଳରେ ସେ ୩ଟି ମ୍ୟାଚ୍‌ରୁ ବାସନ୍ଦ ହୋଇଥିଲେ। ତେବେ ଆଘାତ ସମସ୍ୟାରେ ଆଶାନୁରୂପ ସୁଧାର ନ ଆସିବାରୁ ଓ ସମ୍ପୂର୍ଣ୍ଣ ଫିଟ୍ ହେବାର କୌଣସି ସମ୍ଭାବନା ନ ଥିବାରୁ ଶେଷରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ୩୩ ବର୍ଷୀୟ ଧାୱନ ଗତ ୯ ତାରିଖରେ ଲଣ୍ଡନରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ବାମହାତ ବୁଢ଼ାଆଙ୍ଗୁଠିରେ ଆଘାତ ପାଇଥିଲେ। ଫଳରେ ତାଙ୍କୁ ସେତେବେଳେ ୧୬ ତାରିଖରେ ଖେଳାଯାଇଥିବା ପାକିସ୍ତାନ, ୨୨ ତାରିଖରେ ଖେଳାଯିବାକୁ ଥିବା ଆଫଗାନିସ୍ତାନ ଓ ୨୭ ତାରିଖରେ ଖେଳାଯିବାକୁ ଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ଧାୱନଙ୍କ ବଦଳରେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଦଳରେ ସାମିଲ କରାଯାଇଛି।

ବାମହାତ ବୁଢ଼ାଆଙ୍ଗୁଠି ମୂଳରେ ଧାୱନ ଆଘାତ ପାଇଥିଲେ। ଜୁଲାଇ ମଧ୍ୟଭାଗ ପର୍ଯ୍ୟନ୍ତ ତାଙ୍କ ଆଙ୍ଗୁଠିରେ ପ୍ଲାଷ୍ଟର ରହିବ। ଏଥିଲାଗି ତାଙ୍କୁ ବିଶ୍ୱକପ୍‌ରୁ ବାଦ୍ ଦେବାକୁ ହେଲା ବୋଲି ଟିମ୍ ଇଣ୍ଡିଆ ଆଡ୍‌ମିନିଷ୍ଟ୍ରେଟିଭ ମ୍ୟାନେଜର ସୁନୀଲ ସୁବ୍ରମନିୟମ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଧାୱନଙ୍କ ବଦଳରେ ପନ୍ତଙ୍କୁ ଦଳରେ ସାମିଲ କରିବା ନେଇ ଆମେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି)କୁ ଅନୁରୋଧ କରିଛୁ ବୋଲି ସେ କହିଛନ୍ତି। ମାତ୍ର ୫ଟି ଦିନିକିଆ ମ୍ୟାଚ୍ ଖେଳିଥିବା ପନ୍ତଙ୍କର ଅଭିଜ୍ଞତା ସେତେଟା ନାହିଁ। ତେବେ ତାଙ୍କ ନିର୍ଭୀକ



ଖେଳିବାଶୈଳୀ ଭାରତ ପାଇଁ ଚଳିତ ବିଶ୍ୱକପ୍‌ରେ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ସେ ପୂର୍ବରୁ ଦଳରେ ଷ୍ଟାଣ୍ଡବାଇ ଖେଳାଳି ଭାବେ ଇଂଲଣ୍ଡରେ ଅଛନ୍ତି।

ଜୁନ୍ ୩୦ ତାରିଖରେ ବର୍ମିଂହାମରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ବେଳକୁ ଧାୱନ ଫିଟ୍ ହେବେ ବୋଲି ଆଶା କରାଯାଉଥିଲେ ମଧ୍ୟ ତାଙ୍କ ଆଘାତ ସମସ୍ୟାରେ ସେତେଟା ସୁଧାର ଆସିନାହିଁ। ଆହତ ହୋଇ ଯନ୍ତ୍ରଣା ପାଇବା ସତ୍ତ୍ୱେ ମଧ୍ୟ ସେ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ହାସଲ କରିଥିଲେ। ଠିକ୍ ସମୟ ସୁଦ୍ଧା ସେ ସମ୍ପୂର୍ଣ୍ଣ ଫିଟ୍ ହେବା ଆଶା କ୍ଷୀଣ ରହିଥିଲା। ତେବେ ତାଙ୍କ ବଦଳ ଖେଳାଳି ଘୋଷଣା କରିବାକୁ ଟିମ୍ ମ୍ୟାନେଜ୍‌ମେଣ୍ଟ ଅନିଚ୍ଛୁକ ଥିଲା। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପନ୍ତଙ୍କୁ ଟିମ୍ ମ୍ୟାନେଜ୍‌ମେଣ୍ଟ କଭରଅପ୍ ଖେଳାଳି ଭାବେ ସାମିଲ କରିଥିଲା ଓ ଧାୱନଙ୍କ ଇଞ୍ଜୁରିରେ କେତେ ଉନ୍ନତି ହେଉଛି, ତାକୁ ମଧ୍ୟ ଲକ୍ଷ୍ୟ କରାଯାଉଥିଲା। କିନ୍ତୁ ଧାୱନଙ୍କ ସ୍ଥିତିରେ ଆଶାନୁରୂପ ଉନ୍ନତି ନ ହେବା ପରେ ଟିମ୍ ମ୍ୟାନେଜ୍‌ମେଣ୍ଟ ଶେଷରେ ପନ୍ତଙ୍କୁ ବଦଳ ଖେଳାଳି ଭାବେ ଦଳରେ ସାମିଲ କରିଥିଲା।

### ଦଳରେ ପନ୍ତ ସାମିଲ

ପନ୍ତଙ୍କୁ ପ୍ରଥମେ ବିଶ୍ୱକପ୍ ଦଳରେ ସାମିଲ କରାଯାଇ ନ ଥିଲା। ଗତ ଏକ ବର୍ଷ ହେବ ଜବରଦସ୍ତ ଫର୍ମରେ ଥିଲେ ମଧ୍ୟ ତାଙ୍କୁ ଉପେକ୍ଷା କରାଯାଇ ଅଭିଜ୍ଞ ଉଇକେଟକିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକଙ୍କୁ ଦଳରେ ସାମିଲ କରାଯାଇଥିଲା। ଏବେ ପନ୍ତଙ୍କୁ ବିଶ୍ୱକପ୍ ଖେଳିବାର ସୁଯୋଗ ମିଳିବ। ଟିମ୍ ମ୍ୟାନେଜ୍‌ମେଣ୍ଟର ଏହି ନିଷ୍ପତ୍ତିକୁ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ସ୍ୱାଗତ କରିଛନ୍ତି। ପନ୍ତ ଦଳରେ ସ୍ଥାନ ପାଇବା ପାଇଁ ହକ୍ ରଖୁଛନ୍ତି ବୋଲି ସେ କହିଛନ୍ତି। ଭାରତର ଗତ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଗସ୍ତରେ ଶତକ ହାସଲ କରି ପନ୍ତ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ସେ ୧୬୦ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ୍ ରେଟ୍‌ରେ ୪୮୮ ରନ୍ ସଂଗ୍ରହ କରିଥିଲେ। ଧାୱନଙ୍କୁ ବାଦ୍ ଦେଲେ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ମଧ୍ୟ ଆହତ ହୋଇ ଦଳରୁ ବାଦ୍ ପଡ଼ିଛନ୍ତି।

ଯଦି ପନ୍ତଙ୍କୁ ବଦଳ ଖେଳାଳି ଭାବେ ଦଳରେ ସାମିଲ କରା ନ ଯାଏ, ତେବେ ୨୨ ତାରିଖରେ ଖେଳାଯିବାକୁ ଥିବା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତ ୧୩ ଜଣ ଖେଳାଳିଙ୍କ ମଧ୍ୟରୁ ଦଳ ଚୟନ କରିବ। ପୁଣି ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ଭୁବନେଶ୍ୱର କୁମାର ଆଗାମୀ ୩ଟି ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। ଟିମ୍ ଫିଜିଓ ପାଟ୍ରିକ ଫରହାର୍ଟ ଭୁବନେଶ୍ୱରଙ୍କ ଇଞ୍ଜୁରି ସମସ୍ୟାର ଆକଳନ କରୁଛନ୍ତି ବୋଲି ଟିମ୍ ଟ୍ରେନର ଶଙ୍କର ବସୁ କହିଛନ୍ତି।

# ବ୍ରାଜିଲ ବିଜୟରେ ମାର୍ଟାଙ୍କ ବିଶ୍ୱ ରେକର୍ଡ



ଫିଫା ବିଶ୍ୱକପ୍‌ରେ ସର୍ବାଧିକ ଗୋଲ ସ୍କୋର କରିଥିବା ବ୍ରାଜିଲର ମାର୍ଟା।

### ଫିଫା ମହିଳା ବିଶ୍ୱକପ୍

ଭାଲେନସିନେସ୍ (ଫ୍ରାନ୍ସ), ୧୯।୬(ଏଏଫ୍‌ପି)

ଏଠାରେ ଚାଲିଥିବା ଫିଫା ମହିଳା ବିଶ୍ୱକପ୍‌ର ୭ମ ସଂସ୍କରଣରେ ବ୍ରାଜିଲ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍-ସି'ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବ୍ରାଜିଲ ୧-୦ ଗୋଲରେ ଇଟାଲୀକୁ ହରାଇ ଦେଇଛି। ବିଜୟୀ ବ୍ରାଜିଲ ଦଳ ପକ୍ଷରୁ କିମ୍ବଦନ୍ତୀ ଖେଳାଳି ତଥା ୬ଥର ୱାର୍ଲ୍ଡ ପ୍ଲେୟାର୍ ଅଫ୍ ଦି ଇୟର ପୁରସ୍କାର ବିଜୟିନୀ ମାର୍ଟା ଏକମାତ୍ର ଗୋଲସ୍କୋର କରିଥିଲେ। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ବ୍ରାଜିଲକୁ ଏକ ପେନାଲ୍ଟି ମିଳିଥିଲା। ୩୩ ବର୍ଷୀୟା ମାର୍ଟା ଏହି ସୁଯୋଗର ସମ୍ପୂର୍ଣ୍ଣ ଫାଇଦା ଉଠାଇ ବଲ୍‌କୁ ପ୍ରତିପକ୍ଷ ନେଟ୍ ମଧ୍ୟକୁ ପଠାଇବାରେ କୌଣସି ତ୍ରୁଟି କରି ନ ଥିଲେ। ଏହି ଗୋଲ ସହ ମାର୍ଟା ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଫିଫା ବିଶ୍ୱକପ୍‌ର ଉଭୟ ପୁରୁଷ ଓ ମହିଳା ସଂସ୍କରଣରେ ସେ ସର୍ବାଧିକ ଗୋଲ ସ୍କୋରର ହେବାର କୀର୍ତ୍ତିମାନକୁ ନିଜ ନାମରେ କରିଛନ୍ତି। ବିଶ୍ୱକପ୍‌ରେ ମାର୍ଟାଙ୍କ ମୋଟ୍ ଗୋଲସଂଖ୍ୟା ବର୍ତ୍ତମାନ ୧୭ରେ ପହଞ୍ଚିଛି। ଏହିକ୍ରମରେ ସେ ପୁରୁଷ ବିଶ୍ୱକପ୍‌ର ସର୍ବାଧିକ ଗୋଲସ୍କୋର କରିଥିବା ଜର୍ମାନୀର ଅବସରପ୍ରାପ୍ତ ଷ୍ଟାର୍ ଷ୍ଟ୍ରାଇକର ମିରୋସ୍ଲାଭ କ୍ଲୋଜ (୧୬ଗୋଲ)ଙ୍କୁ ଅତିକ୍ରମ କରିଛନ୍ତି। ପରାଜୟ ସତ୍ତ୍ୱେ ଇଟାଲୀ ୩ ମ୍ୟାଚ୍‌ରୁ ୬ ପଏଣ୍ଟ ପାଇ ପୂର୍ବରୁ ଅନ୍ତିମ-୧୬ରେ ସ୍ଥାନ ସୁରକ୍ଷିତ କରିସାରିଛି।

# ସ୍ୱିଡେନ୍‌ରେ ସ୍ୱର୍ଣ୍ଣ ଜିତିଲେ ଚିତ୍ରା

ନୂଆଦିଲ୍ଲୀ, ୧୯।୬ (ପି.ଟି.)

ସ୍ୱିଡେନ୍‌ର ସୋଲେନ୍‌ଟୁନାଠାରେ ଚାଲିଥିବା ଫୋକ୍‌ସାମ୍ ଗ୍ରାଁ ପ୍ରିରେ ଭାରତର ଏସିଆନ ଚାମ୍ପିୟନ ପି. ୟୁ. ଚିତ୍ରା ମହିଳା ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏପ୍ରିଲରେ ଦୋହାଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିବା ଚିତ୍ରା ୪ ମିନିଟ ୧୨.୬୫ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ପ୍ରଥମ ହୋଇଥିଲେ। ଚଳିତ ସିଜନରେ ଚିତ୍ରାଙ୍କର ଏହା ଥିଲା ଶ୍ରେଷ୍ଠ ପ୍ରଦର୍ଶନ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୫୦୦୦ ମିଟର ସ୍ୱର୍ଣ୍ଣ ଜିତିଥିବା କେନିଆର ମର୍ସି ଚେରୋନୋ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଜିନସନ ଜନସନ ୩:୩୯.୬୯ ଟାଇମିଂରେ ପୁରୁଷ ୧୫୦୦ ମିଟର ରୌପ୍ୟ ଜିତିଛନ୍ତି। ଜୁନ୍ ୧୫ରେ ନେଦରଲାଣ୍ଡର ନିଜ୍‌ମେଜେନଠାରେ ଅନୁଷ୍ଠିତ ନେକ୍ସ ଜେନେରେଶନ ଆଥଲେଟିକ୍ସ ମିଟ୍‌ରେ



ଜନସନ ୩:୩୭.୬୨ ଟାଇମିଂରେ ନିଜ ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ଡେନମାର୍କଠାରେ ଅନୁଷ୍ଠିତ ଅନ୍ୟ ଏକ ପ୍ରତିଯୋଗିତା କୋପେନହାଗେନ୍ ଆଥଲେଟିକ୍ସ ଗେମ୍ସ ଲଙ୍ଗ୍ ଜମ୍ପ୍ ଜାତୀୟ ରେକର୍ଡଧାରୀ ମୁରଲୀ ଶ୍ରୀଶଙ୍କର ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଓପନିଂ ରାଉଣ୍ଡରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୭.୯୩ ମିଟର ରହିଥିଲା। ଶ୍ରୀଶଙ୍କର ଅନ୍ୟ ରାଉଣ୍ଡରେ ପ୍ରଦର୍ଶନ ୭.୮୯ ମିଟର, ୭.୮୮ ଏବଂ ୭.୬୧ ମିଟର ରହିଥିଲା।

# ଜୁଡ୍ ଫେଲିକ୍ସଙ୍କୁ ବହିଷ୍କୃତ କଲା ହକି ଇଣ୍ଡିଆ

ନୂଆଦିଲ୍ଲୀ, ୧୯।୬ (ପି.ଟି.)

ହକି ଇଣ୍ଡିଆ (ଏଚ୍‌ଆଇ) ବୁଧବାର ଜୁନିୟର ପୁରୁଷ ହକି ଟିମ୍ କୋଚ୍ ଜୁଡ୍ ଫେଲିକ୍ସଙ୍କୁ ବହିଷ୍କୃତ କରିଛନ୍ତି। ମାଡ୍ରିଡ୍‌ଠାରେ ନିକଟରେ ଶେଷ ହୋଇଥିବା ୮ ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତ ନୈରାଶ୍ୟଜନକ ୬ଷ୍ଠ ସ୍ଥାନ ସହ ଅଭିଯାନ ଶେଷ କରିଥିଲା। ଫଳ ସ୍ୱରୂପ ହକି ଇଣ୍ଡିଆ ଏହି ପଦକ୍ଷେପ ନେଇଛି। ହକି ଇଣ୍ଡିଆ ବୁଧବାର ଏହାର ୱେବ୍ ସାଇଟ୍‌ରେ କୋଚ୍ ପଦବୀ ପାଇଁ ବିଜ୍ଞାପନ ଦେବା ପରେ ଫେଲିକ୍ସଙ୍କୁ ବହିଷ୍କାର କରାଯାଇଥିବା କଥା ପଦାକୁ ଆସିଥିଲା। ଭାରତ ବର୍ତ୍ତମାନର ଜୁନିୟର ବିଶ୍ୱ ଚାମ୍ପିୟନ ଦଳ ହୋଇଥିବା ବେଳେ ମାଡ୍ରିଡ୍‌ଠାରେ ଅନୁଷ୍ଠିତ ୮-ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତର ପ୍ରଦର୍ଶନ ଅତ୍ୟନ୍ତ ନିମ୍ନମାନର ରହିଥିଲା। ତେଣୁ ଏହା ଏକ ସ୍ୱାଭାବିକ ପଦକ୍ଷେପ ବୋଲି ହକି ଇଣ୍ଡିଆ ସୂତ୍ରରୁ ଜଣାପଡ଼ିଛି। ଚଳିତ ମାସ ପ୍ରାରମ୍ଭରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଭାରତ ଅଷ୍ଟ୍ରେଲିଆଠାରୁ ୦-୪ ଗୋଲ୍‌ରେ, ନେଦରଲାଣ୍ଡଠାରୁ ୨-୩, ସ୍ପେନଠାରୁ ୧-୩ ଏବଂ ଗ୍ରେଟ୍ ବ୍ରିଟେନଠାରୁ ୧-୨ ଗୋଲରେ ପରାଜିତ ହୋଇଥିଲା। ଭାରତ କେବଳ ଅଷ୍ଟ୍ରିଆ ବିପକ୍ଷ ମ୍ୟାଚ ୪-୨ ଗୋଲରେ ବିଜୟ ଲାଭ କରିଥିଲା। ସୂଚନାଯୋଗ୍ୟ, ଜୁଡ୍ ଅଗଷ୍ଟ ୨୦୧୭ରେ କୋଚ୍ ପଦବୀରେ ନିଯୁକ୍ତି ପାଇଥିଲେ। ପୂର୍ବତନ ଭାରତ ଅଧିନାୟକ ଜୁଡ୍ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ମାଡ୍ରିଡ ଟୁର୍ନାମେଣ୍ଟ ଉପରେ ତାଙ୍କ ରିପୋର୍ଟ ହକି ଇଣ୍ଡିଆ ନିକଟରେ ଉପସ୍ଥାପନ କରିବେ। ଏହି ଟୁର୍ନାମେଣ୍ଟ



ପୂର୍ବରୁ ମଧ୍ୟ ଜୁଡ୍‌ଙ୍କ ଅଧୀନରେ ଭାରତର ପ୍ରଦର୍ଶନ ଉତ୍ସାହଜନକ ନ ଥିଲା। ଗତ ବର୍ଷ ସୁଲ୍‌ତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟ ଫାଇନାଲରେ ଭାରତ ଗ୍ରେଟ୍ ବ୍ରିଟେନଠାରୁ ୨-୩ ଗୋଲରେ ପରାଜିତ ହୋଇଥିଲା। ହକି ଇଣ୍ଡିଆ ୱେବ୍ ସାଇଟ୍‌ରେ ପ୍ରକାଶିତ ବିଜ୍ଞାପନ ଅନୁସାରେ ନୂଆ କୋଚ୍‌ଙ୍କ ଚୁକ୍ତି ୨୦୨୧ ଡିସେମ୍ବର ୩୧ ଜୁନିୟର ବିଶ୍ୱକପ୍ ପର୍ଯ୍ୟନ୍ତ ରହିବ। ହେଲେ ନବ ନିଯୁକ୍ତ କୋଚ୍‌ଙ୍କୁ ୬ ମାସ ପାଇଁ ପ୍ରୋବେଶନରେ ରହିବାକୁ ପଡ଼ିବ। ତାଙ୍କ ପ୍ରଦର୍ଶନ ସନ୍ତୋଷଜନକ ହେବା ମଧ୍ୟ ଦରକାର। କୋଚ୍ ଜଣଙ୍କୁ ସିନିୟର ଟିମ୍ ମୁଖ୍ୟ କୋଚ୍ ଗ୍ରାହମ ରିଡ୍ ଏବଂ ହାଇପରଫର୍ମାନ୍ସ ଡାଇରେକ୍ଟର ଡେଭିଡ୍ ଜନ୍‌ଙ୍କ ବ୍ୟତୀତ ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ ବୋର୍ଡ ଏବଂ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)କୁ ରିପୋର୍ଟ କରିବେ। କୋଚ୍ ପଦବୀ ପାଇଁ ଆବେଦନର ଶେଷ ତାରିଖ ଜୁଲାଇ ୫ ରଖାଯାଇଛି।



ବିଶ୍ୱ ଯୋଗ ଦିବସ ଅବ୍ୟବହିତ ପୂର୍ବରୁ ବୁଧବାର ଚେନ୍ନାଇରେ କେତେକ ସ୍କୁଲ ଛାତ୍ରୀ ଉପବିଷ୍ଟ ହୋଇ ଆଇସିସି ବିଶ୍ୱକପ୍ ଟ୍ରଫିର ଏକ ଆକୃତି ସୃଷ୍ଟି କରିଛନ୍ତି।

# ସେମିଫାଇନାଲ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

ନଟିଂହାମ,୧୯।୬(ପି.ଟି.)

ଚଳିତ ବିଶ୍ୱକପ୍‌ର ୨୬ତମ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଦମ୍‌ଦାର ପ୍ରଦର୍ଶନ କରୁଥିବା ବାଂଲାଦେଶ ପରସ୍ପରକୁ ଭେଟିବେ। ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ୍ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ବେଶ୍ ଗୁରୁତ୍ୱ ଦେବ। ଆରୋନ ଫିଞ୍ଚଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଟେବୁଲ ଟପ୍ପର ଇଂଲଣ୍ଡ ପଛକୁ ରହି ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଉଭୟ ଦଳ ୫ଟି ଲେଖାଏ ମ୍ୟାଚ୍ ଖେଳି ୪ଟି ବିଜୟ ଓ ଗୋଟିଏ ପରାଜୟ ସହ ପ୍ରତ୍ୟେକ ୮ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ତେବେ ନେଟ୍ ରନ୍‌ରେଟ୍ ଦୃଷ୍ଟିକୋଣରୁ ଇଂଲଣ୍ଡ ଆଗରେ ରହି ଶୀର୍ଷସ୍ଥାନ ଅଧିକାର କରିଛି।

ବାଂଲାଦେଶ ଇତିମଧ୍ୟରେ ଜବରଦସ୍ତ ପ୍ରଦର୍ଶନ କରିଛି। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ବାଂଲାଦେଶ ନିଜ ଦକ୍ଷତାର ପ୍ରମାଣ ଦେଇଛି। ଅଲ୍‌ରାଉଣ୍ଡର ସାକିବ ଅଲ ହାସନ ୧୨୪ ରନ୍‌ର ଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ। ସେ ମଧ୍ୟ କ୍ରମାଗତ ଦୁଇଟି ଶତକ ହାସଲ କରିଛନ୍ତି। ସାକିବଙ୍କ ୧୦ ଉଇକେଟ ସଫଳତା ବଳରେ ବାଂଲାଦେଶ ଅଷ୍ଟ୍ରେଲିଆକୁ ହରାଇ ଇତିହାସ ସୃଷ୍ଟି କରିଥିଲା ଏବଂ ଏ କଥା ଅଷ୍ଟ୍ରେଲିଆ ଟିମ୍



ଆରୋନ ଫିଞ୍ଚ



ସାକିବ-ଅଲ-ହାସନ

ମ୍ୟାନେଜ୍‌ମେଣ୍ଟ ଭୁଲି ନ ଥିବ। ସାକିବଙ୍କ ପ୍ରତି ଦଳ ସତର୍କ ରହିବ ବୋଲି ଅଷ୍ଟ୍ରେଲିଆ କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ସାକିବ ଏବେ ବିଶ୍ୱର ଶ୍ରେଷ୍ଠ ଦିନିକିଆ ଅଲ୍‌ରାଉଣ୍ଡର ଓ ଶ୍ରେଷ୍ଠ ବାମହାତୀ ସ୍ପିନର ବୋଲି ସେ କହିଛନ୍ତି। ଦୁଇଟି ମ୍ୟାଚ୍‌ରୁ ବାଦ୍ ପଡିବା ପରେ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍ ଫିଟ୍ ହୋଇ ଦଳକୁ ଫେରିବା ଅଷ୍ଟ୍ରେଲିଆ ପାଇଁ ଭଲ ସାବ୍ୟସ୍ତ ହୋଇଛି। ସାଇଡ୍ ଷ୍ଟ୍ରେନ୍ ଯୋଗୁ ସେ ଖେଳିପାରି ନ ଥିଲେ। ତେବେ ସେ ଏହି ମ୍ୟାଚ୍ ଖେଳିବେ ବୋଲି ସେତେଟା ନିଶ୍ଚିତ ନୁହଁ। ଟ୍ରେଣ୍ଟ ବ୍ରିଜ୍‌ର ଶୁଖିଲା ପିଚ୍‌କୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଜଣେ ସ୍ପେଶାଲିଷ୍ଟ ସ୍ପିନରଙ୍କୁ ଖେଳାଇବ ବୋଲି ଲାଙ୍ଗର କହିଛନ୍ତି। ପାର୍ଟଟାଇମ୍ ସ୍ପିନର ଗ୍ଲେନ ମ୍ୟାକ୍ସୱେଲଙ୍କୁ ମୁଖ୍ୟ ସ୍ପିନର ଭାବେ ଅଷ୍ଟ୍ରେଲିଆ ଖେଳାଇଥିଲା। ପାକିସ୍ତାନ ବିପକ୍ଷରେ ଅଧିନାୟକ ଆରୋନ ବୋଲିଂ କରିଥିଲେ। ଅଭିଜ୍ଞ ଅଫ୍ ସ୍ପିନର ନାଥନ ଲିୟନ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଖେଳିବାର ସୁଯୋଗ ହାସଲ କରିପାରିନାହାନ୍ତି।

**ଆଜିର ମ୍ୟାଚ୍**
**ଅଷ୍ଟ୍ରେଲିଆ**
**ବନାମ**
**ବାଂଲାଦେଶ**
ସ୍ଥାନ
ନଟିଂହାମ୍
ସମୟ ଅପରାହ୍ନ
୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଅପରପକ୍ଷରେ ବାଂଲାଦେଶ ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଜବରଦସ୍ତ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ୱେଷ୍ଟଇଣ୍ଡିଜ ପୂର୍ବରୁ ବାଂଲାଦେଶ ଦକ୍ଷିଣ ଆଫ୍ରିକା ଭଳି ଶକ୍ତିଶାଳୀ ଦଳକୁ ମଧ୍ୟ ୨୧ ରନ୍‌ରେ ପରାସ୍ତ କରିଛି। ୫ଟି ମ୍ୟାଚ୍ ଖେଳି ବାଂଲାଦେଶ ୫ ପଏଣ୍ଟ ହାସଲ କରି ସେମିଫାଇନାଲ ଦୌଡ଼ରେ ସାମିଲ ରହିଛି। ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କୁମିନ୍ସଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ବେଶ୍ ଆକ୍ରମଣାତ୍ମକ ହୋଇଥିଲେ ମଧ୍ୟ ଏଥିରେ ବ୍ୟଥିତ ହେବାର କିଛି ନାହିଁ ବୋଲି ସାକିବ ପ୍ରମାଣ କରିଛନ୍ତି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଜୁନ୍ ୨୦/୨୦୧୯ Sambalpur, Thursday, June 20 / 2019

# ସରକାରୀ ନିର୍ଦ୍ଦେଶକୁ ଅବମାନନା



ଲୈାଲା ସ୍କୁଲ


ଶ୍ରୀମଦ୍ ଭଗବଦ୍‌ଗୀତା ବିଦ୍ୟାମନ୍ଦିର, ନୟାପଲ୍ଲୀ


ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶହୀଦ ନଗର

## ବେଖାତିର କରି ସ୍କୁଲ ଖୋଲିଲେ

**ଭୁବନେଶ୍ୱର,୧୯।୬(ବ୍ୟୁରୋ)**

ସରକାରୀ ନିର୍ଦ୍ଦେଶକୁ ଖୋଲାଖୋଲି ଅବମାନନା। ୧୯ତାରିଖରେ ରାଜ୍ୟର ସମସ୍ତ ସ୍କୁଲ ଖୋଲିବାର ଥିଲା। କିନ୍ତୁ ରାଜ୍ୟରେ ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ସରକାର ସ୍କୁଲ ଛୁଟି ଅବଧି ଘୁଞ୍ଚାଇ ଦେଇଛନ୍ତି। ଆସନ୍ତା ୨୬ତାରିଖରେ ସ୍କୁଲ ଖୋଲିବ ବୋଲି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ହେଲେ କେତେକ ଘରୋଇ ସ୍କୁଲ ସରକାରଙ୍କ ଏହି ନିର୍ଦ୍ଦେଶକୁ ଖାତିର କରି ନ ଥିଲେ। ବୁଧବାର ଅଧିକାଂଶ ଘରୋଇ ସ୍କୁଲ ଖୋଲା ରହିଥିଲା। ଗଣମାଧ୍ୟମ ପ୍ରତିନିଧି ସ୍କୁଲଗୁଡ଼ିକୁ ଯିବା ପରେ କେତେକ ସ୍କୁଲ ସରକାରଙ୍କ ନିୟମାନୁଯାୟୀ ୨୫ତାରିଖ ପର୍ଯ୍ୟନ୍ତ ଛୁଟି ରଖିଛନ୍ତି। ଆଉ କେତେକ ଛୁଟି କରିବା ପରିବର୍ତ୍ତେ ପିଲାମାନଙ୍କୁ ବିନା ୟୁନିଫର୍ମରେ ଆସିବା ପାଇଁ କହିଛନ୍ତି। ଏପରି କି, ସ୍କୁଲ ଯିବାଆସିବା ପାଇଁ ଯାନବାହନ ବ୍ୟବସ୍ଥାକୁ ବନ୍ଦ କରିଦିଆଯାଇଛି। ଅଭିଭାବକଙ୍କ ସହ ସ୍କୁଲ ଆସିବାକୁ କୁହାଯାଇଛି। ସେପଟେ ଆଉ କେତେକ ବିଦ୍ୟାଳୟ ଗତ ସୋମବାରରୁ ସ୍କୁଲ ଖୋଲିଥିଲେ। କିନ୍ତୁ ମଙ୍ଗଳବାର ସରକାର ପୁଣି ସ୍କୁଲ ଛୁଟି ଘୋଷଣା କରିବା ପରେ ବୁଧବାରଠାରୁ ପୁଣି ବିଦ୍ୟାଳୟ ବନ୍ଦ କରିଦେଇଛନ୍ତି। ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ରାଜଧାନୀର ଲୟୋଲା ସ୍କୁଲ, ଶହୀଦନଗରସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ନୟାପଲ୍ଲୀସ୍ଥିତ ଶ୍ରୀମଦ ଭଗବତ୍ ଗୀତା ବିଦ୍ୟାମନ୍ଦିର, ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖୋଲା ରହିଥିବା ଦେଖାଯାଇଥିଲା।

## ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ


ଅଂଶୁଘାତରେ ମୃତ୍ୟୁ ଶ୍ରମିକ ।

**କେସିଙ୍ଗା,୧୯।୬(ଡି.ଏନ.ଏ.)**

ଅଂଶୁଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତକ ହେଲେ କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ କାଣ୍ଡେଲ ଗ୍ରାମର ଖେତ୍ରୁ ଭୋଇ (୫୮)। ବୁଧବାର ସେ କାଣ୍ଡେଲ ଗ୍ରାମର ଡୋଳାମଣି ଗଉଡଙ୍କ ଜମିକୁ ହଳ କରିବା ପାଇଁ ଯାଇଥିଲେ। ଜମିରେ ହଳ କରୁଥିବା ସମୟରେ ପୂର୍ବାହ୍ନ ୧୧ଟାରେ ହଠାତ୍ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ କେସିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୧୯) ରୁଜୁ ହୋଇଛି । ପୋଲିସ ତଦନ୍ତ ଜାରି ରଖିଛି ।

**ବିମାନରେ ଯାନ୍ତ୍ରିକ ତ୍ରୁଟି**

## ଆଜି ପହଞ୍ଚିବ ଶହୀଦ ଅଜିତ୍‌ଙ୍କ ମରଶରୀର

**କାମାକ୍ଷାନଗର, ୧୯।୬(ଡି.ଏନ୍.ଏ.)**

ବିମାନରେ ଯାନ୍ତ୍ରିକ ତ୍ରୁଟି କାରଣରୁ ଶହୀଦ ଅଜିତ୍ ସାହୁଙ୍କ ମରଶରୀର ଓଡ଼ିଶା ଆସିବାରେ ବିଳମ୍ବ ହେଉଛି। ଗୁରୁବାର ତାଙ୍କ ମୃତଦେହ ଭୁବନେଶ୍ୱରରେ ପହଞ୍ଚିବ। ଜନ୍ମମାଟି କାମାକ୍ଷାନଗର ବ୍ଲକ ବଡ଼ସୁଆଁଳ ଗ୍ରାମକୁ ଅଣାଯିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଅଜିତ୍‌ଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଶହୀଦ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୫ ଲକ୍ଷ ଟଙ୍କାର ସହାୟତା ଘୋଷଣା କରାଯାଇଛି। ଏଥିସହ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି।

ଅନ୍ୟପଟେ ଘଟଣାକୁ ୩୬ ଘଣ୍ଟା ବିତିଯାଇଥିଲେ ମଧ୍ୟ କୌଣସି ଜିଲାସ୍ତରୀୟ




ଅଧିକାରୀ, ପୋଲିସ ପ୍ରଶାସନ ସୌଜନ୍ୟ ଦୃଷ୍ଟିରୁ ଶହୀଦଙ୍କ ଘରେ ପହଞ୍ଚିନାହାନ୍ତି। ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି ଅଜିତ୍‌ଙ୍କ ବାପା ସନ୍ତୋଷ ସାହୁ। ସେ କହିଛନ୍ତି, ଦେଶ ପାଇଁ ପୁଅ ଜୀବନ ଦେଲା। ଏଭଳି ଦୁଃଖଦ ମୁହୂର୍ତ୍ତରେ ଉପଜିଲାପାଳଙ୍କୁ ବାଦ୍ ଦେଲେ ଆଉ କାହାରି ଦେଖା ମିଳିନାହିଁ। ଏପରି କି କେହି ଟେଲିଫୋନ୍ କରି ସାମାନ୍ୟ ସମବେଦନା ଜଣାଇବାକୁ ଉଚିତ ମନେକଲେନାହିଁ। ଏହା ହିଁ ହେଉଛି

- ସୌଜନ୍ୟ ଭୁଲିଗଲା ପ୍ରଶାସନ
- କ୍ଷୋଭ ବ୍ୟକ୍ତ କଲେ ବାପା ସନ୍ତୋଷ

ଶହୀଦଙ୍କ ପ୍ରତି ପ୍ରଶାସନର ସମ୍ମାନ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି।

ଏ ନେଇ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଏକ ସ୍ୱତନ୍ତ୍ର ବିମାନରେ ମରଶରୀର ଅଣାଯାଉଥିଲା। ପାଟଣାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନ ଆସିବାରେ ବିଳମ୍ବ ହେଉଛି। ସେଠାକାର କର୍ତ୍ତୃପକ୍ଷଙ୍କ ସହ ପ୍ରଶାସନ ଯୋଗାଯୋଗରେ ରହିଛି। ଚଣ୍ଡୀଗଡ଼ କିମ୍ବା ଦିଲ୍ଲୀରୁ ଆସିବାକୁ ଅନ୍ୟଏକ ବିମାନକୁ ଅପେକ୍ଷା କରାଯାଇଛି। ଗୁରୁବାର ଶହୀଦଙ୍କ ମୃତଦେହ ଓଡ଼ିଶାରେ ପହଞ୍ଚିବା ସମ୍ଭାବନା ରହିଛି। ହେଲେ ନିର୍ଦ୍ଦିଷ୍ଟ ଭାବେ କେତେ ସମୟରେ ଆସିବ ସେ ନେଇ କୌଣସି ସୂଚନା ନ ଥିବା ଉପଜିଲାପାଳ କହିଛନ୍ତି।

### ସମବେଦନା ଜଣାଇଲେ ନବୀନ
### ୨୫ ଲକ୍ଷ ଟଙ୍କାର ସହାୟତା ଘୋଷଣା

**ଭୁବନେଶ୍ୱର,୧୯।୬(ବ୍ୟୁରୋ)**

ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନ ଅଜିତ କୁମାର ସାହୁଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହିତ ତାଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସେ ୨୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଅଜିତ ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ବଡସୁଆଁଳ ଗ୍ରାମର ଅଧିବାସୀ। ଅଜିତଙ୍କ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। ଦେଶର ସୁରକ୍ଷା ଓ ଏକତା ପାଇଁ ସେ ଚରମ ତ୍ୟାଗ ଓ ବଳିଦାନ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୪ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୯।୬ (ଡି.ଏନ୍.ଏ.)**

ବୁଧବାର ୪ଜଣ ମାଓବାଦୀ ଦାନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲବଙ୍କ ନିକଟରେ ବନ୍ଧୁକ ସହ ଆତ୍ମ ସମର୍ପଣ କରିଛନ୍ତି। ସେମାନେ ହେଲେ ଧର୍ମଗଡ଼ ଏରିଆ କମାଣ୍ଡର ସଦସ୍ୟ ଗୁଡ୍ଡୁ ଓରଫ ସୁରେଶ ଓରଫ ବାସୁଦେବ। ତାଙ୍କ ଘର ଦୋରାଗୁଡା ଗ୍ରାମରେ। ସେହିପରି ବିଜାପୁର ଜିଲା ମିରତୁର ଥାନା ବେଚାପାଲ ଗ୍ରାମର ଦିଲୀପ ପୁନେମ୍, ଏହି ଥାନା ଅନ୍ତର୍ଗତ ପାଲେବାୟା ଗ୍ରାମର ଲଛମନ କୁଟାମି, ଓ ଦାନ୍ତେୱାଡା ଜିଲା କୁମୁରିଗୁଣ୍ଡା ଥାନା ଅନ୍ତର୍ଗତ ବାସୁରି ଗ୍ରାମର ସୁନାରାମ । ସମସ୍ତ ମାଓବାଦୀଙ୍କ ନାମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ୮ ଲକ୍ଷ ଓ ଛତିଶଗଡ଼ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ମାଓବାଦୀଙ୍କ ପୂର୍ବ ଆଦର୍ଶ ନ ଥିବାରୁ ସେମାନେ ସଙ୍ଗଠନ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ଆତ୍ମସମର୍ପଣ କରିଥିବା କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ୨ ମାଓବାଦୀ ଗିରଫ

**ମାଲକାନଗିରି,୧୯।୬ (ଡି.ଏନ୍.ଏ.):** ସୀମାନ୍ତ ଚିନ୍ତାଗୁଫାଠାରେ ୨ଜଣ ମାଓବାଦୀଙ୍କୁ ପୋଲିସ ଗିରଫ କରିଛି। ଏହି ଦୁଇଜଣ ୨୦୦୭ ଗୁରୁପାଲଠାରେ ପୋଲିସ ଉପରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତ ଥିଲେ। ସେଠାରେ ୨୫ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ ବୋଲି ଏଏସ୍‌ପି ସିଦ୍ଧାର୍ଥ ତିୱାରୀ ଏବଂ ଏସ୍‌ଡିପିଓ ପ୍ରତୀକ ଚତୁର୍ବେଦୀ କହିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

ଅତାବିରା,୧୯।୬(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ଥାନା ରେଙ୍ଗାଲିକ୍ୟାମ୍ପଠାରେ ଘଟିଥିବା ସଡ଼କ ଦୁର୍ଘଟଣାରେ ଶୁକୁଟାପାଲିର ହରମନ୍ତ ହଂସଙ୍କ ମୃତ୍ୟୁ ହୋଇଛି। ହରମନ୍ତ ଏକ ବାଇକ୍ ଯୋଗେ ଅତାବିରା ପଟକୁ ଯାଉଥିବାବେଳେ ରେଙ୍ଗାଲିକ୍ୟାମ୍ପ ନିକଟରେ ତାଙ୍କୁ ଏକ ଟ୍ରକ (ନଂ.ଓଆର୧୫/୬୩୩୯୬) ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଅତାବିରା ପୋଲିସ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି ।

### ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା

ତରଭା,୧୯।୬(ଡି.ଏନ୍.ଏ.) : ତରଭା ବ୍ଲକ ଅଧୀନ କୁମ୍ଭାରମୁଣ୍ଡା ପଞ୍ଚାୟତ ପୋଲବନ୍ଧ ଗ୍ରାମର ସାଧୁ ଭୋଇଙ୍କ ସ୍ତ୍ରୀ ବାଳିକା ଭୋଇ ଜାନୁୟାରୀ ୭ତାରିଖରେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ନିଆଁ ଲଗାଉଥିଲେ। ସେତିକିବେଳେ ଲୁଗାରେ ନିଆଁ ଲାଗିଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଏକ ଚେକ୍ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ମୃତକଙ୍କ ସ୍ୱାମୀ ସାଧୁ ଭୋଇଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ବରିଷ୍ଠ କିରାଣି ଗଙ୍ଗାଧର ମହାପାତ୍ର, ନାଜିର ପ୍ରେମାନନ୍ଦ କୁଅଁର, ଶିବାନନ୍ଦ ବାଗ, ଅଚ୍ୟୁତ ପଧାନ, ବିଜୟ ସାହୁଙ୍କସହ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

■ ସୁବର୍ଣ୍ଣପୁର ଜିଲା

# ଖରିଫରେ ୧, ୩୦, ୩୫୦ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ

ସୋନପୁର,୧୯।୬(ନି.ପ୍ର.)

୨୦୧୯ ଖରିଫରେ କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲାରେ ୧, ୩୦, ୩୫୦ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି । ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ଏ ବିଷୟରେ ସୂଚନା ଦେଇଛନ୍ତି ଜିଲା କୃଷି ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା। ଜିଲାପାଳ ମଧୁସୂଦନ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ । ଜିଲାପାଳ ମିଶ୍ର ଜିଲାରେ ଥିବା ଭିତ୍ତିଭୂମି ଓ ବୈଷୟିକ ଜ୍ଞାନକୌଶଳ ଉପଯୋଗରେ ଖରିଫ ଚାଷ ଲକ୍ଷ୍ୟକୁ ସଫଳତାର ସହ ହାସଲ କରିବା ପାଇଁ କୃଷି ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ୨୦୧୮ ଖରିଫରେ ୧୦୩୨୨୨ ହେକ୍ଟର ଜମିରେ ଧାନ ଚାଷ କରାଯାଇ ଥିବା ବେଳେ ଚଳିତ ବର୍ଷ ୧୦୨୧୩୫ ହେକ୍ଟର ଜମିରେ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ୨୦୧୮ ଖରିଫରେ ୧୪, ୫୧୦ ହେକ୍ଟର ଜମିରେ ଡାଲି ଫସଲ, ୧୮୩୭ ହେକ୍ଟର ଜମିରେ ତୈଳବୀଜ, ୩୯୧୦ ହେକ୍ଟର ଜମିରେ ତନ୍ତୁଜାତୀୟ, ୪୮୯୬ ହେକ୍ଟର ଜମିରେ ପନିପରିବା, ୮୩୫ ହେକ୍ଟର ଜମିରେ ଲଙ୍କା ଓ ୫୩ ହେକ୍ଟର ଜମିରେ ଆଖୁ ଚାଷ ହୋଇଥିଲା । ଚଳିତ ଖରିଫରେ ୧୪, ୯୦୦ ହେକ୍ଟର ଜମିରେ



କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ଜିଲାପାଳ, ଜିଲା କୃଷି ଉପ ନିର୍ଦ୍ଦେଶକ ଓ ଏଜିଏମ୍ ନାବାର୍ଡ ପ୍ରମୁଖ।

ଡାଲିଜାତୀୟ, ୧୯୪୦ ହେକ୍ଟର ଜମିରେ ତୈଳବୀଜ, ୪୪୫୦ ହେକ୍ଟର ଜମିରେ ପନିପରିବା, ୪୮୦୦ ହେକ୍ଟର ଜମିରେ ତନ୍ତୁଜାତୀୟ, ୧୦୦୦ ହେକ୍ଟର ଜମିରେ ଲଙ୍କା ଓ ୧୨୫ ହେକ୍ଟର ଜମିରେ ଆଖୁ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ଖରିଫରେ ୯୩୫୯୧ ହେକ୍ଟର ଜମିକୁ ବୃହତ, କ୍ଷୁଦ୍ର, ମଧ୍ୟମ, ଉଠା ଜଳସେଚନ, ବୃହତ ଉଠା ଜଳସେଚନ, ଡଗ ୱେଲ ଓ ଅନ୍ୟାନ୍ୟ ଉତ୍ସରୁ ଜଳ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆ ଯାଇଥିଲା । ଅଣ ଜଳସେଚିତ ଜମିରେ ଆଦ୍ରତାରେ ମୁଗ, ବିରି ଓ କୋଳଥ ଚାଷ କରାଯିବ । ପ୍ୟାକ୍ସ ଏବଂ ପ୍ରାଇଭେଟ୍ ଡିଲରଙ୍କ ମାଧ୍ୟମରେ ୨୩୬୦୧କୁଇଣ୍ଟାଲ ଧାନ, ୨୪୦ କୁଇଣ୍ଟାଲ ମୁଗ, ୫୦ କୁଇଣ୍ଟାଲ ବିରି, ୫୦ କୁଇଣ୍ଟାଲ ଧଣିଚା ଓ ୫୩୦ କୁଇଣ୍ଟାଲ ବାଦାମ ବିହନ ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ହେକ୍ଟର ପ୍ରତି ୬୯.୨୯ କିଲୋଗ୍ରାମ ହିସାବରେ ମୋଟ ୯୦୦୬ ମେଟ୍ରିକ୍ ଟନ୍ ଏନ୍‌ପିକେ ସାର ବ୍ୟବହାର କରିବାକୁ ଲକ୍ଷ୍ୟ ରହିଛି । ସେହିପରି ଖରିଫ ୨୦୧୯–୨୦ରେ ୪୯ଟି ଟ୍ରାକ୍ଟର, ୧୪୬ଟି ପାୱାର ଟିଲର, ୫୫ଟି ରୋଟାଭେଟର, ୪୫ଟି ଟ୍ରାନ୍ସପ୍ଲାଣ୍ଟର, ୧୫ଟି ରିପର, ୩୫୦ଟି ପମ୍ପସେଟ୍ ଓ ୨୮ଟି କମ୍ବାଇନ ହାରଭେଷ୍ଟର ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦିଆଯିବାକୁ ଯୋଜନା ରହିଛି। ସମବାୟ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ, ୟୁଜିବି ଓ ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ ଜରିଆରେ ମୋଟ ୩୭୫ କୋଟି ୮୪ ଲକ୍ଷ ଟଙ୍କାର କୃଷି ଋଣ ଯୋଗାଇ ଦିଆଯିବାର ଲକ୍ଷ୍ୟ ରହିଛି। ଏହି ଅବସରରେ ଜୈବିକ ସାର, ରୋଗପୋକ ନିୟନ୍ତ୍ରଣ, ଅଧିକ ଅମଳ କ୍ଷମ ଓ ଶଙ୍କର ଜାତୀୟ ବିହନ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲାରେ ସମ୍ପ୍ରସାରଣ ସଂସ୍କାର, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଓ ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ମିଶନରେ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଥିଲା । ବୈଠକରେ ଏଲ୍‌ଡିଏମ୍ ସରୋଜ କୁମାର ଦାଶ, ଏଜିଏମ୍ ନାବାର୍ଡ ତାପସ ଶଙ୍କର ରାଉତ, ବୀରମହାରାଜପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ଡୁଙ୍ଗୁରିପାଲିର ଶ୍ରୀନିବାସ ମଲ୍ଲିକ, ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ଦିଲୀପ କୁମାର ପାତ୍ର, ବ୍ରଜବନ୍ଧୁ ପାଣିଗ୍ରାହୀ, ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ଭାଗିରଥ ମହାନ୍ତ, ମିତାଲି ମଧୁସ୍ମିତା ବିଶ୍ୱାଳ, ପଙ୍କଜ ମେହେର, ମୃତ୍ତିକା ରସାୟନବିତ୍ ଅନିଲ ପ୍ରହରାଜ, ସୁଶ୍ରୀ ସ୍ମିତା ପଣ୍ଡା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଜୀବନଜିତ୍ ସେନ୍, ମୁକ୍ତେଶ୍ୱର ପାଣିଗ୍ରାହୀ, ଡିଆଇପିଆର୍‌ଓ ହରିଚରଣ ମିଶ୍ର, ଜଳସେଚନ ଓ କୃଷି ବିଭାଗର ସମସ୍ତ ଜିଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

■ ୯୩୫୯୧ ହେକ୍ଟର ଜମିକୁ ବିଭିନ୍ନ ଉତ୍ସରୁ ଜଳ ଯୋଗାଣ
■ ଚାଷୀଙ୍କୁ ରିହାତିରେ ମିଳିବ କୃଷି ଯନ୍ତ୍ରପାତି
■ ୯୦୦୬ ମେଟ୍ରିକ୍ ଟନ୍ ଏନ୍‌ପିକେ ସାର ବ୍ୟବହାର କରିବାକୁ ଲକ୍ଷ୍ୟ
■ ୩୭୫ କୋଟି ୮୪ ଲକ୍ଷ ଟଙ୍କାର କୃଷି ଋଣ ଯୋଗାଇ ଦେବାକୁ ଲକ୍ଷ୍ୟ

## ଚାରିଛକ- କୁଶଙ୍ଗ ରାସ୍ତା ଅଧାପନ୍ତରିଆ

ବୌଦ୍ଧ,୧୯।୬(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସଦର ମହକୁମା ଚାରିଛକଠାରୁ କୁଶଙ୍ଗ ପୂର୍ତ୍ତ ରାସ୍ତା ଅଧାପନ୍ତରିଆ ଭାବେ ପଡିରହିଛି । ରାସ୍ତାର ଉନ୍ନତୀକରଣ ପାଇଁ ୪୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ହେଲେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ରାସ୍ତା କାମ ଶେଷ ନ ହୋଇ ଅଧାପନ୍ତରିଆ ଭାବେ ପଡିରହିଛି। ଏହି ରାସ୍ତା ଉପରେ ହରଭଙ୍ଗା ବ୍ଲକର କରଞ୍ଜିକଟା, ଛତରଙ୍ଗ, ଶଙ୍ଖୁଲୋଇ, ହରଭଙ୍ଗା, କୁଶଙ୍ଗ, ମହାଲିକପଡ଼ା, ତଳଗାଁ ଆଦି ପଞ୍ଚାୟତର ଜନସାଧାରଣ ନର୍ଭର କରିଥାନ୍ତି। ହେଲେ ରାସ୍ତା ଅଧାପନ୍ତରିଆ ଭାବେ ପଡିଥିବା ଯୋଗୁ ଲୋକେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ରାସ୍ତାର କରଞ୍ଜିକଟା, ଉପରକଟା ଓ ଛତରଙ୍ଗ ନିକଟରେ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଦୁର୍ଘଟଣା ଘଟି ଲୋକଙ୍କ ଧନ ଜୀବନ ନଷ୍ଟ ହେଉଛି। ଅନ୍ୟପକ୍ଷେ ଛତରଙ୍ଗ ବଜାରରେ ସାମାନ୍ୟ ବର୍ଷା ହେଲେ ରାସ୍ତା ସାରା ପାଣି ଜମି ରହୁଥିବା ଦେଖିବାକୁ ମିଳିଛି । ଆଗକୁ ବର୍ଷା ଦିନ। ରାସ୍ତା କାମ ଶେଷ ନ ହେଲେ ଲୋକେ ସମସ୍ୟାର ସମ୍ମୁଖୀନ ହେବେ। ଏନେଇ ପୂର୍ତ୍ତ ବିଭାଗ ପୁରୁଣାକଟକ ସରକାରୀ ଯନ୍ତ୍ରୀ ଚୈତନ୍ୟ ଦେହୁରିଙ୍କୁ ପଚାରିବାରୁ ଛତ୍ରଙ୍ଗଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ଥିବା ଯୋଗୁ କାର୍ଯ୍ୟ ଆଗେଇ ପାରୁନାହିଁ। କରଞ୍ଜିକଟା ଓ ଉପରକଟାଠାରେ ଖୁବ ଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି

ବୌଦ୍ଧ,୧୯।୬(ସ୍ୱ.ପ୍ର)

ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବୌଦ୍ଧ ଟାଉନହଲ୍‌ର ଭିକାରୀ କଳାମଣ୍ଡପରେ ଜିଲାପ୍ରଶାସନ ପକ୍ଷରୁ ବୁଧବାର ଏକ ମକ୍‌ଡ୍ରିଲ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାର ବିଭିନ୍ନ କୌଶଳ ଶିକ୍ଷା ଦିଆଯାଇଥିଲା। ବିଶେଷ କରି ବନ୍ୟା ଭଳି ସମୟରେ ନିଜର ଜୀବନ ବଞ୍ଚାଇବା ସହିତ ଉଦ୍ଧାର କାର୍ଯ୍ୟ କିପରି କରାଯାଇପାରିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲାପାଳ ସୀତାଂଶୁ କୁମାର ରାଉତ ମୁଖ୍ୟଅତିଥି ଓ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ ଓ ଜିଲା ଯୁବ ରେଡକ୍ରସ୍ ସମ୍ପାଦକ ତଥା ଅଧ୍ୟାପକ ପ୍ରବୀର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ତାଲିମ ପ୍ରଦାନରେ ରେଡକ୍ରସର ଛାତ୍ରୀଛାତ୍ର, ଏଏନଏମ ସେଣ୍ଟର ଛାତ୍ରୀ ଓ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ ।



ଅଗ୍ନିଶମ ଅଧିକାରୀମାନେ ମକ୍‌ଡ୍ରିଲ କରୁଛନ୍ତି ।

## ଓଜେଇଇ ବିଫାର୍ମରେ ସମୀର ଟପ୍ପର

ଉଲୁଣ୍ଡା୧୯।୬(ଡି.ଏନ.ଏ.)

ଓଜେଇଇର ବିଫାର୍ମ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମରାଲୋଏ ଗ୍ରାମର ସମୀର କୁମାର ପାଢୀ ଓଡ଼ିଶା ଟପ୍ପର ହୋଇ ସୁନାମ ଅର୍ଜନ କରିଛନ୍ତି। ସେ ମାଟ୍ରିକ ପରୀକ୍ଷାରେ ୯୨ ପ୍ରତିଶତ ମାର୍କ ରଖି ବଲାଙ୍ଗୀର ଯୁବୋଦୟ କଲେଜରେ ଯୁକ୍ତ ଦୁଇରେ ନାମ ଲେଖାଇଥିଲେ। ଯୁକ୍ତ ୨ରେ ୮୩ ପ୍ରତିଶତ ମାର୍କ ରଖି ଓଜେଇଇ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଯୁବୋଦୟରେ କୋଚିଂ ନେଉଥିଲେ। ପରୀକ୍ଷା ଫଳ ପ୍ରକାଶ ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସମୀର ସୂର୍ଯ୍ୟନାରାୟଣ ପାଢୀ ଏବଂ ସଙ୍ଗିତା ପାଢୀଙ୍କ ଏକ ମାତ୍ର ପୁତ୍ର।

## ପୂର୍ଣ୍ଣିମାଙ୍କୁ ସାହାଯ୍ୟ ଦେଲେ ପରବାସୀ ଭାରତୀୟ

ମନମୁଣ୍ଡା, ୧୯।୬ (ଡି.ଏନ.ଏ)

ବୌଦ୍ଧ ଜିଲା ଗୁଡ଼ଭେଲିପଦର ଅଂଚଳରେ ଆପ୍‌ନେର ଶୁଦ୍ଧିକାର୍ଯ୍ୟ ଲାଗି ଝିଅ ବିକ୍ରିବାକେ ନିଷ୍ପତି ନେବାର ଘଟନାରେ ବିଧବା ପୂର୍ଣ୍ଣିମାଙ୍କର ପରିବାରକେ ପରବାସୀ ଭାରତୀୟ ସାହାଯ୍ୟର ହାତ ବଢ଼େଇଛନ୍। ଏନ୍‌ଟିପିସି କଣିହା(ଅନୁଗୋଳ)ରୁ ନିରଞ୍ଜନ ପ୍ରଧାନ ପୂର୍ଣ୍ଣିମାଙ୍କର ଆପ୍‌ନେର ଏକାଦଶାହରେ ଯୋଗଦେଇ ୧୧ ହଜାର ଟଁକାର ସାହାଯ୍ୟ ଦେଇଛନ୍। ସେନ୍‌ତା ବିଦେଶରୁ ବି ପୂର୍ଣ୍ଣିମାଙ୍କର ପାସକେ ସାହାଯ୍ୟର ସୁଅ ଛୁଟିଛେ। ଦକ୍ଷିଣ କୋରିଆର ପରବାସୀ ଭାରତୀୟ ପୂର୍ଣ୍ଣିମାଙ୍କର ବ୍ୟାଙ୍କ ଆକାଉଣ୍ଟରେ ସାହାଯ୍ୟ ଉଦେଶ୍ୟରେ ୧୦,୮୭୪ ଟଁକା ଜମା କରିଛନ୍। ସେନ୍‌ତା ଦଶା ଦିନ ଭୁବନେଶ୍ୱରର ସମାଜସେବୀ ନରେନ୍ଦ୍ର ଚନ୍ଦ୍ର ସିତାରୀ ୩୦ ହଜାର ଟଁକା ସଂଗେ ଚାଉଲ, ଚିନି, ଚୁଡ଼ା, ଆଳୁ, ତେଲନୁନ୍ ଲେଖେଁ କିରାନା ସାମାନ ଦେଇଛନ୍। ଜୟ ଜଗନ୍ନାଥ ଗ୍ରୁପ ଅଫ୍ ଓଡ଼ିଶା ଚାରିଟେବୁଲ ଟ୍ରଷ୍ଟ, ବୌଦ୍ଧ ତରଫୁ ମାନସ ପଟ୍ଟନାୟକ ପୂର୍ଣ୍ଣିମାଙ୍କୁ ୫ ହଜାର ଟଁକା ଦେଇଥିଲେ।



ଶୁଦ୍ଧିକାର୍ଯ୍ୟରେ ଯୋଗଦେଇଥିବାର ଲାଗେଲେସରମାନେ।

## ମୁର୍ଷୁଣ୍ଡୀ ବିଦ୍ୟୁତ୍ ଗ୍ରୀଡ୍ ଉଦ୍‌ଘାଟିତ

ଅମରପାଲି,୧୯।୬ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ମୁର୍ଷୁଣ୍ଡୀଠାରେ ବୁଧବାର ୩୩/୧୧ କେଭି ବିଦ୍ୟୁତ୍ ଗ୍ରୀଡ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ପରିବହନ ଏବଂ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ୫.୭୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଗ୍ରୀଡ୍‌ରେ ୪ଟି ଫିଡର ଯଥା ମୁର୍ଷୁଣ୍ଡୀ ଫିଡର, ବୁଠୀପଦର ଫିଡର, ଖଣ୍ଡହତା ଫିଡର ଓ ଦୁଦୁଲପାଲି ଫିଡରରେ ବିଭକ୍ତ କରାଯାଇଛି। ଉକ୍ତ ଗ୍ରୀଡ୍‌ରୁ ପ୍ରାୟ ୭ ହଜାର ବିଦ୍ୟୁତ୍ ଉପଭୋକ୍ତା, ୨୦୦ ଗଭୀର ନଳକୂପ ଏବଂ ୧୫୦ ଉଠାଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି କୁହାଯାଇଛି। ଗ୍ରୀଡ ହେବା ଫଳରେ ଅଞ୍ଚଳରେ ଦେଖାଯାଉଥିବା ବିଦ୍ୟୁତ୍ ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର, ବିଭାଗୀୟ ଯନ୍ତ୍ରୀ ଆଶିଷ କୁମାର ପାଇଯୋଶୀ, ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।



ବାଣିଜ୍ୟ, ପରିବହନ ଓ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ମୁର୍ଷୁଣ୍ଡୀ ସ୍ଥିତ ୩୩/୧୧ କେଭି ବିଦ୍ୟୁତ୍ ଗ୍ରୀଡ୍‌ର ଉଦ୍‌ଘାଟନ କରୁଛନ୍ତି ।

■ ରିଜର୍ଭ ପ୍ରିମିୟର ଲିଗ୍

## ମାନ୍‌ଭି ବ୍ଲାଷ୍ଟର, ପବନ ହିରୋଜ୍ ବିଜୟୀ

ସୋନପୁର,୧୯।୬(ନି.ପ୍ର.)

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡ଼ିଆରେ ରିଜର୍ଭ ପ୍ରିମିୟର ଲିଗ(ଆରପିଏଲ-୪)ରେ ବୁଧବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ପବନ ହିରୋଜ୍ ଓ ମାନ୍‌ଭି ବ୍ଲାଷ୍ଟର ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍ ଆଦ୍ୟାଶ୍ରୀ ଷ୍ଟ୍ରାଇକର ଓ ମାନ୍‌ଭି ବ୍ଲାଷ୍ଟର ମଧ୍ୟରେ ହୋଇଥିଲା । ମାନ୍‌ଭି ବ୍ଲାଷ୍ଟର ଟସ୍ ଜିତି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରିଥିଲା । ବିଶାଳ ତରିଆ ୧୧ ବଲରୁ ଦ୍ରୁତ ୩୮ ରନ୍ ସଂଗ୍ରହ କରିଥିଲେ। ଆଦ୍ୟାଶ୍ରୀ ଷ୍ଟ୍ରାଇକର ଦଳର ବଣ୍ଟି ବାଘ ୭ ରନ୍ ଦେଇ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ । ୧୦୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆଦ୍ୟାଶ୍ରୀ ଷ୍ଟ୍ରାଇକର ଦଳ ୪୪ ରନ୍‌ରେ ପରାଜିତ ହୋଇଥିଲା । ମାନ୍‌ଭି ବ୍ଲାଷ୍ଟରର ଅନୀଲ ମଲ୍ଲିକ ୭ ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ । ଅନୀଲ ମଲ୍ଲିକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଆର୍‌ଆଇ ଅମରେନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍‌କୁ କୁନା ନାୟକ, ସୁଶାନ୍ତ ମିଶ୍ର ପରିଚାଳନା କରିଥିଲେ । ରାଜେଶ କୁମାର ପାଣ୍ଡେ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ । ଦୀନେଶ ମିଶ୍ର, ଟୁନା ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ । ଦ୍ୱିତୀୟ ମ୍ୟାଚ୍ ଖୁସି ଫାଇଟର ଓ ପବନ ହିରୋଜ୍ ମଧ୍ୟରେ ହୋଇଥିଲା । ଖୁସି ପାଇଟର ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ଦଳ ମାତ୍ର ୫୬ ରନ୍ ସଂଗ୍ରହ କରିଥିଲା । ବଣ୍ଟି ଭୋଇ ୨୦ ରନ୍ ସଂଗ୍ରହ କରିଥିଲେ । ପବନ ହିରୋଜ ଦଳର ସୁଧାଂଶୁ ମେଣ୍ଡଲି ୮ ରନ୍ ଦେଇ ୪ଟି ଉଇକେଟ୍ ଅକ୍ତିଆର କରିଥିଲେ। ୫୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପବନ ହିରୋଜ୍ ଦଳ ୭ ଉଇକେଟ୍‌ରେ ବିଜୟ ଲାଭ କରିଥିଲା । ଖୁସି ଫାଇଟରର ବିଷ୍ଣୁ ୮ ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ । ସୁଧାଂଶୁ ମେଣ୍ଡଲିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଦାଶରଥି ସିନ୍ଦିରିଆ, ଆଶିଷ ଭୋଇ, କ୍ଷୀରୋଦ, ଦୁର୍ଯ୍ୟୋଧନ କଲତା, ସନ୍ତୋଷ ପାତ୍ର, ନିମାଇଁ ଖଣ୍ଡଗିରି, ସୁବ୍ରତ ରଥ, ଜିତୁ ସାହୁ, ଶଙ୍କର ବେହେରା, ଜୟଦେବ ପାଢୀ, ପ୍ରକାଶ ବଡ଼େଇ ପ୍ରମୁଖ ସହଯୋଗ କରିଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ମକ୍‌ଡ୍ରିଲ

ସୋନପୁର,୧୯।୬(ନି.ପ୍ର.)

ସୁବର୍ଣ୍ଣପୁର ସହର ମହାନଦୀର ତେନ୍ତୁଳିଘାଟଠାରେ ଜିଲାସ୍ତରୀୟ ସାମୁହିକ ଅଭ୍ୟାସ(ମକ୍ ଡ୍ରିଲ୍) କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ଜରୁରିକାଳୀନ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସାମୂହିକ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ। ବିପର୍ଯ୍ୟୟ ସମୟରେ ଏହା ଜୀବନ ରକ୍ଷା କରିବାରେ ସାହାଯ୍ୟ ହୋଇଥାଏ। ସୋନପୁର ବିଡିଓ ରବୀନ୍ଦ୍ର କୁମାର ପଟେଲ, ଜିଲା ଜରୁରି କାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହରିଚରଣ ମିଶ୍ର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଡ. ଜଗଦୀଶ ମହାନନ୍ଦ ଓ ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ନଦୀ କୂଳିଆ ଲୋକଙ୍କୁ ବାତ୍ୟା, ବନ୍ୟା ସମୟରେ କିଭଳି ନିରାପଦରେ ରଖା ଯାଇପାରିବ ଓ ଉଦ୍ଧାର କାର୍ଯ୍ୟ କିଭଳି ସୂଚାରୁ ରୂପେ ପରିଚାଳନା କରାଯିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବାତ୍ୟା ଆଶ୍ରୟସ୍ଥଳୀଗୁଡିକୁ ସଫା ରଖିବା, ଡଙ୍ଗା ଓ ବୋଟ୍‌କୁ ଯଥାସ୍ଥାନରେ ନିୟୋଜିତ କରିବା ନେଇ ଆଲୋଚନା ହୋଇଥିଲା। ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଓ ଏଫଏସଏମ୍‌ଏମ୍‌ସି ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଯୁବ ରେଡକ୍ରସର ଜିଲା ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ, କାଦୋଦର କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ ଉଦ୍ଧବ ପ୍ରଧାନ ଓ ତାଙ୍କ ସହଯୋଗୀ ପ୍ରାଥମିକ ଚିକିତ୍ସା କୌଶଳ ସମ୍ବନ୍ଧରେ ଶିକ୍ଷା ଦେଇଥିଲେ । ଓଡ୍ରାଫ ହାବିଲଦାର ସୁବ୍ରତ ଝାଙ୍କରଙ୍କ ନେତୃତ୍ୱରେ ଟିମ୍ ବନ୍ୟା ସମୟରେ କିଭଳି ଉଦ୍ଧାର କାର୍ଯ୍ୟ କରାଯିବ ସେ ନେଇ ମକ୍‌ଡ୍ରିଲ ପ୍ରଦର୍ଶିତ କରିଥିଲେ । ଜିଲାର ସମସ୍ତ ୬ଟି ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବ୍ଲକ ସଦର ମହକୁମାରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହାଇଥିଲା । ଡିପିଓ ବିଶ୍ୱନାଥ ନାୟକ, ଦୀନେଶ ରଞ୍ଜନ ମିଶ୍ର ଓ ଆଲୋକ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ମହାନଦୀରେ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଉଛି।

ତରଭା,୧୯।୬(ଡି.ଏନ୍.ଏ.)

ତରଭା ବ୍ଲକ ପରିସରରେ ତରଭା ଅଗ୍ନିଶମ ବିଭାଗ ପକ୍ଷରୁ ବିପର୍ଯ୍ୟୟ ପ୍ରସ୍ତୁତି ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଜିପିଇଓ ରାମ ଚନ୍ଦ୍ର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯୁଧିଷ୍ଠିର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଅଗ୍ନିଶମ ସେବା ବାହିନୀ ବିଭାଗର ବିକାଶ ନାଏକ ପ୍ରକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜକୁ ରକ୍ଷା କରାଯାଇ ପାରିବ ସେନେଇ ବୁଝାଇଥିଲେ। ନିଆଁ ଲାଗିଲେ କିପରି ତାକୁ ଦମନ କରାଯିବ ଏବିଡିଓ ମିଶ୍ର ଡେମୋ କରି ଦେଖାଇଥିଲେ। ଏକରି କି ଉପସ୍ଥିତ ମହିଳାମାନଙ୍କୁ ଘରେ ରୋଷେଇ କରୁଥିବା ବେଳେ ଗ୍ୟାସ ଟାଙ୍କିରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଲେ ଭୟଭୀତ ନ ହୋଇ କିପରି ନିଆଁକୁ ଆୟତ୍ତ କରାଯିବ ସେନେଇ ଅଗ୍ନିଶମ ବିଭାଗର ନାଏକ ବୁଝାଇବା ସହ ଡେମୋ ପ୍ରଦର୍ଶନ କରିଥିଲେ। ଏପରି କି ୨ରୁ ୩ ମହଲା କୋଠା ଘରେ କୌଣସି ଦୁର୍ଘଟଣା ଘଟିଲେ ସେଠାରୁ ଲୋକଙ୍କୁ କିପରି ଉଦ୍ଧାର କରାଯିବ ସେନେଇ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ଅଗ୍ନିଶମ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ମକ୍‌ଡ୍ରିଲରେ ସହଯୋଗ କରିଥିଲେ। ଏଥିରେ ଅଶ୍ୱିନୀ ବିଶି, ଗଦିଦାର କୁଅଁର, ସୁବିଞ୍ଚ ଦରୁଆନ, ସୀତା ମେହେର, ଶ୍ରଦ୍ଧାଞ୍ଜଳୀ ଭୋଇ, ରୀନା ପଣ୍ଡା, ଆରତୀ ମିଶ୍ର, ତିଲୋତ୍ତମା ବରିହା, ପୁଷ୍ପାଞ୍ଜଳି ସୁନାଙ୍କ ସହ ସୁପରଭାଇଜର, ସମସ୍ତ ଅଙ୍ଗନୱାଡି କର୍ମୀ, ଏସ୍‌ଏଚଜି ଗ୍ରୁପର ମହିଳାମାନେ ଉପସ୍ଥିତ ଥିଲେ।

ବିନିକା,୧୯।୬(ଡି.ଏନ୍.ଏ.)

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ବିନିକାରେ ମକ୍‌ଡ୍ରିଲ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିନିକା ଅଗ୍ନୀଶମ ବିଭାଗ ଅଧିକାରୀ ଭକ୍ତଚରଣ ତାଣ୍ଡିଆଙ୍କ ସହ ଅଗ୍ନିଶମ ବିଭାଗ କର୍ମଚାରିମାନେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ବନ୍ୟା ଆଶ୍ରୟସ୍ଥଳରେ ବିନିକା ଏନ୍‌ଏସି ସେଲ୍‌ଟରସ୍ତରୀୟ ମକ୍‌ଡ୍ରିଲ ତାଲିମ ଶିବିରରେ ବିନିକା ଅତିରିକ୍ତ ତହସିଲଦାର ରାକେଶ ଅଗ୍ରୱାଲା, ବିନିକା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କଲେଜର ଛାତ୍ରୀଛାତ୍ରମାନେ ସାମିଲ ହୋଇ ତାଲିମ ଗ୍ରହଣ କରିଥିଲେ। ସେହିପରି ବିନିକା ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ମକ୍‌ଡ୍ରିଲ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ଶ୍ରୀଯୁକ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ । ଏଥିରେ ବିନିକା ବ୍ଲକର ଅଙ୍ଗନୱାଡି କର୍ମୀ, ବ୍ଲକ୍ କର୍ମଚାରୀ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର

**ଗଣ୍ଡତୁରୁମ, ୧୯।୬ (ଡି.ଏନ.ଏ)-** ବରଗଡ଼ ଜିଲା ଗୋଡଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର କେଶିପାଲିଠାରେ ବାଇକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ମେହେନା ଗ୍ରାମର ପଣ୍ଡିତ ଭଏନା (୬୦) । ଏହି ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି ।

ସୂଚନା ଅନୁସାରେ, ବୁଧବାର ଭେଡେନ ଥାନା ରୁଷୁଡା ଫାଣ୍ଡି ଅନ୍ତର୍ଗତ ମେହେନା ଗ୍ରାମର ପଣ୍ଡିତ ଭଏନା (୬୦) ଏବଂ ଅଶୋକ ଭଏନା (୩୦) ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ବାଇକ୍ (ନଂ.ଓଡି୧୫ଏଲ/୨୬୪୬) ଯୋଗେ ସୋନପୁର ଯାଇଥିଲେ । ସେଠାରେ ବାହାଘର ଭୋଜି ଖାଇ ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ କେଶିପାଲି ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଧନମାଳୀ ମେହେରଙ୍କ ଘର କାନ୍ଥରେ ବାଇକଟି ପିଟି ହୋଇଥିଲା । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୁର୍ଲା ଡାକ୍ତରଖାନା ପଠାଇଥିଲେ । ସେଠାରେ ଡାକ୍ତର ପଣ୍ଡିତଙ୍କୁ ମୃତ ଘୋଷଣା କରିଥିଲେ ।

### ଖଟଖଟିଆ ଅଞ୍ଚଳରେ ମୃଦୁ ଭୂମିକମ୍ପ

**ମନମୁଣ୍ଡା, ୧୯।୬ (ଡି.ଏନ.ଏ)-** କନ୍ଧମାଳ ବ୍ଲକ ଖଟଖଟିଆ ଅଞ୍ଚଳରେ ବୁଧବାର ଅପରାହ୍ନ ପ୍ରାୟ ୫ଟା ୨୫ ମିନିଟ ସମୟରେ ମୃଦୁ ଭୂମିକମ୍ପ ଅନୁଭୂତି ହୋଇଥିବା ଜଣାପଡିଛି । ଏହି ସମୟରେ ୨ରୁ ୩ ସିକେଣ୍ଡ ପାଇଁ ଖଟ, ପଲଙ୍କ ହଲିଥିବାର ଅନୁଭବ କରିଥିବା ଖଟଖଟିଆର ଭାର୍ଜନ ପ୍ରଧାନ, ଅଜିତ କୁମାର ବସ୍ତିଆ, ରଞ୍ଜୁ ଅମାତ, ଫକିର ବସ୍ତିଆ, ରଞ୍ଜନ ପାତ୍ର ପ୍ରମୁଖ କହିଛନ୍ତି। ସେହିପରି ଖଟଖଟିଆ ଆଖପାଖ ଶିମିଳିପଦର, ଗୋହିପିଟା, ଦମାମୁଣ୍ଡା, ସିନ୍ଦୁରପୁର, ରତାଖଣ୍ଡି ଅଞ୍ଚଳରେ ମଧ ସେଭଳି ହୋଇଥିବା ଉକ୍ତ ଗ୍ରାମର ଅନେକ ବ୍ୟକ୍ତି ପ୍ରକାଶ କରିଛନ୍ତି ।

### ଆଗକୁ ବର୍ଷା, ଚାଷ ପାଇଁ ଚାଷୀ ପ୍ରସ୍ତୁତ

**ଜାମଟିକ୍ରା, ୧୯।୬ (ଡି.ଏନ.ଏ)-** ମୌସୁମୀ ବର୍ଷା ଆସିବା ପୂର୍ବରୁ ଅତାବିରା ବ୍ଲକ ଅଞ୍ଚଳର ଚାଷୀ ସଜବାଜ ହୋଇ ଯାଇଛନ୍ତି । ଚାଷୀମାନେ ଲଙ୍ଗଳ, କପର ତିଆରି ଆରମ୍ଭ କରି ଦେଇଥିବା ବେଳେ ନିଜ ନିଜ ଜମିରେ ଗୋବର ଖତ ପକାଇବାରେ ଲାଗିଛନ୍ତି । ଏହାସହ ସେମାନେ ଚାଷ ସମ୍ବନ୍ଧୀୟ ବିଭିନ୍ନ ସାମଗ୍ରୀ କିଣି ନିଜ ପାଖରେ ସାଇତି ରଖିଛନ୍ତି । ନଙ୍ଗଲ ପାଇଁ ଜୁଆଡି, ରଶି ଓ ଲୁହାକଣ୍ଟା ତିଆରି କରିବାରେ ଚାଷୀକୂଳ ଲାଗି ପଡିଛନ୍ତି। ବଡ ଚାଷୀମାନେ ଟ୍ରାକ୍ଟର ଓ ପାୱାର ଟିଲର ସଜାଡିବାରେ ବ୍ୟସ୍ତ ଅଛନ୍ତି। ଚଳିତ ବର୍ଷ ମୌସୁମୀ ବର୍ଷା ଠିକ ଥିବା ନେଇ ଖବର ମିଳୁଥିବାରୁ ଚାଷୀମାନେ ଖୁସିବ୍ୟକ୍ତ କରିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ସରକାରୀ ବିହନ କୃଷି କାର୍ଯ୍ୟାଳୟ ଓ ସମବାୟ ସମିତିମାନଙ୍କୁ ଧାନ ବିହନ ଆସି ପାରିନାହିଁ । ଫଳରେ ଚାଷୀ ଚଢ଼ାଦରରେ ଧାନ ବିହନ କିଣିବାକୁ ବାଧ ହେଉଛନ୍ତି ।

### ମିଳୁନି ପ୍ରଧାନମନ୍ତ୍ରୀ ଆବାସ ଗୃହ

**ତଲଗାଁ, ୧୯।୬(ଡି.ଏନ.ଏ)-** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ନୂତନ ଭାବେ ଗଠିତ ପିତାମ୍ବରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ମିଳୁ ନ ଥିବା ଅଭିଯୋଗ ହୋଇଛି । ୨୦୧୧ ଜନଗଣନା ଅନୁସାରେ ଉକ୍ତ ପଞ୍ଚାୟତର ୪ନଂ ୱାର୍ଡ ସରଧାପୁର ଗ୍ରାମର ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ପାଇବା ନିୟମ ରହିଛି। କିନ୍ତୁ ନିୟମକୁ ପଞ୍ଚାୟତ କର୍ତ୍ତୃପକ୍ଷ ବେଖାତିର କରୁଥିବାରୁ ହିତାଧିକାରୀମାନେ ଗୃହ ପାଇବାରୁ ବଞ୍ଚିତ ହେଉଛନ୍ତି । ଏ ନେଇ ହିତାଧିକାରୀମାନେ ଗତ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବା ସହ ନ୍ୟାୟ ମାଗିଥିଲେ। ୱାର୍ଡସଭ୍ୟା ଜାନକୀ କହଁର, କୃଷ୍ଣ ବେହେରା, ଅଜୟ କହଁର, ଲକ୍ଷବଛ କହଁର, ଅନାମୁଁ କହଁର, ରବିନ୍ଦ୍ର କହଁର, କୁନା ବେହେରା, ରଞ୍ଜନ ନାୟକ, ସୁରେନ୍ଦ୍ର ପ୍ରଧାନ, ପ୍ରମୋଦ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି । ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନମିତା ସାହୁ ଫୋନ ନ ଉଠାଇବାରୁ ତାଙ୍କ ମତାମତ ନେବା ସମ୍ଭବ ହୋଇ ନ ଥିଲା ।

■ ପ୍ରଶାସନ ଡାକ୍ତର ନିଯୁକ୍ତି ଦେଲାନି

# ସଚେତନ ନାଗରିକଙ୍କ ଆମରଣ ଅନଶନ

**ବିଜେପୁର, ୧୯।୬ (ଡି.ଏନ.ଏ)**



ସଚେତନ ନାଗରିକମାନେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନଶନରେ ବସିଛନ୍ତି ।

ବରଗଡ ଜିଲା ବିଜେପୁର ବ୍ଲକ ଅଞ୍ଚଳରେ ଥିବା ଡାକ୍ତରଖାନାରେ ଦୀର୍ଘଦିନ ହେଲା ଡାକ୍ତର ସମସ୍ୟା ଲାଗି ରହିଛି । ଏହାର ସମାଧାନ ଦିଗରେ ପ୍ରଶାସନ ନିକଟରେ ଦାବି କଲେ ମଧ୍ୟ ସୁଫଳ ମଳୁନାହିଁ । ତେଣୁ ଏହି ଅଞ୍ଚଳର ସଚେତନ ନାଗରିକମାନେ ବୁଧବାରଠାରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆମରଣ ଅନଶନରେ ବସିଛନ୍ତି । ମଧ୍ୟାହ୍ନରେ ଅତିରିକ୍ତ ତହସିଲଦାର ନାରାୟଣ ସାହୁ, ଭାରପ୍ରାପ୍ତ ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ଡା. ଶାନ୍ତନୁ ସାହୁ, ବିଜେପୁର ଥାନା ଆଇଆଇସି ରାଜେନ୍ଦ୍ର ସିଆଲ ପ୍ରମୁଖ ସେଠାକୁ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ। ହେଲେ ସମ୍ପୂର୍ଣ୍ଣ ଭାବେ ବିଶେଷଜ୍ଞ ଡାକ୍ତର ଓ ଷ୍ଟାଫ ନିଯୁକ୍ତି ନ କରିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲିଅନଶନକାରୀମାନେ ଅଡିବସିଥିଲେ। ଫଳରେ ଆଲୋଚନା ବିଫଳ ହୋଇଥିଲା । ଜନାର୍ଦ୍ଦନ ଡନସନା, ସୁଶାନ୍ତ ଗଡତିଆ, ମାନସରଞ୍ଜନ ବେହେରା, ଦୀନବନ୍ଧୁ ଦେହେରୀ, ସଚ୍ଚିଦାନନ୍ଦ ପାତ୍ର, ଜିତେନ୍ଦ୍ର ଅଦାବର ପ୍ରମୁଖ ଅନଶନରେ ବସିଛନ୍ତି ।

ପ୍ରାପ୍ତ ସୂଚନା ମୁତାବକ, ବିଜେପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୨୦୦୪ରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିବା ବେଳେ ଏହା ଅଧୀନ ସାଇପାଲି, ଖରମୁଣ୍ଡା, ଲାଉମୁଣ୍ଡାରେ ୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ବର୍ତ୍ତମାନ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଲେଖାଏଁ ବିପିଏଚଓ, ସୁପରିଣ୍ଟେଣ୍ଡେଣ୍ଟ, ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ, ଶିଶୁରୋଗ, ଭେଷଜ, ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରମୁଖ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି । ଏଥିରେ ଜଣେ ସର୍ଜରୀ ବିଶେଷଜ୍ଞ ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଅପରପକ୍ଷେ ମଙ୍ଗଳବାରଠାରୁ ଏଠାରେ ଜଣେ ଭେଷଜ ବିଶେଷଜ୍ଞଙ୍କୁ ସାପ୍ତାହିକ ଡେପୁଟେଶନରେ ଥଇଥାନ କରାଯାଇଛି । ଖରମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଓ ଲାବୋରେଟୋରୀ ଟେକ୍ନିସିଆନ୍ ପଦବୀରେ ସମ୍ପୃକ୍ତ ବ୍ୟକ୍ତି ଅବସର ନେବା ପରେ ଫାଙ୍କା ରହିଛି । ୨୦୧୮ ଉପନିର୍ବାଚନ ସମୟରେ ଏଠି ଜଣେ ଭେଷଜ ବିଶେଷଜ୍ଞ ରହିଥିବା ବେଳେ ଦୁଇ ଜଣ ଡାକ୍ତରଙ୍କୁ ତ୍ୱରିତ ନିଯୁକ୍ତି କରାଯାଇଥିଲା। ହେଲେ ନିର୍ବାଚନ ପରେ ଗତ ନଭେମ୍ବର ମାସରେ ଭେଷଜ ବିଶେଷଜ୍ଞଙ୍କ ପଦୋନ୍ନତି ହୋଇ ବରଗଡକୁ ବଦଳି ହୋଇଥିଲା। ଏଭଳି ପରିସ୍ଥିତିରେ ଏଠାରୁ ଜଣେ ଏମବିବିଏସ ଡାକ୍ତରଙ୍କୁ ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ପଠାଯାଇଥିଲା । ଜଣେ ମାତ୍ର ସର୍ଜରୀ ବିଶେଷଜ୍ଞ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ସହ ରୋଗୀସେବା କିଭଳି ଭାବେ କରୁଥିବେ ତାହା ସହଜେ ଅନୁମେୟ । ଆଗାମୀ ଦିନରେ ଏଠି ପୁଣି ଉପନିର୍ବାଚନର ସମ୍ଭାବନା ରଖି ଗତ ୨୯ତାରିଖରେ ମୁଖ୍ୟମନ୍ତ୍ରୀ ବିଜେପୁର ନିର୍ବାଚନ ମଣ୍ଡଳୀର ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ପୂର୍ଣ୍ଣ ଡାକ୍ତର ନିଯୁକ୍ତି କରିବାର ଘୋଷଣା କରିଥିଲେ । କିନ୍ତୁ ଘୋଷଣାର ସାତଦିନ ଅତିବାହିତ ହୋଇଥିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରିନାହିଁ । ତେଣୁ ଗତ ୪ରେ ସଚେତନ ନାଗରିକମାନେ ବିଶେଷଜ୍ଞ ଡାକ୍ତର ଓ ଷ୍ଟାଫ ନିଯୁକ୍ତି ଦାବିରେ ଜିଲାମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସ୍ମାରକପତ୍ର ଦେଇଥିଲେ । ଦୁଇ ସପ୍ତାହ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ପଦକ୍ଷେପ ନ ନେବାରୁ ସେମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆମରଣ ଅନଶନରେ ବସିଛନ୍ତି । ସେମାନଙ୍କ ମଧ୍ୟରୁ ଜନାର୍ଦ୍ଦନ ଡନସନା ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବିଜେପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

# ଦୋକାନ ପୋଡ଼ି, ଚୋରି ଅଭିଯୋଗରେ ୮ ଗିରଫ

ପଦ୍ମପୁର, ୧୯।୬ (ଡି.ଏନ.ଏ) ପଦ୍ମପୁର ଥାନା ବରିକେଲ ଗ୍ରାମରେ ଥିବା ଦୋକାନ ଘର ଗୁଡିକୁ ୨/୩ ଦିନ ବ୍ୟବଧାନରେ କେତେକ ଯୁବକ ପୋଡି ଦେଇଥିଲେ । ତେବେ ସତ୍ୟଜିତ ସାହୁଙ୍କ ଦୋକାନ ଘର ପୋଡୁଥିବା ବେଳେ ଦୁର୍ବୃତ୍ତମାନେ ଗ୍ରାମବାସୀଙ୍କ ହାବୁଡରେ ପଡିଥିଲେ । ଏ ନେଇ ପଦ୍ମପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୧୯/୧୯) ରୁଜୁ କରି ରୋହିତ ରଣା (୨୪), ମଙ୍ଗଲୁ ରଣା (୨୦), ଅମିତ ସାହୁ (୧୯) ଓ ରାଧାକାନ୍ତ ପୁରୋହିତ (୪୯)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେହିପରି ଉକ୍ତ ଗ୍ରାମରେ ଦୁର୍ବାସା ସାହୁଙ୍କ ଟ୍ରାକ୍ଟର ବ୍ୟାଟେରି ଚୋରି ହୋଇଥିବା ନେଇ ୧୮ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୨୦/୧୯) ରୁଜୁ କରି ମନୋଜ ଲୁହାର (୨୩), ଅନନ୍ତ ମେହେର (୨୪), ଗଣେଶ ବନ୍ଧିଆ (୫୫) ଓ ସଞ୍ଜୟ ଝଗରା (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଦୁର୍ବଳ ପରୀକ୍ଷାଫଳ, ବର୍ଷିଲେ ଡିଇଓ



ମାଟ୍ରିକ ପରୀକ୍ଷାଫଳର ସମୀକ୍ଷା ବୈଠକ ଚାଲିଛି ।

**ବରଗଡ଼ ଅଫିସ୍, ୧୯।୬**

ବରଗଡ଼ ପୌରାଞ୍ଚଳ ସମୂହର ମାଟ୍ରିକ ପରୀକ୍ଷାଫଳ ସମୂହର ସମୀକ୍ଷା ବୈଠକ ବୁଧବାର ସ୍ଥାନୀୟ ଜର୍ଜ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜର୍ଜ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, ରାଣାପ୍ରତାପ ହାଇସ୍କୁଲ, ମ୍ୟୁନିସିପାଲିଟି ହାଇସ୍କୁଲ, ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ଏବଂ ବିଷୟଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ଗତ ମାଟ୍ରିକ ପରୀକ୍ଷାରେ ପୌରାଞ୍ଚଳ ହାଇସ୍କୁଲ ସମୂହର ପରୀକ୍ଷାଫଳ ଦୁର୍ବଳ ଓ ଆଶାନୁରୂପ ହୋଇ ନ ଥିବା ଯୋଗୁ ଜିଲା ଶିକ୍ଷା ଅଧିକାରୀ ଯୋଶୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପରେ ବର୍ଷିବା ସହିତ ତାର କାରଣ ପଚାରି ବୁଝିଥିଲେ । ଏହାପରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରୀକ୍ଷାଫଳ ଦୁର୍ବଳ ହେବା ନେଇ ବିଭିନ୍ନ କାରଣ ଦର୍ଶାଇଥିଲେ ।

ପୌରାଞ୍ଚଳରେ ବିଭିନ୍ନ ସ୍କୁଲର ପାଠପଢ଼ାରେ ଦୁର୍ବଳ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତି ରବିବାର ସ୍ୱତନ୍ତ୍ର କ୍ଲାସ କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିଶ୍ରୁତି ଦେବା ସହିତ ଆସନ୍ତାବର୍ଷ ପରୀକ୍ଷାଫଳ ଯେଭଳି ଆଶାନୁରୂପ ହୋଇପାରିବ, ସେଥିପାଇଁ ଏବେଠାରୁ ପଦକ୍ଷେପ ନିଆଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏଥିପାଇଁ ଆବଶ୍ୟକ ରୋଡ୍‌ମ୍ୟାପ ତିଆରି କରି ଆସନ୍ତା ୨୫ତାରିଖରେ ଜିଲା ଶିକ୍ଷା ଅଧିକାରୀଙ୍କୁ ବିଭିନ୍ନ ବିଷୟଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅବଗତ କରାଇବେ ବୋଲି ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିଦିନ ସ୍ଥାନୀୟ ଜର୍ଜ ହାଇସ୍କୁଲରେ ପୌରାଞ୍ଚଳର ସମସ୍ତ ସ୍କୁଲରେ ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ବିଷୟଭିତ୍ତିକ ଶିକ୍ଷକମାନେ ଏକ ବୈଠକରେ ଯୋଗଦେଇ ଆସନ୍ତାବର୍ଷ ଆଶାନୁରୂପ ମାଟ୍ରିକ ପରୀକ୍ଷାଫଳ ପାଇଁ ବିସ୍ତୃତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ବୈଠକରେ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ, ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ, ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ଜର୍ଜ ହାଇସ୍କୁଲର ଶିକ୍ଷକ ଡଃ ଡୋଲାମଣି ଶତପଥୀ, ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରେଣୁଦାଶ ଶର୍ମା ଉପସ୍ଥିତ ଥିଲେ ।

# ବରଗଡ଼ ଆମ୍ବ ବଜାର ଉଦ୍‌ଯାପିତ

**ବରଗଡ଼ ଅଫିସ୍, ୧୯।୬**



ଉଦଯାପନୀ ସମାରୋହରେ ବରଗଡ଼ ଜିଲାପାଳ ଜଣେ ଚାଷୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଓରମାସ୍, ବରଗଡ଼ ଓ ଜିଲା ପ୍ରଶାସନ ପକ୍ଷରୁ ଦୀର୍ଘ ୨୨ଦିନ ଧରି ଚାଲିଥିବା ବରଗଡ଼ ଆମ୍ବ ବଜାରରେ ବିଭିନ୍ନ କିସମର ନିଜ ଉତ୍ପାଦିତ ଆମ୍ବ ବିକ୍ରି କରିଥିବା ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ସେମାନଙ୍କୁ ସ୍ମୃତିଫଳକ ଓ ମାନପତ୍ର ସହିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସମ୍ବର୍ଦ୍ଧିତ ଆମ୍ବଚାଷୀମାନେ ହେଲେ ଭଟଲି ବ୍ଲକ ତେଜାଗୋଲାର ଫିରୋଜ ସାହୁ, ଅମ୍ବାଭୋନା ବ୍ଲକ ବୁଙ୍ଗାପାଲିର ସୁଶାନ୍ତ ଭୋଇ, ବରଗଡ଼ ବ୍ଲକ ସରଲାର ପ୍ରଦୀପ ପ୍ରଧାନ, ଡିଙ୍ଗର ପ୍ରଧାନ, ଜୟପ୍ରକାଶ ପ୍ରଧାନ, ନୁନିଆଁ ଜାମାପାଲିର ଗୋବିନ୍ଦ ସାହୁ, ପାଇକମାଲ ବ୍ଲକ ବୁକ୍ରାମୁଣ୍ଡାର ଗୁରୁଦେବ ବିଶ୍ୱାଳ, ଭେଙ୍ଗରାଜପୁରର ସୁରେନ୍ଦ୍ର ପ୍ରତାପ ସିଂ ବରିହା। ସେମାନେ ୧୫୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଆମ୍ବ ବିକ୍ରି କରିଥିଲେ । ସମ୍ବର୍ଦ୍ଧନା ସମାରୋହରେ ଡିଆରଡିଏ ପିଡି କୃତ୍ତିବାସ ରାଉତ, ଏପିଡି ଦୌଲତ ଚନ୍ଦ୍ରକାର, ବ୍ୟାଙ୍କ ମୁଖ୍ୟ ଜିଲା ପ୍ରବନ୍ଧକ ସୀତାରାମ ମେହେର, କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ସୁଶୀଲ କୁମାର ସେଠ, ବରଗଡ଼ ଆରଏମସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ ।

ଉଲ୍ଲେଖଯୋଗ୍ୟ, କାର୍ବାଇଡମୁକ୍ତ ଗ୍ରାମାଞ୍ଚଳର ଉଚ୍ଚ କିସମର ଆମ୍ବର ସୁଲଭ ମୂଲ୍ୟରେ ବିକ୍ରି ପାଇଁ ମେ ୨୯ତାରିଖରେ ବରଗଡ଼ ବ୍ଲକ ଅଫିସ ସମ୍ମୁଖରେ ବରଗଡ଼ ଆମ୍ବ ବଜାର ଖୋଲାଯାଇଥିଲା । ଏହି ବଜାରରେ ବରଗଡ଼ ଜିଲାର ଚାଷୀମାନେ ନିଜ ଉତ୍ପାଦିତ ଆମ୍ବ ବିକ୍ରି କରିବାର ସୁଯୋଗ ପାଇଥିଲେ । ଓରମାସ ଅଧିକାରୀ ରାଜଗୋପାଳ ଦାଶ କହିଛନ୍ତି, ଚଳିତବର୍ଷ ୧୭୦ କୁଇଣ୍ଟାଲ ଆମ୍ବ ବରଗଡ଼ ଆମ୍ବ ବଜାରରେ ଏବଂ ୩୦ କୁଇଣ୍ଟାଲ ଆମ୍ବ ରାଜ୍ୟସ୍ତରୀୟ ଆମ୍ବ ମହୋତ୍ସବରେ ବିକ୍ରି ହୋଇଛି । ଆସନ୍ତା ବର୍ଷ ଦୁଇମାସ ପୂର୍ବରୁ ଆମ୍ବଚାଷୀ ଚିହ୍ନଟ କରି ବରଗଡ଼ର ଆମ୍ବକୁ ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ରାୟପୁର, ଭୁବନେଶ୍ୱର ପଠାଯିବା ପାଇଁ ଯୋଜନା ରହିଛି ।

# ମକ୍‌ଡ୍ରିଲ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ସଚେତନତା



ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ମକ୍ ଡ୍ରିଲ ଚାଲିଛି ।



ପାଇକମାଳରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା ଶୋଭାଯାତ୍ରା ।

**ବରଗଡ଼ ଅଫିସ୍, ୧୯।୬**

ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଉପରେ ବୁଧବାର ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନ ପ୍ରାୟ ସାଢ଼େ ୭ଟାରେ ସ୍ଥାନୀୟ ଟାଉନ ଥାନାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ଜିଲାପାଳ ଅଫିସକୁ ପହଞ୍ଚିଥିଲା । ସେଠାରେ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ, ଦୁର୍ଘଟଣା ଆଦି ସମୟରେ ଉଦ୍ଧାର କାର୍ଯ୍ୟ ଉପରେ ମକ୍‌ଡ୍ରିଲ ହୋଇଥିଲା । ସ୍ଥାନୀୟ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର ଓ ଅନ୍ୟ କର୍ମଚାରୀମାନେ ମକ୍‌ଡ୍ରିଲ କରିଥିଲେ । ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଅତିରିକ୍ତ ଜିଲାପାଳ ତପୀରାମ ମାଝି ପ୍ରମୁଖଙ୍କ ସମେତ ସ୍ଥାନୀୟ ସ୍କୁଲ, କଲେଜର ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର ସଭ୍ୟ, ନାଗରିକ ତଥା ସରକାରୀ ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଜାମଟିକ୍ରା, (ଡି.ଏନ.ଏ)-** ଅତାବିରା ବ୍ଲକ କାର୍ଯ୍ୟାଳୟ ପରିସରରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଅତାବିରା ବ୍ଲକସ୍ତରୀୟ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ବୁଧବାର ପଞ୍ଚାୟତ ସମିତି ଅତାବିରା ତରଫରୁ ଏ ନେଇ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦ ସଭାପତିତ୍ୱ କରିଥିଲେ । ଅତାବିରା ତହସିଲଦାର ହୃଦାନନ୍ଦ ଅଡା, ବ୍ଲକ ଚେୟାରମ୍ୟାନ ରୀତା ସାହୁ, ଏବିଡିଓ ଲକ୍ଷପତି ବେହେରା, ଜନସୂଚନା ଅଧିକାରୀ ଦୁଷ୍ମନ୍ତ ଭୋଇ, ବ୍ଲକ କୃଷି ଅଧିକାରୀ ମାମିନୀ ଭୋଇ ପ୍ରମୁଖ ଯୋଗଦେଇ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜ ଜୀବନକୁ ବଞ୍ଚାଇବା ସହ ଅନ୍ୟମାନଙ୍କ ଜୀବନକୁ ବଞ୍ଚାଇବେ ସେ ନେଇ ଆଲୋଚନା କରିଥିଲେ । ଏହି ସଭାରେ ଅତାବିରା ବ୍ଲକର ସମସ୍ତ ଜନପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଶେଷରେ ବ୍ଲକ ପରିସରରେ ଅତାବିରା ଅଗ୍ନିଶ୍ରମ ବିଭାଗର ଅଧିକାରୀ ରବିନାରାୟଣ ସାହୁଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀମାନେ ମକ୍‌ଡ୍ରିଲ ପ୍ରଦର୍ଶନ କରିଥିଲେ ।

**ପଦ୍ମପୁର, (ଡି.ଏନ.ଏ)-** ରାଜବୋଡାସମ୍ବର ବ୍ଲକ ପରିସରରେ ପଦ୍ମପୁର ଅଗ୍ନିଶମ ବିଭାଗ ତରଫରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ, ସହକାରୀ ଜିଲାପାଳ ଦିପ୍ତୀମୟୀ ଭୁଏ, ଅତିରିକ୍ତ ତହସିଲଦାର ସରିତା ଗୁପ୍ତା, ଏବିଡିଓ ସୋନୁ ବାଗ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସିଡିପିଓ ସୁନୀତା ଦେବତା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ଶକ୍ତିପ୍ରସାଦ ନାୟକଙ୍କ ନେତୃତ୍ୱରେ ଅଗ୍ନିଶନ ଦଳ କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ କିଭଳି ସାଧାରଣ ଲୋକମାନଙ୍କୁ ବିପଦ ଏବଂ କ୍ଷତିରୁ ରକ୍ଷା କରିପାରିବେ ତାହା ଉପରେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ । ବିଇଓ ତ୍ରିବିକ୍ରମ ପାଣିଗ୍ରାହୀ, ଜିପିଇଓ ଗିରୀନ୍ଦ୍ର ସାହୁ, ଡବ୍ଲ୍ୟୁଇଓ ଦିଲୀପ ପ୍ରଧାନଙ୍କ ସମେତ ବିଭିନ୍ନ ଅଫିସ୍‌ର କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତଥା ଜନସାଧାରଣ ଯୋଗଦାନ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

**ଭଟଲି, (ଡି.ଏନ.ଏ)-** ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଭଟଲି ବ୍ଲକ ଅଫିସ୍ ପରିସରରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଭଟଲି ଦଧିବାମନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା । ଏବିଡିଓ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷା ପ୍ରେମାବତୀ ସା, ତହସିଲଦାର ଅଞ୍ଜଳିନା ପଧାନ, ଅଧ୍ୟାପକ ରବିନାରାୟଣ ପଣ୍ଡା, ମିତ୍ରଭାନୁ ସାହୁ, ଅତିରିକ୍ତ ତହସିଲଦାର ରାମକୃଷ୍ଣ ମିଶ୍ର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗୋବର୍ଦ୍ଧନ ମେହେର, ଜ୍ଞାନରଞ୍ଜନ ଭୋଇ, ମାଧବ ଚନ୍ଦ୍ର ସାହୁ ଏବଂ ଭଟଲି ଦମକଳ ବାହିନୀର ଅଧିକାରୀ ଯୋଗ ଦେଇଥିଲେ। ଶୋଭାଯାତ୍ରା ବ୍ଲକ୍ ଅଫିସ୍‌ରେ ପହଞ୍ଚିବା ପରେ ବିଡିଓ ଧିରେନ୍ଦ୍ର ସେଠୀ ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ମୁକାବିଲା କରାଯାଇପାରିବ ସେ ନେଇ ପରାମର୍ଶ ଦେଇଥିଲେ । ପରେ ଏଲଏଫଏମ୍ ଭାରପ୍ରାପ୍ତ ଅଧିକାରୀ ମହେଶ୍ୱର ସାହୁ, ଏଫଏମ୍‌ଡି ଚିରଞ୍ଜୀବ ଦାଶ, ରଞ୍ଜନ ଖାଡିଆ, ସଞ୍ଜୟ କୁମାର ଲୁକ୍ସ, ପ୍ରଦୀପ କୁମାର ଫତ୍‌କାର, ସୁମିତ ମଲ୍ଲିକ ଏବଂ ଦୀପକ ମିଞ୍ଜ ପ୍ରମୁଖ ମକ୍‌ଡ୍ରିଲ ପ୍ରଦର୍ଶନ କରିଥିଲେ ।

**ପାଇକମାଳ, (ଡି.ଏନ.ଏ)-** ପାଇକମାଳ ବ୍ଲକ ପରିସରରେ ଜାତୀୟ ପ୍ରାକୃତିକ ପ୍ରଶମନ ଦିବସ ବୁଧବାର ପାଳିତ ହୋଇଯାଇଛି। ପଦ୍ମପୁର ଉପ ଜିଲାପାଳ ତନ୍ମୟ ଦରୁଆନ ଏହାକୁ ଉଦ୍‌ଘାଟନ କରିଥିଲେ। ବିଡିଓ ସଦାସିବ ନାୟକ, ବ୍ଲକ ଅଧ୍ୟକ୍ଷ ଅଲତାବ ମହମ୍ମଦ, ତହସିଲଦାର ସୁଶାନ୍ତ ରଣା, ବିଇଓ ଚୂଡାମଣି ବାରିକ, ଏଫଇଓ ରମେଶ ଚନ୍ଦ୍ର ସେଠୀ, ଜିପିଇଓ ଭୀଷ୍ମଦେବ, ଗୁରୁଚରଣ ଦାସ, ଅଗ୍ନିଶମ ବିଭାଗର ବିକ୍ରମ ଦାସ, ଜୟଦେବ ପୁଟେଲ, ରାମଚନ୍ଦ୍ର ପୁଟେଲ, ଲଳିତ ଧରୁଆ, ସୁଧୀର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ଏବଂ ପରେ ମକ୍‌ଡ୍ରିଲ ହୋଇଥିଲା। ମହାଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




ଭଟଲି ବ୍ଲକ ଅଫିସ୍ ପରିସରରେ ମକ୍‌ଡ୍ରିଲ ଚାଲିଛି ।

**ସଂକ୍ଷେପରେ**



## ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା

**ତରଭା,୧୯।୬(ଡି.ଏନ୍.ଏ.) :** ତରଭା ବ୍ଲକ ଅଧୀନ କୁମ୍ଭାରମୁଣ୍ଡା ପଞ୍ଚାୟତ ପୋଲବନ୍ଧ ଗ୍ରାମର ସାଧୁ ଭୋଇଙ୍କ ସ୍ତ୍ରୀ ବାଳିକା ଭୋଇ ଜାନୁୟାରୀ ୭ତାରିଖରେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ନିଆଁ ଲଗାଉଥିଲେ। ସେତିକିବେଳେ ଲୁଗାରେ ନିଆଁ ଲାଗିଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଫାଣ୍ଡିରୁ ୪ଲକ୍ଷ ଟଙ୍କାର ଏକ ଚେକ୍ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ମୃତକଙ୍କ ସ୍ୱାମୀ ସାଧୁ ଭୋଇଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ବରିଷ୍ଠ କିରାଣି ଗଙ୍ଗାଧର ମହାପାତ୍ର, ନାଜିର ପ୍ରେମାନନ୍ଦ କୁଅଁର, ଶିବାନନ୍ଦ ବାଗ, ଅଚ୍ୟୁତ ପଧାନ, ବିଜୟ ସାହୁଙ୍କସହ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

■ ଦେଓଗାଁ ଥାନା, ଚନ୍ଦନଭାଟି ଫାଣ୍ଡି ଉଦ୍‌ଘାଟିତ

# ପୋଲିସ ସେବା ଲୋକାଭିମୁଖୀ ହେଲେ ଶାନ୍ତି ପ୍ରତିଷ୍ଠା ହେବ

**ବଲାଙ୍ଗୀର ଅଫିସ/ଦେଓଗାଁ, ୧୯।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁଠାରେ ଏକ ନୂତନ ଥାନା ଓ ସଦର ବ୍ଲକ ଅଧୀନ ଚନ୍ଦନଭାଟି ଗାଁରେ ଏକ ନୂତନ ଫାଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହିଳା, ଶିଶୁ ବିକାଶ ଓ ମିଶନଶକ୍ତି ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ, ସମ୍ମାନିତ ଅତିଥି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ମିଳିତ ଭାବେ ଥାନା ଓ ଫାଣ୍ଡିର ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଜମାଦାରଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ ଉତ୍ସବରେ ସମ୍ବଲପୁର ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ବଲାଙ୍ଗୀର ଏସ୍‌ପି କେ ଶିବା ସୁବ୍ରମଣି, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ମୁଖ୍ୟଅତିଥି ମନ୍ତ୍ରୀ ସାହୁ ପୋଲିସ ସେବାକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସାଧାରଣ ଲୋକେ କିଭଳି ଉଚିତ ନ୍ୟାୟ ପାଇବେ ସେଦିଗରେ ଧ୍ୟାନ ଦେବାକୁ କହିଥିଲେ। ସମ୍ମାନିତ ଅତିଥି ବିଧାୟକ ନରସିଂହ ବକ୍ତବ୍ୟରେ ନିର୍ବାଚନ ପୂର୍ବରୁ ମଞ୍ଜୁର ହୋଇଥିବା ଦେଓଗାଁ ଥାନା ଓ ଚନ୍ଦନଭାଟି ଫାଣ୍ଡି ପ୍ରତିଷ୍ଠା ପରେ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହେବ ଓ ଲୋକେ ଉଚିତ୍ ପୋଲିସ ସେବା ପାଇପାରିବେ ବୋଲି କହିଥିଲା। ଦେଓଗାଁ ଓ ଚନ୍ଦନଭାଟିବାସୀ ଦୀର୍ଘଦିନରୁ ଥାନା ଓ ଫାଣ୍ଡି ପାଇଁ ଦାବି କରିଆସୁଥିଲେ। ଦାବିପୂରଣ ହୋଇଥବାରୁ ବିଧାୟକ ନରସିଂହ ମୁଖ୍ୟମନ୍ତ୍ରୀ ଏବଂ ତତ୍କାଳୀନ ଗୃହ ସଚିବ ଅସିତ୍ ତ୍ରିପାଠୀଙ୍କୁ ଧନ୍ୟବାଦ ଜଣାଇଥିଲେ। ବଲାଙ୍ଗୀର ଏସ୍‌ପି ସୁବ୍ରମଣି ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଦେଓଗାଁ ନୂତନ ଥାନା ଅଧିକାରୀ ଲୋକନାଥ ଭୋଇ, ବ୍ଲକ ଅଧ୍ୟକ୍ଷା ରୀନା ମେହେର, ଉପାଧ୍ୟକ୍ଷ ରାଜୁ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦେଓଗାଁ ନାଗରିକ କମିଟି ସଭାପତି ଡା. ଶଶୀଭୂଷଣ ସାହୁ ଯୋଗଦେଇ ଦେଓଗାଁ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବିପୂରଣ ହୋଇଥିବା କହି ଆଗକୁ ଦେଓଗାଁଠାରେ ଏକ୍ସପ୍ରେସ ଟ୍ରେନ ରହଣି ଓ ରେଜିଷ୍ଟ୍ରୀ ଅଫିସ ପ୍ରତିଷ୍ଠା କରିବା ପାଇଁ ଅତିଥିଙ୍କୁ ଅନୁରୋଧ କରିଥିଲେ। ଶେଷରେ ଡିଏସ୍‌ପି ଶେଷଦେବ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ବର୍ତ୍ତମାନ ଦେଓଗାଁ ଥାନାରେ ମୋଟ ୧୧ଜଣ ଅଧିକାରୀ ଓ କର୍ମଚାରୀ ଅବସ୍ଥାପିତ ଥିବା ବେଳେ ଜଣେ ଏଏସ୍‌ଆଇ ଓ ହାବିଲଦାର ପଦବୀ ଖାଲି ରହିଥିବାରୁ ତୁରନ୍ତ ଏହି ପଦବୀ ପୂରଣ କରିବାକୁ ସଧାରଣରେ ଦାବି ହୋଇଥିଲା। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ତୁଷୁରା ଥାନା ଅଧିକାରୀ ଯଶୋବନ୍ତ ପ୍ରଧାନୀ, ପୋଲିସ ଏଏସ୍‌ଆଇ ଜନାର୍ଦ୍ଦନ ସାହୁ, ଗୋପୀନାଥ ମହାକୁଡ଼, ନବୀନ କୁମାର ଭୋଇଙ୍କ ସହ ପୋଲିସ କର୍ମଚାରୀ ସହଯୋଗ କରିଥିଲେ। ଚନ୍ଦନଭାଟିଠାରେ ମଧ୍ୟ ଅତିଥିମାନେ ଲୋକଙ୍କୁ ସମ୍ବୋଧିତ କରିଥିଲେ। ଚନ୍ଦନଭାଟିରେ ନୂତନ ଫାଣ୍ଡି ପ୍ରତିଷ୍ଠା ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା।



ଅତିଥିମାନେ ଦେଓଗାଁ ଥାନା ଉଦ୍‌ଘାଟନ କରୁଛନ୍ତି।



## ଶୈଶବ ଯତ୍ନ, ଶିକ୍ଷା ତାଲିମ ଶିବିର

**ଲୋଇସିଂହା,୧୯।୬(ଡି.ଏନ.ଏ.)**

ବଲାଙ୍ଗୀର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସମନ୍ୱିତ ଶିଶୁ ବିଭାଗ ସଭାଗୃହରେ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଶୈଶବ ଯତ୍ନ ଓ ପ୍ରାକ ଶିକ୍ଷା ତାଲିମ ଶିବିର ଆରମ୍ଭ ହୋଇଯାଇଛି। ଶିବିର ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ସୂଚନାଯୋଗ୍ୟ ୪୦ଜଣ କର୍ମୀଙ୍କୁ ନେଇ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶିବିରକୁ ସିଡିପିଓ ପ୍ରଜ୍ଞାରାଣୀ ବାରିକ ଉଦ୍‌ଘାଟନ କରିଥିଲେ। ଶିବିରରେ ସୁପରଭାଇଜର କ୍ରିଷ୍ଣା କୁମାରୀ କୁମ୍ଭାର, ଦୌପଦୀ ପଧାନ, ପ୍ରଭାମୟୀ ନାୟକ, ସେବତୀ ମିଶ୍ର, ରେଣୁକା କୁମ୍ଭାର, କୁମୁଦିନୀ ପଧାନ ପ୍ରମୁଖ ତାମିଲ ପ୍ରଦାନ କରୁଛନ୍ତି। ୦ରୁ ୩ ବର୍ଷ ଏବଂ ୦ ରୁ ୬ ବର୍ଷ ଶିଶୁଙ୍କ ସମାଗ୍ରିକ ବିକାଶ ଓ ଶିକ୍ଷାର ଅଗ୍ରଗତି ଦିଗରେ କର୍ମୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ପ୍ରତିମାସ ୧୯ ତାରିଖ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ଅଭିଭାବକ, ମାତୃ କମିଟି, ଯାଞ୍ଚ କମିଟିକୁ ନେଇ ଆଲୋଚନା କରି ଶିଶୁଙ୍କ ଅଭିବୃଦ୍ଧି ତଦାରଖ କରାଯିବ ବୋଲି ସିଡିପିଓ ବାରିକ ପ୍ରକାଶ କରିଥିଲେ।

■ ସରକାରୀ ଯୋଜନା ବାଟବନା

# ଭତା, ଆବାସ ଯୋଜନାରୁ ବଁଚିତ୍ ଉର୍ବଶୀ

**ଲାଠୋର, ୧୯।୬ (ଡି.ଏନ୍.ଏ)**

କେନ୍ଦ୍ର ଆର ରାଏଜ୍ ସରକାର ଇନ୍ଦିରା ଗାନ୍ଧୀ, ମଧୁବାବୁ ପେନସନ ଯୋଜନାରେ ବୁଢ଼ାବୁଢ଼ି, ବିଧବା, ଛାଡ଼ରି, ଦିବ୍ୟାଙ୍ଗମାନକୁ ଭତା ଯୁଗେଇ ଦେଉଛନ୍। ସେନ୍‌ତା ଗରିବ୍ ଦୁଖି, ନିଆଁସିମାନକୁ ଆବାସ ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ଅନେକ ଜାଗାରେ ଭିନେ ଭିନେ କାରନ୍‌ରୁ ହକ୍‌ଦାର ହିତାଧିକାରୀ ଯୋଜନାର ସୁଫଳ ପାଏବାରୁ ବଁଚିତ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଁଚେତ୍ ଅଧୀନ କନ୍ଦେଇଛାପର ଖଇରାପଡ଼ାରେ।

ସୂଚନା ଅନ୍‌ସାରେ ଖଇରାପଡ଼ାରେ ସ୍ୱର୍ଗତ ଗୋପିନାଥ ଭୋଇକଁର ଘର। ସେ ୫ ବଛର ଆଗରୁ ଆରପାରକେ ଚାଲିଯାଇଛନ୍। ଏହେଦେ ତାକର ପରିବାରରେ ବିଧବା ମାଏକିନା ଉର୍ବଶୀ ଭୋଇ ଆର ପୁଓ ବେଶୁ ରହିଛନ୍। ଗୁଟେ ବଲି ଝିଁ ପଦ୍ମିନୀ ବିହାବୁରା ହେଇ ଶାଶ୍ ଘରେ ଖଟୁଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଜମିବାଡ଼ି, ଘରଡ଼ିହ ବଲି କିଛି ନାଇଁ। ଗୋଚର ଆର ପତରା ଜାଗାରେ ଛୁଟିଆମୁଟିଆ ଚାଷ୍ ଟିକେ କରି ମା'ପୁଓ ବଡ଼ା ଦୁଖେ ଚଲୁଛନ୍। ଜାଗାବାଡ଼ି ଅଭାବୁ ସରକାରୀ ଜାଗାରେ ଗୁଟେ ମାଏଟ୍ କୁଡିଆରେ ଖପର ଛାଉନି କରି ମୁଡ଼ଗୁଁଜିଛନ୍। ବହୁତ୍ ସମିଆରେ ଅଭାବ ଅନାଟନେ ଲାଗି ମା'ପୁଓ ପାସର ଜଂଗଲରୁ ସରଗି ପତର ଆନି ଖଲିଦନା ଟିପି ବିକାଭଂଗା କରୁଛନ୍। ସେଥିରୁ ଯାହା ପାଉଛନ୍ ତାକର ତେଲନୁନ୍ ଯଥରକଥର ଚଲୁଛେ। ଇଆଡ଼େ ଗୋପିନାଥ ଆରପାରକେ ଚାଲିଯିବାର ପାଁଚ୍ ବଛର ବିତିଯାଇଥିଲେ ବି ଉର୍ବଶୀ ବିଧବା ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ପରିବାରଟା ନିହାତି ଗରିବ୍ ଶ୍ରେଣୀର ହେଇଥିଲେ ବି ଆଏଜ୍‌ତକ ଆବାସ ଯୋଜନାରେ ସାମିଲ ହେଇ ନାଇଁପାରି। ସରକାରୀ ଯୋଜନାରେ ମାସିକ ପାଉଥିବାର ୧୦ କେ.ଜି. ଚାଉଲକେ ଛାଡ଼ିଦେଲେ ପରିବାରଟା ଆର କେହେନ୍‌ସି ପରକାର ସାହାଯ୍ ନାଇଁ ପାଏବାର। ଥାନୀୟ ପରଶାସନ ଇ ଦୁଖି ପରିବାର ଉପରେ ଖାସ ଦୁରୁଷ୍ଟି ଦେଇ ଉର୍ବଶୀକୁଁ ଭତା ଆର ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ପଡ଼ାବାସୀ ଦାବି କରିଛନ୍।



ନିଜର ଦଦ୍‌ରା ଘରଆଘେ ଉର୍ବଶୀ।

**ଫଟୋରେ ଖବର**



ବଲାଙ୍ଗୀର ପାଟଣା ହୋଟେଲଛକରେ ଟ୍ରାଫିକ୍ ଲାଇଟ୍ ସିଷ୍ଟମକୁ ଏସ୍‌ପି କେ ଶିବା ସୁବ୍ରମଣି ଉଦ୍‌ଘାଟନ କରୁଛନ୍ତି। **(ଫଟୋ–ସୁନୀଲ)**

## ଜଙ୍ଗଲ ଅଧିକାର ଆଇନ ଶୁଣାଣି କାର୍ଯ୍ୟକ୍ରମ

**ଖପ୍ରାଖୋଲ,୧୯।୬(ଡି.ଏନ.ଏ.)**

**୪୭୪ ଆବେଦନର ଶୁଣାଣି**

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହ ସମ୍ମୁଖରେ ଆଦିବାସୀ ଏବଂ ବନବାସୀମାନଙ୍କୁ ନେଇ ଜଙ୍ଗଲ ଅଧିକାର ଆଇନ ଉପରେ ଅନୁଷ୍ଠିତ ୨ ଦିନିଆ ଶୁଣାଣି କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ଗାଁରୁ ଆସିଥିବା ୪୭୪ଟି ଆବେଦନ ଉପରେ ଶୁଣାଣି ହୋଇଥିଲା। ଖପ୍ରାଖୋଲ ବିଡିଓ ତରଣୀ ସୁନା, ତହସିଲଦାର ନିରଞ୍ଜନ ନାଏକ, ପାଟଣାଗଡ ଏଡିଡବ୍ଲ୍ୟୁଓ. ଡା. ନନ୍ଦିକିଶୋର ତାଣ୍ଡି, ଅତିରିକ୍ତ ତହସିଲଦାର ଜୟ' ସାହୁ , ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରବସ୍ତ କୁମୁରା, ଖପ୍ରାଖୋଲ ବନପାଳ ପିଙ୍କୁ ଭୁଏ ପ୍ରମୁଖ ଉପସ୍ଥିତ ରହି ଆବେଦନର ଶୁଣାଣି କରିଥିଲେ।

■ ଦଳ ଜାତି ସମାଜର ଜିଲାସ୍ତରୀୟ ସମାବେଶ

# ସମାଜର ସାମାଜିକ, ଅର୍ଥନୈତିକ ବିକାଶରେ ଗୁରୁତ୍ୱ

**ଖପ୍ରାଖୋଲ,୧୯।୬(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ବିନ୍ଧ୍ୟବାସିନୀ ମନ୍ଦିର ପରିସରରେ ଦଳ ଜାତି ସମାଜର ଜିଲାସ୍ତରୀୟ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୁନାଧର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ପୂର୍ବତନ ସଭାପତି କାମସିଂ ମଲିକ, ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ଭଗବାନ ଭୁଏ, ସାଧାରଣ ସମ୍ପାଦକ ହରିଝାଙ୍କର, ଶଶୀ ପୂଜାରୀ, ପୂର୍ବତନ ବ୍ଲକ ଚେୟାରମେନ ଗିରିଧାରୀ ଭୁଏ, ଦିନବନ୍ଧୁ ଥନାପତି, ରବି ପୂଝାରୀ, ନାନ୍ଦୁପଲା ସରପଞ୍ଚ ସୁରେଶ ପୂଝାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରାରେ ବାହାରି ସଭାସ୍ଥଳରେ ପହଞ୍ଚିଥିଲା। ପରେ ଇଷ୍ଟ ଦେବତା ନୃସିଂହନାଥ, ଏବଂ ହରିଶଙ୍କରଙ୍କ ପୂର୍ଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ସମାଜର ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଅଞ୍ଚଳରେ କିଭଳି ଭାବେ ନିଶା ନିବାରଣ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ସମାଜର ଜିଲାସ୍ତରୀୟ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଜିଲା ସଭାପତି ଭାବେ ରତନ ଲାଲ ଭୁଏ, ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ଝାଙ୍କର, ଉପସଭାପତି ଜୟପ୍ରକାଶ ମଲିକ, ସହସମ୍ପାଦକ ହିରାଧର ମଲିକ ଏବଂ କୋଷାଧ୍ୟକ୍ଷ ଭାବେ ସଞ୍ଜୟ ମଲିକଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ କମିଟିରେ ଶଶୀ ଭୂଷଣ ପୂଜାରୀ, ପାରାବତି ପୂଜାରୀ, ଝାଙ୍କର କୁଅଁର, ସୁଶୀଲା ଭୁଏ, ରତ୍ନାକର ମଲିକ, ବୁଢୁ ମଲିକ, ଦ୍ରୁପଦ ଭୋଇ, କୁନ୍ତଳା ଝାଙ୍କର, ଜଗନ୍ନାଥ କୁଅଁର, ବିମଳା ଝାଙ୍କର, କାର୍ତ୍ତିକ ମଲିକ ପ୍ରମୁଖ ମନୋନୀତ ହୋଇଥିଲେ। ସମାବେଶରେ ଜିଲାର ୮ଟି କମିଟୀ ସଦସ୍ୟା ସଦସ୍ୟାଙ୍କ ସହ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ।



ଜିଲାସ୍ତରୀୟ ସମାବେଶ ଅତିଥିଙ୍କ ସହ ସମାଜର କର୍ମକର୍ତ୍ତା।

■ ଜିଲାସ୍ତରୀୟ ଆମ୍ବ ମହୋତ୍ସବ ଉଦ୍‌ଯାପିତ

# ଚାଷୀଙ୍କୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ

**ବଲାଙ୍ଗୀର ଅଫିସ,୧୯।୬**

ଜିଲା ପ୍ରଶାସନ, ଓଡ଼ିଶା ଜୀବିକା ମିଶନ, ଓର୍‌ମାସ ଓ ଉଦ୍ୟାନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆମ୍ବ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ, ସମ୍ମାନିତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଡାକୁଆ ଜିଲାର ଆମ୍ବଚାଷୀଙ୍କ ପାଇଁ ଅଧିକ ପ୍ରୋତ୍ସାହନ ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଡ. ସ୍ୱାଇଁ ବଲାଙ୍ଗୀର ଜିଲାର ଆମ୍ବ ଉନ୍ନତ କିସମର ଓ ଅଧିକ ସ୍ୱାଦିଷ୍ଟ କରି ଏହାର ମାର୍କେଟିଂ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଓରମାସ୍ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କମଳେନ୍ଦୁ ପାଲ ମହୋତ୍ସବର ବିବରଣୀ ପାଠ କରିଥିଲେ। ଜିଲା ଆମ୍ବ ଉତ୍ପାଦନ କମିଟି ଆବାହକ ଅରୁଣ କୁମାର ମିଶ୍ର, କମିଟି ସଦସ୍ୟ ପ୍ରଶାନ୍ତ ଶତପଥୀ ଜିଲାରେ ଆମ୍ବଚାଷୀଙ୍କ ସମସ୍ୟା, ମାର୍କେଟିଂ ଓ ଆମ୍ବ ସଂରକ୍ଷଣ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ଜିଲାରେ ଉତ୍ପାଦିତ ଆମ୍ବକୁ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଆଚାର, ଆମ୍ବୁଲ, ଆମ୍ବସଢ଼ା ପ୍ରସ୍ତୁତ କରିବା ଉପରେ ଜୋର ଦେଇଥିଲେ। ଏହାଦ୍ୱାରା ଆମ୍ବ ଚାଷୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସୂଚନା ଦେଇଥିଲେ। ଘୂର୍ଣ୍ଣିଝଡରେ ଝଡି ଯାଉଥିବା କଞ୍ଚା ଆମ୍ବକୁ ସଂରକ୍ଷଣ ଏବଂ ଗଞ୍ଜାମ ଜିଲାର ଏସ୍‌ଏଚ୍‌ଜିଙ୍କ ସହ ଅନୁବନ୍ଧିତ କରିପାରିଲେ ଆମ୍ବଚାଷୀ ଉପକୃତ ହେବ କହି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପାଟଣାଗଡ଼ର ଚାଷୀ ଶତ୍ରୁଘ୍ନ ମେହେର ଆମ୍ବର ଉତ୍ପାଦନ ଓ ଆମ୍ବ ଚାଷୀଙ୍କ ଅସୁବିଧା ସମ୍ପର୍କରେ କହିଥିଲେ। ପ୍ରଥମ ଥର ପାଇଁ ଜିଲାରେ ଆମ୍ବ ମହୋତ୍ସବ କରାଯାଇଥିବାରୁ ଆୟୋଜକଙ୍କୁ ଧନ୍ୟବାଦ ଜ୍ଞାପନ ଦେଇଥିଲେ । ଏହି ଅବସରରେ ଆମ୍ବ ମହୋତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ତୁରେକେଲା ବ୍ଲକ ବଡବାଙ୍କିର ଚାଷୀ ଭୂଷଣ ବେହେରା, ଦ୍ୱିତୀୟ ପୁଇଁନ୍ତଲା ବ୍ଲକ ଆଟଗାଁର ଚାଷୀ ଅନୁପମ ମହାଲିକ୍, ତୃତୀୟ ବଙ୍ଗୋମୁଣ୍ଡା ବ୍ଲକ ମନିଗାଁର ଚାଷୀ ମୁକେଶ ମାଝିଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସେହିପରି ସାଲେଭଟାର ଲକ୍ଷ୍ମୀନାରାୟଣ ମିଶ୍ର, ରାନୀପାଲିର ଲମ୍ବୋଦର ମହାକୁଡଙ୍କୁ ସ୍ୱାନ୍ତନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଆମ୍ବ ନିଲାମ କରି ଫନୀ ପୀଡିତାଙ୍କୁ ଅର୍ଥରାଶି ପ୍ରେରଣ କରିଥିବା ଆମ୍ବଚାଷୀ ଅରୁଣ ମିଶ୍ରଙ୍କୁ ମଧ୍ୟ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଉଦ୍ୟାନ ନିର୍ଦ୍ଦେଶକ କେଶବ ଚନ୍ଦ୍ର ପ୍ରତିଯୋଗିତାର ମାନଦଣ୍ଡ ସମ୍ପର୍କରେ କହିଥିଲେ । ଶେଷରେ ପାଟଣାଗଡ଼ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ମୁରଲୀଧର ବେହେରା ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଜିଲାର ବହୁ ଆମ୍ବଚାଷୀ ଯୋଗ ଦେଇଥିଲେ ।



ଆମ୍ବ ମହୋତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚାଷୀ ଭୂଷଣ ବେହେରାଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।

- କାର୍ଲାଇଲ

## ସଂକ୍ଷେପରେ



### ବିଜୁ ଯୁବବାହିନୀ ସଂଯୋଜକଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା,୧୯।୬ (ସ୍ୱ.ପ୍ର.)-** କଳାହାଣ୍ଡି ଜିଲା ଭବାନୀପାଟଣା ସାର୍କିଟ ହାଉସଠାରେ ବୁଧବାର ଜିଲାରେ କାର୍ଯ୍ୟରତ ବିଜୁ ଯୁବବାହିନୀ ସଂଯୋଜକଙ୍କ ପକ୍ଷରୁ ରାଜ୍ୟ ଶକ୍ତି, ଶିଳ୍ପ, ଏମଏସଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହା ପରେ ମନ୍ତ୍ରୀଙ୍କ ସହ ବିଜୁ ଯୁବ ବାହିନୀର ସଂଯୋଜକମାନେ ଜିଲାର ବିକାଶ ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ଜୁନାଗଡ ଏନ୍‌ଏସି ସଂଯୋଜକ ରୋହିତ ସୁନାନୀ, ଜୁନାଗଡ ବ୍ଲକ ସଂଯୋଜକ ଟିନା ମୁଣ୍ଡ, ଧର୍ମଗଡ ବ୍ଲକ ସଂଯୋଜକ ସମେନ୍ଦ୍ର ମୁଣ୍ଡ, କଲମପୁର ବ୍ଲକ ସଂଯୋଜକ ମନୋଜ କୁମାର ନାଏକ, ଜୟପାଟଣା ବ୍ଲକ ସଂଯୋଜକ ଶଙ୍କର ଦୟାଲ ସିଂ, କୋକସରା ବ୍ଲକ ସଂଯୋଜକ ରୋହିତ ଗୋପାଳ, ଥୁଆମୂଳ ରାମପୁର ବ୍ଲକ ସଂଯୋଜକ ଜୀବନନ୍ଦ ବାଗ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

■ କାଣ୍ଡେତରା ଗ୍ରାମପଞ୍ଚାୟତରେ ବ୍ୟାପକ ଅବ୍ୟବସ୍ଥା

# ଡିଆରଡିଏ ପିଡିଙ୍କ ଅଚାନକ ପରିଦର୍ଶନ

**ନୂଆପଡ଼ା ଅଫିସ,୧୯।୬**

ସରକାର ସବୁବେଳେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରିବାକୁ କହୁଥିବାବେଳେ ତୃଣମୂଳସ୍ତରରେ ପଞ୍ଚାୟତିରାଜ ପ୍ରତିନିଧି, ଅଧିକାରୀ ମଧୁଚନ୍ଦ୍ରିକା କରି ବ୍ୟବସ୍ଥାକୁ ଭୁଷୁଡାଇଦେଉଥିବା ଦେଖାଯାଉଛି। ଏଭଳି ଏକ ଅଭିଯୋଗ ଆସିଥିଲା ନୂଆପଡ଼ା ଜିଲା କୋମନା ବ୍ଲକ କାଣ୍ଡେତରା ଗ୍ରାମପଞ୍ଚାୟତରେ। ଏହାକୁ ଗୁରୁତ୍ୱ ଦେଇ ଖୋଦ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ ବୁଧବାର ଅଚାନକ ଭାବେ ଗସ୍ତ କରି ସବୁ ପରିଦର୍ଶନ କରିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟାପକ ଅବ୍ୟବସ୍ଥା ଥିବା ନେଇ ପିଡି ନାଏକ ଅଧିକାରୀ ଏବଂ ସରପଞ୍ଚଙ୍କ ଉପରେ ବର୍ଷିଥିଲେ।

ବୁଧବାର ପୂର୍ବାହ୍ନ ୯ଟାରେ ପିଡି ନାଏକ ଅଧିକାରୀ, ସହକାରୀ ଯନ୍ତ୍ରୀଙ୍କ ସହ ମିଶି କାଣ୍ଡେତରା ଗ୍ରାମପଞ୍ଚାୟତରେ ପହଞ୍ଚିଥିଲେ। ସୂଚନାଯୋଗ୍ୟ ଯେ, କାଣ୍ଡେତରା ଗାଁର ଜୀବନଧାରା କୁହାଯାଉଥିବା ଘିକୁଣ୍ଡି ବନ୍ଧ ଉନ୍ନୟନ କାମ ଏବଂ ଶବରପଡାରୁ ମାଲପଡା ରାସ୍ତା ଉନ୍ନତିକରଣ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଏଥିରେ ପୋଖରୀ କାମ ୧୦ ଲକ୍ଷ ଟଙ୍କା ହୋଇଥିବାବେଳେ କମ କାମ କରି ପୁରା ବିଲ ଉଠାଣ କରିବାର ଚକ୍କର ଚଳାଇଥିବାବେଳେ ରାସ୍ତା ଉନ୍ନତିକରଣ ନାଁରେ ମଧ୍ୟ କମ କାମ କରି ଅର୍ଥ ଆତ୍ମସାତ କରିବାକୁ ଚକ୍ରାନ୍ତ ଚାଲିଥିବା କୁହାଯାଉଥିଲା। ଏସବୁକୁ ପିଡି ନାଏକ ପରିଦର୍ଶନ ବେଳେ ଦେଖି କିଛି ସତ୍ୟତା ଥିବା ଉପଲବ୍ଧି କରିଥିଲେ। କାର୍ଯ୍ୟାଳୟକୁ ଆସି ଏସବୁର ସମୀକ୍ଷା କରି ଦାୟିତ୍ୱରେ ଥିବା ଯନ୍ତ୍ରୀ, ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପରେ ଜୋରରେ ବର୍ଷିଥିଲେ। ପଞ୍ଚାୟତର ଉନ୍ନତି ସକାଶେ ସମସ୍ତଙ୍କୁ ମନଲଗାଇ ସ୍ୱାର୍ଥକୁ ତ୍ୟାଗ କରି କାମ କରିବାକୁ ପଡିବ। ସମସ୍ତ ଗାଇଡଲାଇନକୁ ମାନି କାମ କଲେ ପଞ୍ଚାୟତର ଉନ୍ନତି ସମ୍ଭବ ବୋଲି ବୁଝାଇଥିଲେ। ଶେଷରେ ପରିଦର୍ଶନ କରିଥିବା କାମ ଗୁଡିକର ଫାଇଲ ଗୁଡିକୁ ଧରି ଆଣିଥିଲେ। ଏଥିରେ ଯଦି ଅନିୟମିତତା ଦେଖିବାକୁ ମିଳେ ତେବେ ତାହା ଉପରେ କଡା କାର୍ଯ୍ୟାନୁଷ୍ଠାନ କରିବେ ବୋଲି କହିଛନ୍ତି। ଏହି ଗସ୍ତ ପରେ ପିଡି କୋମନା ବ୍ଲକ କାର୍ଯ୍ୟାଳୟ ଅଭିମୂଖେ ବାହାରିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ପିଡିଙ୍କ ଗସ୍ତକୁ ପଞ୍ଚାୟତବାସୀ ସ୍ୱାଗତ କରିଥିବାବେଳେ ଏହା ଉପରେ ଉଚିତ କାର୍ଯ୍ୟାନୁଷ୍ଠାନକୁ ଜଗି ବସିଛନ୍ତି। ବର୍ଷାଧିକକାଳ ପଞ୍ଚାୟତବାସୀ ବିଭିନ୍ନ ସମୟରେ ବ୍ଲକଠାରୁ ଆରମ୍ଭ କରି ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଜଣାଇଆସିଛନ୍ତି। ହେଲେ ସେଭଳି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଆଗକୁ ପିଡି ଏହା ଉପରେ କେତେ ଗୁରୁତ୍ୱର ସହ ବିଚାର କରୁଛନ୍ତି ଲୋକେ ଅପେକ୍ଷା କରି ରହିଛନ୍ତି ।



ଡିଆରଡିଏ ପିଡି କାଣ୍ଡେତରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଉନ୍ନୟନ କାମର ସମୀକ୍ଷା କରୁଛନ୍ତି ।

**ଅଧିକାରୀ, ସରପଞ୍ଚଙ୍କ ଉପରେ ବର୍ଷିଲେ**

ଅବାଧ ପଲିଥିନ ବ୍ୟବହାର ନେଇ ଏନ୍‌ଏସି ପକ୍ଷରୁ ଚଢାଉ

# ୪ ଦୋକାନରୁ ୨୧ ଶହ ଟଙ୍କା ଜରିମାନା ଆଦାୟ

**ଜୁନାଗଡ,୧୯।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରର ବିଭିନ୍ନ ଦୋକାନରେ ଅବାଧ ପଲିଥିନ ବ୍ୟବହାର କରାଯାଉଛି। ଏହା ବିରୋଧରେ ସ୍ଥାନୀୟ ଏନ୍‌ଏସି ପକ୍ଷରୁ ବୁଧବାର ଅତର୍କିତ ଭାବେ ଚଢାଉ କରାଯାଇଥିଲା। ଏଥିରେ ଅବାଧ ଭାବେ ପଲିଥିନ ବ୍ୟବହାର କରୁଥିବା ୪ଟି ଦୋକାନୀଙ୍କଠୁ ୨୧ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ୩୦ଜଣ ଦୋକାନୀଙ୍କୁ ପଲିଥିନ ବ୍ୟବହାର ନ କରିବା ପାଇଁ ସଚେତନତା କରାଯାଇଥିଲା। ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, କିରାଣୀ ବିଜୟ ପୂଝାରୀଙ୍କ ସମେତ ଏନ୍‌ଏସିର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ଲୋକଙ୍କ ସଚେତନତା ପାଇଁ ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ ପ୍ରକାଶ କରିଥିଲେ।



ଜୁନାଗଡ ସହରର ଏକ ଦୋକାନରେ ତହସିଲଦାର ଚଢାଉ କରୁଛନ୍ତି।

# ତୃତୀୟ ଦିନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୧୯।୬**

ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ୪ ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାର ତୃତୀୟ ଦିନରେ ପହଞ୍ଚିଥିଲା। ସଂଘ ସଦସ୍ୟମାନେ ସିଭିଲ କୋର୍ଟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ କରି ଧାରଣା ଜାରି ରଖିଥିଲେ। ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ଶତାଧିକ ଓକିଲ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଓକିଲ ସଂଘର ଭବାନୀ ଶଙ୍କର ଶତପଥୀ, ସରୋଜ ଗୁପ୍ତା, ରତନ ମହାରଣା, ଶଙ୍କର ମିଶ୍ର, ଗୋପାଳ ହୋତା, ସୁରେଶ ପାଠୀ, ରାଜେନ୍ଦ୍ର ମିଶ୍ର, ସୁରେନ୍ଦ୍ର ମିଶ୍ର, ଜଗଦୀଶ ପ୍ରଧାନ, ପ୍ରଭାସ ମିଶ୍ର, ବିକାଶ ମିଶ୍ର, ଅନୁପ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ରୁଦ୍ର ଥନାପତି, ଅନନ୍ତ ବିଶ୍ୱାଳଙ୍କ ସହ ଅନ୍ୟମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯଶବନ୍ତ ସିଂ କମିଶନ ସୁପାରିଶକୁ କାର୍ଯ୍ୟକାରୀ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ କରି ନ ଥିବାରୁ ବଲାଙ୍ଗୀର ତଥା ପଶ୍ଚିମ ଓଡ଼ିଶାବାସୀ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହୋଇଛନ୍ତି ବୋଲି ବକ୍ତାମାନେ କହିଥିଲେ। ଯଶବନ୍ତ ସିଂ କମିଶନ ସୁପାରିଶ ଅନୁସାରେ ବଲାଙ୍ଗୀର ହିଁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ପ୍ରକୃଷ୍ଟ ସ୍ଥାନ ବୋଲି କହିଥିଲେ। ଏନେଇ ତୁରନ୍ତ କେନ୍ଦ୍ର ଓ ରାଜ୍ୟ ସରକାର ବଲାଙ୍ଗୀରରେ ହାଇକୋର୍ଟରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଘୋଷଣା କରିବାକୁ ଦାବି କରିଥିଲେ।




ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତୃତୀୟ ଦିନରେ ଓକିଲମାନେ ଧାରଣାରେ ବସିଛନ୍ତି।

# ଜାତୀୟ ରାଜପଥ ସାଜିଛି ମରଣଯନ୍ତା

**କୋକସରା,୧୯।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜାତୀୟ ରାଜପଥ ୨୬ କୋକସରା ବ୍ଲକ୍ ଚିଲିଗୁଡ଼ା, କୋକସରା ରାସ୍ତା ମଝିରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଏହାଦ୍ୱାରା ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ ଅଧିକାରୀ ଜାଣିଥିଲେ ମଧ୍ୟ ମରାମତି ପ୍ରତି ଧ୍ୟାନ ଦେଉନାହାନ୍ତି । ଜାତୀୟ ରାଜପଥ ଦେଇ ପ୍ରତିଦିନ ଶହ ଶହ ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବା ବେଳେ ସୃଷ୍ଟି ହୋଇଥିବା ଗର୍ତ୍ତ ଯୋଗୁ ବିଶେଷ କରି ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇଥିବା ନଜରକୁ ଆସିଛି। ଜାତୀୟ ରାଜପଥ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଏଆରଏସଏସ ନାମକ ଏକ ଠିକା ସଂସ୍ଥା ନେଇଥିବାବେଳେ ଚିଲିଗୁଡ଼ା ଗ୍ରାମ ଦେଇ ଯାଇଥିବା ପ୍ରାୟ ୧ କି.ମି. ରାସ୍ତା ନୂତନ ଭାବେ ନିର୍ମାଣ କରାଯାଇନାହିଁ। ଚିଲିଗୁଡ଼ା ଦେଇ ନୂତନ ବାଇପାସ ରାସ୍ତା ନିର୍ମାଣ ହେବାକୁ ଥିବାବେଳେ ପୁରୁଣା ରାସ୍ତାକୁ ଆଉ ମରାମତି ନ କରି ଛାଡ଼ିଦେଇଥିବାରୁ ଏହି ୧ କି.ମି. ରାସ୍ତାର ସ୍ଥାନେ ସ୍ଥାନେ ଖାଲଖମା ହେବା ସହ ଗର୍ତ୍ତ ସୃଷ୍ଟି ହୋଇଛି । ଏ ନେଇ କେସିଙ୍ଗା ଜାତୀୟ ରାଜପଥ ବିଭାଗ ସହକାରୀ ଯନ୍ତ୍ରୀ ମଲ୍ଲିକ ବାବୁଙ୍କୁ ପଚାରିବାରୁ ନୂତନ ବାଇପାସ ରାସ୍ତା ପାଇଁ ପୁରୁଣା ସଡ଼କର ମରାମତି ହୋଇନି, ଏଣୁ କିଛି ସ୍ଥାନରେ ଖାଲ ହୋଇଛି । ସାମୟିକ ଭାବେ ଏହି ରାସ୍ତାକୁ ମରାମତି କରାଯିବ ବୋଲି କହିଛନ୍ତ। ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ଜାତୀୟ ରାଜପଥ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି ।



୨୬ ନଂ. ଜାତୀୟ ରାଜପଥ ମଝିରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି ।

■ ସତ୍ କହେଲେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ

# ଧରାପଡ଼ଲା ପିଏଚ୍‌ଇଓଙ୍କର ମିଛ୍

**ଲୋଇସିଂହା,୧୯।୬(ଡି.ଏନ.ଏ)**

ସୁଆସ୍ତିଅ ସଚେତନତାର ଲାଗି ସରକାର ଲାଖ୍ ଲାଖ୍ ଟଁକା ପାଏନ୍ ମିତାର ଖରଚ୍ କରୁଛନ୍। ହେଲେ ବିଭାଗୀୟ ଅଧିକାରୀ, କରମ୍‌ଚାରୀମାନକର ଅବହେଲରୁ ସୁଆସ୍ତିଅ ସଚେତନତା କାଯ୍‌କରମ ଜନସାଧାରନକଁର ପାସକେ ପୁହୁଁଚି ନାଇଁ ପାରବାର। ଇଆଡ଼େ ସଚେତନତା ଅଭାବୁ ଗାଁଗଁଡ଼ାମାନକେ ନାନା ପରକାର ସୁଆସ୍ତିଅ ସମସିଆ ବଢ଼ି ଚାଲିଥିବାର ଅଭିଯୋଗ ହେଉଛେ। ଗଲା ୧୭ ତାରିଖ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ହେବାକେ ଥିବାର ଆଇଡିସିଏମ୍ କାଯ୍‌କରମ ନାଇଁ ହେଇଥିବାର ଅଭିଯୋଗ ହେଇଥିଲା। ଇ ବାବ୍‌ଦେ ମଙ୍ଗଲବାର ସୁଆସ୍ତିଅ କେନ୍ଦ୍ରର ଚିକିତ୍ସା ଅଧିକାରୀ ସ୍ମିତା ଶତପଥୀଙ୍କୁଁ ପଚରାଲାରୁ ସେଦିନ ମୁଇଁ ବଲାଙ୍ଗୀର କାଯ୍‌କରମରେ ଉପସ୍ଥିତ ଥିଲି। ଇ ବିଷେରେ ପିଏଚ୍‌ଇଓଙ୍କୁଁ ବୁଝି କହିପାରମି ବଲି ସେ କହିଥିଲେ। ଇଆଡ଼େ ଘଟନା ବାବ୍‌ଦେ ପିଏଚ୍‌ଇଓ ରମେଶ ସାହୁଙ୍କୁଁ ପଚରାଲାରୁ ସୁଆସ୍ତିଅ ଅଧିକାରୀକଁର ଉପସ୍ଥିତିରେ କାଯ୍‌କରମ ହେଇଥିବାର ସେ କହିଥିଲେ। ଅଭିଯୋଗ ହେଲା ଉତାରୁ ବୁଧବାର ବିଭାଗ ତରଫୁ ସ୍ୱାସ୍ଥ୍ୟ କେନ୍ଦ୍ରର ସଭା କୁଠିଥି କେତେ ଆଶା କରମୀଙ୍କୁଁ ଠୁଲେଇ ସେ କାଯ୍‌କରମ ହେଇଥିବାର ବୁଧିଜୀବୀ ମହଲରେ ଗୁଟେ ଚରଚାର ବିଷେ ହେଇଛେ। ଆଗ୍‌କେ ବରଷା ଦିନ୍ ମାଡ଼ି ଆସୁଛେ। ଇତାକେ ଦୁରୁଷ୍ଟିରେ ରଖି ଜଳବାହିତ ରୋଗ୍‌କେ ଆଏତେ ରଖବାର ଲାଗି ସୁଆସ୍ତିଅ କରମଚାରୀ ଆର ଜନସାଧାରନଙ୍କୁଁ ନେଇ ଇ କାଯ୍‌କରମ ପାଲନ କରବାର ମୁଖିଆ ଉଦେଶ୍। ୧୭ ଜୁନରୁ ୧୬ ଜୁଲାଇ ତକ୍ ଆଶା କରମୀମାନେ ଘରକେ ଘର ବୁଲି ସଚେତନତା ସୁରୁଷ୍ଟି କରବାର ସଂଗେ ଓଆର୍‌ଏସ୍ ପାଉଡର, ପିଇଲା ପାଏନ୍ ବିଶୋଧନ ଲାଗି ଉଷୋ ବାଁଟ୍‌ବେ। ହେଲେ ବିଭାଗୀୟ କରମ୍‌ଚାରୀକଁର ଅବହେଲାରୁ ଏନ୍‌ତା ଅନେକ୍ ସୁଆସ୍ତିଅ ସଚେତନତା କାଯ୍‌କରମ ଖାଲି କାଗଜ କଲମରେ ପାଳିତ ହେଉଥିବାର ଅଭିଯୋଗ ହେଉଛେ।



ବୁଧବାର ଅନୁଷ୍ଠିତ ହେଇଥିବାର ଆଇଡିସିଏମ୍ କାଯ୍‌କରମ।

■ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲାସ୍ତରୀୟ ମକ୍‌ଡ୍ରିଲ

# ସଚେତନତା ହିଁ ସାବଧାନତା

**ବଲାଙ୍ଗୀର ଅଫିସ,୧୯।୬**

ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ ଏବଂ ସଚେତନତା ସଭା ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଗାନ୍ଧୀଭବନଠାରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ ସଭାପତିତ୍ୱ କରି ଜିଲାରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ କରାଯାଇଥିବା ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ଏପରି କି ଗୋଷ୍ଠୀ ସହଭାଗିତା ଓ ସହଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ ଜରିଆରେ ଜନସାଧାରଣଙ୍କୁ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ କୌଶଳ ସମ୍ପର୍କରେ ସଚେତନ କରାଯାଇଥିଲା। ସଭାରେ ବଲାଙ୍ଗୀର ତହସିଲଦାର ଲଲାଟ ଲୁହା ଯୋଗ ଦେଇ ସଚେତନତା ହିଁ ସାବଧାନତା ବୋଲି କହିଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲର ଉପଯୋଗିତା ଉପରେ କହିଥିଲେ। ଓଡ୍‌ସମା ଜିଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ପ୍ରାକ୍ ପ୍ରସ୍ତୁତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ପୁଇଁନ୍ତଲା ବ୍ଲକ ସିଡିପିଓ ନିରୁପମା ପାଣି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ଥଇଥାନ କାର୍ଯ୍ୟ ଉପରେ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବ୍ଲକରୁ ଜିଲାସ୍ତର ପର୍ଯ୍ୟନ୍ତ ଅନୁଷ୍ଠିତ ମକ୍‌ଡ୍ରିଲର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସଭା ପରେ ଗାନ୍ଧୀଭବନ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ସିଡି ଓ ଦଉଡି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ, ଅଗ୍ନିକାଣ୍ଡ ସମୟରେ କିଭଳି ଉଦ୍ଧାର କାର୍ଯ୍ୟ କରାଯାଏ ଏହାର କୌଶଳ ପ୍ରଦର୍ଶନ କରିଥିଲେ। ବିପର୍ଯ୍ୟୟସ୍ଥଳରୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସରେ କିଭଳି ଡାକ୍ତରଖାନା ପହଞ୍ଚାଯାଏ ଏହାର ମକ୍‌ଡ୍ରିଲ ଦେଖାଇଥିଲେ। ଅଗ୍ନିଶମ ବିଭାଗ ହାବିଲଦାର ପ୍ରଦୀପ କୁମାର ପ୍ରଧାନଙ୍କ ନେତୃତ୍ୱ ପରିଚାଳିତ ଅଗ୍ନିଶମ ବାହିନୀଙ୍କ ମକ୍‌ଡ୍ରିଲ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଜନସାଧାରଣ ଉପସ୍ଥିତ ଥିଲେ।

**ଖପ୍ରାଖୋଲ,୧୯।୬(ଡି.ଏନ.ଏ.)**

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥାର ମିଳିତ ଉଦ୍ୟମରେ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିପିଇଓ ସୁଶାନ୍ତ ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଜୟନ୍ତ ସାହୁ, ଥାନା ଏଏସ୍‌ଆଇ ଏସ୍.ପି ଠାକୁର, ବ୍ଲକ ମୁଖ୍ୟ କିରାଣି ବ୍ରଜବନ୍ଧୁ ଠାକୁର, ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଲଚନ୍ଦ୍ର ଛତ୍ରିଆ, ବ୍ଲକ ଅଗ୍ନିଶମ ଅଧିକାରୀ ନାରାୟଣ ମାଝି, ରାଜସ୍ୱ ନିରୀକ୍ଷକ ବିକାଶ ରାଉତ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ସାହସର ସହ ମୁକାବିଲା କରାଯିବ ସେନେଇ ବୁଝାଇଥିଲେ। ସେହିପରି ଖପ୍ରାଖୋଲ ବ୍ଲକ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକଡ୍ରିଲ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଆଇସିଡିଏସ୍ ସୁପରଭାଇଜର ପଙ୍କଜିନୀ ମିଶ୍ର, ରାମାନନ୍ଦ ବେହେରା, ଅଞ୍ଜଳି ମିଶ୍ର, ଆଗ୍ନେକ ସରୋଜ ସିନ୍ଦୂର, ପୀତବାସ ଦନ୍ତା, ଚକ୍ରଧର ଦାଣ୍ଡିଆ, ସୁମନ୍ତ ବାଗ, ଧନଞ୍ଜୟ ସେଠଙ୍କ ସହ ଅଙ୍ଗନୱାଡ଼ି କର୍ମୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।




ଜିଲାସ୍ତରୀୟ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଅଧିକାରୀ ଓ ଅଗ୍ନିଶମ ବାହିନୀ।



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



# ଟାର୍ଗେଟ ଅଭାବରୁ ଉଠୁନି ଧାନ

ଜୁନାଗଡ,୧୯।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ମଣ୍ଡିରେ ଟାର୍ଗେଟ ଅଭାବରୁ ଏବେ ଧାନ ଉଠୁ ନ ଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବୁଧବାର ଜୁନାଗଡ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଶୀଘ୍ର ମଣ୍ଡିରୁ ଧାନ ଉଠାଣ କରା ନ ଗଲେ ଗୁରୁବାର ସମସ୍ତ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିବା ଲିଖିତ ଅଭିଯୋଗରୁ ଜଣାପଡେ। ଏହି ମଣ୍ଡିରେ ବର୍ତ୍ତମାନ ଟୋକନ ପାଇଥିବା ୭ଜଣ ଚାଷୀଙ୍କ ପ୍ରାୟ ୧୬ ଶହ କୁଇଣ୍ଟାଲ ଧାନ ବିକ୍ରି ପାଇଁ ପଡ଼ିରହିଛି। ସେହିପରି ଟୋକନ ପାଇ ନ ଥିବା ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ପାଖାପାଖି ୩ ହଜାରରୁ ଅଧିକ କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଛି। ଗତ ୬/୭ଦିନ ହେବ ମଣ୍ଡିରେ ଉକ୍ତ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ପଡିରହିଥିଲେ ମଧ୍ୟ ପ୍ରଶାସନ ହାତବାନ୍ଧି ରହିଥିବା ଚାଷୀ ମହଲରେ ତିବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଧାନ ଶୀଘ୍ର ବିକ୍ରି ନ କଲେ କେମିତି ଚାଷୀ ଖରିଫ ଚାଷ ପାଇଁ ପ୍ରସ୍ତୁତ ହେବ ସେ ନେଇ ଚାଷୀମାନେ ଏବେ ଦୁଃଖରେ ଭାଙ୍ଗିପଡିଛନ୍ତି। ଜୁନାଗଡ ପ୍ୟାକ୍ସ ଅଧୀନରେ ଥିବା ଏହି ମଣ୍ଡିରେ ବକ୍ସିତୁଲସୀପାଲି, ମେରିଆବନ୍ଧଲି ଓ ବଳଦିଆମାଳ ପଞ୍ଚାୟତର ପ୍ରାୟ ୭ଶହ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି।

ଉକ୍ତ ଚାଷୀଙ୍କ ପାଇଁ ୩୨ ହଜାର କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟାର୍ଗେଟ ଆସିଥିଲା। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୬୪୦ ଜଣ ଚାଷୀ ୩୨ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜୁନାଗଡ ପ୍ୟାକ୍ସ ପକ୍ଷରୁ ଜଣାପଡିଛି। ଫଳରେ ଧାର୍ଯ୍ୟ ଟାର୍ଗେଟ ଶେଷ ହୋଇଯିବାରୁ ମିଲର୍ସ ଧାନ ଉଠାଉ ନ ଥିବା ଜଣାପଡିଛି। ଏପରିକି କିଛି ଚାଷୀଙ୍କ ଧାନ ଓଜନ କରିଦେଇ ମିଲର୍ସ ଛାଡି ଚାଲିଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ଫଳରେ ମଣ୍ଡିରେ ଗଦାଯାଇଥିବା ଧାନ ସହ ଓଜନ ହୋଇଥିବା ଧାନକୁ ବିକ୍ରି ଆଶାରେ ଚାଷୀ ଏବେ ଜଗିରହିଛନ୍ତି। ଏହି ମଣ୍ଡିରେ ଧାନ ଉଠାଣ କରିବା ପାଇଁ ଗଣପତି ରାଇସମିଲ, ଓମ୍‌ରାମ, ଶ୍ୟାମଜୀ, ରାକେଶ ଟ୍ରେଡସ, ରବିନ ଫୁଡ ଆଦିକୁ ନିୟୋଜିତ କରାଯାଇଛି। ଏ ନେଇ ଜୁନାଗଡ ପ୍ୟାକ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଦିଲୀପ କୁମାର ମୁଣ୍ଡଙ୍କୁ ପଚାରିବାରୁ ଟାର୍ଗେଟ ସରିଯିବାରୁ ଧାନ ଉଠୁନାହିଁ। ଟାର୍ଗେଟ ପାଇଁ ଉଚ୍ଚ ଅଧିକାରୀଙ୍କୁ କୁହାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଟାର୍ଗେଟ ଆସିନାହିଁ ବୋଲି କହିଥିଲେ। ସେହିପରି ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରାଙ୍କୁ ଏ ବିଷୟରେ ପଚାରିବାରୁ ସରକାରଙ୍କୁ ଟାର୍ଗେଟ ବିଷୟରେ ଜଣାଯାଇଛି। ଟାର୍ଗେଟ ଆସିଲେ ଧାନ କ୍ରୟ ହେବ ବୋଲି କହିଥିଲେ।



ଜୁନାଗଡ଼ ମଣ୍ଡିରେ ଧାନ ବିକ୍ରି ଆଶାରେ ଚାଷୀ ପଡ଼ିରହିଛନ୍ତି।

**ଜୁନାଗଡ଼ ମଣ୍ଡି**

- ଟୋକନ ଧରି ମଣ୍ଡିରେ ପଡିରହିଛନ୍ତି ଚାଷୀ
- ଓଜନ କରିଥିବା ଧାନକୁ ବି ନେଉନି ମିଲର୍ସ
- ତହସିଲଦାରଙ୍କୁ ଲିଖିତ ଅଭିଯୋଗ କଲେ ଚାଷୀ
- ସମାଧାନ ନ ହେଲେ ରାସ୍ତାରୋକୋ ଚେତାବନୀ

## ସଂକ୍ଷେପରେ

### ପ୍ୟାକ୍ସକୁ ଆସୁନି ଧାନ ବିହନ

ରିଷିଡା,୧୯।୬ (ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ପକ୍ଷରୁ ଡ୍ରାଫ୍ଟ ଦିଆଯାଇଥିବା ସତ୍ତ୍ୱେ ଧାନ ବିହନ ଆସୁ ନାହିଁ। ଫଳରେ ଚାଷ ପାଇଁ ତରତର ହେଉଥିବା ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ଅନ୍ୟପକ୍ଷରେ ବେସରକାରୀ ଡିଲରମାନେ ଚଢ଼ା ଦରରେ ବିହନ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

### ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

ରିଷିଡା,୧୯।୬(ଡି.ଏନ.ଏ.)- ରିଷିଡା ମାତୃପୁରୀସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିର, ସତ୍ୟସନାତନ ଆଶ୍ରମରେ ପ୍ରତ୍ୟହ ପୂର୍ଣ୍ଣିମାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ। ଏହି ଅବସରରେ ଦେବସ୍ନାନ ପୂର୍ଣ୍ଣିମାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ଗୀତାପାଠ, ମହାସ୍ନାନ ନୀତି, ପାରମ୍ପରିକ ରୀତିରେ କରାଯାଇଥିଲା। ପୂଜକ ସୁରଥ କୁମାର ଦାସ, ପୂଜା ନୀତି ସମ୍ପାଦନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୃଷ୍ଣ ମୋହନ ଦାସ, ମନ୍ମଥ ଦାସ, ଦେବବ୍ରତ ଦାସ, ଆଶୁତୋଷ ଦାସ ପ୍ରମୁଖ ସହାୟତା କରିଥିଲେ।

### ସରକାରୀ ବସ୍ ଚଳାଚଳ ଦାବି

ରିଷିଡା,୧୯।୬ (ଡି.ଏନ.ଏ.)- ବଲାଙ୍ଗୀରଠାରୁ ରାୟଗଡ ଚଳାଚଳ କରୁଥିବା ବସ ବନ୍ଦ ହୋଇଯାଇଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ବସ ବଲାଙ୍ଗୀର- ତୁଷୁରା- ମ.ରାମପୁର ଦେଇ ରାୟଗଡା ପୁନଶ୍ଚ ରାୟଗଡାରୁ ବାହାରି ବଲାଙ୍ଗୀରରେ ପହଞ୍ଚୁଥିଲା। ଏହି ହାଇଟେକ ସରକାରୀ ବସ ବନ୍ଦ ହୋଇଯାଇଥିବାରୁ ଏଠାରେ ସିଧାସଳଖ ବିଷମକଟକ ହସ୍ପିଟାଲକୁ ଯାତାୟାତ ବନ୍ଦ ହୋଇଯାଇଛି। ପୁନଶ୍ଚ ଏହି ସରକାରୀ ବସ ଚଳାଚଳ କରି ରିଷିଡା ଦେଇ ଯାତାୟାତ କରିବା ପାଇଁ ଜନସାଧାରଣରେ ଦାବି ହେଉଛି। ସେହିପରି ସମ୍ବଲପୁର-ସୋନପୁର-ତରଭା-ରିଷିଡା-ମ.ରାମପୁର-ବାଲିଗୁଡା-ବ୍ରହ୍ମପୁର ସରକାରୀ ବସ ଚଳାଚଳ କରିବା ପାଇଁ ଦାବି ହେଉଛି।

### କଂଗ୍ରେସ କର୍ମୀ ପାର୍ବତୀ ଭୂଷଣ ମିଶ୍ରଙ୍କ ଦେହାନ୍ତ

ଭବାନୀପାଟଣା,୧୯।୬ (ଡି.ଏନ.ଏ.)- ଭବାନୀପାଟଣା ସହର ମ୍ୟୁନିସିପାଲଟିର ଅବସରପ୍ରାପ୍ତ ଅକଟ୍ରାଇ ସୁପରିଣ୍ଟେଣ୍ଡେଣ୍ଟ ପାର୍ବତୀଭୂଷଣ ମିଶ୍ର (୭୧)ଙ୍କ ମଙ୍ଗଳବାର ହୃଦଘାତରେ ପରଲୋକ ହୋଇଛି। ତାଙ୍କ ପୁଅ ସରକାରୀ ଓକିଲ ରୋହିତ ମିଶ୍ର ଓ ଶିଶିର ମିଶ୍ର ମୁଖାଗ୍ନି ଦେଇଥିଲେ। ସେ ମ୍ୟୁନିସିପାଲଟିରେ କାର୍ଯ୍ୟରତ ଥିବା ସମୟରେ ସାମାଜିକ ସୁରକ୍ଷା ଯୋଜନାରେ ବହୁ ହିତାଧିକାରୀଙ୍କୁ ପେନସନ ଯୋଜନାରେ ସାମିଲ କରି ଚର୍ଚ୍ଚାର ପରିଧିକୁ ଆସିଥିଲେ। ଅବସରପରେ କଂଗ୍ରେସର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରିଥିଲେ। ଭବାନୀପାଟଣା ଟାଉନ କଂଗ୍ରେସ ସଭାପତି ଭାବେ ମଧ୍ୟ ସେ କାର୍ଯ୍ୟ ସମ୍ପାଦନ କରିଥିଲେ। ବର୍ତ୍ତମାନ ଶକ୍ତି ଶିଳ୍ପ, ଏମଏସଏମଇ ଓ ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କରଙ୍କ ସେ କକା ଅଟନ୍ତି। ତାଙ୍କ ବିୟୋଗରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିଭଳି ପୂର୍ବ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ପ୍ରଶାନ୍ତ ନାଏକ ସମେତ ବହୁ କଂଗ୍ରେସ କର୍ମୀ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ଲକସ୍ତରୀୟ ମକ୍‌ଡ୍ରିଲ

କୋକସରା,୧୯।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ପ୍ରଶାସନ ପକ୍ଷରୁ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ଲକସ୍ତରୀୟ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭା ଗୃହରେ ବ୍ଲକ୍ ଅଧ୍ୟକ୍ଷା ସବ୍ୟାରାଣି ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଜନପ୍ରତିନିଧି, ସରକାରୀ କର୍ମଚାରୀ ଉପସ୍ଥିତ ରହି ବର୍ଷା ଦିନ ପୂର୍ବରୁ ପ୍ରଶାସନ ସଜାଗ ରହି କିଭଳି ଜୈବ ଦୁର୍ବିପାଗ ହେଉ ଅବା ପ୍ରାକୃତିକ ବିପର୍ଯ୍ୟୟରୁ ଜନସାଧାରଣଙ୍କୁ ସୁରକ୍ଷା ନେଇ ପାରିବେ ସେ ନେଇ ଆଲୋଚନା କରିଥିଲେ। କୋକସରା ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ଶବର, କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତତ୍ତ୍ୱଦର୍ଶୀ ଦାସ, ବିପିଏମ ଏମ ରାଜ ଶେଖର, ସିଡିପିଓ ଜୟନ୍ତି ମହାନ୍ତି, ଜିଲା ପରିଷଦ ସଭ୍ୟା ଜାହ୍ନବି ବାଗ, ଅଗ୍ନିଶମ ବିଭାଗ କର୍ମଚାରୀ ଉମେଶ ଚନ୍ଦ୍ର ବାଗ, ଅନନ୍ତ ପଟେଲ, ଡ଼ାଲଗୁମା ସରପଞ୍ଚ ଯଦୁମଣି ହଂସ, ଗୋଟୋମୁଣ୍ଡା ସରପଞ୍ଚ ଜବାହାର ଗୋପାଲ, ମହିମା ସରପଞ୍ଚ ଜୟସିଂ ମାଝି, ଟେମରା ସମିତି ସଭ୍ୟ ରାଜେନ୍ଦ୍ର ନାଏକ, କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, ଡ଼ାଲଗୁମା ସମିତି ସଭ୍ୟ ଭୁବନେଶ୍ୱର ମାଝି ଉପସ୍ଥିତ ରହିଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦିପକ ବେହେରା ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅଗ୍ନିଶମ ବିଭାଗ କର୍ମଚାରୀ ରାଜକିଶୋର ପ୍ରଧାନ, ଯଦୁମଣି ବେହେରା, ମନରନ ଗୁଦୁରିଆ, ଛବିଲ ମୁଣ୍ଡା, ଗିରିଧର ଦଣ୍ଡସେନା ପ୍ରମୁଖ ମକଡ୍ରିଲ ଡେମୋ ପ୍ରଦର୍ଶନ କରିଥିଲେ।



ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ କରାଯାଉଛି।

# ଠିକା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଭବାନୀପାଟଣା,୧୯।୬ (ଡି.ଏନ.ଏ.)

ଭବାନୀପାଟଣା ପୌର ପରିଷଦରେ ସହରର ସମସ୍ତ ୨୦ଟି ୱାର୍ଡର ସଫେଇ ନିମନ୍ତେ ଭୁବନେଶ୍ୱରର ଉତ୍କଳ ଫେସିଲିଟି ସର୍ଭିସ୍‌କୁ ଦାୟିତ୍ୱ ଦିଆଯାଇଛି। ଏହା ପୂର୍ବରୁ ଏମଏସ୍ ଏଲ୍‌କେ ସର୍ଭିସ୍ ଆଉଟ୍ ସୋର୍ସିଂ ସଂସ୍ଥାକୁ ଠିକା ଦିଆଯାଇଥିଲା। ଏହି ଆଉଟ୍ ସୋର୍ସିଂ ସଂସ୍ଥାମାନେ ସ୍ଥାନୀୟ ୨୧୫ ଜଣ ଠିକା ସଫେଇ କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି। ତେବେ ଏହି ଆଉଟ୍ ସୋର୍ସିଂ ସଂସ୍ଥା ସମସ୍ତ ଠିକା ସଫେଇ କର୍ମଚାରୀଙ୍କ ଇପିଏଫ୍ ଟଙ୍କା କାଟି ଜମା କରୁଛି। ଠିକା ସଫେଇ କର୍ମଚାରୀମାନେ ଇପିଏଫ୍ ଟଙ୍କା ତୁରନ୍ତ ସେମାନଙ୍କୁ ଦେବା ଦାବି କରି ଗତ ୧୨ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ଗତ ମଙ୍ଗଳବାର ଏମ୍‌ଏସ୍ ଏଲକେ ସର୍ଭିସ୍ ପକ୍ଷରୁ ରାଜେସ କୁମାର ପାଢୀ ସମସ୍ତ ସଫେଇ କର୍ମଚାରୀଙ୍କ ନିୟମ ଅନୁଯାୟୀ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏଥିନିମନ୍ତେ ସମସ୍ତ ଠିକା କର୍ମଚାରୀ ଇପିଏଫ୍ ମେମ୍ବର ପୋର୍ଟାଲରେ ସେମାନଙ୍କ ମୋବାଇଲ ଫୋନ ଜରିଆରେ ପଞ୍ଜୀକରଣ କରିବେ, ଫାଇନାଲ ପିପିଏଫ୍ କ୍ଲେମ୍ ନିମନ୍ତେ ଅନ୍‌ଲାଇନ୍ ଆବେଦନ କରିବେ। ଏହାପରେ ଠିକା କର୍ମଚାରୀଙ୍କ ମୋବାଇଲ ନମ୍ବରଙ୍କୁ ଓଟିପି ଆସିବ ଏବଂ ଓଟିପି ଆସିବାର ୧୦ ରୁ ୧୫ ଦିନ ମଧ୍ୟରେ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଇପିଏଫ୍ କ୍ଲେମ ଅର୍ଥ ଜମା ହେବ ବୋଲି ରାଜେଶ ପାଢୀ କହିଥିଲେ।

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କଳାହାଣ୍ଡି ପ୍ରକୃଷ୍ଟ ସ୍ଥାନ

ଭବାନୀପାଟଣା,୧୯।୬ (ଡି.ଏନ.ଏ.)

କେନ୍ଦ୍ର ସରକାର ଜଷ୍ଟିସ ଯଶୱନ୍ତ ସିଂ କମିସନ ଜରିଆରେ ହାଇକୋର୍ଟ ବେଞ୍ଚ ମାନଦଣ୍ଡ ପ୍ରସ୍ତୁତ ପାଇଁ ନିଯୁକ୍ତ କରିଥିଲେ। ଏହି କମିସନ ଦେଇଥିବା ରିପୋର୍ଟ ଅନୁଯାୟୀ କଳାହାଣ୍ଡି ଜିଲା ହିଁ ପ୍ରକୃଷ୍ଟ ସ୍ଥାନ ବୋଲି କଳାହାଣ୍ଡି ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ତାଙ୍କ ଯୁକ୍ତି ହେଲା ଯେ, କେନ୍ଦ୍ର ସରକାରଙ୍କ ଜଷ୍ଟିସ ଯଶୱନ୍ତ ସିଂଙ୍କ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ହାଇକୋର୍ଟରୁ ସେହି ଅଞ୍ଚଳକୁ ଯାତାୟାତ ପାଇଁ ୧୦ ରୁ ୧୨ ଘଣ୍ଟା ସମୟ ଲାଗୁଥିବ, ପାର୍ବତ୍ୟ ଅଞ୍ଚଳ ହୋଇଥିବ, ବେଞ୍ଚ ପାଇଁ ନିଜସ୍ୱ କୋଠା ଥିବ, ବେଞ୍ଚ ହେବାକୁ ଥିବା ସହରର ଶିକ୍ଷା ବ୍ୟବସ୍ଥା ଠିକ ଥିବା ଭଳି ସମସ୍ତ ଗାଇଡଲାଇନକୁ କଳାହାଣ୍ଡି ଜିଲା ପୂରଣ କରୁଛି। ସେହିଭଳି ରାଜ୍ୟ ସରକାରଙ୍କ ପାଲ କମିଶନଙ୍କ ରିପୋର୍ଟ ଅନୁସାରେ ଏହା ହିଁ ପ୍ରକୃଷ୍ଟ ସ୍ଥାନ ବୋଲି କଳାହାଣ୍ଡି ଓକିଲ ସଂଘ ପଣ୍ଡା କହିଛନ୍ତି।

# ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

କର୍ଲାମୁଣ୍ଡା,୧୯।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବଗାନ୍ଧୀ ସେବାକେନ୍ଦ୍ରଠାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ଭୂପିନ୍ଦର ସିଂ ଯୋଗଦେଇ ବିଭିନ୍ନ ବିଭାଗ କିପରି ସାଧାରଣ ଲୋକଙ୍କ ପ୍ରିୟ ଭାଜନ ହୋଇପାରିବେ ସେ ଉପରେ ଆଲୋଚନା କରିଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ଗୌରାଙ୍ଗ ପ୍ରସାଦ ମାଝି, କୃଷି ବିଭାଗରୁ ଅରୁଣଚନ୍ଦ୍ର ପାଢୀ, ମତ୍ସ୍ୟ ବିଭାଗରୁ କୁଳଦୀପ ଅମ୍ଲାନ ରଞ୍ଜନ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଅରୁଣ ସାହୁ, ସ୍ୱାସ୍ଥ୍ୟ ବିଭାଗର ଡଃ ହିମାଂଶୁ ସାହୁ, ଖାଉଟି ଯୋଗାଣ ଅଧିକାରୀ ସାନ୍ତାକାର ପଧାନ, ଆଇସିଡିଏସ ବିଭାଗରୁ ସିଡିପିଓ ପାର୍ବତୀ ସାହୁ, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଅଧିଶ ଚନ୍ଦ୍ର ବିଶ୍ୱାସ, କର୍ଲାମୁଣ୍ଡା ଏସବିଆଇ ଶାଖା ପରିଚାଳକ ପାରଶନାଥ ପ୍ରାଣୀଗ୍ରାହୀ, ବିଇଓ ଆଲୁମାଲୁ ଭିମ୍‌ରାଓ, ଆରଡବ୍ଲ୍ୟୁ ଏସଏସର ଦିଲୀପ ବେହେରା, ରିଷିଡା ଫାଣ୍ଡି ଅଧିକାରୀ ଲବରାମ ଛତ୍ରିଆ ପ୍ରମୁଖ ଯୋଗଦେଇ ନିଜର ବିଭାଗର କାର୍ଯ୍ୟକ୍ରମ ସଫଳତା ଓ ବିଫଳତା ଉପରେ ଆଲୋଚନା କରିଥିଲେ। ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଜଳସେଚନ ବିଭାଗର ଅଧିକାରୀମାନେ ବୈଠକରେ ଯୋଗଦେଇ ନ ଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ବିଜେଡି ନେତା ବିରଞ୍ଚି ରଣା, ଘିନୁ ସାହୁ, ଶିବଲାଲ କେଡିଆ, ପ୍ରେମାନିଧି ପାତ୍ର, ସୁର ସାହୁ ଓ ବ୍ଲକର କିଛି ସରପଞ୍ଚ, ସମିତିସଭ୍ୟାସଭ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକଙ୍କ ଦ୍ୱାରା କୃଷି ବିଭାଗର ବିଜିଆରଇଆଇ ଯୋଜନାରେ ରିଞ୍ଜା ପଞ୍ଚାୟତ ରେଙ୍ଗାଲି ଗାଁର ଚାଷୀ ମାନଙ୍କୁ ଧାନ ବିହନ ବଣ୍ଟନ କରାଯାଇଥିଲା। ଏଥିରେ ଆତ୍ମା ଅଧକ୍ଷ ଗୌରକିଶୋର ରଣା, ଭିଏଡବ୍ଲ୍ୟୁ ଧର୍ମେନ୍ଦ୍ର ଶବର, ଘନଶ୍ୟାମ ଜାନୀ, ନବୀନ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକରେ ଉପସ୍ଥିତ କର୍ମଚାରୀମାନେ।

# ଛେଳି ମଡ଼କ : ସପ୍ତାହକରେ ୨୧ ମୃତ

ଭବାନୀପାଟଣା,୧୯।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଝାପିଗୁଡା ଗାଁରେ ଅଜଣା ରୋଗରେ ସପ୍ତାହକ ମଧ୍ୟରେ ୨୧ଟି ଛେଳିର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଫଳରେ ଛେଳି ଚାଷ କରି ଜିବୀକା ନିର୍ବାହ କରୁଥିବା ପରିବାର ମଧ୍ୟରେ ଅତଙ୍କ ଖେଳିଯାଇଛି। କେଉଁ କାରଣରୁ ଛେଳି ସବୁ ମରି ପଡୁଛନ୍ତି ସେ ନେଇ ସେମାନେ ଜାଣି ପାରୁ ନାହାନ୍ତି। ଥୁଆମୂଳ ରାମପୁର ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଝାପିଗୁଡା ଗାଁରେ ଗତ ଏକ ସପ୍ତାହ ମଧ୍ୟରେ ରୂପା ମାଝିଙ୍କ ୬, ଜାମା ମାଝିଙ୍କ ୨, ସାନି ମାଝିଙ୍କ ୨, ଶୁକ୍ରୁ ମାଝିଙ୍କ ୩, ଅଗ୍ନି ମାଝିଙ୍କ ୨, ବୁଦୁ ମାଝିଙ୍କ ୫ ଏବଂ ଘାସି ମାଝିଙ୍କ ଗୋଟିଏ ଏପରି ମୋଟ ୨୧ ଛେଳିଙ୍କ ମୃତ୍ୟୁ ହୋଇ ସାରିଛି। ପ୍ରାଣୀ ସମ୍ପଦ ବିଭାଗକୁ ଅଦ୍ୟାବଧି କୌଣସି ସୂଚନା ନ ଥିବା ବେଳେ ଘଟଣା ସମ୍ବନ୍ଧରେ ଜାଣିବା ପରେ ଥୁଆମୂଳ ରାମପୁର ବ୍ଲକ କନିଷ୍ଠ ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ଅମୀୟ ରଞ୍ଜନ ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲା, କିନ୍ତୁ ସେ ଏହି ଘଟଣା ଜାଣି ନ ଥିବା ପ୍ରକାଶ କରିଥିଲେ। ଏ ନେଇ ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ଚୈତନ୍ୟ ପ୍ରସାଦ ସେଠୀଙ୍କ ସହ ଯୋଗାଯୋଗ କରାଯିବା ପରେ ତୁରନ୍ତ ଏହାର ଅନୁସନ୍ଧାନ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅନ୍ୟପଟେ ରିତିମତ ଛେଳି ମଡକ ବୃଦ୍ଧି ପାଉଥିବା ବେଳେ ବିଭାଗ ତରଫରୁ ଲୋକଙ୍କୁ ଠିକ ସମୟରେ ଛେଳି, ମେଣ୍ଢା, ଗାଈ ମହିଷାଦିଙ୍କୁ ଟିକା ଦିଆଯାଉ ନ ଥିବା ଓ ଏ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉ ନ ଥିବାରୁ ଏଭଳି ସମସ୍ୟା ହେଉଥିବା ସାଧାରଣରେ ଆଲୋଚନା ହେଉଛି।

## କଳାହାଣ୍ଡି ଲେଖିକା ସଂଘର ବୈଠକ

ଭବାନୀପାଟଣା,୧୯।୬ (ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ଲେଖକ କଳା ପରିଷଦଠାରେ କଳାହାଣ୍ଡି ଲେଖିକା ସଂଘର ଏକ ବୈଠକ କଳ୍ପନା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ପୁଷ୍ପଶ୍ରୀ ଦେବୀ ଓ ସମ୍ମାନିତ ଅତିଥି ଭାବେ ସବିତା ଶତପଥୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବୈଠକରେ ବାର୍ଷିକ ଉତ୍ସବ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା। ଏହିଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବୟିତ୍ରୀ କଳ୍ପନା ରଥ, ମିନତୀ କୁମାରୀ ପ୍ରଧାନ, ପୁଷ୍ପଶ୍ରୀ ଦେବୀ, ସବିତା ଶତପଥୀ, ପ୍ରଗତି ବହିଦାର, ଆନନ୍ଦିନୀ ପାତ୍ର, ସ୍ନେହଲତା ଷଡଙ୍ଗୀ, ଗୀତାଞ୍ଜଳି ମହାନ୍ତି, ପ୍ରତିଭା ଭୋଇ, ଲୀନା ଦାସ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ମିନତୀ କୁମାରି ପ୍ରଧାନ କବିତା ସଂଯୋଜନା ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଭବାନୀପାଟଣା ଉତ୍ତର ବନଖଣ୍ଡ ବିଭାଗ

# ଜିଲାସ୍ତରୀୟ ବିଶ୍ୱ ମରୁଭୂମି, ମରୁଡ଼ି ପ୍ରତିହତ ଦିବସ ପାଳିତ

ଭବାନୀପାଟଣା,୧୯।୬ (ଡି.ଏନ.ଏ.)

ଜଙ୍ଗଲ କ୍ଷୟକୁ ରୋକାଯିବା ସହ ଏଥି ନିମନ୍ତେ ଉପୁଜୁଥିବା ମରୁଡ଼ିକୁ ସାମ୍ନା କରି କିଭଳି ଏହାର ପ୍ରତିରୋଧ କରାଯାଇ ପାରିବ ସେଥି ନିମନ୍ତେ ପ୍ରତି ବର୍ଷ ଜୁନ ୧୭ ତାରିଖକୁ ବିଶ୍ୱ ମରୁଭୂମି ଓ ମରୁଡ଼ି ପ୍ରତିହତ ଦିବସ ରୂପେ ପାଳନ କରାଯାଉଛି। କଳାହାଣ୍ଡି ଉତ୍ତର ବନଖଣ୍ଡ ଭବାନୀପାଟଣା ପକ୍ଷରୁ ଏହି ଦିବସ ପାଳନ କରାଯିବା ସହ ଜନସଚେତନତା ଲାଗି ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସ୍ଥାନୀୟ ଉତ୍ତର ବନଖଣ୍ଡ କାର୍ଯ୍ୟାଳୟଠାରୁ ୫୦ଟି ବନ ସଂରକ୍ଷଣ ସମିତି ସଭାପତି ଓ ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭା ଗୃହଠାରେ ପହଞ୍ଚିଥିଲା। ଜଙ୍ଗଲ ସୁରକ୍ଷା ଓ ଅସୁରକ୍ଷିତ ପରିବେଶ ଯୋଗୁ ଆଜି ଦେଶ କିଭଳି ମରୁଡ଼ି ଯୋଗୁ ମରୁଭୂମିରେ ପରିଣତ ହେଉଛି ସେ ସମ୍ପର୍କରେ ଉତ୍ତର ବନଖଣ୍ଡ ଡି.ଏଫ୍.ଓ. ନିତିଶ କୁମାର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବନ ସଂରକ୍ଷଣ ସମିତି କର୍ମକର୍ତ୍ତାମାନଙ୍କୁ ବୁଝାଇବା ସହ ଦୂରଦୃଷ୍ଟି ସହିତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏସିଏଫ୍ ଉତ୍ତର ବନଖଣ୍ଡ ବଂଶୀଧର ସ୍ୱାଇଁ, ସଦର ରେଞ୍ଜ ଅଫିସର୍ ପ୍ରସନ୍ନ କୁମାର ମିଶ୍ର, ଫରେଷ୍ଟର ପଦ୍ମନାଭ କୁମ୍ଭାର, ଉମ୍ବରୁଧର ପ୍ରଧାନ, ଓଡିଶା ଅଣଗେଜେଟେଡ ବନସେବା ସଂଘ ରାଜ୍ୟ ଶାଖା ଉପସଭାପତି ଭବାନୀଶଙ୍କର ପରିଚ୍ଛାଙ୍କ ସହ ବହୁ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ଜୁଲାଇଠାରୁ ସମସ୍ତ ବନସଂରକ୍ଷଣ ସମିତିଙ୍କ ମାଧ୍ୟମରେ ଓ ବନବିଭାଗ ସହାୟତାରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଂରକ୍ଷଣ ସମିତି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ।




କଳାହାଣ୍ଡି ଉତ୍ତର ବନଖଣ୍ଡ ପକ୍ଷରୁ ଆୟୋଜିତ ସଚେତନତା ଶୋଭାଯାତ୍ରା।

## ବିଳମ୍ବିତ ହେଉଛି ମୌସୁମୀ

# ଆଗେଇପାରୁନି କୃଷିକାର୍ଯ୍ୟ, ଚିନ୍ତାରେ ଚାଷୀ

ଭବାନୀପଟଣା,୧୯।୬ (ଡି.ଏନ.ଏ.)

ମୌସୁମୀ ଆସିବାରେ ବିଳମ୍ବ ହେଉଥିବାରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଅକ୍ଷୟ ତୃତୀୟାଠାରୁ ଚାଷୀ ବିହନ ଅନୁକୂଳ କରିଥିବା ବେଳେ ଇତି ମଧ୍ୟରେ ଏକ ମାସ ବିତିଯାଇଥିବା ମଧ୍ୟ ଏ ପର୍ଯ୍ୟନ୍ତ ବିଲକୁ ବିହନ ଯିବା ତ ଦୂରର କଥା ଜମିରେ ହଳ ମଧ୍ୟ ହୋଇପାରି ନାହିଁ। ମୌସୁମୀ ବର୍ଷାକୁ ନେଇ ଚାଷୀ ଏବେ ଚିନ୍ତାରେ ରହିଛି। ଯଦିଓ ମୌସୁମୀ ବାୟୁ କେରଳ ଛୁଇଁ ସାରିଲାଣି ଏବଂ ଓଡିଶାରେ ଆଉ ଏକ ସପ୍ତାହ ମଧ୍ୟରେ ପହଞ୍ଚିବ ବୋଲି ଅକଳନ କରାଯାଉଛି। ଜୁନ୍ ମାସ ଅଧା ହେବାକୁ ବସିଲାଣି। ସାଧାରଣତଃ ମେ ମାସ ସୁଦ୍ଧା ଚାଷୀମାନେ ଜମିକୁ ଚାଷ ବାସ କରି କ୍ଷେତ ପ୍ରସ୍ତୁତ କରି ସାରିଥାନ୍ତି। ଜୁନ ପ୍ରଥମ ସପ୍ତାହ ବେଳକୁ ସେମାନେ ଖରିଫ ଧାନ ବୁଣାବୁଣି କାର୍ଯ୍ୟ ଶେଷ କରିଥାନ୍ତି। କିନ୍ତୁ ଚଳିତବର୍ଷ ଜମି ଚାଷ କରିବା ପାଇଁ ପାଗ ଅନୁକୂଳ ହେଉ ନାହିଁ। କାଳବୈଶାଖୀ ସହ ଅଦିନିଆ ବର୍ଷା ହେବା ଦ୍ୱାରା କ୍ଷେତ ପ୍ରସ୍ତୁତ କରିବା କାର୍ଯ୍ୟ ଶେଷ କରିବା ସମ୍ଭବପର ହୋଇପାରି ନ ଥିବା ଅନେକ ଚାଷୀ ମତ ପ୍ରକାଶ କରିଛନ୍ତି। ଯେଉଁଥିପାଇଁ ଚଳିତବର୍ଷ ଚାଷ କାର୍ଯ୍ୟ ବହୁ ବିଳମ୍ବିତ ହେବ ବୋଲି ମତ ଦେଇଛନ୍ତି। ବ୍ଲକର ଅନେକ ପଞ୍ଚାୟତରେ ଚାଷୀମାନେ ପୂର୍ବପରି ଧାନ ଫସଲ କରିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଚାଷୀମାନେ ବିଲରେ ଧାନ ଫସଲ ପାଇଁ ଯେତିକି ଟଙ୍କା ଖର୍ଚ୍ଚ କରୁଛନ୍ତି ସେହି ତୁଳନାରେ ଫସଲ ଅମଳ ହେଉନାହିଁ କି ଚାଷୀଙ୍କୁ ତାର ଲାଭାଂଶ ମିଳୁନାହିଁ। ବିଲରେ ହଳ, ବିହନ, ସାର, ମଜୁରିରେ ଯେତିକି ଟଙ୍କା ଖର୍ଚ୍ଚ କରୁଛି ତାହା ଉତ୍ପାଦିତ ଶସ୍ୟରୁ ତାର ମୂଲ୍ୟ ମିଳୁ ନାହିଁ ବୋଲି କେତେକ ଚାଷୀ କହିଛନ୍ତି। ତତ୍‌ସହିତ ପ୍ରାକୃତିକ ବିପର୍ଯ୍ୟୟ (ବାତ୍ୟା, ବନ୍ୟା, ମରୁଡି) ଚାଷୀମାନଙ୍କ ମେରୁଦଣ୍ଡକୁ ମଧ୍ୟ ଦୋହଲାଇ ଦେଲାଣି।

ପ୍ରତିବର୍ଷ କ୍ରମାଗତ ଭାବେ କିଛି ନା କିଛି ପ୍ରାକୃତିକ ଦୁର୍ବିପାକ ଘଟି ଫସଲହାନୀ ଘଟୁଛି। ଏଥିପାଇଁ ଚାଷ ପ୍ରତି ବ୍ଲକର ଚାଷୀ ବିମୁଖ ହେଲେଣି। ମୁଖ୍ୟତଃ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ହୋଇ ପାରି ନ ଥିବାରୁ ପ୍ରତିବର୍ଷ ଫସଲହାନି ଘଟୁଛି। ଏହି ଅଞ୍ଚଳ ମଧ୍ୟରେ ରହିଥିବା ହଜାର ହଜାର ଚାଷ ଜମିରେ ଜଳ ନିଷ୍କାସନ ସମସ୍ୟା ପାଇଁ ଫସଲହାନି ଘଟୁଛି। କୃଷି ଓ କୃଷକର ବିକାଶ ପାଇଁ ଅନେକ କଥା କୁହାଯାଉଥିବା ବେଳେ ବ୍ଲକର ଅନେକ ପଞ୍ଚାୟତରେ ଚାଷ ଜମିକୁ ଆଜି ପର୍ଯ୍ୟନ୍ତ ଜଳସେଚନର ସୁବିଧା କରାଯାଇ ପାରିନାହିଁ। ସେହିଭଳି ଉତ୍ପାଦିତ ପନିପରିବାକୁ ସଂରକ୍ଷିତ ରଖିବା ପାଇଁ ବ୍ଲକରେ ଶୀତଳଭଣ୍ଡାରଟିଏ ନାହିଁ। ଜିଲା ପ୍ରଶାସନ ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



“ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ



### ବିଜୁ ଯୁବବାହିନୀ ସଂଯୋଜକଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା,୧୯।୬ (ସ୍ୱ.ପ୍ର.)- କଳାହାଣ୍ଡି ଜିଲା ଭବାନୀପାଟଣା ସାର୍କିଟ ହାଉସଠାରେ ବୁଧବାର ଜିଲାରେ କାର୍ଯ୍ୟରତ ବିଜୁ ଯୁବବାହିନୀ ସଂଯୋଜକଙ୍କ ପକ୍ଷରୁ ରାଜ୍ୟ ଶକ୍ତି, ଶିଳ୍ପ, ଏମଏସଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହାପରେ ମନ୍ତ୍ରୀଙ୍କ ସହ ବିଜୁ ଯୁବ ବାହିନୀର ସଂଯୋଜକମାନେ ଜିଲାର ବିକାଶ ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ଜୁନାଗଡ ଏନ୍‌ଏସି ସଂଯୋଜକ ରୋହିତ ସୁନାନୀ, ଜୁନାଗଡ ବ୍ଲକ ସଂଯୋଜକ ଟିନା ମୁଣ୍ଡ, ଧର୍ମଗଡ ବ୍ଲକ ସଂଯୋଜକ ସମେନ୍ଦ୍ର ମୁଣ୍ଡ, କଲମପୁର ବ୍ଲକ ସଂଯୋଜକ ମନୋଜ କୁମାର ନାଏକ, ଜୟପାଟଣା ବ୍ଲକ ସଂଯୋଜକ ଶଙ୍କର ଦୟାଲ ସିଂ, କୋକସରା ବ୍ଲକ ସଂଯୋଜକ ରୋହିତ ଗୋପାଳ, ଥୁଆମୂଳ ରାମପୁର ବ୍ଲକ ସଂଯୋଜକ ଜୀବନନ୍ଦ ବାଗ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### କାଣ୍ଡେତରା ଗ୍ରାମପଞ୍ଚାୟତରେ ବ୍ୟାପକ ଅବ୍ୟବସ୍ଥା

# ଡିଆରଡିଏ ପିଡିଙ୍କ ଅଚାନକ ପରିଦର୍ଶନ

### ଅଧିକାରୀ, ସରପଞ୍ଚଙ୍କ ଉପରେ ବର୍ଷିଲେ

ନୂଆପଡ଼ା ଅଫିସ,୧୯।୬

ସରକାର ସବୁବେଳେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରିବାକୁ କହୁଥିବାବେଳେ ତୃଣମୂଳସ୍ତରରେ ପଞ୍ଚାୟତିରାଜ ପ୍ରତିନିଧି, ଅଧିକାରୀ ମଧୁଚନ୍ଦ୍ରିକା କରି ବ୍ୟବସ୍ଥାକୁ ଭୁଷୁଡାଇଦେଉଥିବା ଦେଖାଯାଉଛି। ଏଭଳି ଏକ ଅଭିଯୋଗ ଆସିଥିଲା ନୂଆପଡ଼ା ଜିଲା କୋମନା ବ୍ଲକ କାଣ୍ଡେତରା ଗ୍ରାମପଞ୍ଚାୟତରେ। ଏହାକୁ ଗୁରୁତ୍ୱ ଦେଇ ଖୋଦ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ ବୁଧବାର ଅଚାନକ ଭାବେ ଗସ୍ତ କରି ସବୁ ପରିଦର୍ଶନ କରିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟାପକ ଅବ୍ୟବସ୍ଥା ଥିବା ନେଇ ପିଡି ନାଏକ ଅଧିକାରୀ ଏବଂ ସରପଞ୍ଚଙ୍କ ଉପରେ ବର୍ଷିଥିଲେ।

ବୁଧବାର ପୂର୍ବାହ୍ନ ୯ଟାରେ ପିଡି ନାଏକ ଅଧିକାରୀ, ସହକାରୀ ଯନ୍ତ୍ରୀଙ୍କ ସହ ମିଶି କାଣ୍ଡେତରା ଗ୍ରାମପଞ୍ଚାୟତରେ ପହଞ୍ଚିଥିଲେ । ସୂଚନାଯୋଗ୍ୟ ଯେ, କାଣ୍ଡେତରା ଗାଁର ଜୀବନଧାରା କୁହାଯାଉଥିବା ଘିକୁଣ୍ଡି ବନ୍ଧ ଉନ୍ନୟନ କାମ ଏବଂ ଶବରପଡାରୁ ମାଲପଡା ରାସ୍ତା ଉନ୍ନତିକରଣ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଏଥିରେ ପୋଖରୀ କାମ ୧୦ ଲକ୍ଷ ଟଙ୍କା ହୋଇଥିବାବେଳେ କମ କାମ କରି ପୁରା ବିଲ ଉଠାଣ କରିବାର ଚକ୍କର ଚଳାଇଥିବାବେଳେ ରାସ୍ତା ଉନ୍ନତିକରଣ ନାଁରେ ମଧ୍ୟ କମ କାମ କରି ଅର୍ଥ ଆତ୍ମସାତ କରିବାକୁ ଚକ୍ରାନ୍ତ ଚାଲିଥିବା କୁହାଯାଉଥିଲା। ଏସବୁକୁ ପିଡି ନାଏକ ପରିଦର୍ଶନ ବେଳେ ଦେଖି କିଛି ସତ୍ୟତା ଥିବା ଉପଲବ୍ଧି କରିଥିଲେ। କାର୍ଯ୍ୟାଳୟକୁ ଆସି ଏସବୁର ସମୀକ୍ଷା କରି ଦାୟିତ୍ୱରେ ଥିବା ଯନ୍ତ୍ରୀ, ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପରେ ଜୋରରେ ବର୍ଷିଥିଲେ। ପଞ୍ଚାୟତର ଉନ୍ନତି ସକାଶେ ସମସ୍ତଙ୍କୁ ମନଲଗାଇ ସ୍ୱାର୍ଥକୁ ତ୍ୟାଗ କରି କାମ କରିବାକୁ ପଡିବ । ସମସ୍ତ ଗାଇଡଲାଇନକୁ ମାନି କାମ କଲେ ପଞ୍ଚାୟତର ଉନ୍ନତି ସମ୍ଭବ ବୋଲି ବୁଝାଇଥିଲେ । ଶେଷରେ ପରିଦର୍ଶନ କରିଥିବା କାମ ଗୁଡିକର ଫାଇଲ ଗୁଡିକୁ ଧରି ଆଣିଥିଲେ । ଏଥିରେ ଯଦି ଅନିୟମିତତା ଦେଖିବାକୁ ମିଳେ ତେବେ ତାହା ଉପରେ କଡା କାର୍ଯ୍ୟାନୁଷ୍ଠାନ କରିବେ ବୋଲି କହିଛନ୍ତି। ଏହି ଗସ୍ତ ପରେ ପିଡି କୋମନା ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ପିଡିଙ୍କ ଗସ୍ତକୁ ପଞ୍ଚାୟତବାସୀ ସ୍ୱାଗତ କରିଥିବାବେଳେ ଏହା ଉପରେ ଉଚିତ କାର୍ଯ୍ୟାନୁଷ୍ଠାନକୁ ଜଗି ବସିଛନ୍ତି । ବର୍ଷାଧିକକାଳ ପଞ୍ଚାୟତବାସୀ ବିଭିନ୍ନ ସମୟରେ ବ୍ଲକଠାରୁ ଆରମ୍ଭ କରି ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଜଣାଇଆସିଛନ୍ତି। ହେଲେ ସେଭଳି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଆଗକୁ ପିଡି ଏହା ଉପରେ କେତେ ଗୁରୁତ୍ୱର ସହ ବିଚାର କରୁଛନ୍ତି ଲୋକେ ଅପେକ୍ଷା କରି ରହିଛନ୍ତି ।



ଡିଆରଡିଏ ପିଡି କାଣ୍ଡେତରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଉନ୍ନୟନ କାମର ସମୀକ୍ଷା କରୁଛନ୍ତି ।

### ଅବାଧ ପଲିଥିନ ବ୍ୟବହାର ନେଇ ଏନ୍‌ଏସି ପକ୍ଷରୁ ଚଢାଉ

# ୪ ଦୋକାନରୁ ୨୧ ଶହ ଟଙ୍କା ଜରିମାନା ଆଦାୟ

ଜୁନାଗଡ,୧୯।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରର ବିଭିନ୍ନ ଦୋକାନରେ ଅବାଧ ପଲିଥିନ ବ୍ୟବହାର କରାଯାଉଛି। ଏହା ବିରୋଧରେ ସ୍ଥାନୀୟ ଏନ୍‌ଏସି ପକ୍ଷରୁ ବୁଧବାର ଅତର୍କିତ ଭାବେ ଚଢାଉ କରାଯାଇଥିଲା। ଏଥିରେ ଅବାଧ ଭାବେ ପଲିଥିନ ବ୍ୟବହାର କରୁଥିବା ୪ଟି ଦୋକାନୀଙ୍କଠୁ ୨୧ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ୩୦ଜଣ ଦୋକାନୀଙ୍କୁ ପଲିଥିନ ବ୍ୟବହାର ନ କରିବା ପାଇଁ ସଚେତନତା କରାଯାଇଥିଲା। ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, କିରାଣୀ ବିଜୟ ପୂଝାରୀଙ୍କ ସମେତ ଏନ୍‌ଏସିର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ଲୋକଙ୍କ ସଚେତନତା ପାଇଁ ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ ପ୍ରକାଶ କରିଥିଲେ।



ଜୁନାଗଡ ସହର ଏକ ଦୋକାନରେ ତହସିଲଦାର ଚଢାଉ କରୁଛନ୍ତି।

# ଜାତୀୟ ରାଜପଥ ସାଜିଛି ମରଣଯନ୍ତା

କୋକସରା,୧୯।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜାତୀୟ ରାଜପଥ ୨୬ କୋକସରା ବ୍ଲକ୍ ଚିଲିଗୁଡ଼ା, କୋକସରା ରାସ୍ତା ମଝିରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଏହାଦ୍ୱାରା ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ ଅଧିକାରୀ ଜାଣିଥିଲେ ମଧ୍ୟ ମରାମତି ପ୍ରତି ଧ୍ୟାନ ଦେଉନାହାନ୍ତି । ଜାତୀୟ ରାଜପଥ ଦେଇ ପ୍ରତିଦିନ ଶହ ଶହ ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବା ବେଳେ ସୃଷ୍ଟି ହୋଇଥିବା ଗର୍ତ୍ତ ଯୋଗୁ ବିଶେଷ କରି ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇଥିବା ନଜରକୁ ଆସିଛି। ଜାତୀୟ ରାଜପଥ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଏଆରଏସଏସ ନାମକ ଏକ ଠିକା ସଂସ୍ଥା ନେଇଥିବାବେଳେ ଚିଲିଗୁଡ଼ା ଗ୍ରାମ ଦେଇ ଯାଇଥିବା ପ୍ରାୟ ୧ କି.ମି. ରାସ୍ତା ନୂତନ ଭାବେ ନିର୍ମାଣ କରାଯାଇନାହିଁ। ଚିଲିଗୁଡ଼ା ଦେଇ ନୂତନ ବାଇପାସ ରାସ୍ତା ନିର୍ମାଣ ହେବାକୁ ଥିବାବେଳେ ପୁରୁଣା ରାସ୍ତାକୁ ଆଉ ମରାମତି ନ କରି ଛାଡ଼ିଦେଇଥିବାରୁ ଏହି ୧ କି.ମି. ରାସ୍ତାର ସ୍ଥାନେ ସ୍ଥାନେ ଖାଲଖମା ହେବା ସହ ଗର୍ତ୍ତ ସୃଷ୍ଟି ହୋଇଛି । ଏ ନେଇ କେସିଙ୍ଗା ଜାତୀୟ ରାଜପଥ ବିଭାଗ ସହକାରୀ ଯନ୍ତ୍ରୀ ମଲ୍ଲିକ ବାବୁଙ୍କୁ ପଚାରିବାରୁ ନୂତନ ବାଇପାସ ରାସ୍ତା ପାଇଁ ପୁରୁଣା ସଡ଼କର ମରାମତି ହୋଇନି, ଏଣୁ କିଛି ସ୍ଥାନରେ ଖାଲ ହୋଇଛି । ସାମୟିକ ଭାବେ ଏହି ରାସ୍ତାକୁ ମରାମତି କରାଯିବ ବୋଲି କହିଛନ୍ତି। ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ଜାତୀୟ ରାଜପଥ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି ।



୨୬ ନଂ. ଜାତୀୟ ରାଜପଥ ମଝିରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି ।

### ବୋର୍ଡା ୟୁଜିବିରେ କୃଷି ଋଣ ଟଙ୍କା ଆତ୍ମସାତ୍ ଘଟଣା

# ଋଣ କାରବାର ସମ୍ପର୍କିତ କାଗଜପତ୍ର ଯାଞ୍ଚ

ଭବାନୀପାଟଣା,୧୯।୬(ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ଅଧୀନ ଉତ୍କଳ ଗ୍ରାମୀଣ ବ୍ୟାଙ୍କ (ୟୁଜିବି) ବୋର୍ଡ ଶାଖାରେ କୋଟିଏରୁ ଊର୍ଦ୍ଧ୍ୱ କୃଷି ଋଣ କର୍ମଚାରୀ ଓ ଦଲାଲ ମିଶି ଚାଷୀଙ୍କ ନାମରେ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ମଙ୍ଗଳବାର ଏକ ତଦନ୍ତକାରୀ ଦଳ ବୋର୍ଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କକୁ ଯାଇ ଋଣ କାରବାର ସମ୍ପର୍କିତ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ପରେ ଅଭିଯୋଗକାରୀ ଓ ଚାଷୀମାନଙ୍କ ପାଖକୁ ଯାଇ ଟିକିନିଖି ତଦନ୍ତ ହେବ ବୋଲି ତଦନ୍ତକାରୀ ଦଳରେ ଆସିଥିବା ଆଞ୍ଚଳିକ ମହାପ୍ରବନ୍ଧକ ଅସୀମ ଚନ୍ଦ୍ର ପାତ୍ର ଓ ପ୍ରବନ୍ଧକ ଋଣ ବିଭାଗ ରବୀନ୍ଦ୍ର ନାଥ ମହାପାତ୍ର ପ୍ରକାଶ କରିଛନ୍ତି । ଏ ନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ବୋର୍ଡା ଶାଖା ପକ୍ଷରୁ ଅଞ୍ଚଳର ଦୁଧେଲ, କାନ୍ଦୁଲଝର, ଟେପସା, ପଲନା, ବାଲିପାଟି, ଆଜରାଇ, ଅର୍ତ୍ତଲ ଆଦି ଗାଁର ଋଣ ଖିଲାପକାରୀ ଚାଷୀଙ୍କୁ ୩୦ ଦିନ ଭିତରେ ଋଣ ପରିଶୋଧ ପାଇଁ ନୋଟିସ ଜାରି କରାଯାଇଥିଲା। ହେଲେ ଏଥିମଧ୍ୟରୁ ଅଧିକାଂଶ ଚାଷୀ ବ୍ୟାଙ୍କରୁ ଋଣ ନେଇ ନ ଥିବା ବେଳେ କିପରି ନୋଟିସ ଆସିଲା ସେ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଦ୍ୱାରସ୍ଥ ହୋଇଥିଲେ। ବ୍ୟାଙ୍କରେ ପ୍ରାଥମିକ ଯାଞ୍ଚ ପରେ କିଛି ଚାଷୀଙ୍କ ନାଁରେ ଜାଲ୍ ଦସ୍ତଖତ କରି ଋଣ ଟଙ୍କା ଉଠାଯାଇଥିବା ବେଳେ କିଛି ଚାଷୀଙ୍କ ନାଁରେ ଅନ୍ୟ ବ୍ୟକ୍ତିଙ୍କ ଫଟୋ ଓ ନକଲି ଭୋଟର ପରିଚୟ ପତ୍ରଦେଇ ଟଙ୍କା ଉଠାଯାଇଥିବା ଚାଷୀମାନେ ଜାଣିବାକୁ ପାଇଥିଲେ। ସେହିପରି କିଛି ଚାଷୀଙ୍କ ନକଲି ମାଲଗୁଜାରି ରସିଦ ଓ ଟିପ ଚିହ୍ନ ଦେଇ ଲକ୍ଷ ଲକ୍ଷ ଟଙ୍କା ହଡପ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଅଞ୍ଚଳର ଚାଷୀ ଜଗତ ମାଝି, ଖୁଟୁଲୁ ମାଝି, ମାଧବ ମାଝି, ଭିକରାମ ମାଝି, ଚନ୍ଦ୍ରିକା ମାଝି, ଉର୍ବଶୀ ମାଝି, ଲକ୍ଷ୍ମୀ ମାଝି, ଉଦ୍ଧବ ମାଝି, ଦ୍ରୋଣ ମାଝି, ଅନ୍ତା ମାଝି, ସୁନ୍ଦର ମାଝି, ଅରକ୍ଷୁ ମାଝି, ବସୁ ମାଝି, ହଳଧର ମାଝି, କଳିମତି ମାଝି, ଗିଞ୍ଜନ ମାଝି, କୁମ ମାଝି, ଭୁବନେ ମାଝି, ସାଧନୀ ମାଝି, ରୁଖ ମାଝିଙ୍କ ସମେତ ବହୁ ଚାଷୀଙ୍କ ନାମରେ ଟଙ୍କା ଉଠାଇ ଆତ୍ମସାତ୍ କରାଯାଇଥିବା ନେଇ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ବୋର୍ଡା ଶାଖା ପରିଚାଳକ ଜରିଆରେ ୟୁଜିବି ମୁଖ୍ୟ ମହାପ୍ରବନ୍ଧକଙ୍କୁ ପୂର୍ବରୁ ଜଣାଇଥିଲେ।



ତଦନ୍ତକାରୀ ଦଳ ବ୍ୟାଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ଖଟଖଟିଆ ଅଞ୍ଚଳରେ ମୃଦୁ ଭୂମିକମ୍ପ

ମନମୁଣ୍ଡା, ୧୯।୬ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଖଟଖଟିଆ ଅଞ୍ଚଳରେ ବୁଧବାର ଅପରାହ୍ନ ୫ଟା ୨୫ ମିନିଟ ସମୟରେ ମୃଦ୍ୟୁ ଭୂମିକମ୍ପ ଅନୁଭୂତି ହୋଇଥିବା ଜଣାପଡିଛି । ଏହି ସମୟରେ ୨ରୁ ୩ ସିକେଣ୍ଡ ପାଇଁ ଖଟ, ପଲଙ୍କ ହଲିଥିବାର ଅନୁଭବ କରିଥିବା ଖଟଖଟିଆର ଭାର୍ଜନ ପ୍ରଧାନ, ଅଜିତ କୁମାର ବସ୍ତିଆ, ରଞ୍ଜୁ ଅମାତ, ଫକିର ବସ୍ତିଆ, ରଞ୍ଜନ ପାତ୍ର ପ୍ରମୁଖ କହିଛନ୍ତି। ସେହିପରି ଖଟଖଟିଆ ଆଖପାଖ ଶିମିଳିପଦର, ଗୋହିପିଟା, ଦମାମୁଣ୍ଡା, ସିନ୍ଦୁରପୁର, ରତାଖଣ୍ଡି ଅଞ୍ଚଳରେ ମଧ ସେଭଳି ହୋଇଥିବା ଉକ୍ତ ଗ୍ରାମର ଅନେକ ବ୍ୟକ୍ତି ପ୍ରକାଶ କରିଛନ୍ତି ।

# ରୋଗୀ କଲ୍ୟାଣ ସମିତି ବୈଠକ

କର୍ଲାମୁଣ୍ଡା,୧୯।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହଠାରେ ବୁଧବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ବିଧାୟକ ତଥା ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ଭୂପିନ୍ଦର ସିଂ ଯୋଗଦେଇ ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମୀକ୍ଷା କରିବା ସହ ଲୋକଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ ସହ ସେବା ମନୋବୃତ୍ତି ନେଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ତହସିଲଦାର ଅବନୀକାନ୍ତ ସାହୁ, ଚିକିତ୍ସା ଅଧିକାରୀ ହିମାଂଶୁ ସାହୁ, ଡଃ ସୁନୀଲ ସେଠୀ, ଡଃ ଶିଖିଧ୍ୱଜ ପଟେଲ, ବ୍ଲକ ଏକାଉଣ୍ଟସ ମ୍ୟାନେଜର ବିଶ୍ୱଭୂଷଣ ପଧାନୀ, ବିପିଓ ଅଜୀତ ସିଂ କୁମାର, ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ଦାସ, ଉତ୍କଳ ସାହୁ, ଯୋଗିନ୍ଦ୍ର ରଣା, ବିଶ୍ୱ ସାହୁ ପ୍ରମୁଖ ଯୋଗଦେଇ ବୈଠକରେ ଅଂଶ ଗ୍ରହଣ କରିଥିଲେ।




ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକଙ୍କ ସହ ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ।

# ବନ୍ୟା ଦାଉରୁ ରକ୍ଷା ପାଇଁ ଜନ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା,୧୯।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁରରେ ବନ୍ୟା ଦାଉରୁ ରକ୍ଷା ପାଇଁ ଜନ ସଚେତନତା କାର୍ଯ୍ୟକ୍ରମ ଅତିରିକ୍ତ ବିଡିଓ ଗୋପାଳକୃଷ୍ଣ ମିଶ୍ରଙ୍କ ଆହ୍ୱାନକ୍ରମେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁସଂଖ୍ୟାରେ ଗ୍ରାମବାସୀ ଯୋଗଦେଇ ଜୀବନ ସୁରକ୍ଷା ପାଇଁ କିପରି ପଦକ୍ଷେପ ନେଇପାରିବେ ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କଠାରୁ ବୁଝିଥିଲେ। ଦେପୁର ସରପଞ୍ଚ ଭୁକୁଲୁ ବାଗ୍‌ଙ୍କ ଅଧ୍ୟକ୍ଷତାରେ ଏହି ସଚେତନ ସଭାରେ କଲମପୁର ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ, ବଡକୁଟ୍ଟ ସରପଞ୍ଚ ସମୀର ସାହୁ, ବନପାଳ ଭୁବନେଶ୍ୱର ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉମାଶଙ୍କର ସା, ଅଗ୍ନିଶମ ବିଭାଗୀୟ ଅଧିକାରୀ ବିନୋଦ କେରକେଟା, ଶଙ୍କର ତ୍ରିପାଠୀ ଯୋଗଦେଇ କିଭଳି ନିଜର ଜୀବନ ରକ୍ଷା କରିବେ ସେ ଉପରେ ବୁଝାଇଥିଲେ। ସମିତି ସଭ୍ୟ ଗଜିନ୍ଦ୍ର ବିହାର ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ବିଡିଓ ମିଶ୍ର ଓ.ଏସ୍.ଡି.ଏମ୍.ଏ ତରଫରୁ ଉକ୍ତ ଆଶ୍ରୟସ୍ଥଳିରେ ଆବଶ୍ୟକ ସାମଗ୍ରୀ ମହଜୁଦ୍ ରଖିବା ପାଇଁ ଗତ କିଛିଦିନ ତଳେ ଯୋଗାଇ ଦିଆଯାଇଛି ଏବଂ ଏହାର ସୁରକ୍ଷା ତଥା ଠିକ ସମୟରେ ଏହାର ବ୍ୟବହାର କରିବା ପାଇଁ ଏକ କମିଟି କରାଯାଇଥିବା ପ୍ରକାଶ କରିଥିଲେ।

ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଗ୍ରାମର ବ୍ୟକ୍ତିମାନଙ୍କୁ ଏହାର ସୁରକ୍ଷା ଭାର ଦିଆଯାଇଛି ଏବଂ ସମସ୍ତ ବିଭାଗର ଫୋନ ନମ୍ବର ରଖି କୌଣସି ସମସ୍ୟା ଆସିଲେ ତୁରନ୍ତ ଫୋନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଅଗ୍ନିଶମ ବିଭାଗ ତରଫରୁ ମକଡ୍ରିଲ ପ୍ରଦର୍ଶନ କରି ବନ୍ୟା ଦାଉରୁ କିପରି ରକ୍ଷା ପାଇପାରିବେ ସେ ସମ୍ପର୍କରେ ସମସ୍ତଙ୍କ ଆଗରେ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ବନ୍ୟା ଆଗମନକୁ ଚିନ୍ତା କରି ଏବେଠାରୁ ଗ୍ରାମବାସୀ ଆତଙ୍କିତ ହୋଇପଡୁଥିବାବେଳେ ପ୍ରଶାସନ ତରଫରୁ ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଅତିରିକ୍ତ ବିଡିଓ ମିଶ୍ର ପ୍ରକାଶ କରିଛନ୍ତି ।



ବନ୍ୟା ଦାଉରୁ ରକ୍ଷା ପାଇଁ ଅନୁଷ୍ଠିତ ଜନ ସଚେତନତା କାର୍ଯ୍ୟକ୍ରମ ।

# ଜମି ଅଧିକାର ପାଇଁ ଚାଷୀଙ୍କ ଆମରଣ ଅନଶନ

### ■ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନୂଆପଡା ଅଫିସ,୧୯।୬

ନୂଆପଡା ଜଲା ଖଡିଆଳ ତହସିଲ ଅନ୍ତର୍ଗତ ଚନାବେଡା ଗାଁର ୯ ଜମିହୀନ ପରିବାରକୁ ଆଜକୁ ୩୦ ବର୍ଷ ତଳେ ସରକାର ଜମି ଦେଇଥିବା ବେଳେ ପରିବର୍ତ୍ତି ସମୟରେ ବେଦଖଲ କରିଥିବା ହେତୁ ପୁନଶ୍ଚ ଅଧିକାର ଦେବା ସହ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ଦାବିରେ ବୁଧବାର ସକାଳୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ କରିଛନ୍ତି । ଏଥିରେ ଗାଁର ମାଧବ ବାଗ, କଳାକାହ୍ନୁ ମାଝି, ବଲମ ମାଝି, ଝରିଦେଇ, ପୁନେଦେଇ, ସୁଲୋଚନା ବାଗ ପ୍ରମୁଖ ଜମିହୀନ ପରିବାର ଲୋକ ସାମିଲ ରହିଛନ୍ତି । ପରିବାରଗୁଡିକର ଅଭିଯୋଗ ମୁତାବକ ଭୂମିହୀନ ହିତାଧିକାରୀ ହିସାବରେ ଜମିପଟ୍ଟା ମିଳିଥିଲା । ଏହାକୁ ଭିତ୍ତି କରି ଚାଷୀମାନେ ଦୀର୍ଘ ଦିନ ଧରି ଚାଷ କରିଆସୁଥିଲେ। ହେଲେ ପରବର୍ତ୍ତି ସମୟରେ ପ୍ରଶାସନ ତରଫରୁ ଗତ ୨୦୦୦ରେ ବେଦଖଲ କରାଯାଇଥିଲା। ବର୍ତ୍ତମାନ ହିତାଧିକାରୀମାନେ ଭୂମିହୀନ ହୋଇପଡିଛନ୍ତି । ଏହା ଉପରେ ବାରମ୍ବାର ଦାବି ପ୍ରତିବାଦ କରିବା ପରେ ଅନନ୍ୟୋପାୟ ହୋଇ ବୁଧବାର ସକାଳୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି । ପ୍ରଥମ ଦିନରେ ତାଙ୍କ ଅନଶନସ୍ଥଳରେ ଭାଜପାର ଜିଲା ଏସସି ମୋର୍ଚ୍ଚା ସଭାପତି ମୂରଲୀଧର ସୁନା, ବରିଷ୍ଠ ସାମାଜିକ କର୍ମୀ ବାସୁଦେବ ବିଶି ପ୍ରମୁଖ ଉପସ୍ଥିତ ରହି ସମର୍ଥନ ଜଣାଇଛନ୍ତି । ଅତିଶୀଘ୍ର ଏହା ଉପରେ ପ୍ରଶାସନ ଦୃଷ୍ଟି ଦେଇ ନ୍ୟାୟ ଦେବାକୁ ଦାବି ହୋଇଛି। ସନ୍ଧ୍ୟା ପର୍ଯ୍ୟନ୍ତ ଅନଶନସ୍ଥଳକୁ କୌଣସି ଅଧିକାରୀ ଆସି ନ ଥିବା ଜଣାପଡିଛି ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ହିତାଧିକାରୀମାନେ ବସିଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୦ ଜୁନ ୨୦୧୯



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଉତ୍କଳ ନବଜୀବନ ମଣ୍ଡଳ ଶାଖା ବୈଠକ

**ରାଉରକେଲା ଅଫିସ,୧୯।୬:** ଉତ୍କଳ ନବଜୀବନ ମଣ୍ଡଳ ରାଉରକେଲା ଶାଖା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହାର ଜଗଦା କେନ୍ଦ୍ରଠାରେ ଅନୁଷ୍ଠିତ ବୈଠକରେ ସଭାପତି ଅଦ୍ୱୈତ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ପାଳନ ନେଇ ଆଲୋଚନା କରାଯାଇଥିଲା। ଉକ୍ତଦିନ ଜଗଦା କମ୍ୟୁନିଟି ସେଣ୍ଟରରେ ଏକ ସାର୍ବଜନୀନ ସ୍ମୃତିସଭା ଆୟୋଜନ କରାଯିବ। ଏହି ଅବସରରେ ନବନିର୍ବାଚିତ ବିଧାୟକ ସାରଦା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ବୈଦ୍ୟନାଥ ଦାସ, ସଞ୍ଜୀବ ମହାନ୍ତି, ଭଗବାନ ପଣ୍ଡା, ସୋମନାଥ ଲେଙ୍କା, ରଘୁନାଥ ଦାସ, ଲକ୍ଷ୍ମୀଧର ନାୟକ, ବାସନ୍ତୀ ଆଚାର୍ଯ୍ୟ, କୃଷ୍ଣ ପଟ୍ଟନାୟକ. କୈଳାସ ସାହୁ, ପ୍ରଭାତ ମହାନ୍ତି, ସନ୍ତୋଷ ନାୟକ, ଧର୍ମାନନ୍ଦ ପୃଷ୍ଟି, କାହ୍ନୁ ଥାଟୋଇ, ସିପ୍ରା ମହାନ୍ତି, ସସ୍ମିତା ନାୟକ, ନିରୁପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ରାଉରକେଲା ଅଫିସ,୧୯।୬**

ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ବୁଧବାର ମହିଳା ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ନାଁ ଅଳକା ଜେନା (୨୭)। ଏନେଇ ପୋଲିସ ଏକ ମାମଲା (ନଂ. ୧୦/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଟିମ୍ବର କଲୋନୀର ଅଳକାଙ୍କ ବିବାହ ଗୋପବନ୍ଧୁପାଲି ଅଞ୍ଚଳର ଦେବବ୍ରତ ଜେନା (୨୮)ଙ୍କ ସହ ୨୦୧୬ ଏପ୍ରିଲ ୨୯ରେ ହୋଇଥିଲା। ବିବାହ ସମୟରେ ଦାବି ମୁତାବକ ଯୌତୁକ ପ୍ରଦାନ କରାଯାଇଥିଲା। ତେବେ ଅଧିକ ଏକ ଲକ୍ଷ ଟଙ୍କା କନ୍ୟା ପକ୍ଷ ଦେଇ ପାରି ନ ଥିବାରୁ ଦେବବ୍ରତଙ୍କ ପରିବାର ପକ୍ଷରୁ ବିଭିନ୍ନ ସମୟରେ ଅଳକାଙ୍କୁ ନିର୍ଯାତନା ଦିଆଯାଉଥିଲା। ସ୍ୱାମୀ ଓ ପରିବାରର ଅନ୍ୟ ସଦସ୍ୟ ତାଙ୍କୁ ମାଡ଼ ମାରିବା ସହ ଘରେ ପୂରାଇ ଦେଉ ନ ଥିଲେ। ଏ ନେଇ ଏକାଧିକ ସମୟରେ ପୋଲିସ ଓ ପରିବାର ଲୋକଙ୍କ ଉପସ୍ଥିତିରେ ବୈଠକ ବସି ସମାଧାନ କରାଯାଇଥିଲା। ଅଳକା କନ୍ୟା ସନ୍ତାନଟିଏ ଜନ୍ମ ଦେବା ପରେ ଦେବବ୍ରତ ଅଧିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରି ଅବସ୍ଥାରେ ଅଳକାଙ୍କ ବାପା ପ୍ରେମାନନ୍ଦ ବେହୁରିଆ ବହୁ କଷ୍ଟରେ ୧ଲକ୍ଷ ଯୋଗାଡ଼ କରି ଦେବବ୍ରତଙ୍କୁ ଦେଇଥିଲେ। ତଥାପି ନିର୍ଯାତନା କମି ନ ଥିଲା। ଆହୁରି ଅଧିକ ଟଙ୍କା ଆଣିବାକୁ ଶାଶୁଘର ଲୋକେ ତାଙ୍କ ଉପରେ ଚାପ ପକାଇ ଆସୁଥିଲେ। ଏ ନେଇ ତାଙ୍କୁ ବାରମ୍ବାର ମାଡ଼ ଖାଇବାକୁ ପଡୁଥିଲା। ଏପରିକି ଏଲ୍‌ପିଜି ସିଲିଣ୍ଡର ରେଗୁଲେଟର ଖୋଲି ତାଙ୍କୁ ବାହାରପଟୁ କବାଟ କିଳି ରଖାଯାଉଥିବା ଗୁରୁତର ଅଭିଯୋଗ କରିଛନ୍ତି ଅଳକା। ଶେଷରେ ତାଙ୍କୁ ଶାଶୁଘର ଲୋକେ ଗ୍ରହଣ କରିବାକୁ ମନା କରିଦେବାରୁ ନିରୁପାୟ ହୋଇ ଅଳକା ଥାନାର ଦ୍ୱାରସ୍ଥ ହୋଇଥିବା ପ୍ରକାଶ କରିଛନ୍ତି।




ଯୌତୁକ ନିର୍ଯାତନା ନେଇ ମହିଳା ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଅଳକା ଜେନା ଓ ତାଙ୍କ ବାପା।




ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅର୍ପିତାଙ୍କ ସହ ତାଙ୍କ କୋଚ୍ ରାଜୀବ ସିଂ ଓ ସହ ଖେଳାଳି।

## ଜାତୀୟ କରାଟେ ଚାମ୍ପିୟନଶିପ୍, ଅର୍ପିତାଙ୍କୁ ସ୍ୱର୍ଣ୍ଣ

**ରାଉରକେଲା ଅଫିସ,୧୯।୬**

କରାଟେ ଆସୋସିଏଶନ ଅଫ୍ ଇଣ୍ଡିଆ (କାଇ) ଆନୁକୂଲ୍ୟରେ ଦିଲ୍ଲୀର ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ସବ୍‌ଜୁନିୟର ଓ ସିନିୟର ବର୍ଗ କରାଟେ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଛି। କାଇ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ ପକ୍ଷରୁ ମନୋନୀତ ହୋଇ ଏକ ଟିମ୍ ନୂଆଦିଲ୍ଲୀ ଯାତ୍ରା କରିଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ, ୩ କାଂସ୍ୟକୁ ମିଶାଇ ମୋଟ ୭ ପଦକ ମିଳିଛି। ଏଥି ମଧ୍ୟରୁ ରାଉରକେଲାର ଅର୍ପିତା ସିଂ ୧୩ବର୍ଷ ବାଳିକା ବର୍ଗରେ ରାଜ୍ୟରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅର୍ପିତା ଜାତୀୟ କରାଟେ ଖେଳାଳି ରାଜୀବ ସିଂଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ବିଜେତାଙ୍କୁ ଭୁବନେଶ୍ୱରଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଅର୍ପିତାଙ୍କୁ ବିଧାୟକ ସାରଦା ନାୟକ, ଡ. ହରିପ୍ରସାଦ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇକରଣ ନେଇ ଆର୍‌ଏମ୍‌ଏସ୍‌ର କ୍ଷୋଭ

**ରାଉରକେଲା ଅଫିସ,୧୯।୬**

ଜାତୀୟ ଇସ୍ପାତ ପ୍ରାଧିକରଣ (ସେଲ୍) ଅଧୀନ ୩ଟି ଇସ୍ପାତ କାରଖାନା ଘରୋଇକରଣ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ କ୍ଷୋଭ ପ୍ରକାଶ କରିଛି ରାଉରକେଲା ମଜଦୁର ସଭା (ଆର୍‌ଏମ୍‌ଏସ୍)। ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଗତ ୧୫ ତାରିଖରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ୟୁନିୟନ ପକ୍ଷରୁ ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ଏ ନେଇ ଆର୍‌ଏମ୍‌ଏସ୍ ଏକ ଜରୁରୀ ବୈଠକ ଡାକି ଆଲୋଚନା କରିଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଆଦୌ ଗ୍ରହଣୀୟ ନୁହେଁ କହି ଶ୍ରମିକ ନେତାମାନେ ଏହାର ଦୃଢ଼ ବିରୋଧ ଓ ନିନ୍ଦା କରିଛନ୍ତି। ୟୁନିୟନ ସଭାପତି ପ୍ରଭାକର ଚମ୍ପତିରାୟ ବୈଠକରେ ଅଧ୍ୟକ୍ଷତା କରି ସରକାରଙ୍କ ଏହି ଜନବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଶଶଧର ନାୟକ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନାକୁ ଘରୋଇକରଣ କରିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଶିଳ୍ପପତିଙ୍କୁ ଅନୁଗ୍ରହ ଦେଖାଇବାକୁ କେନ୍ଦ୍ର ସରକାର ଯେଉଁ ଜନବିରୋଧୀ ତଥା ଶ୍ରମିକ ବିରୋଧୀ ନିଷ୍ପତ୍ତି ନେଇଛନ୍ତି ତାହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେ ଦାବି କରିଥିଲେ। ସୂଚନାଯୋଗ୍ୟ, ସେଲ୍ ଅଧୀନ ଆଲୟ ଇସ୍ପାତ, ଦୁର୍ଗାପୁର, ଭଦ୍ରାବତୀ ଓ ସାଲେମ ଇସ୍ପାତ ଶିଳ୍ପକୁ ଘରୋଇକରଣ ନେଇ କେନ୍ଦ୍ର ଦୀର୍ଘଦିନରୁ ଯୋଜନା କରିଥିବାବେଳେ ଏହାକୁ ଆର୍‌ଏମ୍‌ଏସ୍ ସମେତ ଅନ୍ୟ ୟୁନିୟନ ବିରୋଧ କରି ଆସୁଛି। ଆନ୍ଦୋଳନ ଭୟରେ ସରକାର ନିଷ୍ପତ୍ତି କାର୍ଯ୍ୟକାରୀ କରିପାରି ନ ଥିବା ବେଳେ ଏବେ କେନ୍ଦ୍ରରେ ଭାଜପା ପୁନର୍ବାର କ୍ଷମତାକୁ ଫେରିବା ପରେ ସେଲ୍ ଅଧୀନ ଉପରୋକ୍ତ ୟୁନିଟକୁ ଘରୋଇକରଣ ନେଇ ଯୋଜନା କରୁଛନ୍ତି। ଯଦି ଏପରି ଉଦ୍ୟମ ସଫଳ ହୁଏ ତେବେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରୁଗ୍‌ଣ ହେବା ସହ ବହୁ ସଂଖ୍ୟକ ଶ୍ରମିକ ବେକାର ହେବେ। ଏଣୁ ଘରୋଇକରଣ ନିଷ୍ପତ୍ତିକୁ ୟୁନିୟନ ତୀବ୍ର ବିରୋଧ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ଡି.ଏନ୍. ଆଚାର୍ଯ୍ୟ, ଖଗେନ୍ଦ୍ର ବେହେରା, ଅସୀତ ଦାସ, କଳାକାର ସାହୁ, ସିଦ୍ଧେଶ୍ୱର ବଳ, ଯୁଧିଷ୍ଠିର ସାହୁ, ସମୀର ମହାନ୍ତି, ଅଜୟ ଦାସ, ବିଜୟ ରାଉତ, ଶରତ ପାଣ୍ଡବ, ହାସିମ ମହମ୍ମଦ ଓ ପି.କେ. ତରାଇ ପ୍ରମୁଖ ଉପସ୍ଥିତ ଥିଲେ।




ଆର୍‌ଏସ୍‌ପି ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ବିଜେତା ଓ ଅତିଥି।

# ଜିଲା କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ

**ରାଉରକେଲା ଅଫିସ,୧୯।୬**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ବୁଧବାର ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଜିଲା କଂଗ୍ରେସ ସଭାପତି ରବି ରାୟ ଅଧ୍ୟକ୍ଷତା କରିଥିଲେ। କେକ୍ କଟାଯିବା ସହ ରାହୁଲଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ଉପସ୍ଥିତ ଦଳୀୟ କର୍ମୀ। ଆଗାମୀ ଦିନରେ କଂଗ୍ରେସ ସଂଗଠନକୁ କିପରି ସୁଦୃଢ଼ କରାଯାଇ ଲୋକଙ୍କ ସ୍ୱାର୍ଥରେ କାମ କରାଯିବ ସେ ନେଇ ସଭାପତି ରାୟ ଉପସ୍ଥିତ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ରାହୁଲଙ୍କ ନେତୃତ୍ୱରେ ସମଗ୍ର ଦେଶର ଯୁବପିଢ଼ିଙ୍କୁ ଏକ ନୂତନ ବାର୍ତ୍ତା ପ୍ରଦାନ କରାଯାଇ ଜାତୀୟ ସ୍ତରରେ ଦଳକୁ ଶକ୍ତିଶାଳୀ କରାଯିବ ବୋଲି ରାୟ ଆଶା ବ୍ୟକ୍ତ କରିଥିଲେ। ଏଥିରେ ମହାନଗର ଅଞ୍ଚଳର ବିଭିନ୍ନ ୱାର୍ଡରୁ ଯୋଗ ଦେଇଥିବା କଂଗ୍ରେସ କର୍ମୀ ଦଳୀୟ ସଂଗଠନକୁ ମଜବୁତ କରି ଲୋକାଭିମୁଖୀ କାମରେ ନିୟୋଜିତ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର. ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସବିର ହୁସେନ, ଉପସଭାପତି ଅଜିତ ସାମଲ, ବାସୁ ବାନାର୍ଜୀ, ଇଜାଜ ଅଖତର, ଏମ୍‌ଡି ସାହିଲ, ବରିୟମ ସିଂ, ରମେଶ ଗୁପ୍ତା, ଗୀତା ସିଂ, ଦୁଃଶା ନାୟକ, ମହିଳା କଂଗ୍ରେସ ନେତ୍ରୀ ଲତା ନାୟକ, ପ୍ରଦୀପ ବେହେରା, ସନ୍ଦିପନ ମହାପାତ୍ର, ସୋମନାଥ ପଣ୍ଡା, ହିତେଶ ଦେହୁରୀ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।




ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ଜିଲା କଂଗ୍ରେସ ପକ୍ଷରୁ କେକ୍ କଟାଯାଉଛି।

## ବର୍ଷାରୁ ରକ୍ଷା ପାଇଁ ଗଛ ତଳେ ଠିଆ ହୋଇଥିବା ଯୁବକଙ୍କ ବଜ୍ରପାତରେ ମୃତ୍ୟୁ

**କିର୍ମିରା, ୧୯।୬ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଅନ୍ତର୍ଗତ ସିଆଳରମା ଗ୍ରାମ ପରେଖପଡାର କାର୍ତ୍ତିକ ପରେଖ (୩୫)ଙ୍କବୁଧବାର ଅପରାହ୍ନ ୫ଟାରେ ବଜ୍ରପାତ ଯୋଗୁ ମୃତ୍ୟୁ ଘଟିଛି। କାର୍ତ୍ତିକ ଝାରସୁଗୁଡାରୁ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ବର୍ଷା ସହ ଘଡଘଡି ଆରମ୍ଭ ହୋଇଥିଲା । ସେ ଗୁଡିଗାଁ ଗାଁ ମୁଣ୍ଡ ଏକ ଗଛ ମୂଳରେ ବର୍ଷାରୁ ରକ୍ଷା ପାଇଁ ଅଟକିଥିବା ବେଳେ ବଜ୍ରପାତ ଘଟି ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। କାର୍ତ୍ତିକ କେଲେଣ୍ଡାମାଳସ୍ଥିତ ସେଭେନ ଷ୍ଟାର କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ବୁଧବାର ସେ ଛୁଟିରେ ଥିଲେ। ଲଇକେରା ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପଠାଯାଇଛି।

# ଓପନ୍ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ରାଉରକେଲା ଅଫିସ,୧୯।୬**

ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ଓଡ଼ିଶା ରାଜ୍ୟ ୧୫ ବର୍ଷରୁ କମ୍ ଓପନ ଓ ବାଳିକା ଚେସ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ଅର୍ଥ ବିଭାଗ ଜିଏମ୍ ପି. ନିଗମ ମୁଖ୍ୟଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହା ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସହଭାଗିତାରେ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ପ୍ରୋଟକଲ, ହସ୍ପିଟାଲିଟି ଓ ସମାଜ ମଙ୍ଗଳ ବିଭାଗ ଡିଜିଏମ୍ ବି.କେ. ରାଉତ, ଅନ୍ତର୍ଜାତୀୟ ଆର୍ବିଟର ନିହାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବାଳିକା ବର୍ଗରେ ରାଉରକେଲାର ପ୍ରିୟଙ୍କା ରାଉତରାୟ ଓ ଓପନ ବର୍ଗରେ କଟକର ହର୍ଷିତ ସାହୁ ଚାମ୍ପିୟନ ହୋଇଛନ୍ତି।

# ଗୁରୁନାନକଙ୍କ ୫୫୦ତମ ପ୍ରକାଶ ଉତ୍ସବ

**ବ୍ରଜରାଜନଗର, ୧୯।୬ (ଡି.ଏନ.ଏ.)**

ଗୁରୁନାନକଙ୍କ ୫୫୦ତମ ପ୍ରକାଶ ଉତ୍ସବ ଉପଲକ୍ଷେ କର୍ଣ୍ଣାଟକ ରାଜ୍ୟର ବିଦର୍ଭ ଗୁରୁଦ୍ୱାରା ନାନକଧରା ପକ୍ଷରୁ ପ୍ରକାଶ ଯାତ୍ରା ରଥ ବାହାରି ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ଏଥିରେ ଗୁରୁ ନାନକଜୀଙ୍କର ତିନୋଟି ମୁଖ୍ୟ ଉପଦେଶକୁ ସାଧାରଣଙ୍କ ପାଇଁ ପ୍ରଚାର କରାଯାଉଛି । ଉକ୍ତ ରଥ ଝାରସୁଗୁଡାଠାରୁ ସ୍ୱାଗତ କରାଯାଇ ଗାନ୍ଧୀଛକ ଦେଇ ମୁଖ୍ୟ ସହର ପରିକ୍ରମା କରିଥିଲା । ରଥକୁ ବିଧାୟକ କିଶୋର ମହାନ୍ତି ସ୍ୱାଗତ କରିଥିଲେ । ସହର ପରିକ୍ରମା ପରେ ସ୍ଥାନୀୟ ଗୁରୁଦ୍ୱାରା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ରଥ ସହିତ ପଞ୍ଜାବରୁ ଆସିଥିବା ବ୍ୟାଣ୍ଡ ପାର୍ଟି ମୁଖ୍ୟ ଆକର୍ଷଣ ଥିଲା । ପଞ୍ଜାବୀ ସମାଜ ପକ୍ଷରୁ ସମସ୍ତେ ଏକତ୍ରିତ ହୋଇ ରଥକୁ ସ୍ୱାଗତ କରିଥିଲେ।

# ଧାନ ବିହନ ଚୋରି ଅଭିଯୋଗ

**ଟିପିଲିମା,୧୯।୬ (ଡି.ଏନ.ଏ.)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ କୁଦଗୁଣ୍ଡେରପୁର ଗ୍ରାମରେ ଜଣେ ଚାଷୀଙ୍କର ଗୋଦାମ ଘରୁ ୧୮ ପ୍ୟାକେଟ ଧାନ ବିହନ ଚୋରି ହୋଇଥିବା ନେଇ ବୁର୍ଲା ଥାନା ଅଧୀନ ଟିପିଲିମା ଫାଣ୍ଡିରେ ଅଭିଯୋଗ ହୋଇଛି । ଟିପିଲିମା ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ କୁଦଗୁଣ୍ଡେରପୁର ଗ୍ରାମର ଚାଷୀ ସୁବାଷ ଚନ୍ଦ୍ର ପୁରୋହିତ ତାଙ୍କ ଖଳାରେ ଥିବା ଗୋଦାମ ଘରେ ବିଭିନ୍ନ କିସମର ୭୦ ପ୍ୟାକେଟ ଧାନ ବିହନ ଗଚ୍ଛିତ ରଖିଥିଲେ। ଘରର ଝରକା ଭାଙ୍ଗି ୧୮ ପ୍ୟାକେଟ ଧାନ ବିହନ ଚୋରି ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୩୫ ହଜାର ଟଙ୍କା ହେବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏ ନେଇ ଟିପିଲିମା ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।।

## ଫଟୋରେ ଖବର



**ପେଟ ପାଇଁ ନାଟ:** ରାଉରକେଲା ସେକ୍ଟର-୨୨ ମାର୍କେଟରେ ଭୈରବ ଖେଳ ଦେଖାଉଛନ୍ତି ମହାରାଷ୍ଟ୍ରରୁ ଆସିଥିବା ଏକ ପରିବାର।

### କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ରହୁନାହାନ୍ତି ଡାକ୍ତର, ଫେରୁଛନ୍ତି ରୋଗୀ

**କୋଲାବିରା,୧୯।୬(ଡି.ଏନ୍.ଏ.)**

ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ଯୋଜନା ଏଠାରେ ଫଳପ୍ରଦ ହୋଇପାରୁ ନାହିଁ। ଡାକ୍ତର ଅଭାବଜନିତ ସମସ୍ୟା ସବୁ ସମୟରେ ଲାଗି ରହୁଛି। ଏଠାରେ ଅବସ୍ଥାପିତ ଡାକ୍ତର କେତେବେଳେ ସେମାନଙ୍କ ଉଚ୍ଚଶିକ୍ଷା ପାଇଁ ତ ଆଉ କେତେବେଳେ ପ୍ରଶିକ୍ଷଣରେ କିମ୍ବା ଛୁଟିରେ ଯାଉଥିବାରୁ ସମସ୍ୟା ଉପୁଜୁଛି। ବ୍ଲକ୍ ମୁଖ୍ୟାଳୟର ଏହି ଡାକ୍ତରଖାନା ଏପରି ଅବ୍ୟବସ୍ଥିତ ଓ ସମସ୍ୟାଗ୍ରସ୍ତ ହୋଇ ରହିବାରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏବେ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଡାକ୍ତର ନିଯୁକ୍ତ ହୋଇଛନ୍ତି। ହେଲେ ଅଧିକାଂଶ ଦିନ ସମସ୍ତେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ଫଳରେ ଗ୍ରାମାଞ୍ଚଳରୁ ଆସୁଥିବା ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ଫେରିଯାଉଛନ୍ତି। ମଙ୍ଗଳବାର ଦିନତମାମ ଜଣେ ହେଲେ ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ମେଡିକାଲ ଅଫିସର (ଇନ୍‌ଚାର୍ଜ) ଡା. ଡୋଲାମଣି ତାଣ୍ଡଙ୍କୁ ଫୋନରେ ଯୋଗାଯୋଗ କରାଯିବାରୁ ସେ ସିଡିଏମ୍‌ଓ କାର୍ଯ୍ୟାଳୟରେ ଅଛନ୍ତି, ଅନ୍ୟ ଦୁଇ ଡାକ୍ତର ସେଠାରେ ଉପସ୍ଥିତ ରହିବା କଥା, କିନ୍ତୁ କାହିଁକି ଅନୁପସ୍ଥିତ ଅଛନ୍ତି, ମୁଁ ବୁଝୁଛି ବୋଲି କହି ଚୁପ୍ ରହିଯାଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାରେ ଏପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ଅବ୍ୟବସ୍ଥାକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏ ଦିଗରେ ଦୃଷ୍ଟି ଦେଇ ନିୟମିତ ତଥା ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଜିଲା ପ୍ରଶାସନ ଚେଷ୍ଟିତ ହେବା ଉଚିତ ବୋଲି ସାଧାରଣରେ ଦାବି ହେଉଛି। ୯ ପଞ୍ଚାୟତର ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଏହି ସମସ୍ୟା ଯୋଗୁ ଲୋକେ ଭଗବାନଙ୍କ ଉପରେ ଭରସା କରି ପଡ଼ିଛନ୍ତି। ଡାକ୍ତରଖାନା ପରିସର ବୃଦ୍ଧି କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ଅଥଚ ଡାକ୍ତର, କର୍ମଚାରୀ ନିଯୁକ୍ତି ଉପରେ କାହାରି ଧ୍ୟାନ ନ ଥିବା ଅଭିଯୋଗ ହେଉଛି। ଦୀର୍ଘଦିନରୁ ଏଠାରେ ରୋଗୀ କଲ୍ୟାଣ ସମିତି ଗଠନ କରାଯାଇଛି। ଅଥଚ ନିର୍ଦ୍ଦିଷ୍ଟ ସମୟରେ ବୈଠକ ବସୁ ନ ଥିବା ସହ ପୂର୍ବ ବୈଠରେ ଅନୁମୋଦିତ ହୋଇଥିବା ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହେଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ସରକାରୀ ଡାକ୍ତରଖାନାରେ ଡାକ୍ତରଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଆଖପାଖରେ ଅନେକେ ଅଣପଞ୍ଜୀକୃତ କ୍ଲିନିକ ମାନ ଖୋଲାଯାଇ ରୋଗୀଙ୍କୁ ଶୋଷଣ କରାଯାଉଥିବା ପରିଲକ୍ଷିତ ହେଉଛି। ଅଞ୍ଚଳରେ କ୍ୱାକ୍‌ମାନଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାର ତୁରନ୍ତ ଏ ସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ବଳଦ ଚୋରଙ୍କୁ ଲୋକେ ଧରିଲେ, ପୋଲିସ ଆସିଲାନି

**ସବ୍‌ଡେ଼ଗା, ୧୯।୬ (ଡି.ଏନ.ଏ.)**- ସବ୍‌ଡେଗା ବ୍ଲକର ସେମେଲବେଡା ଗ୍ରାମରୁ ବୁଧବାର ତିନି ଜଣ ବଳଦ ଚୋର ସନ୍ଧ୍ୟା ସାଢ଼େ ୬ଟାରେ ଏକ ପିକଅପ୍ ଗାଡିରେ ୫ଟି ବଳଦ ସେହି ଗ୍ରାମରୁ ଚୋରି କରି ନେବାବେଳେ ଯୁବକମାନେ କାବୁ କରିଥିଲେ। ଉକ୍ତ ବଳଦ ଚୋରମାନେ ଗ୍ରାମବାସୀଙ୍କୁ ଛୁରି, ଭୁଜାଲି ଦେଖାଇ ଭୟଭୀତ କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଗ୍ରାମବାସୀ ଭୟ ନ କରି କାବୁ କରି ଗାଁ ମଝିରେ ଅଟକ ରଖିଥିଲେ। ଉକ୍ତ ଗ୍ରାମବାସୀ ତଳସରା ପୋଲିସକୁ ଫୋନ କରି ଖବର ଦେଇଥିଲେ। କିନ୍ତୁ ତଳସରା ପୋଲିସ ଘଟଣାସ୍ଥଳକୁ ନ ଯାଇ ପାଲଟା ଗ୍ରାମବାସୀଙ୍କୁ ଉକ୍ତ ଚୋରମାନଙ୍କୁ ଥାନାକୁ ଧରିକି ଆଣିବାକୁ ଏବଂ ଏଠାରେ ଲିଖିତ ଅଭିଯୋଗ କରିବାକୁ କହିଥିଲେ। ପୋଲିସ ଗାଁକୁ ଆସି ନ ଥିଲେ ବୋଲି ଗ୍ରାମବାସୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଫୋନ କରି ଜଣାଇଥିଲେ। ଯଦି ପୋଲିସ ନିଜର କର୍ତ୍ତବ୍ୟରେ ଏତେ ଅବହେଳା ଦେଖାଉଛନ୍ତି ଓ ସାଧାରଣ ଲୋକଙ୍କୁ ସୁରକ୍ଷା ନ୍ୟାୟ ଦେଇପାରୁ ନାହାନ୍ତି ତାହେଲେ ଉଚ୍ଚ ପଦାଧିକାରୀ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇପଡ଼ିଛି।

### ଜଳସେଚନର ସୁବିଧା ସହ ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି

# ଶୋଭାଯାତ୍ରା ସହ ଦାବିପତ୍ର ପ୍ରଦାନ

**ତଳସରା ନିର୍ବାଚନ ମଣ୍ଡଳୀ**
- ବିଧାୟକଙ୍କ ନେତୃତ୍ୱରେ ଚାଷୀ ଜିଲାପାଳଙ୍କୁ ଭେଟିଲେ

**ସୁନ୍ଦରଗଡ଼, ୧୯।୬ (ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ତଳସରା ନିର୍ବାଚନ ମଣ୍ଡଳୀ ଏକ କୃଷିଭିତ୍ତିକ ଅଞ୍ଚଳ। ଏଠାକାର ଲୋକମାନେ ଚାଷ ଉପରେ ନିର୍ଭର କରି ନିଜର ପରିବାର ପ୍ରତିପୋଷଣ କରିଥାଆନ୍ତି। ହେଲେ ଏ ଅଞ୍ଚଳରେ ପର୍ଯ୍ୟାପ୍ତ ଜଳସେଚନର ସୁବିଧା ନ ଥିବାରୁ ଚାଷୀମାନେ ଆଶାନୁରୂପ ଫସଲ ଉତ୍ପାଦନରୁ ବଞ୍ଚିତ ହେଉଛନ୍ତି। ଅଞ୍ଚଳର ଚାଷୀମାନଙ୍କ ଜଳସେଚନର ସୁବିଧା ସହ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦାବିନେଇ ସ୍ଥାନୀୟ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ଜିଲାପାଳ ରଶ୍ମିତା ପଣ୍ଡାଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଗତବର୍ଷ କମ ପରିମାଣର ବର୍ଷା ହୋଇଥିବା ଯୋଗୁ ଏହି ଅଞ୍ଚଳକୁ ସରକାରଙ୍କ ତରଫରୁ ମରୁଡ଼ି ଘୋଷଣା କରାଯାଇଥିଲା। ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ନିଜ ଫସଲର ଉପଯୁକ୍ତ ଦେୟ ଦାଖଲ କରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଫସଲବୀମା



ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ରାଶି ପାଇପାରିନାହାନ୍ତି। ଏଣୁ ତୁରନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ଇନପୁଟ ସବସିଡିକୁ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ, କୋ-ପରେଟିଭ ଲ୍ୟାମ୍ପସର ଋଣ ନେଇଥିବା ଚାଷୀଙ୍କର ତାଲିକା କାର୍ଯ୍ୟାଳୟର ସୂଚନା ଫଳକରେ ଲଗାଯିବା, ବୀମାରାଶି ପଇଠ କରିବା ସମୟରେ ଅନଲାଇନ ଆକାଉଣ୍ଟ ଟ୍ରାନ୍ସଫର ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବା, ମିଳୁ ଥିବା ବୀମାରାଶିକୁ ଋଣ ଆଦାୟରେ ପଇଠ କରା ନ ଯିବା, କୃଷିବୀମା ନିୟମ ଅନୁଯାୟୀ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ପ୍ରତ୍ୟେକ ପ୍ଲଟକୁ ୟୁନିଟଭାବେ ଗ୍ରହଣ କରାଯିବା, ପ୍ରତି ପଞ୍ଚାୟତରେ ଉଠା ଜଳସେଚନ ପ୍ରକଳ୍ପ ବ୍ୟବସ୍ଥା ସହ ଅଚଳ ପ୍ରକଳ୍ପଗୁଡ଼ିକୁ ମରାମତି କରାଯିବା ଦାବି କରାଯାଇଛି। ସେହିପରି ଜମିକିସମ ଅନୁସାରେ ବିଭିନ୍ନ କିସମର ଧାନବିହନ ପର୍ଯ୍ୟାପ୍ତ ମାତ୍ରାରେ ଯୋଗାଣ, ସାର, କୀଟନାଶକ ଔଷଧ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇଦେବା, ଲାଇସେନ୍ସପ୍ରାପ୍ତ ଦୋକାନ ଗୁଡିକରେ ଚାଷୀଙ୍କ ଅବଗତି ନିମନ୍ତେ ବିଭିନ୍ନ ସାରର ତାଲିକା ପ୍ରଦର୍ଶନ କରିବା, ଅଣଜଳସେଚିତ ଅଞ୍ଚଳରେ ବୀମାଟଙ୍କା ଦିଆ ନ ଯାଇ ଦେଓଭୁବନପୁର ଗ୍ରାମପଞ୍ଚାୟତର ଜଳସେଚିତ ଅଞ୍ଚଳରେ ଚାଷୀଙ୍କୁ କିଭଳି ବୀମାଟଙ୍କା ଦିଆଯାଇଛି ସେ ଦିଗରେ ତଦନ୍ତ ପାଇଁ ଦାବି କରିଥିଲେ। ବିଧାୟକଙ୍କ ସହିତ ଉପାଧ୍ୟାୟ ପାଣିଗ୍ରାହୀ, ରବିନ୍ଦ୍ର ପଟେଲ, ଶେଷଦେବ ତ୍ରିପାଠୀ, ଅଖିଳ ବେହେରା, ସହଦେବ ଖାଖା, ଦୁର୍ଦ୍ଦନ୍ତ ନାଏକ, ଡା. ହିମାଂଶୁ ଶେଖର ଷଡଙ୍ଗୀ, ବିକାଶ ନାଏକ ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିଲେ। ପ୍ରଥମେ ସେମାନେ ପୁରୁଣା ବସଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ଯାଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଦାବିପତ୍ର ପ୍ରଦାନ କରିଥିଲେ।



ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଫିତାକାଟି ଶୌଚାଳୟ ଉଦ୍‌ଘାଟନ କରୁଛନ୍ତି।

### କରମଡିହିରେ ନୂତନ ଶୌଚାଳୟ ଉଦ୍‌ଘାଟନ

## ଲୋକଙ୍କ ଅସୁବିଧା ଶୁଣିଲେ ତଳସରା ବିଧାୟକ

**ସବ୍‌ଡେଗା, ୧୯।୬ (ଡି.ଏନ.ଏ)**

ସବ୍‌ଡେଗା ବ୍ଲକର କରମଡିହି ଗ୍ରାମର ବସଷ୍ଟାଣ୍ଡଠାରେ ଗ୍ରାମପଞ୍ଚାୟତ ତରଫରୁ ପାଞ୍ଚ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଯାତ୍ରୀଙ୍କର ସୁବିଧା ପାଇଁ ଶୌଚାଳୟ ନିର୍ମାଣ କରାଯାଇଛି, ଯାହାକୁ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଫିତାକାଟି ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଅବସରରେ ସ୍ଥାନୀୟ ସରପଞ୍ଚ ଭରତ ଏକ୍କା ଏବଂ ଭାଜପାର ଯୁବନେତା ରାଜେଶ ପଟେଲ, ଭବାନୀଶଙ୍କର ନାଏକ, ତପନ ନାଏକ, ସାଗର ସାହୁ ଏବଂ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇଥିଲେ। ସବ୍‌ଡେଗା, ସୁନ୍ଦରଗଡ, ରାଉରକେଲାରୁ ଯିବା ଆସିବା କରୁଥିବା ଯାତ୍ରୀମାନଙ୍କ ପାଇଁ କରମଡିହି ବସଷ୍ଟାଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ଛକ ହେଉଥିବାରୁ ସେଠାରେ ଏକ ଶୌଚାଳୟ ତିଆରି ଲାଗି ଅନେକ ଦିନରୁ ଦାବି ହୋଇ ଆସୁଥିଲା। ଯାହା ଆଜି ପୂରଣ ହୋଇପାରିଛି। ଏଥିପାଇଁ ଅନେକ ଯାତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ଉଦ୍‌ଘାଟନ ପରେ ବିଧାୟକ ପଞ୍ଚାୟତ ଅଫିସ ଯାଇଥିଲେ। ସେଠାରେ କରମଡିହି ଗ୍ରାମ ପଞ୍ଚାୟତର ଅନେକ ଗ୍ରାମରୁ ଆସିଥିବା ଶହ ଶହ ଲୋକଙ୍କର ଅଭିଯୋଗ ଶୁଣିଥିଲେ। ଗ୍ରାମମାନଙ୍କରେ ଲାଗି ରହିଥିବା ବିଜୁଳି, ପାନୀୟଜଳ, ରାସ୍ତାଘାଟ, ପୋଖରୀ ଖନନ ପ୍ରଭୃତି ବିଭିନ୍ନ ସମସ୍ୟା ଶୁଣିଥିଲେ। ଧିରେ ଧିରେ ଏସବୁର ସମାଧାନ ନିଶ୍ଚୟ କରାଯିବ କହି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅନେକ ମହିଳା ଖୁସି ହୋଇଥିଲେ।

## ବନ୍ୟା, ବାତ୍ୟା ବିପର୍ଯ୍ୟୟ ମୁକାବିଲା ନିମନ୍ତେ ମକ୍ ଡ୍ରିଲ

**କୁଆଁରମୁଣ୍ଡା,୧୯।୬ (ଡି.ଏନ.ଏ.)**

ବିଭିନ୍ନ ସମୟରେ ରାଜ୍ୟରେ ଦେଖାଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବନ୍ୟା, ବାତ୍ୟା ଇତ୍ୟାଦି ଦାଉରୁ ନିଜକୁ କିଭଳି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଓଡ୍ରାଫ ପକ୍ଷରୁ ବିଭିନ୍ନ ଜିଲାରେ ସଚେତନତାଧର୍ମୀ ମକ୍ ଡ୍ରିଲ୍ ଅନୁଷ୍ଠିତ ହେଉଛି। ଅନୁରୂପଭାବେ ସୁନ୍ଦରଗଡ଼ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ବୁଧବାର କୁଆଁରମୁଣ୍ଡା ବ୍ଲକ ଦଲକି ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା ମକ୍ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାସ୍ତରୀୟ ଓଡ୍ରାଫ କର୍ମଚାରୀମାନେ ଉପସ୍ଥିତ ରହି ଶଙ୍ଖ ନଦୀ ପାର୍ଶ୍ୱବର୍ତ୍ତୀ ଦଲକି ପଞ୍ଚାୟତ ସମେତ ଏହାର ଆଖପାଖ ଅଞ୍ଚଳର ସ୍ଥାନୀୟ ଲୋକଙ୍କୁ ସମ୍ଭାବ୍ୟ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟର ସଫଳ ମୁକାବିଲା କିଭଳି ସୂଚାରୁ ରୂପେ କରାଯାଇପାରିବ ସେ ସମ୍ପର୍କରେ ମକ୍



ଦଲକି ୟୁପି ସ୍କୁଲ ପରିସରରେ ବନ୍ୟା,ବାତ୍ୟା ବିପର୍ଯ୍ୟୟ ମୁକାବିଲା ମକ୍ ଡ୍ରିଲ।

ଡ୍ରିଲ ମାଧ୍ୟମରେ ବିଭିନ୍ନ ପ୍ରକାରର କୌଶଳ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି। ଏପରିକି ବିପର୍ଯ୍ୟୟ ସମ୍ପର୍କରେ କେବଳ ମନୁଷ୍ୟ ନୁହେଁ, ଗୃହପାଳିତ ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ମଧ୍ୟ ଅନୁରୂପ କୌଶଳଗୁଡ଼ିକୁ ପ୍ରଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ମଚାରୀଙ୍କ ସହ କୁଆଁରମୁଣ୍ଡା ଏବିଡିଓ ଭବାନୀଶଙ୍କର ପାଢ଼ୀ, ଜିପିଓ ନିରଞ୍ଜନ ନାଏକ, କନିଷ୍ଠ ଯନ୍ତ୍ରୀ ନୀରଜ ସାହୁ, ଦଲକି ସରପଞ୍ଚ ଓସ୍କାର କିଣ୍ଡୋଙ୍କ ସମେତ ବିଭିନ୍ନ ୱାର୍ଡର ୱାର୍ଡ ମେମ୍ବରମାନେ ଉପସ୍ଥିତ ଥିଲେ। ଏହି ମକ୍ ଡ୍ରିଲରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା/ପୁରୁଷ, ଯୁବତୀ/ଯୁବକ ଉପସ୍ଥିତ ରହି ବିଭିନ୍ନ ପ୍ରକାରର କୌଶଳ ବିଷୟରେ ବିଶେଷଭାବେ ଅବଗତ ହୋଇଥିବା ଜଣାପଡ଼ିଛି।

### ଭବିଷ୍ୟତରେ ଇଭିଏମ୍ ବଦଳରେ ବାଲଟ ଭୋଟ ଦାବି

## ମୁଖ୍ୟ ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ସୁନ୍ଦରଗଡ଼, ୧୯।୬ (ଡି.ଏନ୍.ଏ.)**

ସ୍ଥାନୀୟ ଭବାନୀ ଭବନ ପଡିଆଠାରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ରାହୁଲ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଜିଲା ସଭାପତି ବେଣୁ ମାଧବ ତ୍ରିପାଠୀ ଅଧକ୍ଷତା କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ରାହୁଲ ଗାନ୍ଧୀ ପୂର୍ବଭଳି ଏଆଇସିସିର ଅଧକ୍ଷ ରହିବେ ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ନିରଞ୍ଜନ ପଟ୍ଟନାୟକ ମଧ୍ୟ ପୂର୍ବପରି ରହିବେ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ପରେ କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ଭବିଷ୍ୟତରେ ଦେଶରେ ଇଭିଏମରେ ଭୋଟିଂ କରା ନ ଯାଇ ବେଲଟ ପେପରରେ କରାଯିବା ପାଇଁ ଦାବିକରି ମୁଖ୍ୟ ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

ଏହା ପରେ ଭବାନୀଭବନ ପଡିଆକୁ ଫେରିବା ପରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ସୁନ୍ଦରଗଡ ଲୋକସଭା ପ୍ରାର୍ଥୀ ଜର୍ଜ ତିର୍କୀ , ରାଉରକେଲା କଂଗ୍ରେସ ବିଧାୟକ ପ୍ରାର୍ଥୀ ବୀରେନ ସେନାପତି ,ରଘୁନାଥପାଲି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ବୀରମିତ୍ରପୁର ବିଧାୟକ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ସୁନ୍ଦରଗଡ ବିଧାୟକ ପ୍ରାର୍ଥୀନୀ ଅମିତା ବିଶ୍ୱାଳ ,ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ସମ୍ପାଦକ ପ୍ରଫୁଲ୍ଲ ସୁନାନୀ, ରାଜଗାଙ୍ଗପୁର ବିଧାୟକ ଡା. ସିଏସ ରାଜେନ ଏକ୍କା, ଜିଲା ଉପସଭାପତି ଅଜିତ ପ୍ରସାଦ, ଶରତ ପୁରୋହିତ, ରମଣୀ ରଞ୍ଜନ ଯୋଶୀ, ସୁଭାଶୀଷ ବାନାର୍ଜୀ, ନରେନ୍ଦ୍ର ସିଂ, ପ୍ରଭାତ ଭୋଳ ପ୍ରମୁଖ ଦଳୀୟ ନେତୃବୃନ୍ଦ ଉଦବୋଧନ ଦେଇ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ମଜବୁତ କରି ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ସଂଖ୍ୟାଲଘୁ ସେଲର ସଭାପତି ଇକବାଲ ଅହମ୍ମଦ ଧନବାଦ ଦେଇଥିଲେ।




ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛି।

## ଜୁନ ୨୪ରେ ଜିଲା ସବ୍ ଜୁନିୟର ବକ୍ସିଂ ଚୟନ ଶିବିର

**ସୁନ୍ଦରଗଡ଼, ୧୯।୬ (ଡି.ଏନ୍.ଏ.)**

ଆସନ୍ତା ଜୁନ ୨୪ରେ ସୁନ୍ଦରଗଡ ଷ୍ଟାଡିୟମଠାରେ ଜିଲା କ୍ରୀଡା ସଂସଦ ଆନୁକୂଲରେ ଜିଲା ସବଜୁନିୟର ବକ୍ସିଂ ଦଳ ଚୟନ ଶିବିର ଅନୁଷ୍ଠିତ ହେବ। ସେହିଦିନ ସକାଳ ୮ଟାରେ ଆୟୋଜିତ ହେବାକୁ ଥିବା ଏହି ଚୟନ ଶିବିରରେ ୨୦୦୫ ଜାନୁୟାରୀ ୧ରୁ ୨୦୦୬ ଡିସେମ୍ବର ୩୧ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଖେଳାଳି ଭାଗ ନେଇପାରିବେ। ଇଚ୍ଛୁକ ଖେଳାଳିମାନେ ମୂଳ ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ ଏବଂ ଅଭିଭାବକଙ୍କ ଦ୍ୱାରା ଖେଳାଳିଙ୍କ ଜନ୍ମତାରିଖର ସତ୍ୟପାଠ ଓ ୨ଟି ପାସପୋର୍ଟ ଫଟୋ ପଞ୍ଜିକରଣ ସମୟରେ ଆଣିବାକୁ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ସୂଚନା ଦେଇଛନ୍ତି। ଆଗ୍ରହୀ ଖେଳାଳି ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ କିମ୍ବା ଜିଲା ବକ୍ସିଂ ସମ୍ପାଦକ ଅନୀଲ କୁମାର ବହିଦାରଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ।

## ନିମ୍ନମାନର ଚେକ୍‌ଡ୍ୟାମ ନିର୍ମାଣ: ବିନା ସୂଚନାଫଳକରେ କାମ ଅଭିଯୋଗ

**ବଡ଼ଗାଁ, ୧୯।୬ (ଡି.ଏନ.ଏ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଗାଁ ସାଥିଙ୍କ ମାଧ୍ୟମରେ ନ କରି ଠିକାଦାରଙ୍କ ଦ୍ୱାରା କରାଯାଉଥିବା ଅଭିଯୋଗ ହୋଇଛି। କାମ କରି ନ ଥିବା ବ୍ୟକ୍ତିଙ୍କ ନାମରେ ମଜୁରୀ ଦିଆଯାଇଥିବା ଓ କାମ କରିଥିବା ଶ୍ରମିକ ଦୀର୍ଘ ମାସ ମଜୁରୀ ଅର୍ଥ ପାଇ ନ ଥିବା ଭଳି ଆଉ କେତେକ ଅଭିଯୋଗ ହୋଇଛି। ପଞ୍ଚାୟତ ଅଞ୍ଚଳର ଜନ ପ୍ରତିନିଧି, ଗାଁ ସାଥି ଓ ଗ୍ରାମବାସୀ ଏ ସମ୍ପର୍କରେ ବିଡ଼ିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ବରଙ୍ଗାକଛାର ଗାଁ ନିକଟ ରାନୀଦରହଠାରେ ବ୍ଲକ ଦ୍ୱାରା ନିର୍ମାଣଧିନ ଚେକଡ୍ୟାମ କାମ ନିମ୍ନମାନର କରାଯାଉଛି। କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ତିଆରି କରିବା ନିୟମଥିଲେ ମଧ୍ୟ ଏଠାରେ ସୂଚନା ଫଳକ ତିଆରି ନକରି କାମ କରାଯାଉଛି ବୋଲି ମଧ୍ୟ ଅଭିଯୋଗ ହୋଇଛି। ପୂର୍ବତନ ସମିତି ସଭ୍ୟା ରୁନୁପ୍ରିୟା ନାଏକ, ୱାର୍ଡ ମେମ୍ବର ଫୁଲମନି ବାଗ, ଶିବ ପ୍ରସାଦ ନାଏକ, ସୁରେନ୍ଦ୍ର ନାଏକ, ଅଲେଖ ନାଏକ, ହରିହର ପୂଝାରୀ, ହେରମନ କୁଲୁ ପ୍ରମୁଖଙ୍କ ଦସ୍ତଖତ ଥିବା ଅଭିଯୋଗପତ୍ରରେ ଯେଉଁ ସ୍ଥାନରେ ଚେକଡ୍ୟାମ ନିର୍ମାଣ ହେଉଛି ତାହା ରୟତି ଜମି ଦର୍ଶାଯାଇଛି । ନିର୍ମାଣ କାମକୁ ବନ୍ଦ କରିବାକୁ ଦାବି କରାଯାଇଛି ।

### ହେମଗିର ପଞ୍ଚାୟତ ସମିତି ବୈଠକ

# ଜଳସଙ୍କଟ ସମାଧାନ ଉପରେ ଗୁରୁତ୍ୱ

**ହେମଗିର, ୧୯।୬ (ଡି.ଏନ.ଏ)**

ହେମଗିର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବ ନିର୍ବାଚିତ ସଦର ବିଧାୟିକା କୁସୁମ ଟେଟେ ପ୍ରଥମ କରି ଯୋଗଦେଇଥିବାରୁ ତାଙ୍କୁ ପଞ୍ଚାୟତ ପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଠକରେ ବ୍ଲକ ଅଧକ୍ଷା ସୁଧାରାଣୀ ରାଉତିଆ ସଭାପତିତ୍ୱ କରିଥିଲେ। ବିଡିଓ ପ୍ରଦୀପ ଡାଙ୍ଗ, ସୁନ୍ଦରଗଡ ଜିଲା ପରିଷଦ ଉପାଧକ୍ଷ କାଶୀନାଥ ରାଉତ, ବ୍ଲକ ଉପାଧକ୍ଷ ସୁରଥ କୁମାର ପଧାନ, ବିଶିକେଶନ ସା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜଳସଙ୍କଟ ଉପରେ ବେଶ୍ ସରଗରମ ଆଲୋଚନା କରାଯାଇଥିଲା। ବିଡିଓ ଡାଙ୍ଗ ଏବର୍ଷର ତାପମାତ୍ରା ୪୨ ରୁ ୪୫ ଡିଗ୍ରୀକୁ ଟପି ଯାଇଥିବାବେଳେ ବ୍ଲକର ଅଧିକାଂଶ ସ୍ଥାନରେ ଜଳସଙ୍କଟ ଉତ୍କଟ ହୋଇଥିବା କହିଥିଲେ। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତରେ ଜଳଛତ୍ର, ଟ୍ୟାଙ୍କର ଯୋଗେ ଜଳ ଯୋଗାଣ, ନୂଳକୂପ ଖନନ ତଥା ମରାମତି ପାଇଁ ପର୍ଯ୍ୟାପ୍ତ ପରିମାଣରେ ଟଙ୍କା ରହିଛି। ତାକୁ ବିନିଯୋଗ କରି ଜଳକଷ୍ଟ ଦୂର କରାଯାଇ ପାରିବ। ଏ ନେଇ ଜଳପରିମଳ ବିଭାଗ ଅଧିକାରୀମାନଙ୍କୁ ତାଗିଦ କରାଯାଇଥିଲା। ବିଭିନ୍ନ ପଞ୍ଚାୟତ ପ୍ରତିନିଧିମାନେ ନିଜ ଗ୍ରାମ, ପଡାରେ ହେଉଥିବା ଜଳ ସମସ୍ୟାକୁ ମଧ ଉପସ୍ଥାପନ କରିଥିଲେ। ଏଥିସହ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ମତ୍ସ୍ୟ ଓ ପଶୁପାଳନ, ଉଦ୍ୟାନ ଜନିତ ଚାଷ, ଗମନାଗମନ ଉପରେ ମଧ ଆଲୋଚନା କରାଯାଇଥିଲା। ବିଧାୟିକା ଟେଟେ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ଏହାର ସମାଧାନ କରିବା ସହ ମଦ ବନ୍ଦ ଦିଗରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସଚେତନ ହେବା ପାଇଁ ଆହ୍ୱାନ ଜଣାଇଥିଲେ। ଏଥିପାଇଁ ସେ ଦଳଗତ ନିର୍ବିଶେଷରେ ପ୍ରତ୍ୟେକ ଲୋକଙ୍କ ସମସ୍ୟା ସମାଧାନ ପାଇଁ ମଧ ପ୍ରତିଶ୍ରୁତି ଦେଇଥିଲେ। ସ୍ୱାସ୍ଥ୍ୟ ସଚେତନତା ଉପରେ ହେମଗିର ବ୍ଲକର ଟପରିଆ, ଜର୍ଗନଯୋର ପଞ୍ଚାୟତରେ ଫାଇଲେରିଆ ଭୂତାଣୁ ବୃଦ୍ଧି ପାଉଥିବାରୁ ସେ ଦିଗରେ ମଧ ଲୋକ ସଚେତନ ହେବା ଜରୁରୀ ବେଲି ବୈଠକରେ ଉପସ୍ଥାପନ କରାଯାଇଥିଲା। ଜିଲାପରିଷଦ ଉପାଧକ୍ଷ ରାଉତ ମଧ ହେମଗିର ଅଞ୍ଚଳ ଏକ ଖଣିଖାଦାନ ପୂର୍ଣ୍ଣ ହୋଇଥିଲେ ହେଁ ଏଠିକାର ରାସ୍ତାର ଦୂରାବସ୍ଥା ତଥା ପାନୀୟ ଜଳ ସମସ୍ୟା କିପରି ଦୂର ହୋଇପାରିବ ସେ ଉପରେ ବକ୍ତବ୍ୟ ରଖିଥିଲେ। ବିଧାୟିକାଙ୍କ ପଦକ୍ଷେପକୁ ସ୍ୱାଗତ କରିଥିଲେ। ଶେଷରେ ବ୍ଲକ ଉପାଧକ୍ଷ ସୁରଥ କୁମାର ପଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ହେମଗିର ପଞ୍ଚାୟତ ସମିତି ବୈଠକରେ ବିଧାୟିକା ଓ ଅନ୍ୟମାନେ ଉପସ୍ଥିତ।

## ନାମକୁମାତ୍ର ସ୍ୱାସ୍ଥ୍ୟସେବା

**ବଣାଇ, ୧୯।୬ (ସ୍ୱ.ପ୍ର.)**

ବଣାଇ ଉପଖଣ୍ଡର ସଦର ମହକୁମା ବଣାଇଗଡ଼ ଠାରେ ଥିବା ଏକମାତ୍ର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କର ନାହିଁ ନ ଥିବା ଭିଡ ଏବଂ ଭରସା ରହିଛି। ହେଲେ ସରକାରଙ୍କ ଅଣଦେଖା ନିତି ହେଉ ବା ସ୍ଥାନୀୟ ରାଜନେତାଙ୍କ ଅପାରଗତା ହେଉ ଯେକୌଣସି କାରଣରୁ ଆଜି ଚିକିତ୍ସାଳୟରେ ସବୁଥାଇ କିଛି ନାହିଁ। ଚିକିତ୍ସାଳୟରେ ଅଲଟ୍ରା ସାଉଣ୍ଡ ଠାରୁ ଆରମ୍ଭ କରି ମଳମୂତ୍ର ପରୀକ୍ଷା ପର୍ଯ୍ୟନ୍ତ ଆବଶ୍ୟକୀୟ ଯନ୍ତ୍ରପାତି ରହିଥିଲେ ହେଁ ତାହା କାହା ସେବାରେ ଆସୁଛି ନଦେଖିଲେ ବିଶ୍ୱାସ କରିହେବ ନାହିଁ। ସମୁଦାୟ ୧୪ଜଣ ଡାକ୍ତର ରହିବା କଥା। ହେଲେ ଦୀର୍ଘଦିନ ହେବ ଏଠାରେ ରହିଛନ୍ତି ମାତ୍ର ୬ ଡାକ୍ତର। ତନ୍ମଧ୍ୟରୁ ୨ଜଣ ଡାକ୍ତର ଭୁବନେଶ୍ୱରରେ ରହୁଥିବାବେଳେ ଯିବା ଆସିବା କରି ସ୍ୱାସ୍ଥ୍ୟସେବା ଦେବା କିଭଳି ହେଉଥିବା ଏଥିରୁ ସହଜରେ ଜଣାପଡୁଛି। ଏଭଳି ସ୍ଥିତିରେ ପ୍ରତ୍ୟେହ ଉପଖଣ୍ଡ ଚିକିତ୍ସାଳୟକୁ ଆସୁଥିବା ଶହଶହ ରୋଗୀଙ୍କ ପ୍ରତି ସ୍ୱାସ୍ଥ୍ୟସେବା ଏକ ପ୍ରହସନରେ ପରିଣତ ହୋଇଛି। କେବଳ ସେତିକି ନୁହେଁ ଚିକିତ୍ସାଳୟର ଅନ୍ତବିଭାଗରେ ଚିକିତ୍ସାଧିନ ରୋଗୀଙ୍କୁ ତିନିଦିନରେ ଥରେ ଡାକ୍ତର ଦେଖୁଛନ୍ତି କି ନାହିଁ ସେଥିରେ ମଧ୍ୟ ସନ୍ଦେହ ଦେଖାଦେଇଛି। କାଗଜପତ୍ରରେ ଜେନେରେଟର ଠାରୁ ଆରମ୍ଭ କରି ମେ ଆଇ ହେଲପ ୟୁ ଭଳି ସେବା ସୂଚାରୁ ଭାବେ ଚାଲିବା ନେଇ ଉଲ୍ଲେଖ କରାଯାଉଛି। ରୋଗୀ ସେବା ନାଆଁରେ ରୋଗୀଙ୍କୁ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି।




ବଣାଇଁ ଉପଖଣ୍ଡ ଚିକିତ୍ସାଳୟ।